ଧରିତ୍ରୀ
DHARITRI
ବ୍ରହ୍ମପୁର, ଗୁରୁବାର, ଜୁଲାଇ ୨/୨୦୨୦ (୧୮ ପୃଷ୍ଠା) | Berhampur, Thursday, July 2/2020 | ★★★
୧୬ଶ ଭାଗ ୭୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-



**ଆଇସିସି ଅଧ୍ୟକ୍ଷ ପଦରୁ ଓହରିଲେ ମନୋହର**

ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ(ଆଇସିସି)ର ଅଧ୍ୟକ୍ଷ ପଦରୁ ବୁଧବାର ଓହରି ଯାଇଛନ୍ତି ଭାରତର ଶଶାଙ୍କ ମନୋହର।

୧୮

୧୧

**ହୋମ୍ କ୍ୱାରାଣ୍ଟାଇନ୍‌ରେ ଅଭିନେତ୍ରୀ ଅଦିତି**

ସିରିୟଲ 'ଇସ୍କବାଜ' ଫେମ୍ ଅଦିତି ଗୁପ୍ତା କରୋନାରେ ସଂକ୍ରମିତ ହୋଇଛନ୍ତି। ସେ ନିଜ ଘରେ କ୍ୱାରାଣ୍ଟାଇନରେ ରହିବା ସହ ସମସ୍ତ ନିୟମ ପାଳନ କରୁଛନ୍ତି ବୋଲି କହିଛନ୍ତି।



# ଜଙ୍ଗଲରୁ ଅଭିଯୁକ୍ତ ଆଇଆଇସି ଗିରଫ

**ଥାନାରେ ନାବାଳିକାଙ୍କୁ ବଳାତ୍କାର ଘଟଣା**

- ସକାଳେ ଚାକିରିରୁ ବହିଷ୍କୃତ ହୋଇଥିଲେ
- ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ: ଡିଜିପି



ବହିଷ୍କୃତ ଆଇଆଇସି ଆନନ୍ଦ ଚନ୍ଦ୍ର ମାଝି

**କଟକ ଅଫିସ/ବଇଣ୍ଡା/ସୁନ୍ଦରଗଡ଼ (ଡି.ଏନ.ଏ.),୧୭**

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ପରିସରରେ ଜଣେ ୧୩ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର ଏବଂ ପରେ ଗର୍ଭପାତ କରିବା ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ଥାନାର ବହିଷ୍କୃତ ଆଇଆଇସି ଆନନ୍ଦ ଚନ୍ଦ୍ର ମାଝି ବୁଧବାର ଗିରଫ ହୋଇଛନ୍ତି। ଅନୁଗୋଳ ଜିଲା ହଣ୍ଡପା ଥାନା ଅନ୍ତର୍ଗତ ଇଚ୍ଛାପୁର ଗ୍ରାମ୍ୟ ଜଙ୍ଗଲ ନିକଟରୁ କ୍ରାଇମବ୍ରାଞ୍ଚ ଅଧିକାରୀମାନେ ତାଙ୍କୁ ଅପରାହ୍ନ ୩ଟାରେ ଗିରଫ କରିଥିବା ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅଭୟ ସୂଚନା ଦେଇଛନ୍ତି। ଘଟଣା ପରଠାରୁ ମାଝି ଫେରାର୍ ଥିଲେ। ହଣ୍ଡପା ଥାନା ଅଞ୍ଚଳର ଜଣେ ସମ୍ପର୍କୀୟଙ୍କ ଘରେ ଲୁଚିଥିବା ସୂଚନା ପାଇ ହଣ୍ଡପା ଥାନା ଆଇଆଇସି ଓ ବଇଣ୍ଡା ଫାଣ୍ଡି ଅଧିକାରୀଙ୍କ ସହଯୋଗରେ କ୍ରାଇମ୍‌ବ୍ରାଞ୍ଚ ଅଧିକାରୀ ଚଢ଼ାଉ କରିଥିଲେ। ଏହା ଜାଣି ମାଝି ସେଠାରୁ ଫେରାର ହେବାକୁ ଚେଷ୍ଟା କରୁଥିବାବେଳେ ତାଙ୍କୁ ନିକଟସ୍ଥ ଜଙ୍ଗଲରୁ ଗିରଫ କରାଯାଇଥିଲା। ଗିରଫ ପରେ ତାଙ୍କୁ ବୀରମିତ୍ରପୁର ନିଆଯାଇଛି। ସେଠାରେ ତାଙ୍କୁ ଅଦାଲତରେ ହାଜର କରାଯିବ ବୋଲି ଜଣାପଡ଼ିଛି। ବୁଧବାର ସକାଳେ ଡିଜିପି ଅଭୟ ଅଭିଯୁକ୍ତ ମାଝିଙ୍କୁ ଚାକିରିରୁ ବହିଷ୍କାର କରିଥିଲେ। ଘଟଣାର ତଦନ୍ତ ଜାରି ରହିଛି। ଏହି ଘଟଣାରେ ଅନ୍ୟ ଯେଉଁମାନଙ୍କ ସମ୍ପୃକ୍ତି ରହିଛି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଜିପି ଅଭୟ କହିଛନ୍ତି।

ସୂଚନାଯୋଗ୍ୟ ଯେ, ଗତ ମାର୍ଚ୍ଚ ୨୫ରେ ମେଳା ଦେଖିବାକୁ ସମ୍ପୃକ୍ତ ନାବାଳିକା ବୀରମିତ୍ରପୁର ଯାଇଥିଲେ। ହେଲେ କରୋନା କଟକଣା ପାଇଁ ମେଳା ବନ୍ଦ ହୋଇଯାଇଥିଲା। ନାବାଳିକା ଜଣକ କୌଣସି କାରଣରୁ ଆଉ ☞ପୃଷ୍ଠା–୪

## ନାବାଳିକାଙ୍କ ବୟାନ ରେକର୍ଡ କଲା କ୍ରାଇମ୍‌ବ୍ରାଞ୍ଚ୍

**ସୁନ୍ଦରଗଡ଼,୧୭(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନାରେ ଜଣେ ନାବାଳିକାଙ୍କୁ ଅଟକ ରଖି କ୍ରମାଗତ ବଳାତ୍କାର ଓ ଗର୍ଭପାତ ଘଟଣାର ପୀଡ଼ିତାଙ୍କ ବୟାନ ରେକର୍ଡ ହୋଇଛି। ବୁଧବାର ସକାଳେ କ୍ରାଇମ୍‌ବ୍ରାଞ୍ଚର ୪ଜଣିଆ ଟିମ୍ ଚାଇଲ୍ଡ ଲାଇନ୍‌ର ମୁକ୍ତାକାଶ ଆଶ୍ରୟ କେନ୍ଦ୍ରରେ ଥିବା ପୀଡିତା ନାବାଳିକାଙ୍କୁ ଭେଟି ତାଙ୍କ ବୟାନ ରେକର୍ଡ କରିଛି। ଏଥି ସହିତ ଏହି ଟିମ୍ ଚାଇଲ୍ଡ ଲାଇନ୍‌ର ସଦସ୍ୟ ଓ ରାଏବଗାରେ ରହୁଥିବା ପୀଡ଼ିତା ନାବାଳିକାଙ୍କ ସମ୍ପର୍କୀୟଙ୍କୁ ଭେଟି ଉକ୍ତ ଘଟଣା ସମ୍ପର୍କରେ ପଚରାଉଚୁରା କରିଛି।

ଦିଲ୍ଲୀରୁ ଫେରି କ୍ୱାରାଣ୍ଟାଇନ ସେଣ୍ଟରରେ ଥିବା ପୀଡ଼ିତା ନାବାଳିକାଙ୍କ ମା'ଙ୍କ ସ୍ୱାବ୍ ଟେଷ୍ଟ ରିପୋର୍ଟ ଆସି ନ ଥିବାରୁ ତାଙ୍କୁ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଭେଟି ପାରି ନାହିଁ।

## ସିଲିଣ୍ଡର ପିଛା ୧ ଟଙ୍କା ବଢ଼ିଲା ଏଲ୍‌ପିଜି

**ବିମାନ ଇନ୍ଧନ ଦର ବୃଦ୍ଧି**

**ଓଡ଼ିଶାରେ ୨.୫୦ ଟଙ୍କା ବଢ଼ିଲା**

**ଭୁବନେଶ୍ୱର,୧୭(ବ୍ୟୁରୋ)**

କରୋନା ସଂକ୍ରମଣ ଯୋଗୁ ବର୍ତ୍ତମାନ ଲୋକମାନେ ବିଭିନ୍ନ ସମସ୍ୟାର ସାମ୍ନା କରୁଛନ୍ତି। ଏହି ସମୟରେ ଲଗାତର ଦରଦାମ ବୃଦ୍ଧି ଖାଉଟିଙ୍କୁ ଚିନ୍ତାରେ ପକାଇଛି। ଗତ ୩ ସପ୍ତାହ ଧରି ପେଟ୍ରୋଲ, ଡିଜେଲ ଦର ବଢ଼ିବା ପରେ ୨ ଦିନ ହେବ ଏଥିରେ ବିରତି ଲାଗିଛି। ହେଲେ ବୁଧବାର ଏଲ୍‌ପିଜି ଓ ବିମାନ ଇନ୍ଧନ ବୃଦ୍ଧି ହୋଇଥିବା ଜଣାପଡିଛି। ବୁଧବାର ଅଣସବ୍‌ସିଡି ଗ୍ୟାସ୍ ଦର ମଧ୍ୟ ୧ଟଙ୍କା ବୃଦ୍ଧି ପାଇଛି। ଗୋଟିଏ ମାସ ମଧ୍ୟରେ ଅଣସବସିଡି ଗ୍ୟାସ ଦର ୨ୟ ଥର ବଢ଼ିଛି। ଏହି ସମୟରେ ଭୁବନେଶ୍ୱରରେ ଗ୍ୟାସ୍ ଦର ୨.୫୦ ଟଙ୍କା ବଢ଼ିଥିବା ଜଣାପଡିଛି। ଲୋକମାନେ ପୂର୍ବରୁ ଏଥି ଲାଗି ୬୧୯ ଟଙ୍କା ଦେଉଥିବା ☞ପୃଷ୍ଠା–୪



ଗୁଣ୍ଡିଚା ମନ୍ଦିରରୁ ବୁଧବାର ତାଳଧ୍ୱଜ ରଥକୁ ସେବାୟତମାନେ ଟାଣି ନେଉଛନ୍ତି।

# ବାହୁଡ଼ିଲେ ଦାରୁଦିଅଁ

- ସିଂହଦ୍ୱାରରେ ତିନିରଥ
- ସଅଳ ହେଲା ପହଣ୍ଡି, ରଥଟଣା
- ଭକ୍ତ ବିନା ଗଡ଼ିଲା ରଥ
- ଆଜି ମହାପ୍ରଭୁଙ୍କ ସୁନାବେଶ

**ପୁରୀ ଅଫିସ,୧୭**

ଶେଷ ହୋଇଛି ମହାପ୍ରଭୁଙ୍କ ନବଦିନାତ୍ମକ ଯାତ୍ରା। ଆଡ଼ପ ମଣ୍ଡପରେ ଦାରୁଦିଅଁଙ୍କ ଲୀଳାଖେଳା ବି ସରିଛି। ଭଉଣୀଭାଇଙ୍କୁ ସାଥିରେ ଧରି ଜନ୍ମବେଦିରୁ ରତ୍ନବେଦି ଅଭିମୁଖେ ବାହୁଡ଼ିଛନ୍ତି କଳା ଠାକୁର। ମହାମାରୀ କରୋନା ପାଇଁ ବିନା ଭକ୍ତରେ ବଡ଼ଦାଣ୍ଡରେ ଘର୍ଘର ନାଦରେ ଗଡ଼ିଛି ତିନିରଥ। ଗୁଣ୍ଡିଚା ମନ୍ଦିରରୁ ଶ୍ରୀମନ୍ଦିରକୁ ଫେରିବା ବେଳେ ବାଟରେ ମାଉସୀ ଘରେ ପୋଡ଼ପିଠା ଖାଇଛନ୍ତି ମହାପ୍ରଭୁ। ବାହୁଡ଼ାର ନୀତିକାନ୍ତି ଓ ପହଣ୍ଡି ସଅଳ ରହିଥିଲା। ଅଝଟ ନ କରି ନିର୍ଦ୍ଧାରିତ ସମୟ ପୂର୍ବରୁ ରଥାରୂଢ଼ ହୋଇଥିଲେ ମହାବାହୁ। ନିର୍ଘଣ୍ଟ ସମୟର ୩୫ ମିନିଟ୍ ପୂର୍ବରୁ ଆରମ୍ଭ ହେଲା ରଥଟଣା। ସଅଳ ପହଣ୍ଡି ଓ ସଅଳ ରଥଟଣା ଯୋଗୁ ସଞ୍ଜ ନଇଁବା ପୂର୍ବରୁ ସିଂହଦ୍ୱାର ସମ୍ମୁଖରେ ପହଞ୍ଚି ଯାଇଛନ୍ତି ତିନିରଥ। ☞ପୃଷ୍ଠା–୪



ନନ୍ଦିଘୋଷରେ ରଥାରୂଢ଼ ଶ୍ରୀଜଗନ୍ନାଥ।


## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଟକ

ବିଜ୍ଞାପନ ସଂଖ୍ୟା: ୫୯୨, ତାରିଖ: ୩୦।୦୬।୨୦୨୦

ଏସ୍.ସି.ବି. ମେଡିକାଲ କଲେଜ ଓ ହସ୍ପିଟାଲକୁ ଏକ ଆନ୍ତର୍ଜାତିକ ସ୍ତରର ଅନୁଷ୍ଠାନ ଭାବେ ପରିଣତ କରିବା ନିମନ୍ତେ ଆରମ୍ଭ କରାଯାଇଥିବା ପ୍ରକଳ୍ପ ଆମ୍ଭ ସମସ୍ତଙ୍କ ପାଇଁ ଏକ ଗର୍ବ ଓ ଗୌରବର ବିଷୟ । ଏହି ପ୍ରକଳ୍ପ ପାଇଁ ଉଦ୍ଦିଷ୍ଟ ସ୍ଥାନରେ ବିଭିନ୍ନ ବର୍ଗର ସରକାରୀ କର୍ମଚାରୀମାନେ ଯେଉଁ ସରକାରୀ ଗୃହରେ ବାସ କରୁଛନ୍ତି, ସେମାନଙ୍କୁ ସେହି ସ୍ଥାନରୁ ଅନ୍ୟତ୍ର ଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଅଛି । ସେମାନଙ୍କର ରହିବା ପାଇଁ ଯଥେଷ୍ଟ ସଂଖ୍ୟକ ଭଡ଼ାଗୃହର ଆବଶ୍ୟକତା ରହିଛି ।

ଏଥି ନିମନ୍ତେ କଟକ ସହରର ସମସ୍ତ ଗୃହ ମାଲିକମାନଙ୍କୁ ଅନୁରୋଧ କରାଯାଉଅଛି ଯେ, ଯେଉଁମାନଙ୍କ ପାଖରେ ଭଡ଼ା ଦେବା ପାଇଁ ଗୃହ ଖାଲି ଅଛି, ସେମାନେ ସେହି ଗୃହର ବିବରଣୀ ଏବଂ ଆଶା କରୁଥିବା ମାସିକ ଭଡ଼ା ଇତ୍ୟାଦି ବିଷୟରେ ଉଲ୍ଲେଖକରି ଆସନ୍ତା ଏକ ସପ୍ତାହ ମଧ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦରଖାସ୍ତ ଦାଖଲ କରନ୍ତୁ ।

ଦରଖାସ୍ତ ଦାଖଲ କରିବାର ଯୋଗାଯୋଗ ଓ ଠିକଣା ନିମ୍ନରେ ଦିଆଗଲା ।

୧) ଶ୍ରୀ ଅଭିରାମ ଦାସ : ୯୪୩୭୫୯୧୩୦୩
୨) ଶ୍ରୀ ବିଶ୍ୱମୋହନ ମୋହାପାତ୍ର : ୭୯୭୮୦୬୨୮୨୫
(ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ)
ପ୍ରକୋଷ୍ଠ ନଂ.: ୫୨ (ଦ୍ୱିତୀୟ ମହଲା)
କଲେକ୍ଟରେଟ୍, କଟକ

ସ୍ୱା./– ଜିଲ୍ଲାପାଳ, କଟକ


# ଯୁକ୍ତ ୨ ବଳକା ପରୀକ୍ଷା ବାତିଲ

- ସିବିଏସ୍‌ଇ ଢାଞ୍ଚାରେ ହେବ ମୂଲ୍ୟାଙ୍କନ
- ଜୁଲାଇ ୩୧ ସୁଦ୍ଧା ଫଳ ପ୍ରକାଶ
- ପରୀକ୍ଷା ଫଳରେ ସନ୍ତୁଷ୍ଟ ନ ଥିଲେ ମିଳିବ ଆଉ ଏକ ସୁଯୋଗ

**ଭୁବନେଶ୍ୱର, ୧୭(ବ୍ୟୁରୋ)**

କରୋନା ସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଯୁକ୍ତ୨ର ବଳକା ପରୀକ୍ଷାକୁ ବାତିଲ କରିଛନ୍ତି। ଏସବୁ ବିଷୟର ମୂଲ୍ୟାଙ୍କନ ସିବିଏସ୍‌ଇ ଢାଞ୍ଚାରେ କରାଯିବ। ଜୁଲାଇ ୩୧ ସୁଦ୍ଧା ଫଳ ପ୍ରକାଶ କରିବା ପାଇଁ ଚେଷ୍ଟା କରାଯାଉଛି ବୋଲି ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ କହିଛନ୍ତି।

ବିଭାଗର ସୂଚନାନୁସାରେ, ରାଜ୍ୟରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟରେ ବଳକା ପରୀକ୍ଷାକୁ ବାତିଲ କରାଯାଇଛି। ସିବିଏସ୍‌ଇ ବୋର୍ଡ ଦ୍ୱାରା ପ୍ରସ୍ତୁତ ମାର୍ଗଦର୍ଶିକା ଅନୁଯାୟୀ ବାତିଲ ବିଷୟର ମୂଲ୍ୟାଙ୍କନ ହେବ। ଯେଉଁ ବିଦ୍ୟାର୍ଥୀଙ୍କ ସମସ୍ତ ପରୀକ୍ଷା ଶେଷ ହୋଇଥିବ ସେମାନଙ୍କ କ୍ଷେତ୍ରରେ ପରଫର୍ମାନ୍ସ ଅନୁଯାୟୀ ମୂଲ୍ୟାଙ୍କନ କରାଯିବ। ଯେଉଁମାନେ ତିନୋଟିରୁ ଅଧିକ ବିଷୟରେ ପରୀକ୍ଷା ଦେଇଥିବେ, ସେମାନଙ୍କର ବାକିଥିବା ବିଷୟଗୁଡ଼ିକର ମୂଲ୍ୟାଙ୍କନ ପରୀକ୍ଷା ☞ପୃଷ୍ଠା–୪

# ଏଟିଏମ୍ ଉଠାଣରେ କୋହଳ ବ୍ୟବସ୍ଥା ଉଠିଲା

**ନୂଆଦିଲ୍ଲୀ,୧୭**

**ନ୍ୟୂନତମ ବାଲାନ୍ସ ନ ରହିଲେ ଚାର୍ଜ ଲାଗିବ**



କରୋନା କଟକଣା ପାଇଁ ଏଟିଏମ୍‌ରେ ନିର୍ଦ୍ଧାରିତ ଥରରୁ ଅଧିକ ଥର ଉଠାଣ ଉପରେ କୌଣସି ନେଣଦେଣ ଚାର୍ଜ ଲାଗୁ ହେଉ ନ ଥିଲା। ସରକାର ଏଟିଏମ୍ ଉଠାଣ ଉପରେ କେତେକ କୋହଳ ବ୍ୟବସ୍ଥା କରିଥିଲେ। ସେହିଭଳି ବ୍ୟାଙ୍କ ଖାତାରେ ନ୍ୟୂନତମ ବାଲାନ୍ସ ରଖିବା କଟକଣା ମଧ୍ୟ ଏହି ସମୟରେ କୋହଳ କରାଯାଇଥିଲା। ଏହି ସବୁ ନିୟମର ଅବଧି ଜୁନ ୩୦ରେ ଶେଷ ହୋଇଛି। ଜୁଲାଇ ପହିଲାରେ ବିଭିନ୍ନ ନିୟମ ପୂର୍ବବତ୍ ଲାଗୁ ହେବ ବୋଲି ଜଣାପଡିଛି। ଯଦି ସରକାର ଉକ୍ତ ଅବଧିକୁ ନ ବଢ଼ାନ୍ତି ତେବେ ଲୋକଙ୍କୁ କୋହଳ ସୁବିଧା ଆଉ ମିଳିବ ନାହିଁ। ☞ପୃଷ୍ଠା–୪

# ଉତ୍ତପ୍ତ ହେଉଛି ସମୁଦ୍ର

**ଭୁବନେଶ୍ୱର,୧୭(ବ୍ୟୁରୋ)**

**ଉପକୂଳରେ ମାଡ଼ ହେବ ପ୍ରଳୟଙ୍କରୀ ବାତ୍ୟା**



ଜଳବାୟୁ ପରିବର୍ତ୍ତନ ଚିନ୍ତାର କାରଣ ପାଲଟିଲାଣି। ଗ୍ରୀନ୍ ହାଉସ୍ ଗ୍ୟାସ ବୃଦ୍ଧି ଯୋଗୁ କେବଳ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ହେଉ ନାହିଁ ଏହା ଦୁଇ ତୃତୀୟାଂଶ ଜଳ ଭାଗକୁ ମଧ୍ୟ ଗଭୀର ଭାବେ ପ୍ରଭାବିତ କରୁଛି। ପରିବେଶକୁ ଉତ୍ତପ୍ତ କଲାଭଳି କାର୍ବନ ଡାଇଅକ୍ସାଇଡ ଏବଂ କାର୍ବନ ମନୋକ୍ସାଇଡ ଗ୍ୟାସ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଭାରତ ମହାସାଗର ତାପମାତ୍ରା ମଧ୍ୟ ଉତ୍ତପ୍ତ ହେବାରେ ଲାଗିଛି। ଗତ କିଛି ବର୍ଷ ହେବ ଭାରତ ମହାସାଗରରେ ଏଭଳି ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି। ଭାରତ ମହାସାଗର ଉପରି ଭାଗ ଜଳ ୧୯୫୧ରୁ ୨୦୧୫ ମଧ୍ୟରେ ୧ ଡିଗ୍ରୀ ସେଲସିୟସ ବଢ଼ିଛି। ବିଶ୍ୱ ତାପନ ଯୋଗୁ ଭାରତ ମହାସାଗର ୭୦୦ ମିଟର ଗଭୀର ଯାଏ ଜଳକୁ ଏହା ଉତ୍ତପ୍ତ କରିଛି। ଭୂବିଜ୍ଞାନ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ ପାଇଥିବା ପ୍ରଥମ ଜଳବାୟୁ ପରିବର୍ତ୍ତନ ମୂଲ୍ୟାୟନ ରିପୋର୍ଟରେ ଏଭଳି ତଥ୍ୟ ସାମ୍ନାକୁ ଆସିଛି। କ୍ରମବର୍ଦ୍ଧିଷ୍ଣୁ ତାପମାତ୍ରା ଯୋଗୁ ଭାରତ ମହାସାଗର ଜଳବାୟୁ ପରିବର୍ତ୍ତନର ଲକ୍ଷଣ ଦେଖିବାକୁ ମିଳୁଛି। ଏଥିଯୋଗୁ ଗତ କିଛିବର୍ଷ ହେବ ଅସମୟରେ ଗୋଟିଏ ପରେ ଗୋଟିଏ ବାତ୍ୟା ସୃଷ୍ଟି ହୋଇ ଉପକୂଳରେ ଭୟଙ୍କର କ୍ଷତି କରୁଛି। ଗତ ଦୁଇ ଦଶନ୍ଧି ଧରି ଗ୍ରୀନ୍ ହାଉସ ଗ୍ୟାସ ଯୋଗୁ ଜଳବାୟୁରେ ଏଭଳି ପରିବର୍ତ୍ତନ ହୋଇଥିବା ରିପୋର୍ଟରେ କୁହାଯାଇଛି। ଏଥିଯୋଗୁ ଭାରତ ମହାସାଗରରେ ସାମୁଦ୍ରିକ ଝଡ ମଧ୍ୟ ପୂର୍ବାପେକ୍ଷା ଅଧିକ ଭୟଙ୍କର ହୋଇ ସ୍ଥଳଭାଗ ଆଡକୁ ମାଡି ଆସୁଛି। କେବଳ ସେତିକ ନୁହେଁ, ମେରୁ ଅଞ୍ଚଳରେ ବରଫ ତରଳିବା ଯୋଗୁ ୧୮୭୪ରୁ ୨୦୦୪ ମଧ୍ୟରେ ଉତ୍ତର ଭାରତ ମହାସାଗରରେ ଜଳ ରାଶି ପ୍ରତିବର୍ଷ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**ପରିବେଶର ଇଞ୍ଜିନିୟର**


RSPL EVOLUTION IS CONSTANT

ଘଡ଼ୀ ଡିଟର୍ଜେଣ୍ଟ

## ଭାରତର ବୀର ଦୋକାନୀ ଭାଇ

**କେବଳ ଓଡ଼ିଶା ପ୍ରାନ୍ତର ଦୋକାନୀ ଭାଇମାନଙ୍କ ପାଇଁ**

ଆଜି ସଂପୂର୍ଣ୍ଣ ଦେଶ ଏକ ମୁସ୍କିଲ ସମୟରେ ଗତି କରୁଛି । ଆର୍.ଏସ୍.ପି.ଏଲ. ପରିବାର ସେହି ସମସ୍ତ ଦୋକାନୀ ଭାଇମାନଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରୁଛି, ଯିଏକି ଏହି ମୁସ୍କିଲ ସମୟରେ ନିଜର କାର୍ଯ୍ୟ ଏବଂ ନିଷ୍ଠା ଦ୍ୱାରା ଦେଶ ଓ ଦେଶବାସୀଙ୍କ କୌଣସି ପ୍ରକାର ସମସ୍ୟା ହେବାକୁ ଦେଇନାହାନ୍ତି ।

**ଭାରତର ଏହି ବୀରମାନଙ୍କୁ ଆମେ କୋଟି କୋଟି ନମସ୍କାର ଜଣାଉଛୁ ।**

ଦୋକାନୀ ଭାଇ ତଳେ ଦିଆଯାଇଥିବା ତାଲିକା ଅନୁସାରେ କିଣିବା ଉପରେ ପାଆନ୍ତୁ ଘଡ଼ି ଡିଟର୍ଜେଣ୍ଟ ପାଉଡର

| SLAB | ଘଡ଼ି ଡିଟର୍ଜେଣ୍ଟ ପାଉଡର ମାଗଣା ପ୍ୟାକେଟ୍ |
|---|---|
| 3 kg ର 1*ବସ୍ତା | 1 kg ର 1 ପ୍ୟାକେଟ୍ ମାଗଣା |
| 1 kg ର 1*ବସ୍ତା | 1 kg ର 1 ପ୍ୟାକେଟ୍ ମାଗଣା |
| 500 g ର 1*ବସ୍ତା | 500 g ର 1 ପ୍ୟାକେଟ୍ ମାଗଣା |
| ₹10/-(135 g) ର 1*ବସ୍ତା | ₹10/-(135 g) ର 5 ପ୍ୟାକେଟ୍ ମାଗଣା |
| ₹5/-(67 g) ର 1*ବସ୍ତା | ₹5/-(67 g) ର 5 ପ୍ୟାକେଟ୍ ମାଗଣା |

ଦୋକାନୀ ଭାଇ ତଳେ ଦିଆଯାଇଥିବା ତାଲିକା ଅନୁସାରେ କିଣିବା ଉପରେ ପାଆନ୍ତୁ ଘଡ଼ି ଡିଟର୍ଜେଣ୍ଟ କେକ୍

| SLAB | ଘଡ଼ି ଡିଟର୍ଜେଣ୍ଟ କେକ୍ ମାଗଣା ପିସ୍ |
|---|---|
| 1 ନଗ୍ *(ପେଟି) | ₹5/-(90 g) ର 3 pcs. ସଂପୂର୍ଣ୍ଣ ମାଗଣା |

ସ୍କିମ୍ 1 July, 2020 ରୁ ଲାଗୁ
ଅଫର୍ ସିମିତ ସମୟ ପାଇଁ

SKU (ପେଟି/ବସ୍ତା) Information
Ghadi powder : 3kgx10 pkts.,1kgx25 pkts, 500gx40 pkts, 135gx72 pkts. 67gx100 pkts.
Ghadi Cake : 90gx100 pcs., 185gx56 pcs., 300gx48 pcs., 160gx80 pcs.



*As per Nielsen Retail Index data for MAT November 2019, All India (Urban + Rural) market in Washing Powder Category.

ସ୍କିମ୍ ସମ୍ବନ୍ଧିତ କୌଣସି ସମସ୍ୟା ପାଇଁ ତଳେ ଦିଆଯାଇଥିବା ନମ୍ବରରେ ତୁରନ୍ତ ସଂପର୍କ କରନ୍ତୁ ।

B. UMA SHANKAR (BHUBANESWAR): 7873096108,
RAJESH KUMAR (SAMBALPUR): 8709987942,
DHEERENDRA VERMA (STATE HEAD): 9935279225

ସପ୍ଲାଇ ଏବଂ ସର୍ଭିସର ସମ୍ବନ୍ଧିତ କୌଣସି ଅଭିଯୋଗ କରିବାକୁ ସଂପର୍କ କରନ୍ତୁ । © RSPL CARE 1800 120 2800

## କ୍ଲିନିକ୍‌ରେ ଗ୍ୟାସ୍ ବିସ୍ଫୋରଣ: ୧୯ ମୃତ

ଇରାନ ରାଜଧାନୀ ତେହେରାନ୍‌ର ଏକ ମେଡିକାଲ କ୍ଲିନିକ୍‌ରେ ଗ୍ୟାସ୍ ଲିକ୍ ହୋଇ ବିସ୍ଫୋରଣ ହେବାରୁ ୧୯ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୧୫ ମହିଳା ଓ ୪ ପୁରୁଷ ଅଛନ୍ତି। ଅଗ୍ନିଶମ କର୍ମଚାରୀମାନେ ୨୦ ଜଣଙ୍କୁ ଉଦ୍ଧାର କରିଛନ୍ତି। ମେଡିକାଲ ଗ୍ୟାସ୍ ଟାଙ୍କିରୁ ଲିକ୍ ହୋଇ ଏଭଳି ବିସ୍ଫୋରଣ ହୋଇଥିବା ତେହେରାନ୍‌ର ଡେପୁଟି ଗଭର୍ନର ହମିଦ୍ରେଜା ଗୌଡାର୍ଜି କହିଛନ୍ତି।



# ଦୁଇପଟୁ ଆକ୍ରମଣ ଯୋଜନା

- ଏଲ୍‌ଓସିକୁ ୨୦ ହଜାର ସୈନ୍ୟ ପଠାଇଲା ପାକିସ୍ତାନ
- ଏଲ୍‌ଏସିରେ ୨୪ ହଜାର ସୈନ୍ୟ ମୁତୟନ କଲା ଚାଇନା
- ପାକ୍ ଆତଙ୍କବାଦୀଙ୍କ ଦ୍ୱାରା କଶ୍ମୀରରେ ହିଂସା ସୃଷ୍ଟି ପାଇଁ ଚାଇନାର ଉଦ୍ୟମ



ନୂଆଦିଲ୍ଲୀ, ୧।୭

ସୀମାକୁ ନେଇ ପୂର୍ବ ଲଦାଖରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଲାଗି ରହିଥିଲା ବେଳେ ଏପଟେ ପାକିସ୍ତାନ ଗିଲ୍‌ଗିଟ୍-ବାଲ୍ଟିସ୍ତାନ ଏବଂ ପିଓକେରେ ଥିବା ନିୟନ୍ତ୍ରଣ ରେଖା (ଏଲ୍‌ଓସି) ନିକଟକୁ ଦୁଇ ଡିଭିଜନ ସୈନ୍ୟ ପଠାଇଛି। ଏଥିସହିତ ଜମ୍ମୁ-କଶ୍ମୀରରେ ହିଂସା ସୃଷ୍ଟି ଲାଗି ଚାଇନା ଅଧିକାରୀମାନେ ପାକିସ୍ତାନର ଅଲ୍ ବଦର ଆତଙ୍କବାଦୀ ସଂଗଠନ ସହ କଥାବାର୍ତ୍ତା ଚଳାଇଥିବା ଗୋଇନ୍ଦା ସୂଚନା ମିଳିଛି। ସୀମାରେ ଚାଇନା ଓ ପାକିସ୍ତାନ ମିଳିତ ହୋଇଥିବା ଏଥିରୁ ସ୍ପଷ୍ଟ ଜଣାପଡୁଛି। କାରଣ ପୂର୍ବ ପାର୍ଶ୍ୱରେ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)କୁ ଚାଇନା ୨୪ ହଜାର ସୈନ୍ୟ ପଠାଇଥିବାବେଳେ ପାକିସ୍ତାନ ଏପଟେ ୨୦ ହଜାର ସୈନ୍ୟ ଏଲ୍‌ଓସିକୁ ପଠାଇଛି। ବାଲାକୋଟ ଏୟାରଷ୍ଟ୍ରାଇକ୍ ପରେ ମଧ୍ୟ ପାକିସ୍ତାନ ଏତେ ସଂଖ୍ୟାରେ ସୈନ୍ୟ ସୀମାକୁ ପଠାଇ ନ ଥିଲା। ସୀମାନ୍ତ ଅଞ୍ଚଳରେ ପାକିସ୍ତାନୀ ରାଡାର୍‌ଗୁଡ଼ିକ ମଧ୍ୟ ପୂର୍ଣ୍ଣ କାର୍ଯ୍ୟକ୍ଷମ ରହିଛି। ପାକିସ୍ତାନ ଓ ଚାଇନା ସୀମାରେ ଏକସଙ୍ଗେ ସୈନ୍ୟ ବଢ଼ାଇବା ସହ କଶ୍ମୀରରେ ଆତଙ୍କବାଦ ବଢ଼ାଇବା ପାଇଁ ଉଦ୍ୟମ ଚଳାଇଥିବାରୁ ଦୁଇପଟୁ ଆକ୍ରମଣର ସମ୍ଭାବନା ସୃଷ୍ଟି ହୋଇଛି। ଫଳରେ ଗୁରୁତର ପରିସ୍ଥିତି ସୃଷ୍ଟି ହେବା ନେଇ ବାସ୍ତବତା ସହ ଜଡ଼ିତ ଥିବା ରଣନୀତି ବିଶେଷଜ୍ଞମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

ସେପଟେ ସ୍କର୍ଦୁରେ କିଛିଦିନ ତଳେ ଚାଇନାର ଏକ ରିଫୁଏଲର ବିମାନ ଅବତରଣ କରିବା ପରେ ପିଓକେରେ ଥିବା ଏୟାରବେସ୍ ଉପରେ ଭାରତ ତୀକ୍ଷ୍ଣ ନଜର ରଖିଛି। ଚାଇନା ବାୟୁସେନା ଗିଲ୍‌ଗିଟ-ବାଲ୍ଟିସ୍ତାନ ଏୟାରବେସ୍‌କୁ ବ୍ୟବହାର କରିବା ସମ୍ଭାବନା ବଢ଼ୁଛି।

ଚାଇନାର ଭିତିରି ଗୁମର ଆସ୍ତେ ଆସ୍ତେ ପଦାକୁ ଆସୁଛି। ପୂର୍ବ ଲଦାଖର ଗଲୱାନ ଉପତ୍ୟକାରେ ଭାରତୀୟ ସେନା ସହ ରକ୍ତାକ୍ତ ସଂଘର୍ଷ ପରେ ସମାଧାନ ଲାଗି ୩ ଥର ଆଲୋଚନା ହେବା ସହ ଶାନ୍ତି ଫେରାଇ ଆଣିବା ପାଇଁ ଚାଇନା ସୈନ୍ୟ ପ୍ରତ୍ୟାହାର କରିବାକୁ କହୁଥିବା ବେଳେ ଏବେ ଏଲ୍‌ଏସିକୁ ୨୪ ହଜାର ସୈନ୍ୟ ପଠାଇଛି। ଫଳରେ ପରିସ୍ଥିତି ଅଧିକ ଉତ୍ତେଜନାମୂଳକ ହୋଇପଡ଼ିଛି। ଭାରତୀୟ ଗୋଇନ୍ଦା ବିଭାଗର ସୂଚନା ଅନୁଯାୟୀ, ଚାଇନା ଅଧିକ ୨ ଡିଭିଜନ(୨୪,୦୦୦) ସୈନ୍ୟ ସୀମାକୁ ପଠାଇଛି। ସେମାନେ ଆଧୁନିକ ଯୁଦ୍ଧ ସରଞ୍ଜାମ, ଟ୍ୟାଙ୍କର, ଲଢ଼ୁଆ ବିମାନ ସହ ଏଲ୍‌ଏସିରେ ପ୍ରସ୍ତୁତ ଥିବା କୁହାଯାଇଛି। ଲଦାଖରେ ମଧ୍ୟ ଅଧିକ ୨ ଡିଭିଜନ ସୈନ୍ୟ ଚାଇନା ମୁତୟନ କରିଛି। ଏଥିରୁ ସ୍ପଷ୍ଟ ଯେ, ସେମାନେ ଭାରତ ସହ ସାଲିସ୍ କରିବାକୁ ଚାହୁଁ ନାହାନ୍ତି। ଭାରତ ସୀମା ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି।

ଭାରତ ମଧ୍ୟ ସୀମାରେ ସେନା ଠୁଳ କରିବା ସହ ଟି-୯୦ ଟ୍ୟାଙ୍କ, ଲଢ଼ୁଆ ବିମାନ ପ୍ରସ୍ତୁତ କରି ରଖିଛି। ଯଦିଓ ଆପୋସ ଆଲୋଚନା ଜରିଆରେ ଭାରତ ଶାନ୍ତିରକ୍ଷା ଉପରେ ଗୁରୁତ୍ୱ ଦେଉଛି, ତଥାପି ସାମ୍ରାଜ୍ୟବାଦୀ ଚିନ୍ତାଧାରାରେ ନିପୁଣ କମ୍ୟୁନିଷ୍ଟ ଶାସକଙ୍କ ମତିଗତିକୁ ବିଶ୍ୱାସ କରାଯାଇ ନ ପାରେ। ସେଥିଲାଗି ଭାରତ କୂଟନୈତିକ ସ୍ତରକୁ ଅଧିକ ଗୁରୁତ୍ୱ ଦେବା ସହ ଆମେରିକା, ଜାପାନ, ଅଷ୍ଟ୍ରେଲିଆ, ଫ୍ରାନ୍ସ ଆଦି ରାଷ୍ଟ୍ର ସହ ସମ୍ପର୍କରେ ଅଛି। ଯେକୌଣସି ପରିସ୍ଥିତିର ସମ୍ମୁଖୀନ ଲାଗି ଭାରତୀୟ ସେନା ପ୍ରସ୍ତୁତ ଥିବା କହିଛି।

## ୧୨ ଘଣ୍ଟାର ଆଲୋଚନା ନିଷ୍ଫଳ

ନୂଆଦିଲ୍ଲୀ, ୧।୭: ପୂର୍ବ ଲଦାଖର ଗଲୱାନ ଉପତ୍ୟକାରେ ଭାରତ-ଚାଇନା ସେନା ମଧ୍ୟରେ ରକ୍ତାକ୍ତ ସଂଘର୍ଷ ପରେ ସୀମାରେ ଶାନ୍ତିରକ୍ଷା ନେଇ ଦୁଇଦେଶର ସେନା ଅଧିକାରୀସ୍ତରୀୟ ଆଲୋଚନା ୧୨ ଘଣ୍ଟା ଧରି ଚାଲିଥିଲେ ହେଁ କିଛି ସୁଫଳ ମିଳିପାରି ନାହିଁ। ଭାରତୀୟ ଅଞ୍ଚଳ ଚୁଶୁଲରେ ଏହି ବୈଠକ ମଙ୍ଗଳବାର ପୂର୍ବାହ୍ଣ ୧୦ଟା ୩୦ରୁ ଆରମ୍ଭ ହୋଇ ରାତି ୧୧ଟାରେ ଶେଷ ହୋଇଥିଲା। ସଂଘର୍ଷ ପରେ ଏହା ଦୁଇପକ୍ଷ ମଧ୍ୟରେ ତୃତୀୟ ବୈଠକ ଥିଲା। ପ୍ରଥମ ଦୁଇଟି ବୈଠକ ଚାଇନାର ମୋଲ୍‌ଡୋରେ ଜୁନ୍ ୬ ଓ ଜୁନ୍ ୨୨ରେ ସେନା କମାଣ୍ଡରସ୍ତରୀୟ ହୋଇଥିଲା। ପ୍ରତ୍ୟେକ ବୈଠକରେ ସୀମା ସ୍ଥିତିକୁ ନେଇ ଆଲୋଚନା କରାଯାଇଥିଲା। ସୀମାରେ ଶାନ୍ତିରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପାଙ୍ଗୋଙ୍ଗରୁ ଚାଇନା ସେନା ପ୍ରତ୍ୟାହାର କରିବା ଲାଗି ରାଜି ହୋଇଥିଲେ ମଧ୍ୟ ତାହା କରି ନ ଥିଲା। ଫିଙ୍ଗର ୮ରେ ଏଲ୍‌ଏସି ରହିଥିବା ଭାରତ ଦର୍ଶାଇ ଫିଙ୍ଗର ୪ ଓ ୫ରେ ଚାଇନା ସେନା ପ୍ରବେଶ କରିଥିବା ଉଠାଇଥିଲା। ଡେମ୍‌ଚୋକ ଓ ଦେପ୍‌ସାଙ୍ଗରେ ମଧ୍ୟ ଅନୁରୂପ ପରିସ୍ଥିତି ଦେଖାଦେଇଛି।

ଗତ ଜୁନ୍ ୨୨ରେ ୧୧ ଘଣ୍ଟାକାଳ ଦୁଇ ପକ୍ଷ ମଧ୍ୟରେ ଆଲୋଚନା କରାଯାଇଥିଲା। ପୂର୍ବ ଲଦାଖ ଅଞ୍ଚଳରେ ସଂଘର୍ଷ ଏଡ଼ାଇ ଶାନ୍ତିରକ୍ଷା ଲାଗି ଦୁଇପକ୍ଷ ସହମତି ପ୍ରକାଶ କରିଥିଲେ। ଆଲୋଚନା ଆଗକୁ ଜାରି ରହିବ ଓ ପର୍ଯ୍ୟାୟକ୍ରମେ ସେନା ପ୍ରତ୍ୟାହାର କରାଯିବ ବୋଲି ସ୍ଥିର କରାଯାଇଥିବା ଜଣାପଡ଼ିଛି। ୩ ଥର ଆଲୋଚନା ପରେ ବି କିଛି ସୁଫଳ ଏପର୍ଯ୍ୟନ୍ତ ମିଳିପାରି ନାହିଁ। ଏପର୍ଯ୍ୟନ୍ତ ଚାଇନା ସେନା ପଛକୁ ହଟିବା ପରିବର୍ତ୍ତେ ସେଠାରେ ଶକ୍ତି ବୃଦ୍ଧି କରିବାରେ ଲାଗିଛି।

## ପରୀକ୍ଷା କେନ୍ଦ୍ର ବଦଳାଇପାରିବେ ସିଭିଲ ସର୍ଭିସ ପ୍ରିଲିମ୍ ପ୍ରାର୍ଥୀ

ନୂଆଦିଲ୍ଲୀ, ୧।୭(ପି.ଟି.)

ସିଭିଲ୍ ସର୍ଭିସ ପ୍ରିଲିମିନାରୀ ପରୀକ୍ଷା ଅକ୍ଟୋବର ୪ରେ ଅନୁଷ୍ଠିତ ହେବାକୁ ଥିଲାବେଳେ ପ୍ରାର୍ଥୀ ଚାହିଁଲେ ସେମାନଙ୍କ ପରୀକ୍ଷା କେନ୍ଦ୍ର ବଦଳାଇପାରିବେ ବୋଲି କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ପକ୍ଷରୁ ଘୋଷଣା କରାଯାଇଛି। ଏଥର ପରୀକ୍ଷା ଦେବା ପାଇଁ ବହୁସଂଖ୍ୟାରେ ପ୍ରାର୍ଥୀ ଆବେଦନ କରିଥିବାବେଳେ ଅନେକେ ସେମାନଙ୍କ ପରୀକ୍ଷା କେନ୍ଦ୍ର ବଦଳାଇବା ପାଇଁ ଅନୁରୋଧ କରିଥିଲେ। ସେମାନଙ୍କୁ ନୂଆ ପରୀକ୍ଷା କେନ୍ଦ୍ର ଚୟନ କରି ଆବେଦନ କରିବା ଲାଗି ଏକ ସୁଯୋଗ ଦେବାକୁ କମିଶନ ନିଷ୍ପତ୍ତି ନେଇଛନ୍ତି। ଏଥିସହିତ ସିଭିଲ୍ ସର୍ଭିସ୍ (ମେନ୍) ପରୀକ୍ଷା, ୨୦୨୦ ଏବଂ ଭାରତୀୟ ବନ ସେବା (ମେନ୍) ପରୀକ୍ଷା, ୨୦୨୦ ପାଇଁ ମଧ୍ୟ ପରୀକ୍ଷା କେନ୍ଦ୍ର ପରିବର୍ତ୍ତନ ସୁଯୋଗ ଦିଆଯାଇଛି। ଏଥିପାଇଁ ଜୁଲାଇ ୭ରୁ ୧୩ ଏବଂ ୨୦ରୁ ୨୪ ତାରିଖ ଦୁଇଟି ପର୍ଯ୍ୟାୟରେ କମିଶନଙ୍କ ୱେବ୍‌ସାଇଟ http://upsconline.nic.inରେ ପ୍ରାର୍ଥୀ ସଂଶୋଧିତ ପରୀକ୍ଷା କେନ୍ଦ୍ର ପାଇଁ ଆବେଦନ କରିପାରିବେ।

## ବଙ୍ଗଳା ଖାଲି କରିବାକୁ ପ୍ରିୟଙ୍କାଙ୍କୁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧।୭



ଅଗଷ୍ଟ ପହିଲାରୁ ସରକାରୀ ବଙ୍ଗଳା ଖାଲି କରିବାକୁ କେନ୍ଦ୍ର ସରକାର କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀଙ୍କୁ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ଗତବର୍ଷ ନଭେମ୍ବରରେ ପ୍ରିୟଙ୍କାଙ୍କ ଏସ୍‌ପିଜି ସୁରକ୍ଷା ପ୍ରତ୍ୟାହାର କରାଯାଇଥିଲା। ଆବାସ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ତାଙ୍କୁ ଜେଡ୍ ପ୍ଲସ୍ ସୁରକ୍ଷା ଯୋଗାଇ ଦିଆଯିବ ବୋଲି କୁହାଯାଇଛି। ଭାରତରେ କେବଳ ସିଆର୍‌ପିଏଫ୍ ସୁରକ୍ଷା ତାଙ୍କୁ ମିଳିପାରିବ। ପ୍ରିୟଙ୍କା ଲୋଧିରୋଡ୍ ସ୍ଥିତ ୬-ବି ସରକାରୀ ବଙ୍ଗଳାରେ ରହୁଛନ୍ତି। ଯଦି ସେ ନିର୍ଦ୍ଧାରିତ ସମୟରେ ବଙ୍ଗଳା ନ ଛାଡ଼ନ୍ତି, ତେବେ ତାଙ୍କୁ ନିୟମାନୁଯାୟୀ ଜରିମାନା ଦେବାକୁ ପଡ଼ିବ। ଏହା ସହ ବାକି ରହିଥିବା ଘରଭଡ଼ା ଅର୍ଥ ୩,୪୬,୬୭୭ ପୈଠକରିବା ଲାଗି ମଧ୍ୟ କୁହାଯାଇଛି।




ଅନ୍‌ଲକ୍ ୨.୦ର ପ୍ରଥମ ଦିନରେ କୋଲ୍‌କାତାରେ ଜଣେ ମହିଳାଙ୍କ ସ୍ୱାବ ନମୁନା ସଂଗ୍ରହ କରୁଛନ୍ତି ସ୍ୱାସ୍ଥ୍ୟକର୍ମୀ।

## ଖଲିସ୍ତାନ ଲିଙ୍କ୍: ୯ ଜଣ ଆତଙ୍କବାଦୀ ଘୋଷିତ

ନୂଆଦିଲ୍ଲୀ, ୧।୭(ପି.ଟି.)

ବିଚ୍ଛିନ୍ନତାବାଦୀ ଖଲିସ୍ତାନୀ ସଂଗଠନ ସହ ସମ୍ପୃକ୍ତ ୯ ଜଣଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ୟୁଏପିଏ ଆଇନର ବ୍ୟବସ୍ଥା ଅନୁଯାୟୀ ଆତଙ୍କବାଦୀ ଘୋଷଣା କରିଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣ ପାକିସ୍ତାନରେ ରହୁଛନ୍ତି। ଆତଙ୍କବାଦୀ ଘୋଷିତ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଅଛନ୍ତି ବାବର ଖାଲସା ଇଣ୍ଟରନ୍ୟାଶନାଲ (ବିକେଆଇ)ର ମୁଖ୍ୟ ୱାଧୱା ସିଂ ବାବର, ଇଣ୍ଟରନ୍ୟାଶନାଲ ଶିଖ୍ ୟୁଥ୍ ଫେଡେରେଶନ ମୁଖ୍ୟ ଲଖବୀର ସିଂ, ଖଲିସ୍ତାନ ଜିନ୍ଦାବାଦ୍ ଫୋର୍ସର ମୁଖ୍ୟ ରଞ୍ଜିତ୍ ସିଂ ଏବଂ ଖଲିସ୍ତାନ କମାଣ୍ଡୋ ଫୋର୍ସ ମୁଖ୍ୟ ପରମଜିତ୍ ସିଂ। ଏମାନେ ସମସ୍ତେ ପାକିସ୍ତାନରେ। ଅନ୍ୟମାନଙ୍କ ମଧ୍ୟରେ ଅଛନ୍ତି ଆତଙ୍କବାଦୀ ସଂଗଠନ କେଜେଡ୍‌ବିର ମୁଖ୍ୟ ସଦସ୍ୟ ଭୁପିନ୍ଦର ସିଂ ଭିଣ୍ଡା, ଗୁର୍‌ମିତ୍ ସିଂ ବାଗା, ଗୁରପତ୍‌ୱନ୍ତ ସିଂ ପନ୍ନୁନ୍, ହରଦୀପ୍ ସିଂ ନିଜ୍ଜାର ଏବଂ ପରମଜିତ ସିଂ। ଭୁପିନ୍ଦର ଓ ଗୁର୍‌ମିତ ଜର୍ମାନୀରେ ରହି କାର୍ଯ୍ୟ କରୁଥିବାବେଳେ ଗୁର୍‌ପତ୍‌ୱନ୍ତ ଆମେରିକାର ଏକ ବେଆଇନ ସଂଗଠନ ଶିଖ୍ ଫର ଜଷ୍ଟିସ୍‌ର ମୁଖ୍ୟ ସଦସ୍ୟ ଅଛନ୍ତି। ହରଦୀପ୍ ଖଲିସ୍ତାନ ଟାଇଗର ଫୋର୍ସର କାନାଡା ମୁଖ୍ୟ ଅଛନ୍ତି।

## ଥର୍ମାଲ ପ୍ଲାଣ୍ଟରେ ବିସ୍ଫୋରଣ: ୬ ମୃତ

ଚେନ୍ନାଇ, ୧।୭(ପି.ଟି.)

ତାମିଲନାଡୁର ନେଭେଲି ଲିଗ୍‌ନାଇଟ କର୍ପୋରେଶନ (ଏନ୍‌ଏଲ୍‌ସି) ପ୍ଲାଣ୍ଟ ବଏଲରରେ ବୁଧବାର ବିସ୍ଫୋରଣ ହେବାରୁ ୬ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୧୭ ଆହତ ହୋଇଛନ୍ତି। ମୃତକମାନେ ଠିକା କର୍ମଚାରୀ ଓ ସମସ୍ତଙ୍କ ବୟସ ୨୫ରୁ ୪୨ ବର୍ଷ ମଧ୍ୟରେ। ଆହତମାନଙ୍କୁ ଏନ୍‌ଏଲ୍‌ସି



ହସ୍ପିଟାଲକୁ ନିଆଯାଇଛି। ଉଦ୍ଧାର କାର୍ଯ୍ୟରେ କମ୍ପାନୀର ଅଗ୍ନିଶମ ଟିମ୍ ଓ କୁଡ୍ଡାଲୋର ଜିଲା ପ୍ରଶାସନ ପକ୍ଷରୁ ଉଦ୍ଧାରକାରୀ ଦଳ ନିୟୋଜିତ ହୋଇଛନ୍ତି। ବିସ୍ଫୋରଣର କାରଣ ଜଣାପଡିନାହିଁ। ତାପଜ ବିଦ୍ୟୁତ ପ୍ଲାଣ୍ଟ-୨ର ପଞ୍ଚମ ୟୁନିଟରେ ବିସ୍ଫୋରଣ ହୋଇଥିଲା। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ମୃତକମାନଙ୍କ ପାଇଁ ଶୋକବ୍ୟକ୍ତ କରିବା ସହ ସହାୟତାର ପ୍ରତିଶ୍ରୁତି ଦେଇଛନ୍ତି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଇ. ପାଲାନିସାମୀ ମୃତକଙ୍କ ପରିବାର ଲାଗି ୩ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରିବା ସହ ଗୁରୁତର ଆହତଙ୍କ ପାଇଁ ୧ ଲକ୍ଷ ଓ ସାମାନ୍ୟ ଆହତଙ୍କ ପାଇଁ ୫୦ ହଜାର ଟଙ୍କା ଘୋଷଣା କରିଛନ୍ତି।

## ମୁମ୍ବାଇରେ ୧୪୪ ଧାରା ଜାରି

ମୁମ୍ବାଇ, ୧।୭(ପି.ଟି.)

କରୋନା ସଂକ୍ରମଣକୁ ରୋକିବା ଲାଗି ମୁମ୍ବାଇ ପୋଲିସ ବୁଧବାର ସହରରେ ୧୪୪ ଧାରା ଜାରି କରିଛି। ସର୍ବସାଧାରଣ ସ୍ଥାନରେ ଲୋକମାନଙ୍କ ଯାତାୟାତ ଉପରେ କଟକଣା ଲାଗୁ କରାଯାଇଛି। ମଙ୍ଗଳବାର ମୁମ୍ବାଇରେ ୯୦୩ ନୂଆ ମାମଲା ସାମ୍ନାକୁ ଆସିଥିଲା। ଏହାକୁ ମିଶାଇ ମହାନଗରରେ ସଂକ୍ରମିତଙ୍କ ସଂଖ୍ୟା ୭୭,୧୯୭ ହୋଇଥିବାବେଳେ ମୃତ୍ୟୁସଂଖ୍ୟା ୪,୫୫୪ରେ ପହଞ୍ଚିଛି। ଜୁଲାଇ ୧୫ ପର୍ଯ୍ୟନ୍ତ ମୁମ୍ବାଇରେ ୧୪୪ ଧାରା ବଳବତ୍ତର ରହିବ। ଏହି ସମୟରେ କୌଣସି ଅଣଅତ୍ୟାବଶ୍ୟକ କାମ ପାଇଁ ଲୋକଙ୍କୁ ଘରୁ ବାହାରିବାକୁ ଅନୁମତି ଦିଆଯିବନାହିଁ। ସେହିପରି ସ୍ୱାସ୍ଥ୍ୟଗତ ଜରୁରୀ ଆବଶ୍ୟକତା ନ ଥିଲେ ସହରରେ ରାତି ୯ରୁ ସକାଳ ୫ ମଧ୍ୟରେ ନ ବାହାରିବାକୁ ପୋଲିସ କହିଛି।

## ମଧ୍ୟପ୍ରଦେଶ ରାଜ୍ୟପାଳ ଭାବେ ଶପଥ ନେଲେ ଆନନ୍ଦୀବେନ୍



ଭୋପାଳ, ୧।୭(ପି.ଟି.)

ମଧ୍ୟପ୍ରଦେଶ ରାଜ୍ୟପାଳ ଲାଲ୍‌ଜୀ ଟଣ୍ଡନ ଅସୁସ୍ଥ ଥିବାରୁ ଉତ୍ତରପ୍ରଦେଶ ରାଜ୍ୟପାଳ ଆନନ୍ଦୀବେନ୍ ପଟେଲଙ୍କୁ ଉକ୍ତ ରାଜ୍ୟର ରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେ ବୁଧବାର ରାଜଭବନରେ ମଧ୍ୟପ୍ରଦେଶ ରାଜ୍ୟପାଳ ଭାବେ ଶପଥ ଗ୍ରହଣ କରିଛନ୍ତି। ମଧ୍ୟପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଅଜୟ କୁମାର ମିତ୍ତଲ ଆନନ୍ଦୀବେନ୍‌ଙ୍କୁ ଶପଥ ପାଠ କରାଇଥିଲେ। ଶପଥ ଗ୍ରହଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ସମେତ କେତେକ ରାଜନେତା ଓ ଅଫିସର ଉପସ୍ଥିତ ଥିଲେ। ପୂର୍ବରୁ ମଧ୍ୟ ଆନନ୍ଦୀବେନ୍ ମଧ୍ୟପ୍ରଦେଶ ରାଜ୍ୟପାଳ ଭାବେ କାର୍ଯ୍ୟ କରିଥିଲେ। ମୁଖ୍ୟମନ୍ତ୍ରୀ ଚୌହାନ ଗୁରୁବାର ତାଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିବାକୁ ଯାଉଛନ୍ତି।

## ସଡ଼କ ପ୍ରକଳ୍ପରୁ ଚାଇନା କମ୍ପାନୀ ବାଦ୍ ପଡ଼ିବେ

ନୂଆଦିଲ୍ଲୀ, ୧।୭(ପି.ଟି.)

ପୂର୍ବ ଲଦାଖରେ ଚାଇନା ଓ ଭାରତୀୟ ସୈନ୍ୟଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଲାଗି ରହିଥିବାରୁ ସଡ଼କ ପ୍ରକଳ୍ପଗୁଡ଼ିକରେ ଭାଗ ନେବା ଲାଗି ଚାଇନା କମ୍ପାନୀଙ୍କୁ ଅନୁମତି ଦିଆଯିବ ନାହିଁ ବୋଲି ବୁଧବାର କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ଭଳି ବିଭିନ୍ନ ସେକ୍ଟରରେ ଚାଇନା ନିବେଶକମାନଙ୍କୁ ପ୍ରବେଶର ଅନୁମତି ମିଳିବ ନାହିଁ। ଏ ସମ୍ପର୍କରେ ସରକାର ସ୍ପଷ୍ଟ କରିବେ ବୋଲି ଗଡ଼କରୀ କହିଛନ୍ତି। ସୀମାନ୍ତରେ ଉତ୍ତେଜନା ଲାଗି ରହିଥିବାବେଳେ



ନୀତିନ ଗଡ଼କରୀ

ଜାତୀୟ ସୁରକ୍ଷା ପ୍ରତି ବିପଦ ଦର୍ଶାଇ ସରକାର ସୋମବାର ୫୯ଟି ଚାଇନା ଆପ୍‌କୁ ନିଷିଦ୍ଧ କରିଥିଲେ। ସଡ଼କ ନିର୍ମାଣରେ ଚାଇନା ଅଂଶୀଦାର ଥିବା ମିଳିତ ଉଦ୍ୟୋଗକୁ ଅନୁମତି ଦିଆଯିବ ନାହିଁ। ଅନ୍ୟପକ୍ଷରେ ଭାରତୀୟ କମ୍ପାନୀମାନଙ୍କ ପାଇଁ ଟେଣ୍ଡର ନିୟମାବଳୀରେ କୋହଳ କରାଯାଇ ସେମାନଙ୍କୁ ସଡ଼କ ନିର୍ମାଣ କାର୍ଯ୍ୟରେ ଭାଗନେବା ଲାଗି ପ୍ରୋତ୍ସାହିତ କରାଯିବ। ପୂର୍ବରୁ କେତେକ କାମରେ ଚାଇନା ଅଂଶୀଦାର ସମ୍ପୃକ୍ତ ଅଛନ୍ତି। ବର୍ତ୍ତମାନ ଓ ଭବିଷ୍ୟତରେ ସେମାନଙ୍କୁ ଆଉ ଅଂଶଗ୍ରହଣ କରିବାକୁ ଦିଆଯିବ ନାହିଁ ବୋଲି ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ କହିଛନ୍ତି।

## ସୁଶାନ୍ତ ସିଂଙ୍କ ଭିସେରା ରିପୋର୍ଟ ନେଗେଟିଭ୍

ମୁମ୍ବାଇ, ୧।୭

ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତ୍‌ଙ୍କ ମୃତ୍ୟୁ ଆତ୍ମହତ୍ୟା କାରଣରୁ ନୁହେଁ, ଏହା ପଛରେ କୌଣସି ଷଡ଼ଯନ୍ତ୍ର ରହିଥିବା ନେଇ ତାଙ୍କ ପରିବାର ଓ ନିକଟ ସମ୍ପର୍କୀୟମାନେ ସନ୍ଦେହ କରୁଆସୁଛନ୍ତି। ଫାଶୀରେ ଝୁଲିବା ଯୋଗୁ ଶ୍ୱାସରୁଦ୍ଧ ହୋଇ ସୁଶାନ୍ତଙ୍କର ମୃତ୍ୟୁ ଘଟିଛି ବୋଲି ଜୁନ୍ ୧୪ରେ ଆସିଥିବା ଶବ ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡିଥିଲା। ବୁଧବାର ଆସିଥିବା ତାଙ୍କ ଭିସେରା ରିପୋର୍ଟ ମଧ୍ୟ ନେଗେଟିଭ୍ ରହିଛି। ଅର୍ଥାତ୍ କୌଣସି ରାସାୟନିକ କିମ୍ବା ବିଷ କ୍ରିୟା ଯୋଗୁ ତାଙ୍କର ମୃତ୍ୟୁ ଘଟି ନ ଥିବା ସ୍ପଷ୍ଟ ହୋଇଛି। ତାଙ୍କ ମୃତ୍ୟୁର ତଦନ୍ତ କରୁଥିବା ପୋଲିସ ପରିବାର ସଦସ୍ୟ, ଘନିଷ୍ଠ ବନ୍ଧୁ, ସହଅଭିନେତାଙ୍କ ସମେତ ୨୮ ଜଣଙ୍କୁ ପଚରାଉଚରା କଲାଣି। ସୁଶାନ୍ତଙ୍କ ସହ 'ଦିଲ୍ ବେଚାରା'ରେ କାମ କରିଥିବା ସଞ୍ଜନା ସାଙ୍ଘିଙ୍କ ମଙ୍ଗଳବାର ବୟାନ ରେକର୍ଡ କରାଯାଇଥିଲା।



## ହିମାଳୟରେ ୯୭% ଅଙ୍ଗାରକାମ୍ଳ ନିର୍ଗମନର କାରଣ ଘରୋଇ ଉତ୍ତାପ



ନୂଆଦିଲ୍ଲୀ, ୧।୭

ମଣିଷର ଚାଲିଚଳଣି, କାମଧନ୍ଦା ସହ ପରିବେଶ ବିଗିଡ଼ିବାରେ ଲାଗିଛି। କେବଳ ଘରୋଇ ଉତ୍ତାପ ଯୋଗୁ ହିମାଳୟରେ ୯୭%ରୁ ଊର୍ଦ୍ଧ୍ୱ ଅଙ୍ଗାରକାମ୍ଳ ନିର୍ଗମନ ହେଉଥିବାବେଳେ ମହାକାଶ ଉତ୍ତାପ ଯୋଗୁ ବାକି ୩% ନିର୍ଗମନ ହେଉଥିବା ଜଣାପଡ଼ିଛି। ବିଶେଷକରି ହିମାଳୟର ଭାରତୀୟ ଅଞ୍ଚଳରେ ଏଭଳି ପରିସ୍ଥିତି ଦେଖାଦେଇଥିବା ୱାର୍ଲ୍ଡୱାଇଡ୍ ଫଣ୍ଡ ଫର ନେଚର(ଡବ୍ଲ୍ୟୁଡବ୍ଲ୍ୟୁଏଫ୍) ଏବଂ ଦ ଏନର୍ଜି ଆଣ୍ଡ୍ ରିସୋର୍ସେସ୍ ଇନ୍‌ଷ୍ଟିଚ୍ୟୁଟ୍(ଟେରି) ରିପୋର୍ଟରେ ଦର୍ଶାଯାଇଛି। ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଜମ୍ମୁ-କଶ୍ମୀର ଭଳି ଭାରତର ଉତ୍ତର ଭାଗରେ ଥିବା ରାଜ୍ୟଗୁଡ଼ିକର ଗ୍ରାମୀଣ ଅଞ୍ଚଳରୁ ୭୧.୪% ଘରୋଇ ଉତ୍ତାପ ଆସିଥାଏ। ଏହା ବ୍ୟତୀତ କମର୍ସିଆଲ ବିଲ୍ଡିଂରୁ ୩% ଆସିଥାଏ। ଗ୍ରାମାଞ୍ଚଳରୁ ୭୮% ଓ ସହରାଞ୍ଚଳରୁ ୧୯% ନିର୍ଗମନ ହିମାଳୟକୁ କ୍ଷତି ପହଞ୍ଚାଉଥିବା ଜଣାପଡ଼ିଛି। ହିମାଳୟ ପାଦଦେଶରେ ରହୁଥିବା ଲୋକମାନେ ଜାଳେଣି କାଠ ନେବା, ଘରକରଣା ଲାଗି ଗଛ କାଟିବା ଫଳରେ ଏହାର ସୌନ୍ଦର୍ଯ୍ୟ ନଷ୍ଟ ହେବାରେ ଲାଗିଛି। କେବଳ ପ୍ରାକୃତିକ ସମ୍ପଦ ନଷ୍ଟ ହେଉନାହିଁ ବରଂ ପରିବେଶ ଉତ୍ତପ୍ତ ଓ ପ୍ରଦୂଷିତ ହେବାରେ ଲାଗିଛି।

## ସୋସିଆଲ ମିଡିଆରେ ଟ୍ରମ୍ପ୍‌ଙ୍କ ପାଇଁ ବାସନ୍ଦ ସ୍ଥିତି

ସାନ୍ ଫ୍ରାନ୍ସିସ୍କୋ, ୧।୭



- ଘୃଣା ମନ୍ତବ୍ୟକୁ ନେଇ 'ଦି ଡୋନାଲ୍ଡ' ଉପରେ ରେଡିଟ୍‌ର କଟକଣା
- ବିବାଦୀୟ ଭିଡିଓ ହଟାଇ ରାଷ୍ଟ୍ରପତିଙ୍କ ଆକାଉଣ୍ଟକୁ ବନ୍ଦ କଲା ଟ୍ୱିଚ୍

ଆମେରିକା ରାଷ୍ଟ୍ରପତି ନିର୍ବାଚନ ଯେତିକି ପାଖେଇ ଆସୁଛି ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ୍ ଓ ତାଙ୍କ ସହଯୋଗୀମାନେ ସେତିକି ମୁଖର ହେବାରେ ଲାଗିଛନ୍ତି। ସୋସିଆଲ ମିଡିଆରେ ଟ୍ରମ୍ପ୍‌ଙ୍କ ଘୃଣା ମନ୍ତବ୍ୟ ଅନ୍ୟମାନଙ୍କ ପାଇଁ ପ୍ରଦୂଷଣ ଓ ଅସ୍ୱସ୍ତିକର ପରିବେଶ ସୃଷ୍ଟି କରୁଥିବାରୁ ବହୁ ୟୁଜର୍ସ ଆପତ୍ତି ଉଠାଉଛନ୍ତି। ଏହି କାରଣରୁ ସାମାଜିକ ଗଣମାଧ୍ୟମରେ ଟ୍ରମ୍ପ୍‌ଙ୍କ ପାଇଁ ଏକପ୍ରକାର ବାସନ୍ଦ ହେବା ଭଳି ସ୍ଥିତି ସୃଷ୍ଟି ହୋଇଛି।

ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ କେତେକ ଟୁଇଟ୍‌କୁ ଟୁଇଟର୍ ହଟାଇଦେବା ପରେ ଏବେ ଅନ୍ୟତମ ବୃହତ୍ ସୋସିଆଲ ନେଟ୍‌ୱର୍କିଂ ତଥା ମେସେଜ୍ ବୋର୍ଡ ୱେବ୍‌ସାଇଟ୍ ରେଡିଟ୍ ଏବଂ ଆମାଜନର ଲାଇଭ୍ ଷ୍ଟ୍ରିମିଂ ଭିଡିଓ ସାଇଟ୍ ଟ୍ୱିଚ୍ ପକ୍ଷରୁ ଆହୁରି କଡ଼ା ପଦକ୍ଷେପ ନିଆଯାଇଛି। ରେଡିଟ୍ ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରୁଥିବା ବୃହତ୍ କମ୍ୟୁନିଟି ଉପରେ ଘୃଣା ମନ୍ତବ୍ୟ ନୀତି ଆଧାରରେ କଟକଣା ଜାରି କରିଛି। 'ଦି ଡୋନାଲ୍ଡ' ଶୀର୍ଷକ କମ୍ୟୁନିଟି ବା ସବ୍‌ରେଡିଟ୍‌ର ୭ ଲକ୍ଷ ୯୦ ହଜାରରୁ ଊର୍ଦ୍ଧ୍ୱ ୟୁଜର୍ସ ଅଛନ୍ତି। ଏହି ଡିଜିଟାଲ ଫାଉଣ୍ଡେଶନର ସଦସ୍ୟମାନେ ଟ୍ରମ୍ପ୍‌ଙ୍କ ସପକ୍ଷରେ ବହୁ ମେମେ, ଭାଇରାଲ ଭିଡିଓ ଓ ମେସେଜ ପୋଷ୍ଟ କରିଥାନ୍ତି। ୨୦୧୬ ମଧ୍ୟଭାଗରେ 'ଦି ଡୋନାଲ୍ଡ'ରେ ଆରମ୍ଭ ହୋଇଥିବା 'ଦି ଟ୍ରମ୍ପ୍ ଇଫେକ୍ଟ'ର ବିଶେଷ ପ୍ରଭାବ ରହିଥିଲା। ରେଡିଟ୍ ଏକ୍ସିକ୍ୟୁଟିଭ୍‌ମାନଙ୍କ ମତରେ ଟ୍ରମ୍ପ୍‌ଙ୍କ ଅନ୍‌ଲାଇନ୍ ମୂଳଦୁଆକୁ ସୁଦୃଢ଼ କରିବାରେ ପ୍ରଭାବଶାଳୀ ଭୂମିକା ନେଇଥିବା ଏହି ଗ୍ରୁପ୍ ଘୃଣା ମନ୍ତବ୍ୟ ଜରିଆରେ ଅନ୍ୟମାନଙ୍କୁ ଟାର୍ଗେଟ କରି ହଇରାଣ କରିବା ପାଇଁ ଲୋକଙ୍କୁ ଅନୁମତି ଦେବା ସହ ବାରମ୍ବାର ନିୟମ ଭଙ୍ଗ କରିଛି। ରେଡିଟ୍ ହେଉଛି କମ୍ୟୁନିଟି ପାଇଁ ଏକ ସ୍ଥାନ, ଲୋକଙ୍କୁ ଆକ୍ରମଣ କରିବା ଲାଗି ପ୍ଲାଟଫର୍ମ ନୁହେଁ। 'ଦି ଡୋନାଲ୍ଡ' ଏହାକୁ ଉଲ୍ଲଂଘନ କରିଛି ବୋଲି ଉକ୍ତ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଷ୍ଟିଭ୍ ହଫ୍‌ମ୍ୟାନ କହିଛନ୍ତି। ସେହିପରି ଷ୍ଟ୍ରିମିଂ ୱେବ୍‌ସାଇଟ୍ ଟ୍ୱିଚ୍ ମଧ୍ୟ ସୋମବାର ଅନୁରୂପ କାରଣ ଦର୍ଶାଇ ଟ୍ରମ୍ପ୍‌ଙ୍କ ଆକାଉଣ୍ଟକୁ ସାମୟିକ ଭାବେ ବନ୍ଦ କରିଦେଇଛି। ଟ୍ରମ୍ପ୍‌ଙ୍କ ପୋଷ୍ଟିଂଗୁଡ଼ିକ ଘୃଣ୍ୟ ବ୍ୟବହାର ବିରୋଧୀ ନୀତିକୁ ଉଲ୍ଲଂଘନ କରୁଥିବା ଟ୍ୱିଚ୍ କହିଛି। ଟ୍ରମ୍ପ୍‌ଙ୍କ ଚ୍ୟାନେଲ ୨୦୧୫ ନିର୍ବାଚନ ବେଳର ଏକ ରାଲିର ପୁନଃ ପ୍ରସାରଣ କରିଥିଲା। ସେଥିରେ ମେକ୍ସିକୀୟ ଓ ଶରଣାର୍ଥୀମାନଙ୍କୁ ନ୍ୟୂନ କରି ଦେଖାଯାଇଥିଲା। ରାଷ୍ଟ୍ରପତିଙ୍କ ଆକାଉଣ୍ଟରୁ ଟ୍ୱିଚ୍ ଉକ୍ତ ଭିଡିଓକୁ ହଟାଇଦେଇଛି। ଟ୍ରମ୍ପ୍ କ୍ୟାମ୍ପେନ ରାଲି ଓ କାର୍ଯ୍ୟକ୍ରମଗୁଡ଼ିକର ପ୍ରସାରଣ ପାଇଁ ଗତବର୍ଷ ଟ୍ୱିଚ୍‌ରେ ଯୋଗଦେଇଥିବାବେଳେ ଏହି ବାସନ୍ଦ କେତେ ଦିନ ଧରି ବଳବତ୍ତର ରହିବ ତାହା ସ୍ପଷ୍ଟ ହୋଇନାହିଁ।

ଫେସ୍‌ବୁକ୍, ଟୁଇଟର୍, ୟୁଟ୍ୟୁବ୍, ରେଡିଟ୍ ଓ ଅନ୍ୟ ପ୍ଲାଟଫର୍ମ ନିଜକୁ ନିରପେକ୍ଷ ବୋଲି ଦର୍ଶାଇ ଲୋକଙ୍କ ପୋଷ୍ଟ ଓ ଭିଡିଓଗୁଡ଼ିକୁ ଅନୁମତି ଦେଇଥାନ୍ତି। ତେବେ ଏହି ପ୍ଲାଟଫର୍ମଗୁଡ଼ିକରେ ଘୃଣ୍ୟ, ଅପମାନଜନକ ଓ ମିଥ୍ୟା ଭାଷଣ ପ୍ରସାର କରାଯାଉଥିବାରୁ କାର୍ଯ୍ୟାନୁଷ୍ଠାନ ପାଇଁ ୟୁଜର୍ସମାନେ ଚାପ ପକାଇବା ଆରମ୍ଭ କରିଛନ୍ତି। ଫଳରେ ସୋସିଆଲ ମିଡିଆ ସାଇଟ୍‌ଗୁଡ଼ିକ ପୋଷ୍ଟିଂର କଣ୍ଟେଣ୍ଟ ବା ବିଷୟବସ୍ତୁକୁ ନେଇ କଡ଼ା ପ୍ରତିରୋଧକୁ ସାମ୍ନା କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି କେତେକ ସାଇଟ୍ ଏପରି ପ୍ରସଙ୍ଗରେ ମୁକାବିଲା ଲାଗି ଅଧିକ ସକ୍ରିୟ ହୋଇଯାଇଛନ୍ତି।




# ଏମ୍‌ଏସ୍‌ଏମ୍‌ଇ ସଚିବ ଦାୟିତ୍ୱ ନେଲେ ସତ୍ୟବ୍ରତ

**ଭୁବନେଶ୍ୱର,୧୭(ବ୍ୟୁରୋ):** ଏମ୍‌ଏସ୍‌ଏମ୍‌ଇ ପ୍ରମୁଖ ଶାସନ ସଚିବ ଭାବେ ବୁଧବାର ସତ୍ୟବ୍ରତ ସାହୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଦାୟିତ୍ୱ ଗ୍ରହଣ କରିବାପରେ ଲୋକସେବା ଭବନ ଯାଇ ବିଭାଗୀୟ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। କୋଭିଡ୍ ମହାମାରୀ ଲାଗି ଦେଶର ଅର୍ଥନୀତି କ୍ଷତିଗ୍ରସ୍ତ ହୋଇଥିବାବେଳେ ଶିଳ୍ପାୟନ, କର୍ମନିଯୋଜନକୁ ଦକ୍ଷତାର ସହ ପରିଚାଳନା କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ସଚିବ ସାହୁ କେନ୍ଦ୍ରକୁ ଡେପୁଟେଶନରେ ଯିବା ପୂର୍ବରୁ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ସଚିବ, ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଏବଂ କେବିକେ ଜିଲାରେ ଜିଲାପାଳ ଭାବେ କାର୍ଯ୍ୟ କରିସାରିଛନ୍ତି। ୧୯୯୧ ବ୍ୟାଚ୍‌ର ଏହି ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ନିଜର ୭ବର୍ଷର କେନ୍ଦ୍ରୀୟ ଡେପୁଟେଶନ କାର୍ଯ୍ୟକାଳ ମଧ୍ୟରେ ଗ୍ରାମୀଣ ପାନୀୟ ଜଳ, ଜାତୀୟ ରାଜପଥ, ଅନ୍ତର୍ଜାତୀୟ ସୀମା ଏବଂ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଓ ଅତିରିକ୍ତ ସଚିବ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

## ସଂକ୍ଷେପରେ

### ହୀରାକୁଦ ଡ୍ୟାମ୍‌ର ୪ ଗେଟ୍ ଖୋଲା

**ସମ୍ବଲପୁର,୧୭ (ବ୍ୟୁରୋ):** ହୀରାକୁଦ ଡ୍ୟାମ୍‌ର ଜଳସ୍ତର ବୁଧବାର ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୬୦୩. ୧୭ ଫୁଟ ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୪୦,୧୨୬ କ୍ୟୁସେକ ଜଳ ପ୍ରବେଶ କରୁଛି । ବାମ ପାର୍ଶ୍ୱର ୩ଟି ଓ ଡାହାଣ ପାର୍ଶ୍ୱରେ ଗୋଟିଏ ସ୍ଲୁଇସ୍ ଗେଟ୍ ସହ ବିଭିନ୍ନ କେନାଲ ଓ ପାୱାର ଚ୍ୟାନେଲ ଦେଇ ପ୍ରତି ସେକେଣ୍ଡରେ ଜଳଭଣ୍ଡାରରୁ ୭୫,୨୯୫ କ୍ୟୁସେକ ଜଳ ନିଷ୍କାସିତ ହେଉଛି। ବେଲଗାଁରେ ୧୬,୫୦୦, ପଥର୍ଲାରେ ୩୬,୬୭୯, ଖଇରମାଲରେ ୧, ୯୮,୦୦୦, ବରମୁଲାରେ ୧, ୫୩, ୨୫୦, ମୁଣ୍ଡଲିରେ ୨,୩୨,୩୮୪ କ୍ୟୁସେକ ଜଳ ପ୍ରବାହିତ ହେଉଛି ବୋଲି ଡ୍ୟାମ୍ ନିୟନ୍ତ୍ରଣ କକ୍ଷ ପକ୍ଷରୁ ସୂଚନା ମିଳିଛି।

### ନାଲ୍‌କୋ ଅଞ୍ଚଳରୁ ୨୪୦ ନମୁନା ସଂଗ୍ରହ

**ବଣ୍ଡଁରପାଳ, ୧୭(ଡି.ଏନ.ଏ.):** କରୋନା ସଂକ୍ରମିତ ଥିବା ଅନୁଗୋଳ ଜିଲା ନାଲ୍‌କୋର ଜଣେ ବରିଷ୍ଠ ଅଧିକାରୀଙ୍କ ସୋମବାର ରାତିରେ ମୃତ୍ୟୁ ପରେ ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇଛି। ବୁଧବାର ନାଲ୍‌କୋ ଷ୍ଟାଡିୟମ ପରିସରରେ ମୋଟ୍ ୨୪୦ ଜଣଙ୍କ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି।

# ଶିଳ୍ପାଞ୍ଚଳରେ ୬୪% କମ୍ ବର୍ଷା

**ଯାଜପୁର ଅଫିସ୍, ୧୭**

**ଯାଜପୁର ଜିଲା**
- **ଉତ୍କଟ ପ୍ରଦୂଷଣ ମୁଖ୍ୟକାରଣ**
- **ଚିନ୍ତାରେ ଚାଷୀକୁଳ**

ଯାଜପୁର ଜିଲାର କଳିଙ୍ଗନଗର ଶିଳ୍ପାଞ୍ଚଳରେ ଚଳିତ ବର୍ଷ ଜୁନରେ ସ୍ୱାଭାବିକ ବର୍ଷାଠାରୁ ୬୪ ପ୍ରତିଶତ କମ ବର୍ଷା ହୋଇଛି। ଏହାସହ ସାରା ଜିଲାରେ ମଧ ୨୮ ପ୍ରତିଶତ କମ୍ ବର୍ଷା ରେକର୍ଡ କରାଯାଇଛି। ଓଡ଼ିଶା ରେନଫଲ ମନିଟରିଂ ସିଷ୍ଟମରୁ ମିଳିଥିବା ସୂଚନା ଅନୁସାରେ, କଳିଙ୍ଗନଗର ଶିଳ୍ପାଞ୍ଚଳ ତଥା ଦାନଗଦି ବ୍ଲକ ଓ ଏହାର ଆଖପାଖ ଡୁବୁରୀ, ପଙ୍କପାଳ ପ୍ରଭୃତି ଅଞ୍ଚଳରେ ଜୁନ୍‌ରେ ମାତ୍ର ୭ ଦିନ ସାମାନ୍ୟ ବର୍ଷା ହୋଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର ଖଣି ଓ କାରଖାନାର ପ୍ରଦୂଷଣ ଉପରେ ନିୟନ୍ତ୍ରଣ ରହୁ ନ ଥିବାରୁ ଏଭଳି ପରିସ୍ଥିତି ଦେଖାଦେଉଥିବା ମତପ୍ରକାଶ ପାଉଛି। ଗତ ଜାନୁୟାରୀରେ ଗ୍ରୀନପିସ ନାମକ ଏକ ସଂସ୍ଥା ଦ୍ୱାରା ହୋଇଥିବା ସର୍ଭେ ମୁତାବକ ଦେଶର ସର୍ବାଧିକ ପ୍ରଦୂଷିତ ସହର ମଧ୍ୟରେ ଓଡ଼ିଶାର ୪ଟି ସହର ରହିଥିଲା। ସେଥିମଧ୍ୟରୁ ପାରାଦୀପ ପ୍ରଥମ ଓ ଯାଜପୁରର କଳିଙ୍ଗନଗର ଦ୍ୱିତୀୟ, ରାଉରକେଲା ତୃତୀୟ, ତାଳଚେର ୪ର୍ଥ ଓ କଟକ ୫ମ ସ୍ଥାନରେ ରହିଛି।ଉକ୍ତ ପ୍ରଦୂଷଣ ସ୍ୱଳ୍ପ ବୃଷ୍ଟିପାତର କାରଣ ବୋଲି କୁହାଯାଉଛି।

କଳିଙ୍ଗନଗର ଶିଳ୍ପାଞ୍ଚଳରେ କଞ୍ଚାମାଲ ପରିବହନ, କାରଖାନାରୁ ନିର୍ଗତ ଅଙ୍ଗାରକାମ୍ଳ, କାରଖାନାର ବର୍ଜ୍ୟ ବସ୍ତୁ ସାଙ୍ଗକୁ ଏହି ଅଞ୍ଚଳରେ ଯାନବାହନ ଚଳାଚଳ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏସ୍‌ପିସିବି ନିର୍ଦ୍ଦେଶରେ କାରଖାନାଗୁଡ଼ିକରେ ବାୟୁ ଓ ଜଳ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ବୈଷୟିକ ଜ୍ଞାନ କୌଶଳରେ ଆବଶ୍ୟକ ଯନ୍ତ୍ରପାତି ଖଞ୍ଜା ହୋଇଛି। କିନ୍ତୁ ଉକ୍ତ ଯନ୍ତ୍ରପାତି ନିମ୍ନମାନର ହୋଇଥିବାରୁ ପ୍ରଦୂଷଣ ନିୟନ୍ତ୍ରଣ ହୋଇପାରୁ ନ ଥିବା କଳିଙ୍ଗନଗର ପରିବେଶ ସମିତି ପକ୍ଷରୁ ପୂର୍ବରୁ ଅଭିଯୋଗ ହୋଇଛି। ଉକ୍ତ ଯନ୍ତ୍ରପାତି ନିର୍ମାଣକାରୀ ସଂସ୍ଥା ଓ ଏସ୍‌ପିସିବିର ବରିଷ୍ଠ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ଏଭଳି ପରିସ୍ଥିତି ଉପୁଜିଥିବା ସମିତି ପକ୍ଷରୁ ଅଭିଯୋଗ କରାଯାଇଛି। ଏପରିଭାବେ ଜଳବାୟୁ ପରିବର୍ତ୍ତନ ଯୋଗୁ ଆବଶ୍ୟକତାଠାରୁ କମ୍ ବର୍ଷା ହେଉଥିବାରୁ ଚାଷୀକୁଳ ହତାଶ ହୋଇପଡିଛନ୍ତି। ତେଣୁ ପ୍ରଦୂଷଣ ରୋକିବା ସହ ବାୟୁର ଗୁଣବତ୍ତା ବଜାୟ ରଖିବାକୁ ଏକମାତ୍ର ପନ୍ଥା ବ୍ୟାପକ ବୃକ୍ଷରୋପଣ। ତେବେ ପ୍ରତିବର୍ଷ ବୃକ୍ଷରୋପଣ ନିମନ୍ତେ ଶିଳ୍ପସଂସ୍ଥାଗୁଡ଼ିକ ଲିଖିତ ଭାବେ ଦେଉଥିବା ପ୍ରତିଶ୍ରୁତି ସବୁ ପାଣିର ଗାର ପାଲଟିଛି। ବୃକ୍ଷରୋପଣ ବୃଦ୍ଧି କରିବା ପରିବର୍ତ୍ତେ କଂକ୍ରିଟ ରାସ୍ତା ନିର୍ମାଣରେ ଶତାଧିକ ବୃକ୍ଷ ଛେଦନ କରାଯାଉଥିବା ଦେଖିବାକୁ ମିଳିଛି। ବ୍ରାହ୍ମଣୀ ରିଭର୍ସ ପେଲେଟ(ବିଆରପିଏଲ) କାରଖାନା ପରିସରରେ କଂକ୍ରିଟ ରାସ୍ତା ନିର୍ମାଣରେ ବ୍ୟାପକ ବୃକ୍ଷ କଟାଯାଇଥିବା ଅଭିଯୋଗ ହୋଇଛି। ମାତ୍ର ଏଥିପ୍ରତି ଦୃଷ୍ଟି ରଖୁଥିବା ସହ କଟକଣା ଜାରି କରୁଥିବା ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଖି ବୁଜି ଦେଇଛି। କରୋନା ପ୍ରଭାବିତ ଅର୍ଥନୀତିକୁ ବଳ ଯୋଗାଇବାକୁ କୃଷି ପ୍ରମୁଖ ମାଧ୍ୟମ ହୋଇଥିବାବେଳେ ଆରମ୍ଭରୁ କର୍ମ ବର୍ଷା ଚାଷୀକୁଳକୁ ଚିନ୍ତାରେ ପକାଇଛି। ଜୁନରେ ଯାଜପୁର ଜିଲାରେ ୨୩୮.୫ ମିମି ବର୍ଷା ହେବା କଥା। ଅଥଚ ଜିଲାର ୧୦ଟି ବ୍ଲକରେ ମାତ୍ର ୧୭୨.୩୪ ମିମି ବର୍ଷା ରେକର୍ଡ ହୋଇଛି। ସେଥିରୁ ଶିଳ୍ପାଞ୍ଚଳ ଦାନଗଦି ବ୍ଲକ ଓ ଏହାର ଆଖପାଖ ଅଞ୍ଚଳରେ ସର୍ବନିମ୍ନ ୮୫ ମିମି ବର୍ଷା ହୋଇଛି। କେବଳ ଧର୍ମଶାଳା ବ୍ଲକରେ ସ୍ୱାଭାବିକ ବର୍ଷା ପରିମାଣକୁ ଅତିକ୍ରମ କରି ୨୩୯ ମିମି ବର୍ଷା ହୋଇଛି। ଏ ସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି ପ୍ରଦୂଷଣ ଓ ବର୍ଷା ପ୍ରସଙ୍ଗ ବହୁତ ବଡ କଥା। ଯାହାକି ସ୍ଥାନୀୟ ଅଞ୍ଚଳର ପ୍ରଦୂଷଣକୁ ନେଇ କିଛି କୁହାଯାଇ ନ ପାରେ। ଏସପିସିବି ପକ୍ଷରୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସବୁପ୍ରକାର ଉଦ୍ୟମ ଜାରି ରହିଛି।

# ବଢ଼ିଲା ବସ୍ ଭଡ଼ା

**୧୫ ଦିନରେ ଦୁଇଥର**

**ଭୁବନେଶ୍ୱର,୧୭(ବ୍ୟୁରୋ)**

**କିଲୋମିଟର ପିଛା ୨ ଓ ୪ ପଇସା**



ରାଜ୍ୟରେ ପୁଣି ବସ୍ ଭଡ଼ା ବୃଦ୍ଧି ପାଇଛି। ୧୫ ଦିନ ମଧ୍ୟରେ ଦୁଇଥର ବସ୍ ଭଡ଼ା ବଢ଼ିଲାଣି। ୨୦୨୦ ଜୁନ୍ ୧୬ରେ ରାଜ୍ୟ ସରକାର ଭଡ଼ା ବୃଦ୍ଧି କରିଥିଲେ। ଗତ କିଛିଦିନ ହେବ ଡିଜେଲ ଓ ପେଟ୍ରୋଲ ଦର ୨୨ ଥର ବୃଦ୍ଧି ପାଇଲାଣି। ଜୁନ୍ ୧୬ରେ ଡିଜେଲ ଦର ୭୩.୪୨ଟଙ୍କା ଥିବା ବେଳେ ଜୁଲାଇ ପହିଲାରେ ଏହା ୭୮.୬୭ ଟଙ୍କାରେ ପହଞ୍ଚିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପୁଣି ବସ୍ ଭଡ଼ା ବୃଦ୍ଧି କରିଛନ୍ତି। ଏ ନେଇ ରାଜ୍ୟ ପରିବହନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ସାଧାରଣ ଓ ଏକ୍ସପ୍ରେସ୍ ବସ୍ ଭଡ଼ା କିଲୋମିଟର ପିଛା ୨ ପଇସା ଲେଖାଏ ବୃଦ୍ଧି ପାଇଥିବା ବେଳେ ଡିଲକ୍ସ ଓ ଏସି ଡିଲକ୍ସ ବସ୍ କିଲୋମିଟରକୁ ୪ପଇସା ବୃଦ୍ଧି ପାଇଛି। ଏଥିଯୋଗୁ ସାଧାରଣ ବସ୍ ଭଡ଼ା କିଲୋମିଟର ପିଛା ୭୦ ପଇସାରୁ ୭୨ ପଇସାକୁ ବୃଦ୍ଧି ପାଇଥିବା ବେଳେ ଏକ୍ସପ୍ରେସ୍ ୭୩ ପଇସାରୁ ୭୫ ପଇସାକୁ ବୃଦ୍ଧି ପାଇଛି। ସେହିପରି ଡିଲକ୍ସ ବସ୍ କିଲୋମିଟର ପିଛା ୧ ଟଙ୍କା ୧ ପଇସାରୁ ୧ ଟଙ୍କା ୫ ପଇସାକୁ ବୃଦ୍ଧି ପାଇଥିବା ବେଳେ ଏସି ଡିଲକ୍ସ ବସ୍ କିଲୋମିଟର ପିଛା ୧ଟଙ୍କା ୨୩ ପଇସାରୁ ୧ ଟଙ୍କା ୨୭ ପଇସାକୁ ବୃଦ୍ଧି ପାଇଛି।

ତୈଳ ଦର ବୃଦ୍ଧିକୁ ନେଇ ସ୍ୱୟଂକ୍ରିୟ ବ୍ୟବସ୍ଥା ଅନୁଯାୟୀ ବସ୍ ଭଡା ବଢୁଛି କିମ୍ବା କମୁଛି। ତୈଳ ଦର ୨ ଟଙ୍କା କମ୍ ବେଶି ହେଲେ ଭଡ଼ା ମଧ ସେହି ଆଧାରରେ ୧ରୁ ୨ ପଇସା କମ୍ ବେଶି ହେବ। ସେହି ଆଧାରରେ ବସ୍ ଭଡ଼ା ବୃଦ୍ଧି କରାଯାଇଛି। ବସ୍ ଭଡ଼ା ବଢ଼ିବାକୁ ନେଇ ରାଜ୍ୟ ବସ୍ ମାଲିକ ସଂଘ ଖୁସି ନୁହନ୍ତି। କରୋନା ମହାମାରୀ ବେଳେ ବସ୍‌ଗୁଡ଼ିକ ଫାଙ୍କାରେ ଯାଉଛି। ଯାତ୍ରୀମାନେ ଭୟରେ ବସ୍‌ରେ ଯିବାକୁ ପସନ୍ଦ କରୁନାହାନ୍ତି। କମ୍ ଯାତ୍ରୀ ଯାଉଥିବାରୁ ତେଲ ଓ କର୍ମଚାରୀମାନଙ୍କ ଖର୍ଚ୍ଚ ଉଠୁ ନାହିଁ। ବସ୍‌ରେ ଯିବା ପାଇଁ ଲୋକମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବାକୁ ସରକାର ପଦକ୍ଷେପ ନିଅନ୍ତୁ। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ନେଉଥିବା ଟିକସ ଛାଡ଼ କରନ୍ତୁ ବୋଲି ସଂଘର ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି।

# ଭିସୁଟ୍‌ର ୭୦ ଜଣଙ୍କ ସ୍ୱାବ୍ ପରୀକ୍ଷା ପାଇଁ ଗଲା

**ସମ୍ବଲପୁର,୧୭(ବ୍ୟୁରୋ)**

ସମ୍ବଲପୁର ଜିଲା ବୁର୍ଲା ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ଜଣେ ଅଧାପିକା କରୋନାରେ ଆକ୍ରାନ୍ତ ହୋଇଥିବା ଜଣାପଡିବା ପରେ ମଙ୍ଗଳବାର ତାଙ୍କୁ ତାଳଚେର କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ତାଙ୍କୁ କଟକର ଏକ ଘରୋଇ ନର୍ସିଂହୋମକୁ ସ୍ଥାନାନ୍ତରିତ କରାଯାଇଛି । ଅପରପକ୍ଷେ ଭିସୁଟ୍‌ରେ ଅଧାପିକାଙ୍କ ସଂସ୍ପର୍ଶରେ ଆସିଥିବା ସିଭିଲ ଇଞ୍ଜିନିୟରିଂ ବିଭାଗ ଆକାଉଣ୍ଟ, ଏକାଡେମୀ, ଏଷ୍ଟାବ୍ଲିସମେଣ୍ଟ ବିଭାଗର ମୋଟ ୭୦ ଜଣଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇ ଟେଷ୍ଟ ପାଇଁ ପଠାଯାଇଛି। ଗୁରୁବାର ଏହାର ରିପୋର୍ଟ ଆସିବ । ଏଥିପାଇଁ ଭିସୁଟ୍‌କୁ ୩ ତାରିଖ ପର୍ଯ୍ୟନ୍ତ ସିଲ୍ କରି ଦିଆଯାଇଛି। ସମ୍ପୃକ୍ତ ଅଧାପିକା କାମ କରୁଥିବା ସିଭିଲ ଇଞ୍ଜିନିୟରିଂ ବିଭାଗକୁ ଜୁଲାଇ ୭ ପର୍ଯ୍ୟନ୍ତ ସଟ୍ ଡାଉନ କରାଯାଇଛି । ସେହିପରି ସ୍ୱାବ୍ ନମୁନା ସଂଗ୍ରହ କରାଯାଇଥିବା ଅଧାପିକା, ଅଧାପକ ଓ କର୍ମଚାରୀମାନଙ୍କୁ ଜୁଲାଇ ୧୨ ପର୍ଯ୍ୟନ୍ତ ହୋମ କ୍ୱାରାଣ୍ଟାଇନରେ ରହିବାକୁ ଭିସୁଟ୍ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଅଧାପିକାଙ୍କ ଘରେ କାମ କରୁଥିବା ରୋଷେୟା ଓ ଜଣେ ମହିଳାଙ୍କ ମଧ ସ୍ୱାବ୍ ନମୁନା ସଂଗ୍ରହ ହୋଇଛି । ସୂଚନାଯୋଗ୍ୟ, ଅଧାପିକାଙ୍କ ସ୍ୱାମୀଙ୍କ କରୋନାରେ ମୃତ୍ୟୁ ଘଟିଥିଲା । ସେ ଅନୁଗୋଳ ନାଲ୍‌କୋରେ କାର୍ଯ୍ୟରତ ଥିଲେ । ସ୍ୱାମୀଙ୍କ ସଂସ୍ପର୍ଶରେ ଆସିବା ପରେ ଅଧ୍ୟାପିକା ମଧ୍ୟ କରୋନାରେ ଆକ୍ରାନ୍ତ ହୋଇଥିଲେ ।

# ୩୧ ପର୍ଯ୍ୟନ୍ତ ଅଙ୍ଗନୱାଡ଼ି କେନ୍ଦ୍ର ବନ୍ଦ

**ଭୁବନେଶ୍ୱର,୧୭ (ବ୍ୟୁରୋ)**

- **୨୯ ହଜାର ପ୍ରବାସୀ ଗର୍ଭବତୀ, ଶିଶୁଙ୍କୁ ମିଳିଛି ଶୁଖିଲା ରାଶନ**
- **ଘରେ ପହଞ୍ଚୁଛି ସାମଗ୍ରୀ, ଉପକୃତ ହେଲେଣି ୪୨ଲକ୍ଷ ହିତାଧିକାରୀ**

ରାଜ୍ୟରେ କରୋନା ସଂକ୍ରମଣ ଦିନକୁ ଦିନ ବଢୁଥିବାରୁ ଓ ବର୍ତ୍ତମାନର ସ୍ଥିତିକୁ ନଜରରେ ରଖି ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ବନ୍ଦ ରଖାଯାଇଛି। ଏ ସମ୍ପର୍କରେ ବୁଧବାର ସୂଚନା ଦିଆଯାଇଛି। ଏଥିସହ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ପକ୍ଷରୁ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମ (ଆଇସିଡିଏସ୍) ଅଧୀନରେ ଗର୍ଭବତୀ, ପ୍ରସୂତି ଓ ଶିଶୁଙ୍କ ଘରେ ଶୁଖିଲା ରାଶନ ପହଞ୍ଚାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାନୁସାରେ, ପୂର୍ବରୁ ଜୁନ୍ ୩୦ ପର୍ଯ୍ୟନ୍ତ ଶୁଖିଲା ରାଶନ ମିଳିଥିଲା। ଏବେ ଜୁଲାଇ ମାସ ପାଇଁ ଶୁଖିଲା ରାଶନ ପ୍ରଦାନ କରାଯାଇଛି। ଅଙ୍ଗନୱାଡ଼ି କେନ୍ଦ୍ରରେ ୩ରୁ ୬ ବର୍ଷ ବୟସର ଶିଶୁଙ୍କୁ ଦିଆଯାଉଥିବା ରନ୍ଧାଖାଦ୍ୟ ବଦଳରେ ଶୁଖିଲା ରାଶନ ମିଳୁଛି। ଇତିମଧ୍ୟରେ ରାଜ୍ୟର ୪୨ ଲକ୍ଷ ଗର୍ଭବତୀ, ପ୍ରସୂତି ଓ ୬ ମାସରୁ ୬ ବର୍ଷ ବୟସର ଶିଶୁ ଏହାଦ୍ୱାରା ଉପକୃତ ହୋଇଛନ୍ତି। ଏହାବ୍ୟତୀତ ଓଡ଼ିଶାକୁ ଫେରିଥିବା ପ୍ରବାସୀଙ୍କ ମଧ୍ୟରୁ ଯୋଗ୍ୟ ହିତାଧିକାରୀଙ୍କୁ ସମନ୍ୱିତ ପୁଷ୍ଟିସାଧନ ଯୋଜନାରେ ଅନ୍ତର୍ଭୁକ୍ତ କରି ଶୁଖିଲା ରାଶନ ଦେବା ନିମନ୍ତେ ବିଭାଗ ତରଫରୁ ଜିଲା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏବେସୁଦ୍ଧା ରାଜ୍ୟକୁ ଫେରି ଅଙ୍ଗନୱାଡ଼ି ସେବା ପାଇଁ ତାଲିକାଭୁକ୍ତ ହୋଇଥିବା ୫ହଜାର ୫୩୮ ଗର୍ଭବତୀ ଓ ୨୩ ହଜାର ୮୦୮ଜଣ ଶିଶୁଙ୍କୁ ଶୁଖିଲା ରାଶନ ଯୋଗାଇ ଦିଆଯାଇଛି।

ଅନ୍ୟପକ୍ଷରେ ଛତୁଆ ମିଶ୍ରଣ ଓ ବଣ୍ଟନରେ ସ୍ୱଚ୍ଛତା ଆଣିବା ତଥା ଏହାର ଗୁଣାତ୍ମକ ମାନ ବଜାୟ ରଖିବା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ 'ମୋ ଛତୁଆ' ଆପ୍‌ର ବିକାଶ କରାଯାଇଛି। ଏହି ଆପ୍‌ରେ କଞ୍ଚାମାଲ ସଂଗ୍ରହଠାରୁ ବଣ୍ଟନ ପର୍ଯ୍ୟନ୍ତ ସମସ୍ତ ତଥ୍ୟ ଉପଲବ୍ଧ ହେଉଛି। ଏସବୁ ତଦାରଖ କରିବା ନିମନ୍ତେ ସମନ୍ୱିତ ଶିଶୁ ବିକାଶ ଯୋଜନାର କ୍ଷେତ୍ର କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ଗୁରୁତର ପୁଷ୍ଟିହୀନ ଶିଶୁ(ସାମ୍) ଏବଂ ମଧ୍ୟମ ଧରଣର ପୁଷ୍ଟିହୀନ ଶିଶୁଙ୍କ(ମାମ୍) ପୁଷ୍ଟିସାଧନ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ବିଭାଗ ତରଫରୁ ଜିଲାପାଳମାନଙ୍କୁ ଅନୁରୋଧ କରାଯାଇଛି।

**Attention Class XI & XII Pass Students**
(JEE 2022 & 2021 aspirants respectively)

**DO NOT ALLOW COVID-19 TO SHATTER YOUR DREAMS**
Go LIVE with your preparation with
FIITJEE's LIVE Online Classes

A true replica of offline classes.
**On schedule, no loss of time & equally effective.**

**Offline Classroom and LIVE Online Classroom Programs Available**

| Class | Program Name | Program Mode |
|---|---|---|
| Students of Class XI Targeting JEE 2022 | **Two Year Classroom Program** (www.fiitjee.com/tycp.htm) | OFFLINE www.fiitjee.com/whyofflinecrp Classes will be held online just like offline classes until the government allows conduction of classroom coaching. |
| | **Two Year Integrated School Program** (PINNACLE or PANINI) (www.fiitjee.com/pinnacle.htm) | |
| For XII Pass Students Targeting JEE 2021 | **One Year Extended Classroom Program** (www.fiitjee.com/oyecp.htm) | |
| | **One Year Classroom Program** (www.fiitjee.com/oycp.htm) | |
| Students of Class XI Targeting JEE 2022 | **Two Year LIVE Online Classroom Program** (www.fiitjee.com/liveonlinecrp_eCTY) | ONLINE www.fiitjee.com/whyonlinecrp Classes will be held Online only. |
| | **Two Year LIVE Online Integrated Classroom Program** (ePINNACLE) (www.fiitjee.com/liveonlinecrp_eITY) | |
| For XII Pass Students Targeting JEE 2021 | **One Year LIVE Online Classroom Program** (www.fiitjee.com/liveonlinecrp_eCPA) | |

Students joining LIVE Online Classroom Programs would be taught by expert faculty members from **Delhi Centres** **(Helpline No. 9560021031, 9810599088 & 9599597455)**

Register for our **Home Based Online Admission Test** (for selection only)*
and start preparing for your desired goals at the earliest
**Test Dates : 12th July & 26th July 2020**

To enrol in a FIITJEE Offline Classroom Program, register for the Admission Test at **www.admissiontest.fiitjee.com**
To enrol in a FIITJEE Online Classroom Program, register for the Admission Test at **www.fiitjee.com/liveonlinecrp**

*Registration for FIITJEE Admission Test till July 2020 is online. Enrolments will also be online. If you get selected, you will only need to pay (through NEFT) the Admission Fee for FIITJEE Program & Fee for our online partner - myPAT. *You will be paying the rest of the fee (as per the fee plan chosen by you) based on your performance in* ***scholarship test (offline or proctored online mode) on 2nd August 2020.***

**Scholarship Cum Admission Test#**
**Sunday, 2nd August 2020**
For Students of Class XI aspiring for JEE 2022
Register Online at **www.admissiontest.fiitjee.com**

**FIITJEE Talent Reward Exam (FTRE)#**
**Sunday, 2nd August 2020**
For XII Pass Students aspiring for JEE 2021
For more details & to register, visit **www.fiitjee-ftre.com**
See the success stories of our students from XII pass classroom programs, visit **www.fiitjee.com/xiipassresults**

*# Will be conducted either offline or proctored online mode*
Students from all classes who have already joined FIITJEE Classroom Program through 'Home Based Online Admission Test' can also appear in 2nd August 2020 test to avail the scholarships

More dates for Scholarship Cum Admission Test – 16th August, 30th August 2020 (only for XII Pass), 13th September & 27th September 2020

If you are a student with distinguished achievements, then you can get admission in FIITJEE offline / online classroom program **directly with scholarship** *(Visit* ***www.fiitjee.com/Scholarships*** *to know the details)* and start your classes immediately as per the batch plans.

**Students of Class IX, X, XI, XII & XII Pass**
To enrol in FIITJEE **Distance Learning Program**
**with LIVE Online Classes and Concept Strengthening Sessions**
(conducted by expert faculty members from our **Delhi Centres**),
*visit* ***www.fiitjee-distancelearning.com*** *or call :* ***9599597454, 9205261239***

*Where winning is a habit !*
FIITJEE
FORUM FOR IIT-JEE

**Bhubaneswar (Unit - IX) Centre :** Bharat Scouts & Guides Complex, Scouts Bhawan, 1st & 2nd Floor, C - IX / 8, Unit - 3, Bhubaneswar - 751 022 Ph: 8327789623, 8130364902, (0674) 2392022 **Bhubaneswar (Infocity) Centre :** E3, Infinia Tower, Ist Floor, Near Infocity Square, Patia, Bhubaneswar Ph : 8117084613, 8447492362
**Cuttack Centre :** Shri Kailash Plaza, 3rd Floor, Opp. BSNL Bhawan, Link Road, Cuttack Ph : 9040032630, 8917238566
National Admissions Office: FIITJEE House, 29-A, Kalu Sarai, Sarvapriya Vihar, New Delhi Web: www.fiitjee.com www.facebook.com/fiitjeeindia123 www.twitter.com/fiitjee www.youtube.com/fiitjeeltd
**FIITJEE - THE PREMIER INSTITUTE FOR IIT-JEE and More...**

**ଆଜିର ମନ୍ତବ୍ୟ**

"ଅଷ୍ଟ୍ରେଲିଆର କୌଣସି ବ୍ୟକ୍ତି କରୋନା ଟେଷ୍ଟ ପାଇଁ ମନାକଲେ ତାଙ୍କୁ ଜରିମାନା ଗଣିବାକୁ ପଡ଼ିପାରେ।
– ସ୍କଟ୍ ମୋରିସନ, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଜିତ୍
ପରିବାରବର୍ଗ


ଲଡୁକିଶୋର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମାନବ ଶରୀରରେ କୋଭାକ୍ସିନ୍ ପରୀକ୍ଷା ପାଇଁ ଅନୁମତି

**ହାଇଦ୍ରାବାଦ,୧୭**

ଭାରତର ପ୍ରଥମ କରୋନା ଟିକା କୋଭାକ୍ସିନ୍‌କୁ ହାଇଦ୍ରାବାଦର ଭାରତ ବାୟୋଟେକ୍ କମ୍ପାନୀ ଆଇସିଏମ୍‌ଆର୍ ଏବଂ ଏନ୍‌ଆଇଭି ସହ ମିଳିତ ଭାବେ ପ୍ରସ୍ତୁତ କରିଛି। ଏହାକୁ ମାନବ ଶରୀରରେ କ୍ଲିନିକାଲ ପରୀକ୍ଷା କରାଇବା ଲାଗି ଭାରତର ଔଷଧ ମହାନିୟନ୍ତ୍ରକ (ଡିସିଜିଆଇ) ଅନୁମତି ପ୍ରଦାନ କରିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଏସ୍‌ଏଆର୍‌ଏସ୍-ସିଓଭି-୨ର ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହୋଇଛି। ବ୍ରିଟେନ, ଆମେରିକା, ଚାଇନା, ଆଫ୍ରିକା, ଇସ୍ରାଏଲ୍ ଓ ଭାରତର ୧୧୦ଟି ସଂସ୍ଥା ଟିକା ପ୍ରସ୍ତୁତି ଲାଗି ଉଦ୍ୟମ ଚଳାଇଥିବାବେଳେ ଭାରତର ନିଜସ୍ୱ ଜ୍ଞାନକୌଶଳରେ ପ୍ରସ୍ତୁତ ଟିକାକୁ କ୍ଲିନିକାଲ ପରୀକ୍ଷା ଲାଗି ଅନୁମତି ମିଳିଛି। ଏହାର ପ୍ରି-କ୍ଲିନିକାଲ ପରୀକ୍ଷାରେ ଉତ୍ତମ ରୋଗ ପ୍ରତିରୋଧକ ଶକ୍ତି ପ୍ରଦର୍ଶନ କରିପାରିଛି ଓ ବ୍ୟବହାର ପାଇଁ ନିରାପଦ ବୋଲି ଜଣାପଡ଼ିଛି। ମୃତ ଭୂତାଣୁରେ ଟିକା ପ୍ରସ୍ତୁତ ହୋଇଥିବାରୁ ଏହା ମାନବ ଶରୀରକୁ ଗଲେ ସଂକ୍ରମଣ କରିବା ସମ୍ଭାବନା ନାହିଁ। ଏହା କେବଳ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବ ଓ ଭୂତାଣୁ ବିରୋଧରେ ଶରୀରରେ ଆଣ୍ଟିବଡ଼ି ବଢ଼ାଇବ।

ଭାରତର ପ୍ରଥମ କରୋନା ଟିକା




ଭାରତ ବାୟୋଟେକ୍ ୱିସ୍‌କନସିନ୍ ୟୁନିଭର୍ସିଟି ସହ ମିଳିତ ଭାବେ ଅନ୍ୟ ଏକ ଟିକା ପ୍ରସ୍ତୁତି ନେଇ ଅଧ୍ୟୟନ ଚଳାଇଥିବାବେଳେ ଥୋମାସ ଜେଫରସନ ୟୁନିଭର୍ସିଟିରେ ଗବେଷକମାନଙ୍କ ସହ ମିଳିତ ଭାବେ ଅନ୍ୟ ଟିକା ପାଇଁ ଗବେଷଣା ଚାଲିଛି। ସେହିପରି ପୁଣେର ସେରମ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ ଅକ୍ସଫୋର୍ଡ ୟୁନିଭର୍ସିଟି ଓ ଅନ୍ୟ କେତେକ ଅନ୍ତର୍ଜାତୀୟ ଟିକା ପ୍ରସ୍ତୁତକାରୀ କମ୍ପାନୀ ସହ ଏକାଠି ଏଦିଗରେ କାର୍ଯ୍ୟ କରୁଛି।

କୋଭିଡ୍-୧୯ ବିରୋଧରେ ଟିକା ପ୍ରସ୍ତୁତି ଲାଗି ବିଶ୍ୱରେ ପ୍ରତିଯୋଗିତା ଚାଲିଥିବାବେଳେ ଚାଇନାର ଏକ କମ୍ପାନୀ କାନ୍‌ସିନୋ ଏଥିରେ ଆଗରେ ରହିଛି। ଉକ୍ତ କମ୍ପାନୀ ଦ୍ୱାରା ପ୍ରସ୍ତୁତ ଟିକା ପରୀକ୍ଷାମୂଳକ ପର୍ଯ୍ୟାୟରେ ରହିଥିଲେ ହେଁ ଦେଶର ସୈନ୍ୟବାହିନୀରେ ବ୍ୟବହାର ଲାଗି ଅନୁମତି ମିଳିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର କହିବା ଅନୁଯାୟୀ ୧୭ଟି ସଂସ୍ଥା ଟିକା ପ୍ରସ୍ତୁତର ଅଗ୍ରିମ ପର୍ଯ୍ୟାୟରେ ରହିଛନ୍ତି। ସେଥିରୁ ଅଧେ ସଂସ୍ଥା ଚାଇନାର।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘରେ ନ ଜଳଇ ଚୁଲି,
ଶାନ୍ତି ଆଡେ ପାଟଫୁଲି ।**

ଉତ୍ସାହଜନକ ପରିବେଶରେ ବ୍ୟକ୍ତି ଉଦ୍‌ବୁଦ୍ଧ ହେବା ସ୍ୱାଭାବିକ। ପରନ୍ତୁ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବାକୁ ପାଖରେ ପଇସା ନଥିବା ବେଳେ କିଛି ବ୍ୟକ୍ତି ବେଶ ପରିପାଟି ହୋଇ ଅନ୍ୟ ଆଗରେ ତୁଚ୍ଛାକୁ ଦେଖେଇ ହେଉଥିବାର ଲକ୍ଷ୍ୟ କରାଯାଇଥାଏ। ବ୍ୟକ୍ତିଙ୍କ ଏପରି ଫୁଲାଣିଆ ଭାବଭଙ୍ଗୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଘରେ ନ ପଶୁଣୁ
ମୁଣ୍ଡରେ ଚାଳ ବାଜିବା ।**

ମୂଳରୁ ବାଧା ସୃଷ୍ଟି । କାମ ଆରମ୍ଭ ନ ହେଉଣୁ ନାନା ପ୍ରକାର ଅସୁବିଧା ଉପୁଜିବା। ଆରମ୍ଭରୁ ବିଘ୍ନ ବା ଅମଙ୍ଗଳ ଘଟିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

### ପ୍ରଥମ ପୃଷ୍ଠାରୁ...

## ଜଙ୍ଗଲରୁ ଅଭିଯୁକ୍ତ...



ଗାଁକୁ ଫେରି ପାରି ନ ଥିଲେ। ପାଟ୍ରୋଲିଂରେ ଥିବା ପୋଲିସ ତାଙ୍କୁ ଥାନାକୁ ଆଣି ଅଟକ ରଖିଥିଲା। ପରେ ଥାନା ଅଧିକାରୀ ମାଝି ନାବାଳିକାଙ୍କୁ ଉପର ମହଲାରେ ନେଇ ରଖିଥିଲେ। ସେଦିନ ରାତିରେ ଥାନା ଅଧିକାରୀ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ପରଦିନ ନାବାଳିକାଙ୍କୁ ତାଙ୍କ ଘରକୁ ନେଇ ଛାଡ଼ି ଦିଆଯାଇଥିଲା। ଏହାପରେ ୩ମାସ କାଳ ନିୟମିତ ସମ୍ପୃକ୍ତ ନାବାଳିକାଙ୍କୁ ଥାନାକୁ ଡକା ଯାଉଥିଲା। ତାଙ୍କୁ ଥାନାର ଉପର ମହଲାରେ ରହିବାକୁ ଦିଆଯାଉଥିଲା। ଥାନା ବାବୁ ସମେତ ଅନ୍ୟ ପୋଲିସ କର୍ମଚାରୀମାନେ ତାଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ କରୁଥିବା ଅଭିଯୋଗ ହୋଇଥିଲା। ଗତ ୧୬ ତାରିଖରେ ଝିଅଟି ନିଜର ଶାରୀରିକ ଅସୁସ୍ଥତା ନେଇ ବୀରମିତ୍ରପୁର ଡାକ୍ତରଖାନାକୁ ଯାଇଥିଲେ। ଏକଥା ଜଣାପଡିବା ପରେ ଥାନା ବାବୁ ଭୟଭୀତ ହୋଇ ତରବରିଆ ଭାବେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଗର୍ଭପାତ କରାଇଥିଲେ। ପରେ ତାଙ୍କ ଗର୍ଭପାତ କରିଥିବା ନେଇ ରାଏବଗା ଥାନାରେ ଅଭିଯୋଗ ହୋଇଥିଲା। ଥାନାରେ ଆଇଆଇସି ଏବଂ ଗର୍ଭପାତ କରାଇଥିବା ଡାକ୍ତରଙ୍କ ସମେତ ମୋଟ ୬ଜଣଙ୍କ ନାମରେ ମାମଲା(ନଂ.୪୧/୨୦୨୦) ରୁଜୁ ହୋଇଥିଲା। ଏହି ମାମଲାର ତଦନ୍ତ ଡିଏସ୍‌ପି ଜ୍ୟୋସ୍ନାମୟୀ ପ୍ରଧାନ କରୁଥିଲେ। ଜଣେ ନାବାଳିକାଙ୍କୁ ଥାନା ପରିସରରେ ଥାନା ଅଧିକାରୀ ବଳାତ୍କାର କରିବା ଘଟଣା ସମ୍ପର୍କରେ ଗତ ୨୫ ତାରିଖରେ 'ଥାନାରେ ରଖି ନାବାଳିକାଙ୍କୁ ବଳାତ୍କାର, ଆଇଆଇସି ମୁଖ୍ୟ ଖଳନାୟକ' ଶୀର୍ଷକରେ ଏକ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ସାରା ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିଲା। ଏହି ଘଟଣାକୁ ବିଭିନ୍ନ ମହଲରୁ ନିନ୍ଦା କରାଯିବା ପରେ ମଙ୍ଗଳବାର ଡିଜିପି ଅଭୟ ଏହି ଘଟଣାର ତଦନ୍ତଭାର ରାଜ୍ୟ କ୍ରାଇମବ୍ରାଞ୍ଚକୁ ପ୍ରଦାନ କରିଥିଲେ। ଜଣେ ଏସ୍‌ପି ଏବଂ ଜଣେ ମହିଳା ଡିଏସ୍‌ପିଙ୍କ ସମେତ କ୍ରାଇମବ୍ରାଞ୍ଚର ଏକ ୪ଜଣିଆ ଟିମ୍ ସୁନ୍ଦରଗଡ଼ରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଫେରାର ପୂର୍ବତନ ଆଇଆଇସିମାଝିଙ୍କୁଗିରଫ କରିବା ପାଇଁବିଭିନ୍ନ ସ୍ଥାନରେଚଢ଼ାଉ କରିଥିଲା।

## ସିଲିଣ୍ଡର ପିଛା ୧ ଟଙ୍କା...

ବେଳେ ଏହା ବର୍ତ୍ତମାନ ୬୨୧.୫୦ ଟଙ୍କାରେ ପହଞ୍ଚିଛି। ରାଜ୍ୟ ସରକାରଗୁଡିକ ଦ୍ୱାରା ଲାଗୁ କରାଯାଉଥିବା ସେଲ୍‌ସ ଟ୍ୟାକ୍ସ ଓ ଭାଟ୍ କାରଣରୁ ବିଭିନ୍ନ ସ୍ଥାନରେ ଦରରେ ଭିନ୍ନତା ରହୁଥିବା ଜଣାପଡିଛି। ଦେଶର ପ୍ରମୁଖ ୪ ମେଟ୍ରୋ ସହର କଥା ବିଚାରକୁ ନେଲେ ଦିଲ୍ଲୀରେ ଗ୍ୟାସ ଦର ୫୯୩ ଟଙ୍କାରୁ ବୃଦ୍ଧି ପାଇ ୫୯୪ଟଙ୍କାରେ ପହଞ୍ଚିଛି। ସେହିଭଳି କୋଲକାତାରେ ୬୧୬ ଟଙ୍କାରୁ ୬୨୦.୫୦ଟଙ୍କା, ମୁମ୍ବାଇରେ ୫୯୦.୫୦ଟଙ୍କାରୁ ୫୯୪ଟଙ୍କା ଏବଂ ଚେନ୍ନାଇରେ ୬୦୬.୫୦ଟଙ୍କାରୁ ବଢି ୬୧୦.୫୦ଟଙ୍କାକୁ ଛୁଇଁଛି। ସେହିଭଳି ବିମାନ ଇନ୍ଧନ ଦରରେ ପ୍ରାୟ ୭.୫% ବୃଦ୍ଧି ଘଟିଛି। ଦେଶର ପ୍ରମୁଖ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକର ସୂଚନା ଅନୁସାରେ, ୧ଜୁଲାଇରେ ବିମାନ ଇନ୍ଧନ ଦର କିଲୋଲିଟର ପିଛା ପ୍ରାୟ ୨୯୨୨.୯୪ଟଙ୍କା ବୃଦ୍ଧି ପାଇଛି। ଏହି ଦର ବୃଦ୍ଧି ଫଳରେ ଦିଲ୍ଲୀରେ ବର୍ତ୍ତମାନ କିଲୋଲିଟର ପିଛା ଦର ୪୧,୯୯୨.୮୧ଟଙ୍କା ରହିଛି। ଗତ ୧ ମାସ ମଧ୍ୟରେ ଏହାକୁ ମିଶାଇ ତୃତୀୟ ଥର ପାଇଁ ବିମାନ ଇନ୍ଧନ ଦର ବଢ଼ିଛି। ଏହା ପୂର୍ବରୁ ବିମାନ ଇନ୍ଧନ ଦର ଜୁନ ପହିଲାରେ ପ୍ରଥମ ଥର ୫୬.୬% (୧୨,୧୨୬.୭୫ଟଙ୍କା), ଜୁନ ୧୬ରେ ୧୬.୩% (୫,୪୯୪.୫ ଟଙ୍କା) କିଲୋଲିଟରେ ପିଛା ବୃଦ୍ଧି ପାଇଛି।

## ଯୁକ୍ତ୨ ବଳକା...

ହୋଇଥିବ ୩ଟି ସର୍ବୋତ୍କୃଷ୍ଟ ଥିଓରି ବିଷୟର ହାରାହାରି ମୂଲ୍ୟକୁ ନେଇ ଆକଳନ କରାଯିବ। ସେହିପରି ଯେଉଁ ବିଦ୍ୟାର୍ଥୀମାନେ କେବଳ ମାତ୍ର ତିନୋଟି ବିଷୟରେ ପରୀକ୍ଷା ଦେଇଥିବେ, ସେମାନଙ୍କର ବାକି ପରୀକ୍ଷାର ମୂଲ୍ୟାଙ୍କନ ପରୀକ୍ଷା ସରିଥିବା ଦୁଇଟି ସର୍ବୋତ୍କୃଷ୍ଟ ଥିଓରି ବିଷୟର ହାରାହାରି ମୂଲ୍ୟକୁ ନେଇ ଆକଳନ କରାଯିବ। ଅନ୍ୟପକ୍ଷରେ ଯେଉଁ ବିଦ୍ୟାର୍ଥୀମାନେ କମ୍ପାର୍ଟମେଣ୍ଟାଲ ପରୀକ୍ଷା ଦେଇଥିବେ, ସେମାନଙ୍କର ଯଦି ସମସ୍ତ ବିଷୟରେ ପରୀକ୍ଷା ସରିଥିବ, ତେବେ ପରଫର୍ମାନ୍ସ ଅନୁଯାୟୀ ମୂଲ୍ୟାଙ୍କନ କରାଯିବ। ସେହିପରି ଯେଉଁମାନେ କମ୍ପାର୍ଟମେଣ୍ଟାଲ ପରୀକ୍ଷାର ଆବଶ୍ୟକ ବିଷୟରୁ କିଛି ବିଷୟରେ ପରୀକ୍ଷା ଦେଇଥିବେ, ସେମାନଙ୍କର ବାକିଥିବା ପରୀକ୍ଷାଗୁଡ଼ିକର ମୂଲ୍ୟାଙ୍କନ ପରୀକ୍ଷା ଶେଷ ହୋଇଥିବା ସର୍ବୋତ୍କୃଷ୍ଟ ଥିଓରି ବିଷୟର ହାରାହାରି ମୂଲ୍ୟକୁ ନେଇ ଆକଳନ କରାଯିବ। ତେବେ ଯେଉଁ ପରୀକ୍ଷାର୍ଥୀମାନେ କମ୍ପାର୍ଟମେଣ୍ଟାଲ ପରୀକ୍ଷାର କୌଣସି ଗୋଟିଏ ହେଲେ ବିଷୟରେ ପରୀକ୍ଷା ଦେଇ ନ ଥିବେ, ସେମାନଙ୍କର ଫଳ ବିଗତ ଯୋଗ୍ୟତା ପରୀକ୍ଷା ବା ଲାଷ୍ଟ କ୍ୱାଲିଫାଇଂ ଏକ୍‌ଜାମିନେଶନର ସର୍ବୋତ୍କୃଷ୍ଟ ତିନୋଟି ଥିଓରି ବିଷୟର ହାରାହାରି ମୂଲ୍ୟକୁ ନେଇ ଆକଳନ କରାଯିବ (ଯଦି ପରୀକ୍ଷାର୍ଥୀ ବିଗତ ଯୋଗ୍ୟତା ପରୀକ୍ଷାରେ ତିନୋଟିରୁ ଅଧିକ ବିଷୟରେ ପାସ୍ ମାର୍କ ରଖିଥିବେ)। ଯଦି ପରୀକ୍ଷାର୍ଥୀ ବିଗତ ଯୋଗ୍ୟତା ପରୀକ୍ଷାରେ ମାତ୍ର ତିନୋଟି ବିଷୟରେ ପାସ୍ ମାର୍କ ରଖିଥିବେ, ତେବେ ସର୍ବୋତ୍କୃଷ୍ଟ ଦୁଇଟି ଥିଓରି ବିଷୟର ହାରାହାରି ମୂଲ୍ୟକୁ ନେଇ ଆକଳନ କରାଯିବ। ତେବେ ଉପରୋକ୍ତ ମୂଲ୍ୟାଙ୍କନରେ ଯଦି କେହି ଛାତ୍ରୀଛାତ୍ର ସନ୍ତୁଷ୍ଟ ନ ହେବେ, ସେମାନଙ୍କ ପାଇଁ ମଧ୍ୟ ଏକ ସୁଯୋଗ ରହିଛି। ପରବର୍ତ୍ତୀ ପର୍ଯ୍ୟାୟରେ ପରିସ୍ଥିତିକୁ ଦେଖି ଇଚ୍ଛାଧୀନ ବା ଅପ୍‌ଶନାଲ ପରୀକ୍ଷା କରାଯିବାର ବ୍ୟବସ୍ଥା କରାଯିବ। ପରୀକ୍ଷାର୍ଥୀମାନେ ଚାହିଁଲେ ନିଜ ପରଫର୍ମାନ୍ସର ଉନ୍ନତି ପାଇଁ ଏହି ଇଚ୍ଛାଧୀନ ପରୀକ୍ଷାରେ ଭାଗ ନେଇପାରିବେ। କିନ୍ତୁ ଏପରିସ୍ଥଳେ ଇଚ୍ଛାଧୀନ ପରୀକ୍ଷାରେ ରଖିଥିବା ନମ୍ବରକୁ ଚୂଡ଼ାନ୍ତ ବୋଲି ବିବେଚନା କରାଯିବ। ଯଦି ପରୀକ୍ଷାର୍ଥୀ ଏହାକୁ ଜାହିର ନ କରିବେ, ତେବେ ପୂର୍ବ ପ୍ରକାଶିତ ଫଳକୁ ଚୂଡ଼ାନ୍ତ ବିବେଚନା କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ଉତ୍ତପ୍ତ ହେଉଛି...

୧.୦୬-୧.୭୫ ମିଲିମିଟର ବୃଦ୍ଧି ପାଇଛି। ଗତ ୨୫ ବର୍ଷ ମଧ୍ୟରେ ଏହା ୩.୩ ମିଲିମିଟରକୁ ବୃଦ୍ଧି ପାଇଥିବା ରିପୋର୍ଟରେ କୁହାଯାଇଛି। ସମୁଦ୍ର ଜଳ ଉତ୍ତପ୍ତ ହେବା କାରଣରୁ କ୍ରମାଗତ ଭାବେ ଅତି ଭୟଙ୍କର ବାତ୍ୟା ସୃଷ୍ଟି ହେଉଛି। ଗତ ଦୁଇ ବର୍ଷ ମଧ୍ୟରେ ବଙ୍ଗୋପସାଗରରେ ଫନୀ ଓ ଅମ୍ଫନ ବାତ୍ୟା ହୋଇଥିବା ବେଳେ ଆରବ ସାଗରରେ ନିସର୍ଗ ବାତ୍ୟା ସୃଷ୍ଟି ହୋଇ ଭାରତୀୟ ଉପକୂଳକୁ ବହୁମାତ୍ରାରେ କ୍ଷତିଗ୍ରସ୍ତ କରିଛି। ଯଦି ଗ୍ରୀନ ହାଉସ ଗ୍ୟାସ ବୃଦ୍ଧିକୁ ରୋକା ନ ଯିବ ତେବେ ଆଗାମୀ ଦିନରେ ଆହୁରି ଭୟଙ୍କର ବାତ୍ୟା ଆସିବା ସହିତ ସୁନାମି ଯୋଗୁ ଉପକୂଳ ଅଞ୍ଚଳ ଜଳମଗ୍ନ ହେବା ଆଶଙ୍କା ବଢ଼ିଯାଇଛି। ଆସନ୍ତା ୨୦୪୦ ସୁଦ୍ଧା ୨.୭ ଡିଗ୍ରୀ ସେଲସିୟସ ତାପମାତ୍ରା ବୃଦ୍ଧିପାଇବ ବୋଲି ରିପୋର୍ଟରେ କୁହାଯାଇଛି। ତାପମାତ୍ରା ବୃଦ୍ଧି ଯୋଗୁ ଜଳବାୟୁ ପରିବର୍ତ୍ତନ ଘଟି ଅନେକ ମାନବୀୟ ସଙ୍କଟ ସୃଷ୍ଟି କରିବ। କେବଳ ବାତ୍ୟା ନୁହେଁ, ମରୁଡି ସାଙ୍ଗକୁ ଅଂଶୁଘାତ ଭଳି ବିପଦ ବଢ଼ିଯିବ ବୋଲି ରିପୋର୍ଟରେ ଦର୍ଶାଯାଇଛି। ବାତ୍ୟା, ବନ୍ୟା ଓ ମରୁଡି ଭଳି ପ୍ରାକୃତିକ ବିପତ୍ତି ଏକା ସାଙ୍ଗରେ ମାଡି ଆସିବା ନେଇ ଆଶଙ୍କା ପ୍ରକାଶ ପାଇଛି। ଗତ ୨୧ ବର୍ଷରେ ଉପକୂଳରେ ମାଡ ହୋଇଥିବା ୬ଟି ସାମୁଦ୍ରିକ ଝଡ଼ ଓଡିଶାକୁ ଛାରଖାର କରି ଦେଇଛି। ୧୯୯୯ରୁ ୨୦୨୦ ମଧ୍ୟରେ ରାଜ୍ୟ ୬ଟି ବାତ୍ୟା ଓ ମହାବାତ୍ୟାକୁ ସମ୍ମୁଖୀନ ହୋଇଛି। ୧୯୯୯ ଅକ୍ଟୋବର ୨୯ ତାରିଖରେ ମହାବାତ୍ୟା ଉପକୂଳ ଓଡିଶାକୁ ଧ୍ୱଂସ ବିଧ୍ୱସ୍ତ କରି ଦେଇଥିଲା। ଏଥିରେ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିଲେ। ଏହାର ବେଗ ଘଣ୍ଟା ପ୍ରତି ୨୭୬ କି.ମି ରହିଥିଲା। ଏହାର ପ୍ରଚଣ୍ଡ ମାଡରେ ଉପକୂଳ ଜିଲା ଜଗତ୍‌ସିଂହପୁର, କେନ୍ଦ୍ରାପଡା, ଯାଜପୁର, ଭଦ୍ରକ, ବାଲେଶ୍ୱର, ପୁରୀ, ଖୋର୍ଦ୍ଧା ଛାରଖାର ହୋଇଯାଇଥିଲା। ସେହିପରି ୨୦୧୩ରେ ଫାଇଲିନ, ୨୦୧୪ରେ ହୁଡହୁଡ, ୨୦୧୮ରେ ତିତ୍‌ଲି, ରାଜ୍ୟ ପାଇଁ ଅନେକ ବିପତ୍ତି ଆଣିଛନ୍ତି। କିନ୍ତୁ ଗତ ୨ ବର୍ଷ ହେବ ଲଗାତର ମେ'ରୁ ଜୁନ୍ ମଧ୍ୟରେ ୨ଟି ବାତ୍ୟା ୨୦୧୯ ମେ' ୩ରେ ଫନୀ ଏବଂ ୨୦୨୦ ମେ' ୨୦ରେ ଅମ୍ଫନ ଓଡ଼ିଶା ଆଡକୁ ମୁହାଁଇଛି, ଯାହାକି ଗତ ୩୦ ବର୍ଷ ମଧ୍ୟରେ ଦେଖାଦେଇ ନ ଥିଲା।

ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ୧୮୯୧ରୁ ୨୦୧୬ ମଧ୍ୟରେ ୩୦୫ଟି ସାମୁଦ୍ରିକ ଝଡ ହୋଇଛି। ସେଥିରୁ ବଙ୍ଗୋପ ସାଗରରେ ୨୨୯ଟି ବାତ୍ୟା ସଂଗଠିତ ହୋଇଛି। ଏହି ସମୟରେ ହୋଇଥିବା ୧୦ଟି ପ୍ରାଣଘାତକ ଝଡରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଯାଇଛି। ବଙ୍ଗୋପସାଗରରେ ହୋଇଥିବା ବାତ୍ୟାରେ ବାଂଲାଦେଶ, ମ୍ୟାନ୍‌ମାର ଓ ଭାରତ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ବାଂଲାଦେଶରେ ୫ଟି ବାତ୍ୟା ମାଡ ହୋଇଥିବା ବେଳେ ଭାରତରେ ୩ଟି ଏବଂ ମ୍ୟାନ୍‌ମାରରେ ଗୋଟିଏ ମାଡ ହୋଇଛି। ବାତ୍ୟା ଯୋଗୁ ୧୯୮୦ରୁ ୨୦୨୦ ମଧ୍ୟରେ ଭାରତରେ ବର୍ଷକୁ ୩୭୦ ନିୟୁତ ଲୋକ ପ୍ରଭାବିତ ହେଉଛନ୍ତି। ପ୍ରାକୃତିକ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଜଳବାୟୁ ପରିବର୍ତ୍ତନ ଆକ୍ସନ ପ୍ଲାନ ପ୍ରସ୍ତୁତ କରିଛନ୍ତି। ଏଥିରେ ଉପକୂଳକୁ ସୁରକ୍ଷା ଦେବା ସହ ଜଳବାୟୁ ଅନୁଯାୟୀ ଚାଷ, ସମୁଦ୍ର ଉପକୂଳରେ ହେନ୍ତାଳ ବନ, ବାତ୍ୟା ନିରୋଧୀ ଭିତ୍ତିଭୂମି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ବିଭିନ୍ନ ବିଭାଗର ସମନ୍ୱୟରେ ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଉଛି ବୋଲି ପରିବେଶ ନିର୍ଦ୍ଦେଶକ ଏମ. ମୁରୁଗେସେନ କହିଛନ୍ତି। କେନ୍ଦ୍ର ସରକାରଙ୍କ ଅନୁମୋଦନ ପରେ ତାହା କାର୍ଯ୍ୟକାରୀ ହେବ। ଅତିରିକ୍ତ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଭାତ ମହାପାତ୍ର କହିଛନ୍ତି ଯେ, ବାତ୍ୟା ଓ ସୁନାମି ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ଏର୍ଲିୱାର୍ନିଂ ସିଷ୍ଟମକୁ ବିକଶିତ କରାଯାଉଛି। ସୁନାମି ପାଇଁ ଉପକୂଳ ଗ୍ରାମଗୁଡିକୁ ପ୍ରସ୍ତୁତ କରାଯାଉଛି।

## ବାହୁଡ଼ିଲେ...

ଗୁରୁବାର ରଥ ଉପରେ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହେବ। କରୋନା ପାଇଁ ଏଥର ଗୁଣ୍ଡିଚା ମନ୍ଦିରରେ ଭକ୍ତଙ୍କ ଦର୍ଶନ ଉପରେ କଟକଣା ଥିଲା। କୌଣସି ଶ୍ରଦ୍ଧାଳୁଙ୍କୁ ଛଡ଼ା ଯାଉ ନ ଥିବାରୁ ମଙ୍ଗଳବାର ସନ୍ଧ୍ୟା ଦର୍ଶନ ନୀତିକାନ୍ତି ନିର୍ଘଣ୍ଟ ସମୟରେ ସରିଥିଲା। ବୁଧବାର ବାହୁଡ଼ା ଯାତ୍ରା ପାଇଁ ଗୁଣ୍ଡିଚା ମନ୍ଦିରରେ ଠାକୁରଙ୍କ ନୀତିକାନ୍ତି ସଅଳ ବଢ଼ିଥିଲା। ଭୋର ୩ଟା ୫୦ରେ ମଙ୍ଗଳ ଆଳତି ହୋଇ ସାଢେ ୫ଟା ସୁଦ୍ଧା ଠାକୁରଙ୍କ ଅବକାଶ, ରୋଷ ହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳ ବଲ୍ଲଭ ଏବଂ ସକାଳ ଧୂପ ସରିଥିଲା। ସକାଳ ଧୂପରେ ମହାପ୍ରଭୁ ଖେଚୁଡ଼ି ଖାଇଥିଲେ। ନିର୍ଦ୍ଧାରିତ ସମୟର ୪୦ ମିନିଟ୍ ପୂର୍ବରୁ ଅର୍ଥାତ୍ ସକାଳ ୭ଟା ୨୦ରେ ମଙ୍ଗଳାର୍ପଣ ହୋଇ ବାଜିଥିଲା ବିଜେ କାହାଳୀ। ଆରମ୍ଭ ହୋଇଥିଲା ପହଣ୍ଡି। ଧାଡ଼ି ପହଣ୍ଡିରେ ପ୍ରଥମେ ଚକ୍ରରାଜ ଶ୍ରୀସୁଦର୍ଶନ ରଥାରୂଢ ହୋଇଥିଲେ। ପରେ ବଡ଼ଠାକୁର ବଳଭଦ୍ର, ହଳଦୀମୁଖୀ ଦେବୀ ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ରଥାରୂଢ଼ ହୋଇଥିଲେ। ସକାଳ ୯ଟା ୫୫ ସୁଦ୍ଧା ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି ସରିଥିଲା। ମଦନମୋହନ ଓ ରାମକୃଷ୍ଣ ରଥକୁ ବିଜେ କରିବା ପରେ ରଥାରୂଢ଼ ଠାକୁରଙ୍କୁ ପୁଷ୍ପାଳକ ସେବକମାନେ ବେଶରେ ସୁସଜ୍ଜିତ କରାଇଥିଲେ। ବେଶ ବଢ଼ିବା ପରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ପୂର୍ବାହ୍ନ ୧୦ଟା ୨୦ରେ ତାମଯାନରେ ଆସି ଶରଧାବାଳିସ୍ଥିତ ରଥ ନିକଟରେ ପହଞ୍ଚିଥିଲେ। ପୂର୍ବାହ୍ନ ୧୦ଟା ୨୫ରେ ଗଜପତି ମହାରାଜା ତିନିରଥରେ ଛେରାପହଁରା କରିଥିଲେ। ପୂର୍ବାହ୍ନ ସାଢେ ୧୧ଟା ସୁଦ୍ଧା ଛେରାପହଁରା ଶେଷ ଲାଗି ସମୟ ନିର୍ଘଣ୍ଟ ଥିବାବେଳେ ୧୫ ମିନିଟ୍ ପୂର୍ବରୁ ଅର୍ଥାତ୍ ୧୧ଟା ୧୫ ସୁଦ୍ଧା ଏହା ସରିଥିଲା। ପରେ ରଥରୁ ଚାରମାଳ ଫିଟା ହୋଇ ଘୋଡ଼ା ଓ ସାରଥି ଲାଗିଥିଲା। ମଧ୍ୟାହ୍ନ ୧୨ଟାରେ ରଥଟଣା ଆରମ୍ଭ ପାଇଁ ସମୟ ନିର୍ଘଣ୍ଟ ହୋଇଥିଲା। ତେବେ ୩୫ ମିନିଟ୍ ପୂର୍ବରୁ ଅର୍ଥାତ୍ ୧୧ଟା ୨୫ରେ ରଥଟଣା ଆରମ୍ଭ ହୋଇଥିଲା। ପ୍ରଥମେ ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣା ଯାଇଥିଲା। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଗୋଟିଏ ଘଣ୍ଟା ବ୍ୟବଧାନରେ ତିନିରଥ ଟଣାଯିବାକୁ ଥିବାରୁ ମଧ୍ୟାହ୍ନ ୧୨ଟା ୨୫ରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଏବଂ ଶେଷରେ ଅପରାହ୍ନ ୧ଟା ୨୫ରେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣା ହୋଇଥିଲା। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ କେବଳ ସେବାୟତମାନେ ହିଁ ରଥ ଟାଣିଥିଲେ। ପ୍ରବଳ ଖରା ଓ ଗୁଳୁଗୁଳି ସତ୍ତ୍ୱେ ମହାପ୍ରଭୁଙ୍କ ପ୍ରତି ସମର୍ପଣ ଭାବ ରଖି ଖାଲି ପାଦରେ ବଡ଼ଦାଣ୍ଡରେ ରଥ ଟାଣିଥିଲେ ସେବାୟତ। ମାଉସୀ ମା' ମନ୍ଦିର ସମ୍ମୁଖରେ ରଥ ପହଞ୍ଚିବା ପରେ ଠାକୁରଙ୍କୁ ପୋଡ଼ପିଠା ସମର୍ପଣ କରାଯାଇଥିଲା। ଏହାପରେ ଠାକୁରମାନେ ଶ୍ରୀମନ୍ଦିର ଅଭିମୁଖେ ଯାଇଥିଲେ। ସିଂହଦ୍ୱାରର ଅଳ୍ପ କିଛି ବାଟ ପୂର୍ବରୁ ସୂଚନାକେନ୍ଦ୍ର ନିକଟରେ ତାଳଧ୍ୱଜ ରଥ ମୋଡ଼ ଖାଇଥିଲା। ଏଥିପାଇଁ କିଛି ସମୟ ବିଳମ୍ବ ହୋଇଥିଲା। ଅପରାହ୍ନ ୨ଟା ୪୫ରେ ତାଳଧ୍ୱଜ ରଥ ଏବଂ ୩ଟା ୫ରେ ଦର୍ପଦଳନ ରଥ ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିଲା। ନନ୍ଦିଘୋଷ ରଥ ଶ୍ରୀନଅରଠାରେ ପହଞ୍ଚିବା ପରେ ଲକ୍ଷ୍ମୀ ନାରାୟଣ ଭେଟ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ପୁଣି ନନ୍ଦିଘୋଷ ରଥ ଟଣାଯାଇ ସିଂହଦ୍ୱାରକୁ ନିଆଯାଇଥିଲା। ଅପରାହ୍ନ ୪ଟା ୩୫ରେ କାଳିଆ ଠାକୁରଙ୍କ ରଥ ସିଂହଦ୍ୱାରରେ ଲାଗିଥିଲା। ପରେ ତିନିରଥ ଧାଡ଼ି କରି ରଖାଯିବା ସହ ପ୍ରଶାସନ ପକ୍ଷରୁ ରଥ ଚତୁଃପାର୍ଶ୍ୱକୁ ବ୍ୟାରିକେଡିଂ କରାଯାଇଛି।

## ଏଟିଏମ୍ ଉଠାଣରେ...

ହେଲେ ସରକାର ସେଭଳି କୌଣସି ଘୋଷଣା ବର୍ତ୍ତମାନ ପର୍ଯ୍ୟନ୍ତ କରି ନାହାନ୍ତି। କରୋନା ମାମଲା ବଢୁଥିବାରୁ ନିୟମ କୋହଳ ହେଲେ ଲୋକମାନେ ଏହାର ସୁବିଧା ଲାଭ କରନ୍ତେ ବୋଲି ବିଶେଷଜ୍ଞ ମତପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଲକ୍‌ଡାଉନ ଘୋଷଣା ସମୟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏଭଳି ନିୟମ ସବୁ ଉପରେ କୋହଳ ନେଇ ଘୋଷଣା କରିଥିଲେ। ଲୋକମାନେ ଯେଭଳି କୌଣସି ହଇରାଣ ନ ହୁଅନ୍ତି ତାକୁ ଧ୍ୟାନରେ ରଖି ଏଭଳି ବ୍ୟବସ୍ଥା କରାଯାଇଥିଲା। ଡିଜିଟାଲ ଟ୍ରାଞ୍ଜାକଶନକୁ ଉତ୍ସାହିତ କରିବା ଲାଗି ସରକାର ୩ ମାସ ଏଟିଏମ୍ ଉଠାଣକୁ ଚାର୍ଜ ମୁକ୍ତ କରିଥିଲେ। ବ୍ୟାଙ୍କ ଖାତାରେ ମଧ୍ୟ ସର୍ବନିମ୍ନ ବାଲାନ୍ସ ନ ରଖିବା ଉପରେ ଜରିମାନା ଦେବାକୁ ପଡୁ ନ ଥିଲା। ପ୍ରକୃତ ନିୟମ ମୁତାବକ ବ୍ୟାଙ୍କଗୁଡିକରେ ସର୍ବନିମ୍ନ ବାଲାନ୍ସ କଟକଣା ଅନ୍ତର୍ଗତ ଗ୍ରାହକଙ୍କୁ ୫ରୁ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ରଖିବାକୁ ପଡୁଛି। ଚାର୍ଜରୁ ବର୍ତ୍ତିବା ଲାଗି ଗ୍ରାହକ ଏହି ବାଲାନ୍ସ ରଖୁଛନ୍ତି। ଗ୍ରାହକଙ୍କୁ ନିଜ ବ୍ୟାଙ୍କ ଏଟିଏମ୍‌ରେ ୫ ଥର ଏବଂ ଅନ୍ୟ ବ୍ୟାଙ୍କ ଏଟିଏମ୍‌ରେ ୩ ଥର ନିଃଶୁଳ୍କ ନେଣଦେଣ ସୁବିଧା ମିଳୁଛି। ଏଟିଏମ୍‌ରେ ନିର୍ଦ୍ଧାରିତ ନିଃଶୁଳ୍କ ନେଣଦେଣ ସୀମା ପରେ ଗ୍ରାହକଙ୍କୁ ୮ରୁ ୨୦ ଟଙ୍କା ପର୍ଯ୍ୟନ୍ତ ଚାର୍ଜ ଲାଗୁ ହେଉଛି। ଏଟିଏମ୍ ଉଠାଣ ନିୟମ ବିଭିନ୍ନ ବ୍ୟାଙ୍କରେ ଭିନ୍ନ ରହିଛି।


**classifieds** Everyday 0674-2580101, 2549302

real estate

**SALE**

ଭୁବନେଶ୍ୱର ସୁନ୍ଦରପଦାରେ ଘର କରିବା ପ୍ଲଟ୍ sqft.-950/, Xavier University ପାଖରେ 310/-, plot booking 20,000/-, 9938016295. D-69125

**GENERAL SALE**

Old Teak sofaset with T-Poy, Dressing table, Alana, Godrej showcase, 32" Samsung TV for sale : 8117006838. D-68696

ଗାୟତ୍ରୀ କ୍ଲୋନ୍‌ସ ନର୍ସରୀ ଇଉକାଲିପଟାସ୍ କ୍ଲୋନ୍‌ସ ଚାରାପାଇଁ ଯୋଗାଯୋଗ କରନ୍ତୁ। 9658244357, 8249372486. D-69517

healthcare

Newly open full body massage SPA in Bhubaneswar. Contact: 7205058838. D-69292

Experience full body massage with us (expert). Call: 7377048581, 06742597822. D-69293

Full body herbal massage with refreshment expert therapist. 7381239385, 06742540855. D-69294

Monalisa massage club : All types body massage with hiprofile smart lady rooms service available 9708545108. D-17618

**LOST**

ମୁଁ, ପ୍ରକାଶ ଚନ୍ଦ୍ର ନାୟକ, ପିତା: ଭୀମସେନ ନାୟକ, ଗ୍ରାମ: ଡିହପୁର, ପୋ.- ଚାପମାଣିକ, ଥାନା: ବ୍ରହ୍ମଗିରି, ଜିଲ୍ଲା: ପୁରୀ ଅଟେ। ଏତଦ୍ୱାରା ଘୋଷଣା କରୁଛି କି ତା୨୨।୦୬।୨୦୨୦ ଦିନ ଏକ ଅଟୋରିକ୍ସାରେ ପୁରୀରୁ ବ୍ରହ୍ମଗିରି ଆସୁଥିବା ସମୟରେ ମୋର ଦୁଇଟ ଦଲିଲ ଯାହାର ନଂ. ୫୨୫/ ତା୦୯।୦୨।୧୯୯୮ରେ ନାରାୟଣ ଦାସଙ୍କଠାରୁ ଶିବନାରାୟଣ ମହାସୁଆର ଏବଂ ଦଲିଲ ନଂ. ୩୭୭୭/ ତା।୨୭।୦୯।୧୯୯୯ରେ ଶିବନାରାୟଣ ମହାସୁଆରଙ୍କଠାରୁ ଲକ୍ଷ୍ମୀପ୍ରିୟା ଖୁଣ୍ଟିଆ କ୍ରୟ କରିଥିଲେ। ଏହି ଦୁଇଟି ଦଲିଲ ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ଏହାକୁ ପାଇଥାନ୍ତି ତେବେ ଉପରଲିଖିତ ଠିକଣା କିମ୍ବା ମୋ: ୯୪୩୯୦୦୭୪୧୦ରେ ଯୋଗାଯୋଗ କରିବାକୁ ଅନୁରୋଧ। D-17644

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଦୂରଯାତ୍ରା ସାଙ୍ଗକୁ ବୃଥା ଖର୍ଚ୍ଚାନ୍ତ ମନଦୁଃଖର କାରଣ ହୋଇପାରେ। ଋଣ ପରିଶୋଧ କିମ୍ବା ଅର୍ଥ ସମ୍ପର୍କିତ ସମସ୍ୟାକୁ ସୁଧାରି ନେବାରେ କୌଣସି ଅସୁବିଧା ହେବ ନାହିଁ। କୌଣସି ସାମାଜିକ କାମରେ ସହଯୋଗ କରିବାକୁ ବନ୍ଧୁଙ୍କୁ ଅନୁରୋଧ କରିପାରନ୍ତି। ବ୍ୟବସାୟିକ ସ୍ଥିତି କେତେକାଂଶରେ ଚିନ୍ତାଜନକ ହୋଇପାରେ।

**ବୃଷ** ବନ୍ଧୁଙ୍କ ପରାମର୍ଶରେ ହଠାତ୍ କୌଣସି ନୂତନ ଯୋଜନା କରିବା ସକାଶେ ମନ ବଳାଇବେ। ଆସନ୍ତାକାଲିର ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଦଉଡ଼ କରିବାକୁ ପଡ଼ିବ। ସାମୟିକ ପୁରାତନ ରୋଗରୁ ପୀଡ଼ା ଅନୁଭବ କରିପାରନ୍ତି। ଶିଳ୍ପ,ବାଣିଜ୍ୟ ଏବଂ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ମିଥୁନ** କୌଣସି ପ୍ରକାର ଚିନ୍ତା ନ କରି କାମ କରିଚାଲିଲେ ନିଶ୍ଚିତ ଭାବରେ ସଫଳତା ପାଇବେ। ପାରିବାରିକ ସମସ୍ୟାକୁ ବନ୍ଧୁଙ୍କ ନିକଟରେ ପ୍ରକାଶ କରିପାରିବେ ନାହିଁ। ଜମିଜମା କିମ୍ବା ଗୃହ ସମ୍ପର୍କିତ ସମସ୍ୟାକୁ କେନ୍ଦ୍ରକରି ମାନସିକ ସ୍ଥିରତା ରହି ନ ପାରେ। ପରିବହନ କାର୍ଯ୍ୟ ମଧ୍ୟ ସାମୟିକ ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି।

**କର୍କଟ** ସହକର୍ମୀଙ୍କ ସହାୟତାରେ ଅର୍ଥ ସମ୍ପର୍କିତ କୌଣସି ଦୁଶ୍ଚିନ୍ତା ସାୟାହ୍ନେ ଦୂର ହେବ। ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ବାତାବରଣ ମଧ୍ୟରେ ସହଜ ମନେ ହୋଇପାରେ। ମୂଲ୍ୟବାନ ଦ୍ରବ୍ୟ ଲାଭ ହେବାର ସୂଚନା ରହିଛି। ପ୍ରତ୍ୟେକ ପରିସ୍ଥିତିକୁ ନିୟନ୍ତ୍ରଣ କରିବାର ସାମର୍ଥ୍ୟ ହାସଲ କରିବାରେ ସମର୍ଥ ହେବେ।

**ସିଂହ** ଟଙ୍କା ପଇସା ଯୋଗାଡ଼ କରିବା ସକାଶେ ବିଭିନ୍ନ ପ୍ରକାର ଫନ୍ଦିଫିକର କରିବାକୁ ପଡ଼ିପାରେ। ପରିବାରର ଦାବି ଅନୁଯାୟୀ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି। ବହୁତ ଦିନରୁ ଖୋଜୁଥିବା ଜିନିଷର ସନ୍ଧାନ ଡେରିରେ ମିଳିବ। କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ।

**କନ୍ୟା** ବିଭିନ୍ନ ପ୍ରକାର ଘରୋଇ ସମସ୍ୟାକୁ ନେଇ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। ସ୍ୱାର୍ଥର ବଶବର୍ତ୍ତୀ ହୋଇ ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ତୁଳା** ବିଭିନ୍ନ ପ୍ରକାର ଅସୁବିଧା ଭିତରେ ଚଳିବା ହେତୁ ମାନସିକ ଅବସ୍ଥା ଖରାପ ଦିଗକୁ ଗତି କରିବ। ପ୍ରତିବନ୍ଧକ କାରଣରୁ ଆଜି ଦିନଟିରେ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। କୌଣସି ଜିନିଷ କ୍ରୟ କରିବା ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିପାରେ।

**ବିଛା** ଅତୀତ ଘଟଣା ମନକୁ ବାରମ୍ବାର ଆଲୋଡ଼ିତ କରିବା ଫଳରେ ମନଟା ଭଲ ଲାଗିବ ନାହିଁ। କେତେକ କ୍ଷେତ୍ରରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ଆଲୋଚନା କ୍ଷେତ୍ରରେ ବିତର୍କର ସମ୍ମୁଖୀନ ହେବାର ସମ୍ଭାବନା ରହିଛି। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନଙ୍କ ଦ୍ୱାରା କୌଣସି ସମସ୍ୟା ସୃଷ୍ଟି ହୋଇପାରେ।

**ଧନୁ** ଈର୍ଷାପରାୟଣ ବନ୍ଧୁଙ୍କ କୃତ ଅପମାନଜନକ ବ୍ୟବହାର ମନରେ ଆଘାତ ସୃଷ୍ଟି କରିବ। ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ପରିବାରର ଆବଶ୍ୟକତାକୁ ଉପଲବ୍ଧି କରି ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ମକର** ଆଜିର କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହୋଇଯିବ। ପଡ଼ୋଶୀମାନଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। ବନ୍ଧୁମାନଙ୍କ ଅନୁରୋଧକୁ ଉପେକ୍ଷା ନ କରି ପରିବାର ସହ ସୁଖଭ୍ରମଣ ଯୋଗ ରହିଛି। ସଭାସମିତି ଓ ରାଜନୈତିକ ସ୍ତରରେ ଟେନ୍‌ସନ ଲାଗିରହିବ।

**କୁମ୍ଭ** ବିଭିନ୍ନ ପ୍ରକାର ବ୍ୟତିକ୍ରମ ମଧ୍ୟରେ କର୍ମକ୍ଷେତ୍ରରେ ନିଜର ସ୍ଥିତିକୁ ସୁଦୃଢ଼ କରିବାରେ ସମର୍ଥ ହେବେ। ନିଜ ଲୋକମାନେ ଯେତେପ୍ରକାର ସମସ୍ୟା ସୃଷ୍ଟି କଲେ ମଧ୍ୟ ଆପଙ୍କର କୌଣସି ଅସୁବିଧା ହେବ ନାହିଁ। ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ମୀନ** ଶାରୀରିକ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଲେ ମଧ୍ୟ ମାନସିକ ସୁସ୍ଥତା ରହି ନ ପାରେ। ପରିବାରରେ ସନ୍ତାନମାନଙ୍କ ବିଶୃଙ୍ଖଳିତ ଆଚରଣ, କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିବାର ଆଶଙ୍କା ପୂରା ମାତ୍ରାରେ ରହିଛି। ପ୍ରତ୍ୟେକେ ସତର୍କରେ ନ ଚଳିଲେ ବିବାଦ ଭିତରକୁ ଟାଣି ହୋଇଯିବେ।

ଆଜି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ସୁନାବେଶ, ଆଷାଢ଼ ଶୁକ୍ଳ ଦ୍ୱାଦଶୀଯୁକ୍ତ ତ୍ରୟୋଦଶୀ ଗୁରୁବାର, ଜୁଲାଇ ୨ ତାରିଖ, ଅନ୍ତର୍ଜାତୀୟ କ୍ରୀଡ଼ା, ସାମ୍ବାଦିକତା ଦିବସ, ହାନିମ୍ୟାନ୍‌ଙ୍କ ତିରୋଧାନ ଦିବସ,କବି କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ,ରାଶିନକ୍ଷତ୍ର-ଅନୁରାଧା/ବିଛା,ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ,ଦିବା ଘ.୦୩।୪୭ ଗତେ ଘ.୦୬।୨୫ ମଧ୍ୟେ, ରାତ୍ରି ଘ.୧୨।୧୨ଗତେ ଘ. ୦୨।୨୨ମଧ୍ୟେ, ଘ. ୦୩।୪୯ ଗତେ ଘ.୦୫।୧୫ ମଧ୍ୟେ ଅମୃତବେଳା। ସକାଳ ଘ.୦୫।୧୫ ଗତେ ଘ. ୦୬।୦୮ମଧ୍ୟେ, ଘ. ୦୯।୩୯ ଗତେ ଘ.୧୧।୨୪ ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୦୧।୨୯ ଗତେ ଘ.୦୩।୦୮ ମଧ୍ୟେ ରାହୁକାଳ।

## ଭିଜିଲାନ୍ସ ଜାଲରେ ପୋଲିସ ଏସ୍ଆଇ

**ବାଲେଶ୍ୱର ଅଫିସ, ୧୭:** ବାଲେଶ୍ୱର ଟାଉନ ଥାନାର ସବ୍ ଇନ୍ସପେକ୍ଟର (ଏସ୍ଆଇ) ବିମଳ କୁମାର କର ଲାଞ୍ଚ ନେଉଥିବା ବେଳେ ବୁଧବାର ସନ୍ଧ୍ୟାରେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଏସ୍ଆଇ କର ସ୍ଥାନୀୟ ବୈରାମ ନଗର ଅଞ୍ଚଳର ଏକ ଜମିବାଡ଼ି ମାମଲାକୁ ରଫାଦଫା କରିବାକୁ ଜଣେ ବ୍ୟକ୍ତିଙ୍କ ନାମରେ ମାମଲା ଥିବା ଡରାଇ ୨୫ ହଜାର ଟଙ୍କା ଦାବି କରିଥିଲେ। ଏ ନେଇ ସମ୍ପୃକ୍ତ ବ୍ୟକ୍ତି ଭିଜିଲାନ୍ସରେ ଜଣାଇଥିଲେ। ପୂର୍ବ ଯୋଜନା ଅନୁସାରେ ଲାଞ୍ଚ ଟଙ୍କା ନେବା ବେଳେ ଏସ୍ଆଇ କରଙ୍କୁ ଭିଜିଲାନ୍ସ ଧରିଥିଲା । ଏ ସଂକ୍ରାନ୍ତରେ ଅଧିକ ତଦନ୍ତ ଜାରି ରଖିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି।

# ବିଧାୟକଙ୍କୁ କୋଭିଡ୍ ମୁକାବିଲା ମନ୍ତ୍ର

### ସଂକ୍ଷେପରେ

## କ୍ୱାରାଣ୍ଟାଇନ ସେଣ୍ଟରରେ ମହିଳାଙ୍କ ମୃତ୍ୟୁ

**ପଟ୍ଟାଙ୍ଗି,୧୭(ଡି.ଏନ.ଏ.):** କୋରାପୁଟ ଜିଲା ପଟ୍ଟାଙ୍ଗି ସ୍ଥିତ ଗାଙ୍ଗେଶ୍ୱରୀ କଲେଜ କ୍ୱାରାଣ୍ଟାଇନ ସେଣ୍ଟରରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସରପଞ୍ଚ ଭଗବାନ ଖରା, ବିଡିଓ ମୋନାଲିସା ଦେବତା ପ୍ରମୁଖ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ନୂଆଗାଁ ପଞ୍ଚାୟତର ସମ୍ପୃକ୍ତ ମହିଳା ପରିବାର ସହ ଦାଦନ ଖଟିବାକୁ ଆନ୍ଧ୍ରକୁ ଯାଇଥିଲେ। ଗତ ୨୨ରେ ଗ୍ରାମକୁ ଫେରିବା ପରେ ଗ୍ରାମବାସୀଙ୍କ ପରାମର୍ଶରେ ସେ ସପରିବାର ପଞ୍ଚାୟତ କାର୍ଯ୍ୟାଳୟରେ ରହିଥିଲେ। ନୂଆଗାଁ ସରପଞ୍ଚ ଲାକି ଗେମେଲ ହସ୍ତକ୍ଷେପ କରିବା ପରେ ୫ ଦିନ ପରେ ସମସ୍ତେ ଗାଙ୍ଗେଶ୍ୱରୀ କଲେଜ କ୍ୱାରାଣ୍ଟାଇନ୍ କେନ୍ଦ୍ରକୁ ଯାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଘଟଣା ପରେ ରେଡକ୍ରସ ପାଣ୍ଠିରୁ ମହିଳାଙ୍କ ପରିବାରକୁ ୧୦ ହଜାର ସହାୟତା ଦିଆଯାଇଛି। ଏନେଇ ବିଡିଓ କୁହନ୍ତି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମହିଳାଙ୍କ ମୃତ୍ୟୁର କାରଣ ଜଣାପଡ଼ିବ।

## ଫୁଲପଡ଼ା ପିଇଓ ନିଲମ୍ବିତ

**ଅନୁଗୋଳ ଅଫିସ୍, ୧୭:** ଅନୁଗୋଳ ଜିଲା ବଣ୍ଟରପାଳ ବ୍ଲକର ଫୁଲପଡ଼ା ପଞ୍ଚାୟତରେ ଦୁର୍ନୀତି ଅଭିଯୋଗରେ ଫୁଲପଡ଼ା ଓ ସାନ୍ତରାପୁର(ଖ) ପଞ୍ଚାୟତର ନିର୍ବାହୀ ଅଧିକାରୀ(ପିଇଓ) ଦାୟିତ୍ୱରେ ଥିବା ପ୍ରମୋଦ କୁମାର ସାହୁଙ୍କୁ ବୁଧବାର କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଜିଲାପାଳଙ୍କ ଅନୁମୋଦନ କ୍ରମେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜିଲା ପଞ୍ଚାୟତ ଅଧିକାରୀ(ଡିପିଓ) ଗୌରବ ସିଂହ ସୂଚନା ଦେଇଛନ୍ତି। ପଞ୍ଚାୟତର ଜଣେ ବ୍ୟକ୍ତିଙ୍କ ୧୦ ମାସ ତଳୁ ମୃତ୍ୟୁ ହୋଇସାରିଥିଲେ ମଧ ତାଙ୍କ ନାମରେ ଭତ୍ତା ପ୍ରଦାନ କରାଯାଉଥିବା ପ୍ରମାଣ ମିଳିଛି। ଅନ୍ୟ ଅଭିଯୋଗଗୁଡ଼ିର ତଦନ୍ତ ଜାରି ରହିଥିବା ଡିପିଓ ପ୍ରକାଶ କରିଛନ୍ତି।

## କପିଳଯୋର ନଦୀରେ ମାଛ ମଡ଼କ

**ପାରାଦୀପ,୧୭ (ସ୍ୱ.ପ୍ର.):** ପାରାଦୀପ ବନ୍ଦର ସହର ମଧ ଭାଗରେ ଥିବା କପିଳଯୋର ନଦୀରେ ବୁଧବାର ବିପୁଳ ପରିମାଣରେ ମାଛ ମରି ଭାସୁଥିବା ଦେଖିବାକୁ ମିଳିଛି। କୌଣସି ରସାୟନ ପ୍ରଭାବରେ ଏପରି ଘଟିଥିବା କୁହାଯାଉଛି। ମରିଥିବା ମାଛ ମଧରେ ଅଧିକାଂଶ କଉ ମାଛ ବୋଲି ଜଣାପଡିଛି। ଲୋକଙ୍କଠାରୁ ସୂଚନା ପାଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସନ୍ଧ୍ୟାରେ ନଦୀର ଜଳ ନମୁନା ସଂଗ୍ରହ କରାଯାଇଛି। କପିଳଯୋର ନଦୀର ଏହି ଘଟଣା ପ୍ରଥମ ବୋଲି ଜଣାପଡିଛି। ମାଛମରିବା ପ୍ରସଙ୍ଗରେ ମତ୍ସ୍ୟଅଧିକାରୀ ମଧୁମୟ ସାମଲ କହିଛନ୍ତି, କଉ ମାଛ ଅମ୍ଳଜାନ ହ୍ରାସରେ ମରନ୍ତି ନାହିଁ। ମଲା ମାଛ ଓ ପାଣିର ସାମ୍ପୁଲ ପରୀକ୍ଷା ପରେ କାରଣ ସ୍ପଷ୍ଟ ହେବ। ସୂଚନାଯୋଗ୍ୟ, ୨୦୧୬ ଓ ୨୦୧୮ ଜୁନ୍‌ରେ ଏଭଳି ମାଛ ମଡ଼କ ବଟ ନଦୀରେ ହୋଇଥିଲା। ପରୀକ୍ଷାରେ ପରେ ଅମ୍ଳଜାନ ହ୍ରାସ ଯୋଗୁ ମାଛ ମରିଥିବା ନେଇ ସେତେବେଳେ କୁହାଯାଇଥିଲା।

**ଭୁବନେଶ୍ୱର,୧୭(ବ୍ୟୁରୋ)**

ପବିତ୍ର ବାହୁଡ଼ା ଯାତ୍ରା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରୋନା ମହାମାରୀ ମୁକାବିଲା ପାଇଁ ବିଜେଡି ବିଧାୟକମାନଙ୍କୁ ୮ ସୂତ୍ରୀ କୋଭିଡ୍ ମୁକାବିଲା ମନ୍ତ୍ର ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ବୁଧବାର ଭିଡିଓ କନଫରେନ୍ସ ଜରିଆରେ ବିଧାୟକମାନଙ୍କୁ କହିଛନ୍ତି ଯେ, ବର୍ତ୍ତମାନ ମାନବଜାତି ଏକ ଅଭୂତପୂର୍ବ ସଙ୍କଟ ଦେଇ ଗତି କରୁଛି। କରୋନା ମହାମାରୀ ସାଧାରଣ ଜୀବନରେ ସବୁଠାରୁ ବଡ଼ ଆହ୍ୱାନ ଭାବେ ଦେଖାଦେଇଛି। ସମସ୍ତ ବିଧାୟକ ନିଜ ନିଜ ଅଞ୍ଚଳର ନେତୃତ୍ୱ ନେଉଛନ୍ତି। ନିଜ ଅଞ୍ଚଳରେ ମଧ ବିଧାୟକମାନଙ୍କର ବିଶେଷ ଖାତିର ରହିଛି। ଏହି ସଙ୍କଟ ସମୟରେ ଲୋକମାନେ ବିଧାୟକମାନଙ୍କ ଠାରୁ ଅନେକ କିଛି ଆଶା ରଖିଛନ୍ତି। ବିଧାୟକ ହିସାବରେ ନିଜ ଅଞ୍ଚଳରେ ଅନେକ ବିକାଶ କାମ କରି ଥାଇପାରନ୍ତି। କିନ୍ତୁ କରୋନା ମହାମାରୀ ସବୁଠାରୁ ବଡ଼ ଆହ୍ୱାନ ଭାବେ ଉଭାହୋଇଛି। ଲୋକଙ୍କ ଜୀବନ ଓ ମୃତ୍ୟୁ ସହିତ ଏକ ଆହ୍ୱାନ ରହିଛି। ଏହି ମହାମାରୀରେ ଲୋକଙ୍କ ସେବା କରିବା ତଥା ସେମାନଙ୍କ ଜୀବନକୁ ନିରାପଦ କରିବା ପାଇଁ ଆଗ ଅପେକ୍ଷା ଅନେକ ସୁଯୋଗ ସୃଷ୍ଟି କରିଛି। ଏହାକୁ ଦୃଷ୍ଟିରେ ରଖି ବିଧାୟକମାନେ ଅଧିକ ଯତ୍ନବାନ୍ ହେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ବିଧାୟକଙ୍କ ଉପରେ ୮ ସୂତ୍ରୀ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ବିଜେଡି ଜୀବନ ବିନ୍ଦୁ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ସହ ପ୍ରତି ଗାଁରେ ଥିବା ସବୁ କର୍ମୀ କୋଭିଡ୍ ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ କରିବା ଦରକାର। ବୟସ୍କ ଲୋକଙ୍କ ପାଇଁ ଏହି ସମୟ ମଧରେ ଅଧିକ ବିପଦ ରହିଛି। ତେଣୁ ଆମେ ସେମାନଙ୍କର ଉପଯୁକ୍ତ ଯତ୍ନ ନେବା ଦରକାର। ମାସ୍କ ବ୍ୟବହାର ଓ ସାମାଜିକ ଦୂରତ୍ୱ ସମ୍ପର୍କରେ ଲୋକଙ୍କୁ ଅଧିକ ସଚେତନ କରିବାକୁ ମୁଖ୍ୟମନ୍ତ୍ରୀ ନିଜ ଦଳର ଜନପ୍ରତିନିଧିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗହଳି ସ୍ଥାନକୁ ଯିବା ନାହିଁ କିମ୍ବା ଗହଳି କରିବା ନାହିଁ। କିନ୍ତୁ ଲୋକଙ୍କ ସହ ଯୋଡ଼ି ହେବା ପାଇଁ ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ୱାର୍ଡସ୍ତରରେ ଗଢ଼ାଯାଇଥିବା ୫୦ ହଜାର କୋଭିଡ୍ କେୟାର କମିଟିଗୁଡ଼ିକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୦ ହଜାର ଟଙ୍କା ଲେଖାଏ ଯୋଗାଇ ଦିଆଯାଇଛି। ପ୍ରତି ପଞ୍ଚାୟତରେ କୋଭିଡ୍ କେୟାର ରହିବ। ଏଥିପାଇଁ ୫୦ ହଜାର ଟଙ୍କା ମଞ୍ଜୁର କରାଯାଇଛି। ଜୀବନ ଜୀବିକା ଏବଂ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ଅଧିକ ଜୋରଦାର କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ପ୍ରତ୍ୟେକ କାର୍ଯ୍ୟ, ପ୍ରତ୍ୟେକ ଗତିବିଧି, ପ୍ରତ୍ୟେକ ପଦକ୍ଷେପରେ କୋଭିଡ୍ ଗାଇଡ୍‌ଲାଇନ ପାଳନ କରି ଦଳୀୟ କର୍ମୀ ଓ ଲୋକମାନଙ୍କୁ ପ୍ରେରଣା ଦେବା ଦରକାର। ଏ ସଙ୍କଟ ସମୟରେ ସେମାନେ ଯେପରି ନିଜର ଓ ନିଜ ପରିବାରର ଉପଯୁକ୍ତ ଯତ୍ନ ନେଇପାରିବେ ସେଥିପାଇଁ ପ୍ରେରଣା ଦେବାକୁ ମୁଖ୍ୟମନ୍ତ୍ରୀ ବିଧାୟକମାନଙ୍କୁ ଆହ୍ୱାନ ଦେଇଛନ୍ତି।




### ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

- ଲୋକଙ୍କ ଜୀବନ ସୁରକ୍ଷା ପାଇଁ କାମ କର
- ଅଧିକ ଜୀବନବିନ୍ଦୁ କାର୍ଯ୍ୟକ୍ରମ, ଜୀବନ ଜୀବିକା, ସଚେତନତା ଉପରେ ଗୁରୁତ୍ୱ

### ‘ଉପଯୁକ୍ତ ରଣନୀତି ଯୋଗୁ ଓଡ଼ିଶା ଭଲ ସ୍ଥିତିରେ’

ସାରା ଦେଶରେ ସବୁଠାରୁ ଭଲ ସୁସ୍ଥତା ହାର ପ୍ରଦର୍ଶନ କରୁଥିବା ରାଜ୍ୟଗୁଡ଼ିକ ମଧରେ ଓଡ଼ିଶା ରହିଛି। ସେହିପରି ମୃତ୍ୟୁ ହାର ମଧ ସବୁଠାରୁ କମ୍ ରହିଛି। ଉପଯୁକ୍ତ ରଣନୀତି ଯୋଗୁ ଏହା ସମ୍ଭବ ହୋଇପାରିଛି। ତଥାପି ଆହୁରି ଅନେକ ବାଟ ଯିବାକୁ ଅଛି। ଲକ୍‌ଡାଉନ ପରେ ପ୍ରାୟ ୭ ଲକ୍ଷ ଲୋକ ଓଡ଼ିଶା ଫେରିଛନ୍ତି। ଅସ୍ଥାୟୀ ଚିକିତ୍ସା ଶିବିର(ଟିଏମ୍‌ସି) ପରି ନୂଆ ଚିନ୍ତାଧାରା କରୋନା ଯୁଦ୍ଧରେ ଆମକୁ ବହୁତ ସାହାଯ୍ୟ କରିଛି। ଆମେ ପରିସ୍ଥିତିକୁ ଠିକ୍ ଭାବରେ ମୁକାବିଲା କରିପାରିଛୁ ବୋଲି ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ ବିଧାୟକମାନଙ୍କୁ ସମ୍ବୋଧନ କରିବା ଅବସରରେ ଏହା କହିଛନ୍ତି। ଏବେ ଆମେ ସବୁଠାରୁ ଜଟିଳ ପରିସ୍ଥିତି ଦେଇ ଗତିକରୁଛୁ। ଆମକୁ ଆହୁରି ଅଧିକ କାମ କରିବାକୁ ହେବ। ବର୍ତ୍ତମାନ ବର୍ଷା ଋତୁ ଆରମ୍ଭ ହୋଇଗଲାଣି। ପ୍ରତିଦିନ ୧୦ ହଜାର ଲୋକ ବିଭିନ୍ନ ହଟ୍‌ସ୍ପଟ୍ ଅଞ୍ଚଳରୁ ଓଡ଼ିଶା ଆସୁଛନ୍ତି। ତଦାରଖ ବ୍ୟବସ୍ଥାକୁ ଆହୁରି ବିକେନ୍ଦ୍ରୀକରଣ କରି ୱାର୍ଡ ସ୍ତର ପର୍ଯ୍ୟନ୍ତ ପହଞ୍ଚିପାରିଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଜନ୍ମଦିନ ଶୁଭେଚ୍ଛା।

JAY-JEET
May the Lord continue to shower you with happiness, good future, prosperity and good health all the day of your life.
Best Wishes From:
Papa, Mama, Chachu, Chachi, Juhi, Chintu, Pinu, Rishi, Mausa, Mausi, Maa & Aai.
ଧ-୧୭୬୪୧

## ଘୂର୍ଣ୍ଣିବଳୟ: ୫ ଜିଲାରେ ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୧୭(ବ୍ୟୁରୋ):** ଆଭ୍ୟନ୍ତରୀଣ ଓଡ଼ିଶା ଏବଂ ଏହାର ଆଖପାଖ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏଥିସହିତ ଅନ୍ୟ ଏକ ଘୂର୍ଣ୍ଣିବଳୟ ପୂର୍ବ ଉତ୍ତରପ୍ରଦେଶ ଉପର ଏବଂ ଏହାର ଆଖପାଖ ଅଞ୍ଚଳରେ ଘେରି ରହିଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧରେ କୋରାପୁଟ, ରାୟଗଡ଼ା, ଗଜପତି, କନ୍ଧମାଳ ଓ ଢେଙ୍କାନାଳ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ କୋରାପୁଟ, ରାୟଗଡ଼ା, ଗଞ୍ଜାମ, ଗଜପତି, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, କଟକ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ନବରଙ୍ଗପୁର ଏବଂ କଳାହାଣ୍ଡି ଜିଲାରେ ଘଡ଼ଘଡି ସହ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି।

ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଆସନ୍ତା ୬ ତାରିଖ ଯାଏ ରାଜ୍ୟର ଆଭ୍ୟନ୍ତରୀଣ ଏବଂ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ରାଜ୍ୟରେ ମୌସୁମୀ ସକ୍ରିୟ ରହିଛି। ଏହାର ପ୍ରଭାବରେ କେତେକ ସ୍ଥାନରେ ବର୍ଷା ଲାଗିରହୁଛି। ଗତ ୪୮ ଘଣ୍ଟା ମଧରେ କୋରାପୁଟରେ ୫ସେଣ୍ଟିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ସମ୍ବଲପୁର ୫, ନୟାଗଡ଼ ୫, କଳାହାଣ୍ଡି ୪, ଟିଟିଲାଗଡ଼ ୪, କେନ୍ଦ୍ରାପଡ଼ା ୪, ଦେବଗଡ଼ ୩ ଏବଂ ଗଜପତି ଜିଲାରେ ୩ ସେଣ୍ଟିମିଟର ବର୍ଷା ରେକର୍ଡ କରାଯାଇଛି।

### ରାଜ୍ୟ ବାହାରେ ରଥଯାତ୍ରା



ପଶ୍ଚିମବଙ୍ଗର ଦକ୍ଷିଣ ଦିନାଜପୁର ଜିଲା ବୋଆଲଦର ଗ୍ରାମରେ ଶ୍ରୀଜୀଉଙ୍କ ବାହୁଡ଼ାଯାତ୍ରା।

## ମହିଳାଙ୍କ ଆଗରେ ଅସଦ୍ କାର୍ଯ୍ୟ: ପୋଲିସ ଅଫିସର ନିଲମ୍ବିତ

**ଦେଓରିଆ(ୟୁପି),୧୭:** ଉତ୍ତରପ୍ରଦେଶର ଜଣେ ପୋଲିସ ଅଫିସର ଥାନାକୁ ଅଭିଯୋଗ କରିବାକୁ ଆସିଥିବା ଜଣେ ମହିଳାଙ୍କ ସମ୍ମୁଖରେ ହସ୍ତମୈଥୁନ କରିବା ଘଟଣା କ୍ୟାମେରାରେ ଧରାପଡ଼ିଯିବା ପରେ ସେ ଫେରାର ହୋଇଯାଇଛନ୍ତି। ତାଙ୍କୁ ତୁରନ୍ତ ନିଲମ୍ବନ କରାଯିବା ସହ ତାଙ୍କ ବିରୋଧରେ ଗୁରୁତର ମାମଲା ରୁଜୁ ହୋଇଛି। ଉକ୍ତ ପୋଲିସ ଅଫିସରଙ୍କ ସମ୍ପର୍କରେ ସୂଚନା ଦେଲେ ୨୫ ହଜାର ଟଙ୍କା ପୁରସ୍କାର ଦିଆଯିବ ବୋଲି ରାଜ୍ୟ ପୋଲିସ ପକ୍ଷରୁ ଘୋଷଣା କରାଯାଇଛି। ଦେଓରିଆ ଜିଲାର ଉକ୍ତ ଥାନାକୁ ମହିଳା ଜଣଙ୍କ କୌଣସି ଏକ ମାମଲାରେ ଅଭିଯୋଗ କରିବାକୁ ଆସିଥିଲେ। ଷ୍ଟେଶନ ହାଉସ୍ ଅଫିସର ଭୀଷ୍ମ ପାଲ୍ ସିଂ ତାଙ୍କୁ ସହାୟତା ପାଇଁ ମନା କରିବା ସହ ଅସଦ୍ କାର୍ଯ୍ୟରେ ଲିପ୍ତ ଥିବାବେଳେ ମହିଳା ମୋବାଇଲ ଫୋନରେ ଏହାକୁ ରେକର୍ଡ କରିଥିଲେ। ଜଣେ ପୋଲିସ ଅଧିକାରୀ ଯଦି ଏଭଳି କାର୍ଯ୍ୟ କରନ୍ତି ତେବେ ଲୋକେ ନ୍ୟାୟ ପାଇବେ କିପରି ବୋଲି ମହିଳା ଜଣକ ପ୍ରଶ୍ନ କରିଛନ୍ତି। ଅଫିସରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଦେଓରିଆ ଏସ୍‌ପି ଶ୍ରୀପତି ମିଶ୍ରା କହିଛନ୍ତି। ସୋସିଆଲ ମିଡିଆରେ ଭିଡିଓକୁ ଦେଖି ଅନେକେ ପ୍ରତିକ୍ରିୟା ରଖିଛନ୍ତି।

## ବରିଷ୍ଠଙ୍କୁ ଦାୟିତ୍ୱ ଦେଲେ ନବୀନ

### ବିଜେଡିରେ ୮ ବରିଷ୍ଠ ଉପସଭାପତି, ୯ ଉପସଭାପତି ନିଯୁକ୍ତ

**ଭୁବନେଶ୍ୱର,୧୭(ବ୍ୟୁରୋ)**

ବିଜୁ ଜନତା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଦଳରେ ବଡ଼ଧରଣର ପରିବର୍ତ୍ତନ କରିଛନ୍ତି। ୮ ଜଣ ନେତାଙ୍କୁ ଦଳର ବରିଷ୍ଠ ଉପସଭାପତି ଭାବେ ନିଯୁକ୍ତ କରିଥିବାବେଳେ ୯ ଜଣ ଉପସଭାପତି ଏବଂ ଜଣଙ୍କୁ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦେଇଛନ୍ତି। ଏ ନେଇ ବିଜୁ ଜନତା ଦଳ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଅନଙ୍ଗ ଉଦୟ ସିଂଦେଓ, ପ୍ରସନ୍ନ ଆଚାର୍ଯ୍ୟ, ପ୍ରସନ୍ନ କୁମାର ପାଟଶାଣୀ, ପ୍ରଫୁଲ୍ଲ ସାମଲ, ବିଜୟଶ୍ରୀ ରାଉତରାୟ, ଲାଲ ବିହାରୀ ହିମିରିକା, ଅନନ୍ତ ଦାସ ଏବଂ ବିମ୍ବାଧର କୁଅଁରଙ୍କୁ ବିଜେଡିର ବରିଷ୍ଠ ଉପସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ମଙ୍ଗଳା କିଷାନ, ସୌମ୍ୟ ରଞ୍ଜନ ପଟ୍ଟନାୟକ, ଦେବୀ ପ୍ରସାଦ ମିଶ୍ର, ବିକ୍ରମ କେଶରୀ ଆରୁଖ, ଉଷା ଦେବୀ, ପ୍ରମିଳା ମଲ୍ଲିକ, ବଦ୍ରି ନାରାୟଣ ପାତ୍ର, ପ୍ରଦୀପ କୁମାର ଅମାତ ଏବଂ ପଦ୍ମନାଭ ବେହେରାଙ୍କୁ ଉପସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ୯ ଜଣ ଉପସଭାପତିଙ୍କୁ ନବୀନ ଦଳର ବିଭିନ୍ନ ଦାୟିତ୍ୱ ଦେଇଛନ୍ତି। ମଙ୍ଗଳା କିଷାନଙ୍କୁ ଆଦିବାସୀ ସଶକ୍ତୀକରଣ ଓ ସଂଖ୍ୟାଲଘୁ ବ୍ୟାପାର ଦାୟିତ୍ୱ ଦିଆଯାଇଥିବା ବେଳେ ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କୁ କଳା, ସଂସ୍କୃତି ଏବଂ ମାନବ ସମ୍ବଳ ବିକାଶ, ଦେବୀ ମିଶ୍ରଙ୍କୁ ଓଡ଼ିଶାର ମୋ ପରିବାର, ବିକ୍ରମ କେଶରୀ ଆରୁଖଙ୍କୁ ପରିବେଶ, ଉଷା ଦେବୀଙ୍କୁ ସାମାଜିକ କଲ୍ୟାଣ, ପ୍ରମିଳା ମଲ୍ଲିକଙ୍କୁ ମହିଳା ସଶକ୍ତୀକରଣ, ବଦ୍ରି ନାରାୟଣ ପାତ୍ରଙ୍କୁ ଆଞ୍ଚଳିକ ଉନ୍ନୟନ, ପ୍ରଦୀପ କୁମାର ଅମାତଙ୍କୁ ସଶକ୍ତ ଓଡ଼ିଶା ଏବଂ ପଦ୍ମନାଭ ବେହେରାଙ୍କୁ ଅନୁସୂଚିତ ଜାତି ସଶକ୍ତୀକରଣ ଦାୟିତ୍ୱ ଦିଆଯାଇଛି। ଏଥିସହିତ ରାଜ୍ୟ ଯୋଜନା ବୋର୍ଡର ଉପାଧ୍ୟକ୍ଷ ଥିବା ସଞ୍ଜୟ କୁମାର ଦାସବର୍ମାଙ୍କୁ ଦଳର ମୁଖ୍ୟକାର୍ଯ୍ୟାଳୟର ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଛି। ରାଜ୍ୟ ମହାମାରୀ କରୋନା ସଂକ୍ରମଣ ଦେଇ ଗତି କରୁଥିବା ବେଳେ ବିଜେଡି ସଭାପତି ଦଳୀୟ ଉପସଭାପତିମାନଙ୍କୁ ରାଜ୍ୟର ବିଭିନ୍ନ ବର୍ଗ ଓ କ୍ଷେତ୍ରର ବିକାଶ ପାଇଁ ଦାୟିତ୍ୱ ଦେଇଛନ୍ତି। ପ୍ରଶାସନିକ ଅଧିକାରୀମାନେ କୋଭିଡ୍-୧୯ ମୁକାବିଲାରେ ବ୍ୟସ୍ତ ରହିଥିବା ବେଳେ ରାଜନେତାମାନଙ୍କୁ ରାଜ୍ୟର ବିଭିନ୍ନ କ୍ଷେତ୍ରର ବିକାଶ ପାଇଁ ନିଯୁକ୍ତି ଦିଆଯାଇଛି।

## ଦକ୍ଷତା ରିପୋର୍ଟ ପ୍ରଦାନ ଅବଧି ସେପ୍ଟେମ୍ବର ୧୫କୁ ବୃଦ୍ଧି

**ଭୁବନେଶ୍ୱର,୧୭(ବ୍ୟୁରୋ):** ରାଜ୍ୟ ସରକାରଙ୍କ ଗ୍ରୁପ ‘ଏ’ ଏବଂ ‘ବି’ ଅଫିସରମାନେ ୨୦୧୯-୨୦ ଆର୍ଥିକ ବର୍ଷରେ କରିଥିବା ନିଜ କାର୍ଯ୍ୟ ଦକ୍ଷତା ସମ୍ପର୍କିତ ମୂଲ୍ୟାଙ୍କନ ରିପୋର୍ଟ ଜୁନ୍ ୩୦ ମଧରେ ଦେବାକୁ ସ୍ଥିର କରାଯାଇଥିଲା। ମାତ୍ର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବୁଧବାର ଜାରି କରାଯାଇଥିବା ଏକ ବିଜ୍ଞପ୍ତିରେ ଏହାକୁ ସେପ୍ଟେମ୍ବର ୧୫ ଯାଏ ବୃଦ୍ଧି କରାଯାଇଛି। ସାଧାରଣତଃ ପ୍ରତିବର୍ଷ ଅଧିକାରୀମାନେ ଏହି ରିପୋର୍ଟ ଏପ୍ରିଲ ୩୦ ସୁଦ୍ଧା ପ୍ରଦାନ କରିଥାନ୍ତି। କରୋନା ଯୋଗୁ ଏହି ସମୟ ସୀମାକୁ ପ୍ରଥମରେ ଜୁନ୍ ୧୦ ଯାଏ ବୃଦ୍ଧି କରାଯାଇଥିଲା। ଗ୍ରୁପ ‘ଏ’ ଏବଂ ‘ବି’ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ରିପୋର୍ଟ ଜୁନ ୩୦ ମଧରେ ହ୍ୟୁମାନ ରିସୋର୍ସ ମ୍ୟାନେଜମେଣ୍ଟ ସିଷ୍ଟମ୍ (ଏଚ୍ଆର୍ଏମ୍ଏସ୍) ମାଧମରେ ଦାଖଲ କରିବାକୁ କୁହାଯାଇଥିଲା। ହେଲେ ଅଫିସରମାନେ ମହାମାରୀ ମୁକାବିଲା କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି। ତେଣୁ ପୂର୍ବ ନିର୍ଦ୍ଧାରିତ ତାରିଖରେ ସେମାନେ ନିଜର ରିପୋର୍ଟ ପ୍ରଦାନ କରିବାରେ ସମସ୍ୟା ଭୋଗିବା ସମ୍ଭାବନା ରହିଛି। ତେଣୁ ଅଫିସରମାନେ ଏହି ରିପୋର୍ଟ ୧୫ ସେପ୍ଟେମ୍ବର ସୁଦ୍ଧା ପ୍ରଦାନ କରିବେ। ଅଫିସରମାନେ ନିଜ ରିପୋର୍ଟ ଅନ୍‌ଲାଇନ ମାଧମରେ ପ୍ରଦାନ କରିବେ। ଉଚ୍ଚପଦସ୍ଥ ଅଧିକାରୀମାନେ ଏହାର ସମୀକ୍ଷା କରି ୧୫ ଡିସେମ୍ବର ସୁଦ୍ଧା ସମୀକ୍ଷା ରିପୋର୍ଟ ଦେବେ। ଏ ନେଇ ସାଧାରଣ ପ୍ରଶାସନ ବିଭାଗର ସ୍ୱତନ୍ତ୍ର ସଚିବ ଜି.ସି. ପାତ୍ର ସମସ୍ତ ଅତିରିକ୍ତ ଶାସନ ସଚିବ, ପ୍ରମୁଖ ସଚିବ, କମିଶନରଙ୍କ ସମେତ ସବୁ ବିଭାଗର ସ୍ୱତନ୍ତ୍ର ସଚିବଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ ପ୍ରତାପ ନାରାୟଣ ଦାସ
ଆବିର୍ଭାବ: ୦୨।୦୧।୧୯୪୭
ତିରୋଧାନ: ୨୨।୦୬।୨୦୨୦
ଜଗନ୍ନାଥପୁର, କୁଜଙ୍ଗ
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ସ୍ୱାଭିମାନ, କର୍ତ୍ତବ୍ୟନିଷ୍ଠା ଓ ପରୋପକାରିତା ଆମମାନଙ୍କ ହୃଦୟରେ ସର୍ବଦା ସ୍ମୃତି ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ପତ୍ନୀ: ଜୟନ୍ତୀ ଦାସ, ପୁତ୍ର: ପ୍ରକାଶ ନାରାୟଣ ଦାସ (ପଜନ), ବିକ୍ରମ ନାରାୟଣ ଦାସ, ରାଜେନ୍ଦ୍ର ନାରାୟଣ ଦାସ, ବୋହୂ: ସିଲି, ଗୁଲି, କୁଲି, ପିଙ୍କି, ଭାଇ: ଲୋକନାଥ ନାଥ (ଜଗା), ପୁତୁରା: ପ୍ରଫୁଲ୍ଲ କୁମାର ନାଥଶର୍ମା, ପ୍ରମୋଦ କୁମାର ନାଥଶର୍ମା, ପ୍ରଭାତ କୁମାର ନାଥଶର୍ମା, ପବିତ୍ର କୁମାର ନାଥଶର୍ମା, ପୁତୁରା ବୋହୂ: ନନ୍ଦିନୀ, ମିନି, ମାମା, ବନିତା, ନାତି ଓ ନାତୁଣୀ: କାବୁଲି, କାହ୍ନା, ସିଲୁ, ସାଇଲ, ପିଙ୍କୁ, ପୁପୁ, ଲିଲି, ନିତୁନି, ଝିଲି, ଖୁସି, ରାକ୍ଷୀ, ରାଣିଆ, ଲୁସି, କରିନା ଏବଂ ବନ୍ଧୁ ପରିବାର ଓ ସମସ୍ତ ଆତ୍ମୀୟସ୍ୱଜନ ବୃନ୍ଦ ।

ICAR-National Rice Research Institute
Cuttack (Odisha) 753 006
(PREVIOUSLY KNOWN AS C.R.R.I)
PHONE: 0671–2367768-783, FAX: 0671–2367663,
E-mail: crrictc@nic.in

ADVT.NO. 07/YP-II/2020

Walk in Interview is to be held on **15.07.2020** for one (01) Young Professional-II at the National Rice Research Institute, Cuttack in the scheme **“National Innovations in Climate Resilient Agriculture (NICRA) EAP-245”**. For more details visit our NRRI website- **www.icar-nrri.in**.

PRINCIPAL INVESTIGATOR

ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଇଂ କୈଳାସ ଚନ୍ଦ୍ର ପଣ୍ଡା
ନାଗେଶ୍ୱର ଟାଙ୍ଗୀ, ଭୁବନେଶ୍ୱର
ଆବିର୍ଭାବ: ୨୮।୦୧।୧୯୫୦
ତିରୋଧାନ: ୧୦।୦୭।୨୦୦୩
ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ:
ପତ୍ନୀ, ପୁଅ, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଏବଂ ଆତ୍ମୀୟସ୍ୱଜନ ।
ଧ-୬୯୪୧୯

ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତା ବିମଳିନୀ ଦାଶ୍ (କୁନି)
C/o. ନବକିଶୋର ଦାଶ
ପ୍ଲଟ - ୨୧, ଭୌମନଗର, ୟୁନିଟ୍-୪, ଭୁବନେଶ୍ୱର
ମହାପ୍ରୟାଣ: ଆଷାଢ଼ ଶୁକ୍ଳପକ୍ଷ, ଦ୍ୱାଦଶୀତିଥି (ତା୨୭।୦୬।୨୦୦୭)
ବୋଉ,
ଭରଦ୍ୱାଜଗୋତ୍ର କୁନିଦେବୀ ତୃପ୍ୟତାମିଦଂ ଜଳଂ ତସ୍ମୈସ୍ୱଧାନମଃ। ଏହା ଛଡ଼ା ଆପଣଙ୍କ ପାଇଁ ଦବାକୁ ଆମ ପାଖରେ କିଛି ନାହିଁ। ଏ ଋଣୀ ଜନଙ୍କୁ ସର୍ବଦା କ୍ଷମା ଓ ଆଶୀର୍ବାଦ କରୁଥାନ୍ତୁ! ଏତିକି ପ୍ରାର୍ଥନା।
ଆପଣଙ୍କର ଚିରଋଣୀ:
ରଜନୀ-ରାନ୍ତୁ, ଯାମିନୀ-ଜ୍ୟୋତ୍ସ୍ନା, ଲିନା, ରିନା, ନିନା, ବାଦଲ୍, ୟୁରି ତଥା ସମସ୍ତ ପ୍ରିୟଜନ
ଧ-୧୭୬୬୬

୦୨ ଜୁଲାଇ ୨୦୨୦
ଦଶମ ଶ୍ରାଦ୍ଧ ବାର୍ଷିକୀ

ସ୍ୱର୍ଗତ କେଦାରନାଥ ପଣ୍ଡା
ଡ଼ାକବଙ୍ଗଳା ଛକ, ପୁରୁଣା ଭୁବନେଶ୍ୱର
ଆର୍ବିଭାବ - ୨୪.୦୭.୧୯୨୯
ତିରୋଧାନ- ୨୨.୦୭.୨୦୧୦
(ଗୁରୁବାର,ଆଷାଢ କୃଷ୍ଣପକ୍ଷ ଦ୍ୱାଦଶୀ)
ଆଜିର ଏହି ପୂଣ୍ୟ ଶ୍ରାଦ୍ଧବାର୍ଷିକୀ ତିଥିରେ ଆପଣଙ୍କ ଅମର ଆତ୍ମାର ଶାନ୍ତି ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣାବିନ୍ଦରେ ଆମର ସାଦର ପ୍ରାର୍ଥନା ।
ପରିବାର ବର୍ଗ, ବନ୍ଧୁ ଓ ଆତ୍ମୀୟ ସ୍ୱଜନ
ଧ-୧୭୬୪୩

## ଆକ୍ରାନ୍ତ ସଂଖ୍ୟା ୭୩୧୬କୁ ବୃଦ୍ଧି

- ୧୯ ଜିଲାରୁ ୨୫୧ ନୂଆ ପଜିଟିଭ୍ ଚିହ୍ନଟ
- ଗଞ୍ଜାମରୁ ଆଉ ଜଣେ ଆକ୍ରାନ୍ତଙ୍କ ଅନ୍ୟ ରୋଗରେ ମୃତ୍ୟୁ

**ଭୁବନେଶ୍ୱର, ୧୭(ବ୍ୟୁରୋ):** ରାଜ୍ୟର ୧୯ ଜିଲାରୁ ଆଉ ୨୫୧ ନମୁନା କରୋନା ପଜିଟିଭ୍ ଆସିଛି। ଫଳରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୭,୩୧୬କୁ ବୃଦ୍ଧି ପାଇଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୨୦୮ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ୪୩ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଗଞ୍ଜାମ ଜିଲାରୁ ସର୍ବାଧିକ ୧୦୨ଜଣ ଚିହ୍ନଟ ହୋଇଛନ୍ତି। ସେହିପରି କଟକ ୩୨, ଖୋର୍ଦ୍ଧା ୨୬, ନୟାଗଡ଼ ୧୪, ବରଗଡ଼ ଓ ପୁରୀ ୧୨ ଲେଖାଏ, ମାଲକାନଗିରି ୧୦, ସୁନ୍ଦରଗଡ଼ ୭, ଗଜପତି ୬, ଝାରସୁଗୁଡ଼ା ଓ ମୟୂରଭଞ୍ଜରୁ ୫ଜଣ ଲେଖାଏ, କେନ୍ଦ୍ରାପଡ଼ା, ବଲାଙ୍ଗୀର ଓ ଦେବଗଡ଼ରୁ ୪ଜଣ ଲେଖାଏ, ବାଲେଶ୍ୱର ଓ ସମ୍ବଲପୁରରୁ ୨ଜଣ ଲେଖାଏ ଥିବାବେଳେ ଯାଜପୁର, ସୋନପୁର ଓ ଅନୁଗୋଳରୁ ଜଣେ ଲେଖାଏ ରହିଛନ୍ତି। ଏଥିସହିତ ପଶ୍ଚିମବଙ୍ଗରୁ ଫେରିଥିବା ଜଣେ ଏନ୍‌ଡିଆର୍‌ଏଫ୍ କର୍ମଚାରୀ କରୋନାରେ ଆକ୍ରାନ୍ତ ହୋଇଥିବା ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଅନ୍ୟପଟେ ରାଜ୍ୟରେ ଆଉଜଣେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗଞ୍ଜାମ ଜିଲାର ୫୨ ବର୍ଷୀୟ ପୁରୁଷ। ସେ କର୍କଟ ରୋଗରେ ପୀଡ଼ିତ ଥିଲେ। ତାଙ୍କ ବ୍ରେନ୍ ମଧ ଗୁରୁତର ପ୍ରଭାବିତ ହୋଇଥିଲା। ସେ କରୋନା ପଜିଟିଭ୍ ଥିଲେ ମଧ ତାଙ୍କର ମୃତ୍ୟୁ କର୍କଟ ରୋଗ ଯୋଗୁ ହୋଇଛି। ଫଳରେ ତାଙ୍କୁ ମିଶାଇଲେ ରାଜ୍ୟରେ ୮ଜଣ କରୋନା ଆକ୍ରାନ୍ତଙ୍କର ଅନ୍ୟ ରୋଗରେ ମୃତ୍ୟୁ ଘଟିଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି।

ସେପଟେ ବୁଧବାର ମଧ ରାଜ୍ୟର ଆଉ ୧୬୪ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଫଳରେ ମୋଟ ଆରୋଗ୍ୟଙ୍କ ସଂଖ୍ୟା ୫୩୫୩ରେ ପହଞ୍ଚିଛି। ନୂଆ ଆରୋଗ୍ୟଙ୍କ ମଧରେ ଗଞ୍ଜାମରେ ୪୮, ଜଗତ୍‌ସିଂହପୁର ୩୧, ବାଲେଶ୍ୱର ୨୬, କଟକ ୨୫, ଯାଜପୁର ଓ ଖୋର୍ଦ୍ଧାରୁ ୧୨ଜଣ ଲେଖାଏ ଥିବାବେଳେ କେନ୍ଦ୍ରାପଡ଼ା ଓ ସୁନ୍ଦରଗଡ଼ରୁ ୩ଜଣ ଲେଖାଏ, କେନ୍ଦୁଝର ୨, ଭଦ୍ରକ ଓ ନୟାଗଡ଼ରୁ ଜଣେ ଲେଖାଏ ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ବର୍ତ୍ତମାନ ରାଜ୍ୟରେ ଆଉ ୧୯୩୦ଜଣ ସକ୍ରିୟ ରୋଗୀ ଥିବାବେଳେ ୨୦୯୪ଜଣ ସନ୍ଦିଗ୍ଧ ହସ୍ପିଟାଲ ଆଇସୋଲେଶନରେ ଅଛନ୍ତି।

ତହସିଲ କାର୍ଯ୍ୟାଳୟ, ବୋଡେନ, ଜିଲ୍ଲା ନୂଆପଡ଼ା
ଇସ୍ତାହାର ସଂଖ୍ୟା ୧୩୩୧/ତାରିଖ ୦୧।୦୭।୨୦୨୦
ଲଘୁଖଣିଜ ଉତ୍ସ (ପଥରଖାଦାନ) ପାଞ୍ଚବର୍ଷିଆ ଲିଜ୍ ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ୱାନ
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ, ବୋଡେନ ତହସିଲ ଅନ୍ତର୍ଗତ ବିଭିନ୍ନ ମୌଜା ସ୍ଥିତ ଲଘୁ ଖଣିଜ ଉତ୍ସ (ପଥରଖାଦାନ)ଗୁଡିକ ଟେଣ୍ଡର ମାଧମରେ ଦୀର୍ଘମିଆଦୀ ସୂତ୍ରରେ ୫ ବର୍ଷ ପାଇଁ ଲିଜ୍ ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଛି । ଏଥିପାଇଁ ଇଚ୍ଛୁକ ବ୍ୟକ୍ତିବିଶେଷ ନିର୍ଦ୍ଦିଷ୍ଟ ଫାରମରେ ଆବେଦନ କରିପାରିବେ । ଟେଣ୍ଡର ଫାରମ (ସମସ୍ତ ବିବରଣୀ, ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ, ୨୦୧୬ ଅନୁଯାୟୀ ନିର୍ଦ୍ଦିଷ୍ଟ ଫାରମରେ ‘M’ ଟ.୨୦୦୦ଙ୍କା ଏବଂ ଅତିରିକ୍ତ ୦୫ ପ୍ରତିଶତ ଭାଟ୍ ମୂଲ୍ୟରେ ତହସିଲ କାର୍ଯ୍ୟାଳୟରୁ ତା୦୪।୦୭।୨୦୨୦ରିଖଠାରୁ ତା୨୨।୦୭।୨୦୨୦ରିଖ ଘ.୫.୩୦ଟିକା ପର୍ଯ୍ୟନ୍ତ କେବଳ ସରକାରୀ କାର୍ଯ୍ୟଦିବସ ସମୟରେ ଉପଲବ୍ଧ ହେବ । ଉକ୍ତ ରାଶି ଫେରସ୍ତ ହେବ ନାହିଁ ।
ସବିଶେଷ ବିବରଣୀ ନିମନ୍ତେ ତହସିଲଦାରଙ୍କ କାର୍ଯ୍ୟାଳୟ, ବୋଡେନ ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରୁ କାର୍ଯ୍ୟଦିବସରେ ପାଇପାରିବେ ତଥା ନୂଆପଡ଼ା ଜିଲ୍ଲା ୱେବ୍‌ସାଇଟ (www.nuapada.nic.in)ରେ ମଧ ଉପଲବ୍ଧ ଅଟେ ।
ସ୍ୱା./- ତହସିଲଦାର, ବୋଡେନ

ହତାଶା କେବେ ବି ଅଗ୍ରଗତି ଲାଗି ଆବଶ୍ୟକ ନୁହେଁ। ଏହା ସର୍ବଦା ଏକ ଦୁର୍ବଳତା ଓ ତାମସିକତାର ଇସଲାମ ଧର୍ମ ମତରେ ଭଗବାନ ମହାନ୍ (ସର୍ବଶକ୍ତିଶାଳୀ)। ସତକଥା। ସେ ଏତେ ମହାନ୍ ଯେ, ଆବଶ୍ୟକତା ପଡିଲେ ସେ ନିଜକୁ ଦୁର୍ବଳ ମଧ୍ୟ କରି ଦେଇପାରନ୍ତି –ସେଥିପାଇଁ ତାଙ୍କୁ କେହି ବାଧା ଦେଇପାରିବେ ନାହିଁ। –ଶ୍ରୀଅରବିନ୍ଦ



# ପରିବେଶର ଇଞ୍ଜିନିୟର



ମାନେକା ଗାନ୍ଧୀ

କେରଳ ସରକାର ପାଥାନାମ୍‌ଥିଟ୍ଟା (Pathanamthitta)ରେ ଏକ ବାଘକୁ ମାରିବା ପାଇଁ ଶାର୍ପସୁଟର ମଗାଇଛନ୍ତି। ବାଘ ମାନବ ବସତି ନିକଟରେ ବନ୍ଧା ହୋଇଥିବା ଗୋରୁଙ୍କୁ ମାରିବାକୁ ଚେଷ୍ଟା କଲାବେଳେ ଜଣେ ଲୋକ ବାଧା ଦେବାରୁ ତାଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏହି ଲେଖା ପ୍ରକାଶ ପାଇବା ବେଳକୁ ବାଘଟି ବୋଧହୁଏ ବିନା ଦୋଷରେ ଗୁଳିମାଡ଼ରେ ମରିସାରିଥିବ।

କର୍ତ୍ତୃପକ୍ଷ ଏବଂ ଜଙ୍ଗଲ ବିଭାଗ ପାଥାନାମ୍‌ଥିଟ୍ଟାରେ ଚାଷୀମାନଙ୍କ ଅନୁରୋଧରେ ଛଅମାସ ଧରି ବନ୍ୟ ଘୁଷୁରିମାନଙ୍କୁ ହତ୍ୟା କଲେ। ବାଘର ଖାଇବା ପାଇଁ ଆଉ କିଛି ବାକି ରହିଲା ନାହିଁ। ତେଣୁ ସେ ବର୍ତ୍ତମାନ ଗୋରୁ ଉପରେ ଆକ୍ରମଣ କରୁଛି। ପ୍ରତ୍ୟେକ ଜାଗାରେ ଯେଉଁଠି ବାଘମାନେ ମଣିଷଖିଆ ବାଘରେ ପରିଣତ ହୋଇଛନ୍ତି, ଯେମିତି ଚନ୍ଦ୍ରପୁର, ୟାଓତମଲ ବା ପିଲିଭିତ୍– ସେଠି ଏହାର କାରଣ ହେଉଛି ଏହା ପୂର୍ବରୁ ମାସ ମାସ ଧରି ବନ୍ୟ ଘୁଷୁରିମାନଙ୍କୁ ବିଧିବଦ୍ଧ ଭାବେ ହତ୍ୟା କରାଯାଇଛି।

ବନ୍ୟ ଘୁଷୁରିମାନଙ୍କୁ ମାରିବା ହେଉଛି ସରକାରଙ୍କର ସବୁଠାରୁ ବଡ଼ ମୂର୍ଖତାପୂର୍ଣ୍ଣ କାର୍ଯ୍ୟ। ସେମାନେ ହେଉଛନ୍ତି ଭାରତର ମୁଖ୍ୟ ଇକୋସିଷ୍ଟମ୍ ଇଞ୍ଜିନିୟର। ସେମାନେ କେବଳ ବାଘମାନଙ୍କର ଖାଦ୍ୟ ନୁହନ୍ତି, ସେମାନଙ୍କର ବଡ଼ ଆକାର ଏବଂ ଖାଦ୍ୟ ପାଇଁ ବାରମ୍ବାର ମୂଳୋତ୍ପାଟନ ହେତୁ ଜଙ୍ଗଲ ଚଟାଣ ଉପରେ ଏହାର ପ୍ରଭାବ ପଡିଥାଏ। ମାଟିକୁ ତାଡ଼ି ଉପରତଳ କରି ବୀଜବପନ ପାଇଁ ସେମାନେ ଅନୁକୂଳ ପରିବେଶ ସୃଷ୍ଟି କରନ୍ତି। ସେମାନେ ବୀଜବିକ୍ଷେପରେ ମଧ୍ୟ ସାହାଯ୍ୟ କରନ୍ତି। କାରଣ ସେମାନେ ଖାଉଥିବା ଫଳର ମଞ୍ଜିଗୁଡ଼ିକ ପ୍ରାୟତଃ ସେମାନଙ୍କ ପେଟରେ ହଜମ ନ ହୋଇ ଅକ୍ଷୁଣ୍ଣ ଅବସ୍ଥାରେ ମଳବାଟେ ବାହାରିଯାଇଥାଏ ଏବଂ ଏଣେତେଣେ ପଡ଼ି ଗଛ ଉଠିଥାଏ। ସେମାନଙ୍କର ଅନ୍ୟତମ ତଥା ସବୁଠାରୁ ଉପଯୋଗୀ କାର୍ଯ୍ୟ ହେଉଛି ବ୍ରାକେନ୍ ବା ବଡ଼ ଫର୍ନକୁ ଖାଇବା, ଯାହାକୁ ଅନ୍ୟ କୌଣସି ପ୍ରଜାତି ଖାଇ ହଜମ କରିପାରନ୍ତି ନାହିଁ। ସେମାନେ ମଧ୍ୟ ଶଯ୍ୟା ତିଆରି କରିବା ପାଇଁ ଏହାକୁ ଖୋଳିପକାନ୍ତି। ଫଳରେ ଏହି ଫର୍ନଗୁଡ଼ିକ ଜଙ୍ଗଲ ଚଟାଣରେ ବିସ୍ତାର ଲାଭ କରି ଅନ୍ୟ ଗଛର ବଂଶବୃଦ୍ଧିକୁ ରୋକିପାରେ ନାହିଁ। କୀଟପତଙ୍ଗଙ୍କ ଶୂକ, ଜିଆ, ଶାମୁକା ଓ ଗେଣ୍ଡା ପ୍ରଭୃତି ବିବନ୍ୟ ଘୁଷୁରିମାନଙ୍କର ଅନ୍ୟତମ ମୁଖ୍ୟ ଖାଦ୍ୟ।

କିନ୍ତୁ ବନ୍ୟ ଘୁଷୁରିଙ୍କ ବଂଶବୃଦ୍ଧି ନେଇ କୃଷକମାନେ ଅଭିଯୋଗ ଜାରି ରଖିଛନ୍ତି। ଏହାର କାରଣ ହେଉଛି ସରକାରଗୁଡ଼ିକ ବିଧିବଦ୍ଧ ଭାବେ ସମସ୍ତ ଗଧିଆଙ୍କୁ ହତ୍ୟା କରିଛନ୍ତି। ୧୯୯୦ ଦଶକରେ ଜଣେ ମୂର୍ଖ ମୁଖ୍ୟ ବନ୍ୟପ୍ରାଣୀ ୱାର୍ଡେନ (ଅବସର ପରେ ସେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ହତ୍ୟା କରିଥିବା ହାତୀ ଓ ବାଘ ସଂଖ୍ୟାକୁ ନେଇ ଗର୍ବ କରିଥିଲେ) ଉତ୍ତରପ୍ରଦେଶରେ ଅବଶିଷ୍ଟ ଗଧିଆଙ୍କୁ ହତ୍ୟା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେଣୁ ବନ୍ୟ ଘୁଷୁରିମାନଙ୍କୁ ମାରି ଖାଉଥିବା ଶିକାରୀ ପ୍ରାଣୀଙ୍କ ସଂଖ୍ୟା କମିଯିବାରୁ ସେମାନଙ୍କ ସଂଖ୍ୟା ବୃଦ୍ଧି ପାଇଲା।

ପ୍ରକୃତି ଏପରି ନିୟମରେ ବନ୍ଧା ଯେ ପ୍ରତ୍ୟେକ ଜିନିଷ ସହିତ ଅନ୍ୟ ଜିନିଷ ଜଡିତ। ଆପଣ ଗୋଟିଏ ପ୍ରାଣୀର କ୍ଷତି କଲେ ଏହାର ପ୍ରଭାବ ଅନ୍ୟତ୍ର ଅନୁଭୂତ ହୁଏ। ଯେପରି ଚାଇନାର ବନ୍ୟଜନ୍ତୁ ବଜାର ଏବଂ ଗୋଟିଏ ସହରରେ ଚାଇନାର ଘୃଣ୍ୟ ଖାଦ୍ୟ ଅଭ୍ୟାସ ଯୋଗୁ ବିଶ୍ୱବ୍ୟାପୀ ମହାମାରୀ ଭୂତାଣୁଙ୍କ ପ୍ରାଦୁର୍ଭାବ ଦେଖା ଦେଇଛି।

ବାହାମା ଏକ ଦ୍ୱୀପପୁଞ୍ଜ ଏବଂ ସମୁଦ୍ର ପତନ ବୃଦ୍ଧି ପାଇଲେ ସମସ୍ତ ଦ୍ୱୀପ ପରି ସେଗୁଡ଼ିକ ବି ବୁଡ଼ିଯିବେ। ଅନେକ ଦ୍ୱୀପ ପୂର୍ବରୁ ଦ୍ୱାରକା ପରି ସମୁଦ୍ର ଭିତରେ ବୁଡ଼ିଯାଇଛନ୍ତି। ଗତ ଦଶବର୍ଷ ମଧ୍ୟରେ ସୁନ୍ଦରବନର ଦୁଇଟି ଦ୍ୱୀପ ବୁଡ଼ିଯାଇଛି। ସେହିସବୁ ଦ୍ୱୀପଗୁଡ଼ିକୁ ଉଚ୍ଚ ଜୁଆରରୁ ଏବଂ ପାର୍ଶ୍ୱଦେଶର କ୍ଷୟରୁ ରକ୍ଷା କରାଯିବା ଆବଶ୍ୟକ। ଏହି ଦ୍ୱୀପପୁଞ୍ଜଗୁଡ଼ିକ ମଧ୍ୟରୁ ଅଧିକାଂଶ ହେନ୍ତାଳବନ ଦ୍ୱାରା ସୁରକ୍ଷିତ ରହିଥାଏ। ଏହି ଯାଦୁକରୀ ଗଛର ମୂଳ ସମୁଦ୍ର ଜୁଆରରୁ ଉପକୂଳ ମୃତ୍ତିକାକୁ ସୁରକ୍ଷିତ ରଖିଥାଏ। ଏହା ସାମୁଦ୍ରିକ ବାତ୍ୟାରୁ ମଧ୍ୟ ଭୂଭାଗକୁ ରକ୍ଷା କରିଥାଏ। ଆପଣ ସେଗୁଡ଼ିକୁ ଗୋଆରେ ଦେଖିବାକୁ ପାଉଛନ୍ତି। ଏହି ହେନ୍ତାଳବନ ଗୁଜରାଟରେ ବି ଥିଲା କିନ୍ତୁ ୮୭% ବୃକ୍ଷ କାଟି ଦିଆଯାଇଛି କାରଣ ଗୋଟିଏ କମ୍ପାନୀ ବନ୍ଦର ତିଆରି କରି ଟଙ୍କା ରୋଜଗାର କରିବା ପାଇଁ ଏଗୁଡ଼ିକୁ କାଟିବା ଦରକାର ପଡ଼ିଲା। ତାମିଲନାଡୁ ଏବଂ କେରଳରେ ସେଗୁଡ଼ିକୁ କଟାଯାଉଛି। ଏବେ ଯେତେବେଳେ ଅଧିକାଂଶ ଦେଶ ସେଗୁଡ଼ିକୁ ପୁନଃ ପ୍ରତିରୋପଣ କରୁଛନ୍ତି, ଆମେ ଗୋଟିଏ ବି ଗଛ ରୋପଣ କରୁନାହୁଁ। ସାରା ବିଶ୍ୱ ପର୍ଯ୍ୟାବରଣକୁ ସୁସ୍ଥ ରଖିବାରେ ଏହା ସାହାଯ୍ୟ କରେ ବୋଲି ଆମେ ଏପର୍ଯ୍ୟନ୍ତ ବୁଝିପାରିଲୁ ନାହିଁ। ହେନ୍ତାଳବନ ମଧ୍ୟ ଅଧିକାଂଶ ମାଛ ପାଇଁ ନର୍ସରିର କାମ କରେ। ତେଣୁ ହେନ୍ତାଳବନ ନ ରହିଲେ ମାଛ ବା ସାମୁଦ୍ରିକ ପ୍ରାଣୀ ରହିବେ ନାହିଁ। ଯଦି ରାଜନେତାମାନେ ମତ୍ସ୍ୟଜୀବୀ ସମ୍ପ୍ରଦାୟକୁ ଉପକୃତ କରିବାକୁ ଚାହାନ୍ତି, ତେବେ ସେମାନେ ପ୍ରଥମେ ହେନ୍ତାଳଗଛର ପୁନଃ ପ୍ରତିରୋପଣ ଓ ସୁରକ୍ଷା କରିବା ଦରକାର।

ବଞ୍ଚିବା ପାଇଁ ହେନ୍ତାଳଗଛ ମାଛମାନଙ୍କ ପରିସ୍ରା ଆବଶ୍ୟକ କରେ। ସାଇନ୍ସ ଆଡଭାନ୍ସ ପତ୍ରିକାରେ ପ୍ରକାଶିତ ମିଶିଗାନ୍ ୟୁନିଭରସିଟି ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନ ଅନୁଯାୟୀ, ବାହାମା ଦ୍ୱୀପପୁଞ୍ଜରେ ଥିବା ହେନ୍ତାଳବନରେ ସ୍ନାପର୍ ପରି ବଡ଼ ମାଛ ଖାଦ୍ୟ ଖୋଜି ବୁଲନ୍ତି। ସେମାନେ ତାଙ୍କର ଗାଲିସି ବାଟଦେଇ ପରିସ୍ରା କରନ୍ତି ଏବଂ ସେହି ପରିସ୍ରାରେ ନାଇଟ୍ରୋଜେନ୍ ଥାଏ। ଏହି ନାଇଟ୍ରୋଜେନ ହେନ୍ତାଳଗଛ ଏବଂ ତା' ମୂଳରେ ଥିବା ଶୈବାଳଗୁଡ଼ିକ ବଢ଼ିବା ପାଇଁ ସାରର କାମ କରେ। ଫଳରେ ସେଗୁଡ଼ିକ ପ୍ରଚୁର ମାଛ, କଙ୍କଡା ଏବଂ ଅନ୍ୟାନ୍ୟ ପ୍ରାଣୀଙ୍କୁ ଖାଦ୍ୟ ଯୋଗାଇ ପାରନ୍ତି। ଲୋକମାନେ ଏହି ସାମୁଦ୍ରିକ ପ୍ରାଣୀମାନଙ୍କୁ ଧରି ଖାଇଥାନ୍ତି।

କିନ୍ତୁ ସ୍ନାପର୍ ମାଛ ସମଗ୍ର କାରିବିଆନ୍ ସାଗରରେ ବନିଶୀ ଓ ଟେଣ୍ଟାରେ ମାଛମରାଳିଙ୍କ ଦ୍ୱାରା ସବୁଠାରୁ ବେଶି ଶିକାର ହେଉଛନ୍ତି। ଏହା ସବୁଠାରୁ ବଡ ମାଛ ଯିଏ କି ହେନ୍ତାଳଗଛ ପାଇଁ ଅତ୍ୟନ୍ତ ଉପକାରୀ। କିନ୍ତୁ ମଣିଷଙ୍କ ଡିନର ଟେବୁଲ ପାଇଁ ଏମାନଙ୍କୁ ବହୁସଂଖ୍ୟାରେ ମରାଯାଉଛି। ଅଧ୍ୟୟନରୁ ଜଣାପଡିଛି ଯେ, ଯଦି ୫୦ ପ୍ରତିଶତ ସ୍ନାପର୍ ମତ୍ସ୍ୟଜୀବୀଙ୍କ ଦ୍ୱାରା ଧରାଯାନ୍ତି ତେବେ ହେନ୍ତାଳବନରେ ନାଇଟ୍ରୋଜେନର ପରିମାଣ ୬୯ ପ୍ରତିଶତ ହ୍ରାସ ପାଇବ। ଫଳରେ ହେନ୍ତାଳବନ ହ୍ରାସ ପାଇବ ଏବଂ ଦ୍ୱୀପଗୁଡ଼ିକ କ୍ରମଶଃ ଜଳମଗ୍ନ ହୋଇଯିବ। ଏହା ମଧ୍ୟରେ ସମୁଦ୍ରରୁ ମାଛଗୁଡ଼ିକ ବି ଅଦୃଶ୍ୟ ହୋଇଯିବେ।

ଏମିତି ସହସ୍ର ଉଦାହରଣ ରହିଛି ଯେଉଁଠି ଗୋଟିଏ ଗୋଟିଏ ପ୍ରଜାତିର ପ୍ରାଣୀ ପରିପାର୍ଶ୍ୱ ଇକୋସିଷ୍ଟମ୍‌କୁ ରୂପ ଦେଇଥାନ୍ତି। ଏହି ପ୍ରଜାତିଗୁଡ଼ିକୁ ଇକୋସିଷ୍ଟମ୍ ଇଞ୍ଜିନିୟର କୁହାଯାଏ। ଇକୋସିଷ୍ଟମ୍ ଇଞ୍ଜିନିୟରମାନେ ଭୌତିକ ପରିବେଶରେ ଅନୁକୂଳ ପରିବର୍ତ୍ତନ କରି ଅନ୍ୟ ଜୀବମାନଙ୍କ ପାଇଁ ବଞ୍ଚିବାର ଉତ୍ସଗୁଡ଼ିକର ଉପଲବ୍ଧତାକୁ ନିୟନ୍ତ୍ରଣ କରନ୍ତି। ଉଦାହରଣ ସ୍ୱରୂପ, ବିଭର (ଓଧ) ଛୋଟ ନଦୀରେ ବନ୍ଧ ନିର୍ମାଣ କରେ। ଥରେ ବନ୍ଧଗୁଡ଼ିକ ନିର୍ମାଣ ହୋଇ ଜଳାଶୟଗୁଡ଼ିକ ସୃଷ୍ଟି ହେବା ପରେ ଦୃଶ୍ୟପଟ୍ଟ ବଦଳିଯାଏ ଏବଂ ବିଭିନ୍ନ ଉଭୟଚର, ମାଛ ଏବଂ ପକ୍ଷୀମାନଙ୍କ ସହିତ ଏକ ନୂତନ ଇକୋସିଷ୍ଟମ୍ ଜନ୍ମ ନିଏ।

ଆଫ୍ରିକୀୟ ସାଭାନା ହାତୀ ଗଛ-ଝିଟିପିଟି ପାଇଁ ସବୁଠାରୁ ବଡ ବରଦାନ ସଦୃଶ। ଯେତେବେଳେ ହାତୀମାନେ ଗଛର ଡାଳ ଭାଙ୍ଗନ୍ତି, ସେତେବେଳେ ଗଛରେ ଏକ ଗର୍ତ୍ତ ସୃଷ୍ଟି ହୋଇଯାଏ। ଏହି ଗର୍ତ୍ତଗୁଡ଼ିକ ଝିଟିପିଟି ପାଇଁ ରହିବା ଘର ଏବଂ ପ୍ରଜନନ ସ୍ଥାନ ପାଲଟିଯାଏ। ଗଛ-ଝିଟିପିଟି ଉଇ ଓ ବୁଢ଼ିଆଣୀ ପରି କୀଟପତଙ୍ଗ ଖାଏ ଏବଂ ନିଜେ ଅନ୍ୟ ବଡ଼ ଝିଟିପିଟି ଓ ସାପମାନଙ୍କ ଦ୍ୱାରା ଖିଆଯାଏ।

ଏସୀୟ ହାତୀଙ୍କ ଗୋବରଗଦା କେବଳ ଉଦ୍ଭିଦ ଓ କବକ ପାଇଁ ପୋଷକ ତତ୍ତ୍ୱ ଭାବରେ କାମ କରେ ନାହିଁ ବରଂ ଏହା ଭିତରେ ଅନେକ ଉଜନ ବିଭିନ୍ନ ପ୍ରଜାତିର ବେଙ୍ଗ ବି ଦେଖିବାକୁ ମିଳନ୍ତି। ସେମାନଙ୍କ ସହ ଥାନ୍ତି ଗୋବରପୋକ, ପିମ୍ପୁଡ଼ି, ବୁଢ଼ିଆଣୀ, ଶତପଦୀ, ଝିଙ୍କାରୀ ଆଦି ଅନେକ ପ୍ରାଣୀ। ବାୟୋଟ୍ରୋପିକା ନାମକ ପତ୍ରିକାରେ ପ୍ରକାଶିତ ଏକ ଅଧ୍ୟୟନରୁ ଏହା ଜଣାପଡ଼ିଛି।

ପ୍ରାଣୀ ଇଞ୍ଜିନିୟରମାନଙ୍କ ଭିତରେ ସବୁଠାରୁ ପ୍ରସିଦ୍ଧ ହେଉଛି ୟେଲୋଷ୍ଟୋନ ପାର୍କର ଗଧିଆ। ୧୯୩୦ ଦଶକରେ ପାର୍କର ସମସ୍ତ ଗଧିଆଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଏହାର ପରିଣାମ କ'ଣ ହେଲା? ଜାତୀୟ ଉଦ୍ୟାନରେ ଥିବା ଏଲ୍‌କ (ବୃହତ୍‌କାୟ ହରିଣ ବିଶେଷ)ଙ୍କ ସଂଖ୍ୟା ବୃଦ୍ଧି ପାଇଲା ଏବଂ ସେମାନେ ଉକ୍ତ ଅଞ୍ଚଳର ସମସ୍ତ ଗଛବୃଚ୍ଛ ଖାଇଦେଲେ। ନଦୀଶଯ୍ୟାଗୁଡ଼ିକରେ ଥିବା ସମସ୍ତ ରସୁଆଳ ଘାସ ଓ ଛୋଟ ଗଛଗୁଡ଼ିକ ଅଦୃଶ୍ୟ ହୋଇଗଲା। ଏଭଳି ମରୁତୁଲ୍ୟ ସ୍ଥାନରେ ପକ୍ଷୀମାନଙ୍କ ପାଇଁ ବି ପର୍ଯ୍ୟାପ୍ତ ଖାଦ୍ୟ ମିଳିଲା ନାହିଁ। ତେଣୁ ସେମାନେ ଚାଲିଗଲେ। ନଦୀ କୂଳରେ ଥିବା ଛୋଟ ଗଛ ଉପରେ ନିର୍ଭର କରୁଥିବା ବିଭର (ଓଧ)ମାନେ ବି ଅଦୃଶ୍ୟ ହୋଇଗଲେ। ଏଲ୍‌କମାନେ ସମସ୍ତ ରସୁଆଳ କୋଳି ଖାଇଦେଲେ। ତେଣୁ ସେହି ଅଞ୍ଚଳର ଟ୍ରେଡ୍‌ମାର୍କ ଭାବେ ବିବେଚିତ ଭାଲୁମାନଙ୍କ ସଂଖ୍ୟା ବହୁତ କମିଗଲା। ନଦୀକୂଳର ମୃତ୍ତିକାକୁ ଧରିରଖିଥିବା ଗଛଗୁଡ଼ିକ ନ ରହିବାରୁ ନଦୀ ବନ୍ଧ ଭାଙ୍ଗି କୂଳ ଲଂଘନ କରି ବନ୍ୟା ପରିସ୍ଥିତି ସୃଷ୍ଟି କଲା। ପାର୍କଟିରେ ବହୁତ କମ୍ ପ୍ରଜାତିର ପ୍ରାଣୀ ରହିଲେ।

୧୯୯୫ରେ କାନାଡାରୁ ଧରାଯାଇଥିବା ଗଧିଆମାନଙ୍କୁ ଆଣି ୟେଲୋଷ୍ଟୋନ ପାର୍କରେ ଛଡ଼ାଗଲା। ତା' ଫଳରେ ଏଲ୍‌କମାନଙ୍କ ସଂଖ୍ୟା ହ୍ରାସ ପାଇଲା ଏବଂ ସେମାନେ ଗଧିଆମାନଙ୍କୁ ଭୟ କରୁଥିବାରୁ ନଦୀକୂଳକୁ ମୁକ୍ତ ଭାବରେ ଆସିବା ବନ୍ଦ କଲେ। ତା'ପରେ ଧୀରେ ଧୀରେ ବିଭିନ୍ନ ପ୍ରକାର ଛୋଟବଡ଼ ଗଛ ଜନ୍ମିଲେ। କିଛି ବର୍ଷ ମଧ୍ୟରେ ନଦୀକୂଳ ପୁଣି ଉଛୁଳିବା ବନ୍ଦ କଲା। ଓଧମାନେ ଫେରି ନିଜ ଡ୍ୟାମ୍ ସହିତ ଛୋଟ ଜଳାଶୟ ତିଆରି କଲେ। ବେଙ୍ଗମାନେ ପୁଣି ଫେରିଲେ ଏବଂ ପକ୍ଷୀମାନେ ମଧ୍ୟ ଫେରି ଆସିଲେ। ଭାଲୁମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଭଲ ହେଲା।

ଦୁର୍ଭାଗ୍ୟବଶତଃ ୟେଲୋଷ୍ଟୋନ ପାର୍କ ନିକଟରେ ଗୋରୁ ଚରାଉଥିବା ଲୋକମାନେ ପୁଣି ଗଧିଆମାନଙ୍କୁ ବେଆଇନ ଭାବେ ଶିକାର କରୁଛନ୍ତି। ସେମାନେ ଚାହୁଁଛନ୍ତି ପାର୍କ ନଷ୍ଟ ହୋଇଗଲେ ସେମାନଙ୍କର ଗୋରୁମାନେ ଚରିବାକୁ ଅଧିକ ସ୍ଥାନ ପାଇପାରିବେ। ୧୪୭ଟି ଗଧିଆଙ୍କ ମଧ୍ୟରୁ ବର୍ତ୍ତମାନ ମାତ୍ର ୧୦୦ଟି ବଞ୍ଚିଛନ୍ତି। ସେମାନଙ୍କ ସଂଖ୍ୟା ହ୍ରାସ ପାଇଲେ ପୁଣି ପୂର୍ବପରି ବିଶୃଙ୍ଖଳିତ ଅବସ୍ଥା ସୃଷ୍ଟି ହେବ।

ଇମେଲ: gandhim@nic.in

## ସ୍ୱ-ଅଧ୍ୟୟନ: ଏକ ଆଲୋଚନା

ସଂଯୁକ୍ତା ଦାଶ

ବର୍ତ୍ତମାନ କୋଭିଡ୍ ୧୯ ଯୋଗୁ ରାଜ୍ୟ ସରକାରଙ୍କ ଦ୍ୱାରା ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ସମସ୍ତ ପରୀକ୍ଷାକୁ ବନ୍ଦ କରିଦିଆଯାଇଛି ଓ ବିକଳ୍ପ ବ୍ୟବସ୍ଥା ଦ୍ୱାରା ପିଲାଙ୍କୁ ଉତ୍ତୀର୍ଣ୍ଣ କରିବାକୁ ବ୍ୟବସ୍ଥା କରାଯାଉଛି। ଚଳିତ ଶିକ୍ଷାବର୍ଷ କେବେଠାରୁ ଆରମ୍ଭ ହେବ ତାହା ଏବେ ମଧ୍ୟ ଅନିଶ୍ଚିତ ଅବସ୍ଥାରେ ଅଛି। ଏହି ପରିପ୍ରେକ୍ଷୀରେ ଉଚ୍ଚଶିକ୍ଷା ବିଭାଗ ତରଫରୁ ଜୁନ୍ ୧୯ ତାରିଖରେ ଏକ ନୂତନ ଶିକ୍ଷାନୀତି ଆଗତ କରାଯାଇଛି। ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀ ସିଲାବସ୍‌ର ଏକ ଚତୁର୍ଥାଂଶ ଛାତ୍ରୀଛାତ୍ରଙ୍କ ସ୍ୱଅଧ୍ୟୟନ ପାଇଁ ରହିବ। ପିଲାମାନେ ବିଭିନ୍ନ ପୁସ୍ତକ, ଇଣ୍ଟରନେଟ୍, ବିଭିନ୍ନ ଇ-ଶିକ୍ଷା ଉତ୍ସ ଉତ୍ୟାଦିର ସାହାଯ୍ୟ ନେଇ ନିଜେ ନିଜେ ଅଧ୍ୟୟନ କରିବେ ଏବଂ ଶିକ୍ଷକ ଚାରି/ପାଞ୍ଚଟି କ୍ଲାସ୍ ନେଇ ଯଦି କିଛି ସନ୍ଦେହ ରହିଯାଇଥାଏ ତାହା ଦୂର କରିବେ। ସ୍ୱଅଧ୍ୟୟନ ପାଇଁ ପ୍ରତ୍ୟେକ ପେପରର ଦ୍ୱିତୀୟ ୟୁନିଟ୍ ଚିହ୍ନଟ କରାଯାଇଛି ଓ ମଧ୍ୟବର୍ତ୍ତିକାଳୀନ ସେମିଷ୍ଟର ପରୀକ୍ଷା ମୁଖ୍ୟତଃ ସେହି ୟୁନିଟ୍ ଉପରେ ପର୍ଯ୍ୟବସିତ ରହିବ।

ପ୍ରସ୍ତାବ ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ। ପାଶ୍ଚାତ୍ୟ ରାଷ୍ଟ୍ର ବା ଭାରତର କିଛି ଉନ୍ନତ ଶିକ୍ଷାନୁଷ୍ଠାନରେ ଏଭଳି ପାଠ୍ୟ ଖସଡ଼ା ପ୍ରସ୍ତୁତ କରାଯାଏ। ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ଏହି 'ମିଶ୍ରିତ ଶିକ୍ଷା' ପ୍ରସ୍ତାବ ନିଶ୍ଚିତ ଭାବରେ ଏକ ପ୍ରଗତିଶୀଳ ମାନସିକତାକୁ ଦର୍ଶାଉଛି। ଏହାକୁ 'ଶିକ୍ଷକଙ୍କ ତତ୍ତ୍ୱାବଧାନରେ ସ୍ୱଅଧ୍ୟୟନ' କୁହାଯାଇପାରେ। ଏହା ନିଶ୍ଚିତ ଭାବରେ ଉପାଦେୟ। ଛାତ୍ରୀଛାତ୍ରଙ୍କର ପଠନ ପ୍ରତି ଆଗ୍ରହ, ଦକ୍ଷତା ଓ ଜାଣିବାର ଇଚ୍ଛା ବୃଦ୍ଧିପାଇବ। କିନ୍ତୁ ପ୍ରଶ୍ନଉଠେ ଯେ ଶିକ୍ଷାନୀତିରେ ପରିବର୍ତ୍ତନ ପାଇଁ ଏହା ଉପଯୁକ୍ତ ସମୟ କି? ଛାତ୍ରୀଛାତ୍ର, ଶିକ୍ଷକ, ଅଭିଭାବକ ଓ ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ଏଥିପାଇଁ ପ୍ରସ୍ତୁତ କି? ସ୍ୱଅଧ୍ୟୟନ ପାଇଁ ଠିକ୍ ସିଲାବସ୍ ପ୍ରସ୍ତୁତ କରାଯାଇଛି କି? ନଚେତ୍ ଲକ୍ଷ୍ୟ ସାଧନ କଷ୍ଟକର ହୋଇପାରେ।

ଓଡ଼ିଶାର କେତୋଟି ହାତଗଣତି ମହାବିଦ୍ୟାଳୟକୁ ଛାଡ଼ିଦେଲେ ପ୍ରାୟ ସବୁ କଲେଜରେ ଭିତ୍ତିଭୂମିର ଅଭାବ ରହିଛି। ସ୍ୱଅଧ୍ୟୟନ ଶିକ୍ଷାନୀତି ପ୍ରୟୋଗରେ ଏହା ଏକ ବଡ଼ ପ୍ରତିବନ୍ଧକ। ଦ୍ୱିତୀୟତଃ ପ୍ରତ୍ୟେକ ପେପରର ଦ୍ୱିତୀୟ ୟୁନିଟ୍‌କୁ ସ୍ୱଅଧ୍ୟୟନ ପାଇଁ ରଖିବା ପଛରେ କୌଣସି ଯୁକ୍ତିଯୁକ୍ତତା ନାହିଁ। ସ୍ନାତକ ଶ୍ରେଣୀ ପାଇଁ ସାରା ରାଜ୍ୟର ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକରେ ସମାନ ସିଲାବସ୍ ୨୦୧୯ ମସିହାରୁ ଲାଗୁ କରାଯାଇଛି। ସେତେବେଳେ ସ୍ୱଅଧ୍ୟୟନ ପାଇଁ ଏକ ଚତୁର୍ଥାଂଶ ସିଲାବସ୍ ଚିହ୍ନଟ କରାଯାଇ ନ ଥିଲା। ପ୍ରତ୍ୟେକ ପେପରର ୟୁନିଟ୍‌ଗୁଡ଼ିକ ପ୍ରାୟତଃ ପରସ୍ପର ସହିତ ସଂଯୁକ୍ତ। ଶ୍ରେଣୀଗୃହରେ ପ୍ରଥମ ୟୁନିଟ୍ ପଢ଼ାଇ ଶିକ୍ଷକ ପିଲାଙ୍କୁ କହିବେ ତୁମେମାନେ ୟୁନିଟ୍-୨କୁ ସ୍ୱଅଧ୍ୟୟନ କର। ମୁଁ ଏବେ ୟୁନିଟ୍-୩ ଆରମ୍ଭ କରୁଛି। ବାସ୍ତବରେ ଛାତ୍ରୀଛାତ୍ର ୟୁନିଟ୍-୩ର ପାଠ ବୁଝିଲାବେଳେ ଅସୁବିଧାର ସମ୍ମୁଖୀନ ହେବେ ଓ ଚାପଗ୍ରସ୍ତ ରହିବେ।

ତୃତୀୟରେ ସେହି ନିର୍ଦ୍ଦିଷ୍ଟ ଦ୍ୱିତୀୟ ୟୁନିଟ୍‌ରୁ ମଧ୍ୟବର୍ତ୍ତିକାଳୀନ ସେମିଷ୍ଟର ପରୀକ୍ଷା ୨୦ ମାର୍କର କାହିଁକି କରାଯିବ ଏହା ପ୍ରଶ୍ନବାଚୀ ସୃଷ୍ଟି କରେ। ମଧ୍ୟବର୍ତ୍ତିକାଳୀନ ସେମିଷ୍ଟର ପରୀକ୍ଷା ସେହି ବିଷୟ ପଢ଼ାଉଥିବା ଶ୍ରେଣୀଶିକ୍ଷକଙ୍କ ଉପରେ ଛାଡ଼ିଦେଲେ ଭଲ। ଜାତୀୟ ଶିକ୍ଷାନୀତି ସବୁବେଳେ ଶିକ୍ଷାର ବିକେନ୍ଦ୍ରୀକରଣ ପାଇଁ ଗୁରୁତ୍ୱ ଦିଏ।

୨୦୧୯ରେ ଆଡ୍‌ମିଶନ୍ କରିଥିବା ପିଲାଙ୍କ ପାଇଁ ସେ ସମୟରେ ପ୍ରଚଳିତ ଥିବା ସିଲାବସ୍, ପରୀକ୍ଷା ପଦ୍ଧତିରେ ହଠାତ୍ ପରିବର୍ତ୍ତନ ଆଣିବା ମଧ୍ୟ ଉଚିତ ମନେହୁଏ ନାହିଁ। ଉଚ୍ଚଶିକ୍ଷା ବିଭାଗ ଯଦି ଉଚିତ ମନେକରୁଛନ୍ତି ତେବେ ନୂତନ ଶିକ୍ଷାନୀତିକୁ ଚଳିତ ବା ଆସନ୍ତା ବର୍ଷଠାରୁ ଲାଗୁ କରାଇପାରନ୍ତା।

କୋଭିଡ୍ ମହାମାରୀ ନିଶ୍ଚିତ ଭାବରେ ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କୁ ମାନସିକ ଦୁଶ୍ଚିନ୍ତା ମଧ୍ୟକୁ ଠେଲି ଦେଇଛି। ଏହି ସମୟରେ ଶିକ୍ଷାନୀତିରେ ପରିବର୍ତ୍ତନ ଛାତ୍ରୀଛାତ୍ରଙ୍କୁ ପ୍ରଥମଥର ପାଇଁ ଏକ ଚତୁର୍ଥାଂଶ ସିଲାବସ୍ ନିଜେନିଜେ ପଢ଼ିବା ପ୍ରସ୍ତାବ ହୁଏତ ତାଙ୍କୁ ଅଧିକ ଚାପଗ୍ରସ୍ତ କରିପାରେ। ସ୍ୱଅଧ୍ୟୟନ ପ୍ରସ୍ତାବକୁ ପ୍ରୟୋଗ କରିବା ପୂର୍ବରୁ ଯଦି ନିମ୍ନଲିଖିତ ବିଷୟଗୁଡ଼ିକ ଉପରେ ଧ୍ୟାନ ଦିଆଯା'ନ୍ତା ତା'ହେଲେ ନୂତନ ଶିକ୍ଷାନୀତି ଅଧିକ ଫଳପ୍ରଦ ହେବ।

୧. ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଆବଶ୍ୟକ ଭିତ୍ତିଭୂମି ଯଥା- କମ୍ପ୍ୟୁଟର, ବିଦ୍ୟୁତ୍, ତୀବ୍ର ଗତିଯୁକ୍ତ ଇଣ୍ଟରନେଟ୍, ଲାଇବ୍ରେରୀ ଓ ଇ-ଷ୍ଟଡିସେଣ୍ଟର ଇତ୍ୟାଦିର ଯୋଗାଣକୁ ନିଶ୍ଚିତ କରାଯାଉ। ୨. ଏକ ଚତୁର୍ଥାଂଶ ସିଲାବସ୍ ସ୍ୱଅଧ୍ୟୟନ ପାଇଁ ରହିବ। ଏହାକୁ ଦୃଷ୍ଟିରେ ରଖି ନୂତନ ସିଲାବସ୍‌ର ପରିକଳ୍ପନା କରାଯାଉ। ଉଦାହରଣ ସ୍ୱରୂପ ଯଦି ଗୋଟିଏ ୟୁନିଟ୍‌ରେ ଚାରିଟି ବିଷୟ ଅଛି, ତେବେ ତିନୋଟି ଶ୍ରେଣୀଗୃହରେ ପଢ଼ାଯାଉ ଓ ଚତୁର୍ଥ ବିଷୟଟି ସ୍ୱଅଧ୍ୟୟନ ପାଇଁ ରଖାଯାଉ। ୩. ଶିକ୍ଷକ, ଅଭିଭାବକ, ଛାତ୍ରୀଛାତ୍ରଙ୍କୁ ନେଇ ପର୍ଯ୍ୟାପ୍ତ ଆଲୋଚନା ହେଉ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉ। ଆଡ୍‌ମିଶନ୍ ପୂର୍ବରୁ ଜଣେ ଛାତ୍ର ଜାଣିବା ଆବଶ୍ୟକ ଯେ ତାଙ୍କୁ ଏକ ଚତୁର୍ଥାଂଶ ସିଲାବସ୍ ସ୍ୱଅଧ୍ୟୟନ କରିବାକୁ ଅଛି। ୪. ଯେଉଁ ଛାତ୍ରୀଛାତ୍ର ସ୍ନାତକ ଶ୍ରେଣୀରେ ଓଡ଼ିଆ ମାଧ୍ୟମରେ ପରୀକ୍ଷା ଦେଉଛନ୍ତି ତାଙ୍କ ପାଇଁ ଯଥେଷ୍ଟ ଇ ଶିକ୍ଷା ଉତ୍ସ, ପିପିଟି, ବହି, ଇ-ଷ୍ଟଡିମ୍ୟାଟେରିଆଲ୍ ପ୍ରସ୍ତୁତ କରାଯାଉ। ୫. ସେଲ୍‌ଫ ଫାଇନାନ୍ସିଂରେ ବୈଷୟିକ କୋର୍ସ କରୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଏହି ନୂତନ ଶିକ୍ଷାନୀତି ଲାଗୁ ହେବ କି ନା ତାହା ସ୍ଥିର କରାଯାଉ।

ଏହି ପ୍ରସ୍ତାବିତ ଶିକ୍ଷା ସଂସ୍କାରରେ ନିଶ୍ଚିତ ଭାବରେ କୋଟି କୋଟି ଅର୍ଥବ୍ୟୟ ହେବ। ଯଦି ସମସ୍ତ ପ୍ରସ୍ତୁତି ସହିତ ଆସନ୍ତା ବର୍ଷରୁ ଏହାକୁ ପ୍ରୟୋଗ କରାଯାଆନ୍ତା ତା'ହେଲେ ଏହା ଅଧିକ ଫଳପ୍ରଦ ହୁଅନ୍ତା।

ବିଦ୍ୟାଧରପୁର, କଟକ, sanjuktadas@gmail.com

## ଏଇ ଭାରତରେ

ଅବସର ପରେ ବିଶ୍ରାମ ନୁହେଁ ସେବାକୁ ନିଜ ମନ୍ତ୍ର କରିଛନ୍ତି ଡ. ଲୀଲା ଜୋଷୀ। ତାଙ୍କୁ ବର୍ତ୍ତମାନ ବୟସ ୮୨। ରହୁଛନ୍ତି ମଧ୍ୟପ୍ରଦେଶର ରତଲାମରେ। ସେଠାକାର ଆଦିବାସୀ ମହିଳା ଓ ପିଲାମାନଙ୍କ ସେବାରେ ପାଖାପାଖି ୨୩ ବର୍ଷ ହେବ ନିଜକୁ ଉତ୍ସର୍ଗ କରିଛନ୍ତି। ଲୀଲା ରେଲୱେରେ ଚିଫ୍ ମେଡିକାଲ ଅଫିସର ଭାବେ କାର୍ଯ୍ୟ କରି ୧୯୯୭ରେ ଅବସର ନେଇ ଆଦିବାସୀ ପିଲା ଓ ମହିଳା ବିଶେଷ କରି ଗର୍ଭବତୀଙ୍କ ଅପପୁଷ୍ଟି ଏବଂ ରକ୍ତହୀନତା ସମସ୍ୟା ଦୂର କରିବାରେ ଲାଗିଛନ୍ତି। ଡ. ଜୋଷୀ ଶ୍ରୀ ସେୱା ସଂସ୍ଥା (ଏସ୍‌ଏସ୍‌ଏସ୍) ନାମକ ଏନ୍‌ଜିଓ ଗଠନ କରି ଜିଲାରେ ମାତୃମୃତ୍ୟୁ ହାର ହ୍ରାସ କରିବାରେ ସକ୍ଷମ ହୋଇଛନ୍ତି। ଦୁଇ ଦଶନ୍ଧି ମଧ୍ୟରେ ୩.୫ ଲକ୍ଷ ପିଲା ଓ ଲକ୍ଷାଧିକ ମହିଳାଙ୍କୁ ସେ ସେବା ଯୋଗାଇ ଦେଇଛନ୍ତି। ଏଥିପାଇଁ ସେ ରତଲାମର ମଦର ଟେରେସା ଭାବେ ଜଣାଶୁଣା। ସରକାରୀ ହସ୍ପିଟାଲ, ସ୍ୱାସ୍ଥ୍ୟସେବା ବିଭାଗ, ସ୍ୱୟଂସହାୟିକା ଗୋଷ୍ଠୀ, ଅଙ୍ଗନୱାଡି ଓ ଆଶା କର୍ମୀମାନଙ୍କ ସହଯୋଗରେ ସେବା ଲାଗି ଲୋକବଳ ଓ ଔଷଧ ଯୋଗାଡ କରୁଛନ୍ତି। ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମହିଳା ଓ ଶିଶୁମାନଙ୍କ ପାଇଁ ମାଗଣାରେ ମାସକୁ ୨ ଥର ହେଲ୍‌ଥ କ୍ୟାମ୍ପ୍ ଆୟୋଜନ କରୁଛନ୍ତି। ଏନ୍‌ଜିଓ ମାଧ୍ୟମରେ ପାଉଡର ପୌଷ୍ଟିକ ଆହାର ବଣ୍ଟନ କରୁଛନ୍ତି। ବିଭିନ୍ନ ଉତ୍ସରୁ ପ୍ରାପ୍ତ ଅନୁଦାନରେ ଏହି ସେବା ଚାଲିଛି ବୋଲି ଡ. ଜୋଷୀ କହନ୍ତି। ଡ. ଜୋଷୀଙ୍କ ଜନ୍ମ ଉତ୍ତରାଖଣ୍ଡରେ। ତାଙ୍କ ପିତା ରେଲୱେରେ ଚାକିରି କରିଥିଲେ। ମେଡିକାଲ ଶିକ୍ଷା ଶେଷ କରି ସେ ରେଲୱେ ହେଲ୍‌ଥ ସର୍ଭିସରେ ଯୋଗ ଦେଇ ୧୯୯୭ରେ ଅବସର ନେଇଥିଲେ। ଏହାର ବର୍ଷେ ପୂର୍ବରୁ ମଦର ଟେରେସାଙ୍କ ସହ ଜୋଷୀଙ୍କ ସାକ୍ଷାତ ହେବା ପରେ ତାଙ୍କ ପରାମର୍ଶରେ ରତଲାମରେ ସେ ଆଦିବାସୀଙ୍କ ସେବାରେ ଲାଗିଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | | | | 4 | | | | | | B | 1 | 5 | | |
| | | | 3 | | | | | 9 | | D | A | | C | |
| | | | C | | 8 | | B | | E | | 0 | 1 | | 3 |
| B | | 2 | | | | | | | 5 | | C | 8 | | |
| | | | 0 | | | | | | 4 | 2 | | | | E |
| | | | | A | | 3 | | | | 1 | | C | | |
| | | | 2 | | B | 9 | | C | | 0 | | | | |
| 9 | | | | | | | E | 5 | | | | | 8 | B |
| 6 | | C | | | 5 | | | 0 | 8 | | 7 | | 1 | |
| | | | | 0 | | | | 1 | D | 4 | | | 7 | 5 |
| | | | | | A | 5 | D | 8 | 2 | | | 4 | | 7 |
| | A | | 5 | 6 | | | | 2 | 9 | | E | | | |
| | 8 | | | 3 | | | | 6 | | 7 | | | | |
| | 1 | 4 | | | | 0 | | | A | | | | 2 | C |
| | | | | C | | | | 4 | | | D | 9 | B | A |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 0 | 5 | D | 7 | 4 | 6 | 8 | C | 1 | 9 | E | 3 | A | 2 |
| C | A | 4 | 1 | 6 | 8 | E | 9 | 7 | 3 | B | 2 | D | 0 | 5 |
| D | 3 | 7 | 0 | 9 | 2 | A | B | 4 | C | 8 | 5 | E | 1 | 6 |
| 1 | 9 | 8 | E | 3 | C | 2 | 5 | 0 | 6 | A | D | 7 | 4 | B |
| 2 | E | 6 | A | B | 5 | D | 1 | 3 | 4 | 7 | 0 | 9 | C | 8 |
| E | 6 | A | 3 | 0 | 9 | 8 | 4 | D | B | C | 1 | 5 | 2 | 7 |
| 0 | 2 | 3 | 5 | 8 | B | 1 | 7 | 9 | D | 6 | A | 4 | E | C |
| 5 | C | D | 7 | 2 | E | 0 | A | 6 | 9 | 4 | 3 | 8 | B | 1 |
| 9 | 8 | B | 4 | D | 1 | C | 2 | 5 | E | 0 | 7 | 6 | 3 | A |
| 7 | 4 | 1 | C | A | 6 | B | 3 | E | 2 | 5 | 8 | 0 | D | 9 |
| 8 | 7 | 0 | B | 4 | 3 | 9 | C | 1 | A | D | 6 | 2 | 5 | E |
| 6 | B | 2 | 9 | E | D | 5 | 0 | A | 7 | 3 | C | 1 | 8 | 4 |
| 4 | 5 | C | 6 | 1 | 0 | 3 | E | B | 8 | 2 | 9 | A | 7 | D |
| A | D | E | 2 | 5 | 7 | 4 | 6 | 8 | 0 | 1 | B | C | 9 | 3 |
| 3 | 1 | 9 | 8 | C | A | 7 | D | 2 | 5 | E | 4 | B | 6 | 0 |

ଗତକାଲିର ଉତ୍ତର

# ମାଟି ଓ ମଣିଷର ଶିଳ୍ପୀ



ଇଂ. ପ୍ରଭାକର ସ୍ୱାଇଁ

'କବିତା ଗଢ଼େ ଏକ ବିରାଟ ସମାଜର,/ ସବୁରି ପାଇଁ ଯହିଁ ବଖୁରେ ହେଲେ ଘର।' (ଆଗାମୀ) ପରି କବିତାରେ ବିଶ୍ୱବାସୀଙ୍କ ମଙ୍ଗଳକାମନା ପାଇଁ ଇସ୍ତାହାର ବାଢ଼ିଥିବା କବି ହେଉଛନ୍ତି ପଦ୍ମଭୂଷଣ ଡ. କାଳିନ୍ଦୀଚରଣ ପାଣିଗ୍ରାହୀ। ଜଣେ ଯଶସ୍ୱୀ କବି, ସଫଳ କଥାଶିଳ୍ପୀ, ଚିନ୍ତାଶୀଳ ପ୍ରାବନ୍ଧିକ, ସୁସମାଲୋଚକ, ବିଶିଷ୍ଟ ନାଟ୍ୟକାର, ସୁଯୋଗ୍ୟ ଶିଶୁ ସାହିତ୍ୟିକ ଏବଂ ଆତ୍ମଜୀବନୀକାର ଭାବରେ ସେ ଆମ ସାହିତ୍ୟରେ ସୁପରିଚିତ। ୧୯୦୧ ଜୁଲାଇ ୨ ତାରିଖରେ ଅବିଭକ୍ତ ପୁରୀ ଜିଲାର ବିଶ୍ୱନାଥପୁର ଗ୍ରାମରେ ଜନ୍ମଗ୍ରହଣ କରିଥିବା ସ୍ରଷ୍ଟାଙ୍କର ଯଥାର୍ଥ ସାହିତ୍ୟିକ ଜୀବନ ଆରମ୍ଭ ହୋଇଥିଲା ୧୯୨୧ ମସିହାରେ ରେଭେନ୍‌ଶା କଲେଜରେ ଅଧ୍ୟୟନ କାଳରେ, ସତୀର୍ଥ ଓ ସହଯୋଗୀଙ୍କ ସହିତ ନନ୍‌ସେନ୍ସ କ୍ଲବ ଗଠନ ମାଧ୍ୟମରେ।

କବି ଜୀବନର ଆଦ୍ୟପାଦରେ ସବୁଜ ସାହିତ୍ୟ ସହିତ ରବୀନ୍ଦ୍ରନାଥଙ୍କ କବିତାର ପ୍ରଭାବରେ ପ୍ରଭାବିତ ହୋଇଥିଲେ କାଳିନ୍ଦୀଚରଣ। ଜୀବନର ପରବର୍ତ୍ତୀ କାଳରେ ଭାରତୀୟ ମୁକ୍ତିସଂଗ୍ରାମ ସହିତ ଗାନ୍ଧୀ ଆଦର୍ଶ, ଭାରତୀୟ ଗ୍ରାମ୍ୟ ଜୀବନ, ଦୁଃଖୀ ମଣିଷର ଦୁଃଖ ତାଙ୍କ ସ୍ରଷ୍ଟା ପ୍ରାଣକୁ ବ୍ୟଥିତ କରିଥିଲା ଏବଂ ଜୀବନର ଶେଷଯାଏ ବ୍ୟଥିତ ମଣିଷର ଦୁଃଖସୁଖ ଥିଲା ତାଙ୍କ ସ୍ରଷ୍ଟା ମାନସର ଭିତ୍ତି। 'ମନେ ନାହିଁ', 'ଛୁରିଟିଏ ଲୋଡ଼ା' ପରି କବିତାଗ୍ରନ୍ଥ ମଧ୍ୟରେ କବି ଭାରତୀୟ ପଲ୍ଲୀ ପ୍ରକୃତି ସହିତ ନିବିଡ଼ତା ସ୍ଥାପନ କରିଛନ୍ତି। ନିଜ ଜନ୍ମମାଟିର ଚାଳଘର ତାଙ୍କ ଜୀବନରେ ଅପାସୋରା ହୋଇଛି। ତେଣୁ ସେ 'ଚାଳର ଘର' କବିତାରେ ପ୍ରକାଶ କରିଛନ୍ତି, ''ଚାଳର ଘରେ ଜନ୍ମ ମୋର/ଚାଳର ଘରେ ଥାଏଁ।/ଚାଳର ଘରେ ପିଅଇ ପାଣି/ଚାଳର ଘରେ ଖାଏଁ।'' କବି ଜୀବନର ପରବର୍ତ୍ତୀ କାଳରେ 'ଜୟ ଭଗବାନ', 'ଭକ୍ତି ଓ ଚାବୁକ', 'ବାଜି ରାଉତ', 'ଯାଦୁଘର', 'ଆଗାମୀ', 'ମନେ ନାହିଁ', 'ମୋ ବାଣୀ' ପ୍ରଭୃତି କବିତା ମଧ୍ୟରେ ସାମ୍ୟବାଦର ମନ୍ତ୍ରରେ ପାଠକଙ୍କୁ ମୁଗ୍ଧ କରି ନିଜ କବିତାର କାନ୍‌ଭାସକୁ ବିଶ୍ୱମୁଖୀ କରାଇଛନ୍ତି। ଏତିକିବେଳେ ସ୍ରଷ୍ଟା 'ମୋ ବାଣୀ' ପରି କବିତା ମଧ୍ୟରେ ପ୍ରକାଶ କରିଛନ୍ତି- ''ଯେ ବାଣୀ ଛୁଇଁନି, ଗୋଟିଏ ଜାତିର କୋଟିଏ ବୁକେ/ସେ ବାଣୀ ମୋହର, ନ ହେଉ ଗୋଚର ନ ଆସୁ ମୁଖେ।''

ଜଣେ କଥାଶିଳ୍ପୀ ଭାବେ କାଳିନ୍ଦୀଚରଣ ଆମ ସାହିତ୍ୟରେ କାହିଁକି, ସମଗ୍ର ଭାରତୀୟ ସାହିତ୍ୟରେ ଖୁବ୍ ଲୋକପ୍ରିୟ ଓ ଆଦରଣୀୟ। 'ମାଟିର ମଣିଷ'ଠାରୁ ଆରମ୍ଭକରି 'ମୁକ୍ତାଗଡ଼ର କ୍ଷୁଧା', 'ଅମର ଚିତା', 'ଲୁହାର ମଣିଷ', 'ଆଜିର

**କାଳିନ୍ଦୀଚରଣଙ୍କ ଜୟନ୍ତୀ ଉପଲକ୍ଷେ**



ମଣିଷ' ପରି ଉପନ୍ୟାସ ଏବଂ 'ଦ୍ୱାଦଶୀ', 'ସାଗରିକା', 'ଶେଷରଶ୍ମି', 'ରାଶିଫଳ', 'ମୋ କଥାଟିସରିନାହିଁ' ପରି ଗଳ୍ପ ସଂକଳନ ମଧ୍ୟରେ ସ୍ରଷ୍ଟା ଏହି ମାଟି ଓ ମଣିଷର କଥାକୁ ଯେପରି ଚମତ୍କାର ରୀତିରେ ଉପସ୍ଥାପିତ କରିଛନ୍ତି, ଭାରତୀୟ ସାହିତ୍ୟରେ ତାହା ଅନୁପମ ଓ ଅତୁଳନୀୟ। ଭାରତବର୍ଷର ଏକାନ୍ନବର୍ତ୍ତୀ ଯୌଥ ପରିବାରର ଏକ ଜୀବନ୍ତ ଆଲେଖ୍ୟ ହେଉଛି ସ୍ରଷ୍ଟାଙ୍କର 'ମାଟିର ମଣିଷ' ଉପନ୍ୟାସ। ଗାନ୍ଧୀ ଆଦର୍ଶରେ ଅନୁପ୍ରାଣିତ ଉପନ୍ୟାସର ନାୟକ ବରଜୁ ଓ ପତ୍ନୀ ହାରାବୋଉ ସମାଜରେ ସତ୍ୟ, ପ୍ରେମ ଓ ତ୍ୟାଗ ପ୍ରତିଷ୍ଠା ପାଇଁ ଜୀବନରେ ଦୁଃଖକଷ୍ଟକୁ ଯେପରି ସହ୍ୟ କରିଛନ୍ତି- ତାହା ଭାରତୀୟ ମୂଲ୍ୟବୋଧକୁ ଯଥାର୍ଥଭାବେ ପ୍ରକଟିତ କରିଛି। ଏହି ମୂଲ୍ୟବୋଧ ଓ ମଣିଷପଣିଆ ହିଁ ପାଠକର ହୃଦୟ ଓ ତା'ର ବିବେକକୁ ଥରାଇ ଦେଇଛି। ସ୍ରଷ୍ଟାଙ୍କର ପ୍ରାୟ ସମସ୍ତ ଗଳ୍ପ ମାଟି ମନସ୍କ, ମାନବକେନ୍ଦ୍ରିକ ଏବଂ ସାମାଜିକ ବାସ୍ତବତାକୁ ନେଇ ପରିକଳ୍ପିତ। 'ମାଂସର ବିଳାପ' ଗଳ୍ପରେ ଜଲି ଓ ଡୋରା ପରି ଦୁଇଟି ମାନବେତର ଚରିତ୍ର ମାଧ୍ୟମରେ ସ୍ରଷ୍ଟା ନିବିଡ଼ ବନ୍ଧୁତ୍ୱ ପ୍ରକଟିତ କରିବା ସହିତ ତହିଁରେ ମାନବିକତାର ସ୍ୱରୂପକୁ ପ୍ରତିବିମ୍ବିତ କରିଛନ୍ତି। 'ଜୟହିନ୍ଦ୍' ଗଳ୍ପରେ ନାରୀ ଜୀବନର ଦୁଃଖ, 'ଚକ ବୁଲୁଥାଏ' ଗଳ୍ପରେ ପରିବର୍ତ୍ତିତ ସାମାଜିକ ବିବର୍ତ୍ତନ, 'ରେଙ୍ଗୁନ ଯାତ୍ରୀ' ଗଳ୍ପରେ ପ୍ରବାସୀ ମଣିଷର ବିପର୍ଯ୍ୟସ୍ତ ଜୀବନ, 'ପୁନଶ୍ଚ' ଗଳ୍ପରେ ସାମ୍ପ୍ରଦାୟିକ ଦଙ୍ଗା, 'ଓଡ଼ିଶାରେ ମହାଯୁଦ୍ଧ' ଗଳ୍ପରେ ମହାସମରର ସ୍ୱରୂପ ଲକ୍ଷ୍ୟ କରାଯାଏ।

ଗଳ୍ପ ଓ ଉପନ୍ୟାସ ସହିତ ସ୍ରଷ୍ଟାଙ୍କର ଅଶୋକଙ୍କ ଜୀବନୀ ଭିତ୍ତିରେ ଏକ ସଫଳ ଐତିହାସିକ ନାଟକ ହେଉଛି 'ପ୍ରିୟଦର୍ଶୀ'। ପୁଣି 'ସୌମ୍ୟା' ଓ 'ପଦ୍ମିନୀ' ହେଉଛି ସ୍ରଷ୍ଟାଙ୍କର ଦୁଇଟି କାବ୍ୟନାଟିକା। ଜଣେ ସଫଳ ସମାଲୋଚକ ଭାବରେ ତାଙ୍କର ଏକାଧିକ ସମାଲୋଚନା ଗ୍ରନ୍ଥ ରହିଛି। ତାଙ୍କର ପ୍ରବନ୍ଧ ଓ ଆଲୋଚନା ମଧ୍ୟରେ ରହିଛି 'ସତ୍ୟ ଶିବ ସୁନ୍ଦର', 'ତ୍ୟାଗ ଓ ପ୍ରେମ', 'ପୁରାଣର ବିଦୁଷୀ', 'ରବୀନ୍ଦ୍ର ସାହିତ୍ୟରେ ବିଶ୍ୱମୈତ୍ରୀ', 'ସାହିତ୍ୟରେ ବ୍ୟବସାୟ', 'ଓଡ଼ିଆ ସାହିତ୍ୟର ପରମ୍ପରା' ପ୍ରଭୃତି। 'ଅଙ୍ଗେ ଯାହା ନିଭାଇଛି' ସ୍ରଷ୍ଟାଙ୍କର ସଫଳ ଆତ୍ମଜୀବନୀ।

ଆମ ସାହିତ୍ୟର ଏହି ମହାନ୍ ସାରସ୍ୱତ ସାଧକ ଷ୍ଟେଟ୍‌ସମ୍ୟାନ୍ ଓ ଆସୋସିଏଟେଡ୍ ପ୍ରେସ୍‌ରେ କିଛିକାଳ ପ୍ରତିନିଧି ଭାବରେ ଏବଂ ପରେ ଓଡ଼ିଶା ସରକାରୀ ଛାପାଖାନା, ଆକାଶବାଣୀ କଟକ କେନ୍ଦ୍ରର ସାହିତ୍ୟ ବିଭାଗ ସମେତ ଭାରତୀୟ ପି.ଇ.ଏନ୍.ରେ ମଧ୍ୟ ଦକ୍ଷତାର ସହିତ କାର୍ଯ୍ୟ କରିଛନ୍ତି। ପ୍ରଖ୍ୟାତ ଲେଖକ ପ୍ରେମ୍‌ଚନ୍ଦଙ୍କ 'ହଂସ' ପତ୍ରିକାର ଉପଦେଷ୍ଟା ଭାବରେ ସେ ସଫଳତାର ସହିତ କାର୍ଯ୍ୟ କରିଛନ୍ତି। ୧୯୭୧ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀର ଫେଲୋ ସମ୍ମାନ ସହିତ ବହୁ ପୁରସ୍କାର ଓ ସମ୍ମାନର ଅଧିକାରୀ ହୋଇଛନ୍ତି। ଭାରତ ସରକାରଙ୍କ ପକ୍ଷରୁ ସେ ୧୯୭୬ ମସିହାରେ ପଦ୍ମଭୂଷଣ ଉପାଧି ଓ ସେହିବର୍ଷ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ସମ୍ମାନସୂଚକ ଡି.ଲିଟ୍ ଉପାଧି ଲାଭ କରିଛନ୍ତି। କାଳିନ୍ଦୀଚରଣ ୧୯୮୧ ଡିସେମ୍ବରରେ ଓଡ଼ିଶାର ପ୍ରଖ୍ୟାତ ସାରସ୍ୱତ ଅନୁଷ୍ଠାନ 'ସାରଳା ସାହିତ୍ୟ ସଂସଦ'ର ପ୍ରଥମ ସଭାପତି ପଦ ମଣ୍ଡନ କରିଥିଲେ।

ସଭାପତି, ସାରଳା ସାହିତ୍ୟ ସଂସଦ, ସାରଳାଭବନ, କଟକ, ମୋ: ୯୪୩୭୦୬୬୯୭୪

## ପାଠକ ଶ୍ରେଷ୍ଠ ବିଚାରକ

### ଅଘୋଷିତ ବିଦ୍ୟୁତ୍ କାଟ୍

ମହାଶୟ,

ଗୁଳୁଗୁଳି ଯୋଗୁ ସତ୍ୟବାଦୀବାସୀ ହନ୍ତସନ୍ତ ହେଉଛନ୍ତି। ସତ୍ୟବାଦୀ ବ୍ଲକ୍‌ର ୨୪ ଗୋଟି ପଞ୍ଚାୟତରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ୍ ହେଉଥିବାରୁ ଫ୍ୟାନ୍, କୁଲର ଲଗାଇ ନ ପାରି ପ୍ରବଳ ଗରମରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟୁତ୍ ବିଭ୍ରାଟ ସମୟରେ ପାଣି ଯୋଗାଣରେ ପ୍ରବଳ ବାଧା ସୃଷ୍ଟି ହେଉଛି। ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଏଥିପ୍ରତି ତୁରନ୍ତ ଧ୍ୟାନ ଦେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ନଦୀବନ୍ଧ ଶୀଘ୍ର ମରାମତି ହେଉ

କଟକ ଜିଲାର ଗତିରାଉତପାଟଣାଠାରୁ ଆୟତପୁରକୁ ସଂଯୋଗ କରୁଥିବା ରାସ୍ତାଟି ମରଣଯନ୍ତା ପାଲଟିଛି। ବର୍ଷାଦିନେ ସମସ୍ୟା ଅଧିକ ହେବା ସମ୍ଭାବନା। ନଦୀବନ୍ଧ ସୁଦୃଢ଼ୀକରଣ ଏବଂ ଆବଶ୍ୟକ ସ୍ଥଳେ କଲଭର୍ଟ ନିର୍ମାଣ କରାଯାଉ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୨ ଜୁଲାଇ ୧୯୯୫

- ସାମୁଙ୍ଗ ଡିପାର୍ଟମେଣ୍ଟ ଷ୍ଟୋରର ଚାରିମହଲା ବିଶିଷ୍ଟ କୋଠା ଭୁଶୁଡ଼ି ପଡ଼ିବା ଫଳରେ ୨୦୦ ବ୍ୟକ୍ତିଙ୍କ ପ୍ରାଣହାନି।
- ପ୍ରାଥମିକ ସ୍କୁଲରେ ପଢୁଥିବା ପିଲାମାନଙ୍କ ପାଇଁ ମଧ୍ୟାହ୍ନଭୋଜନ ଯୋଜନା ଆରମ୍ଭ କରାଯାଇଛି।

## ଚିରନ୍ତନୀ

ସନ୍ଧ୍ୟାପଥେ
ଚରଣ ଚାଳି
ରୂପସୀ କେଉଁ ବାଳୀ
ଲୁଚାଏ ରୂପ ମୃତ୍ ପ୍ରଦୀପ ଜାଳି।
(ସନ୍ଧ୍ୟା ପଥେ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଜେଲରଙ୍କୁ ପଦୋନ୍ନତି ପରେ ବଦଳି

**ଭୁବନେଶ୍ୱର,୧୭ (ବ୍ୟୁରୋ):** କେନ୍ଦ୍ରାପଡା ସବ୍ ଜେଲ୍‌ରେ ଥିବା ଜେଲର ସରୋଜ କୁମାର ବିଶ୍ୱାଳଙ୍କୁ ସୁପରିଣ୍ଟେଣ୍ଡେଣ୍ଟ ର୍‍ୟାଙ୍କ୍‌କୁ ପଦୋନ୍ନତି ମିଳିଛି। ଏଥିସହ ତାଙ୍କୁ ବଦଳି କରାଯାଇ ପୁରୀ ଡିଷ୍ଟ୍ରିକ୍ଟ ଜେଲ୍‌ର ସୁପରିଣ୍ଟେଣ୍ଡେଣ୍ଟ ଭାବେ ଅବସ୍ଥାପିତ କରାଯାଇଛି। ସେଠାରେ ସୁପରିଣ୍ଟେଣ୍ଡେଣ୍ଟ ଥିବା ମମତାବଳ ପାତ୍ରଙ୍କୁ ଫୁଲବାଣୀ ଡିଷ୍ଟ୍ରିକ୍ଟ ଜେଲକୁ ବଦଳି କରାଯାଇଛି। ସୂଚନାଯୋଗ୍ୟ, ସରୋଜଙ୍କ ବିରୋଧରେ ଅଫିସିଆଲ ପ୍ରୋସିଡିଂ ଚାଲିଥିବାରୁ ତାଙ୍କ ପଦୋନ୍ନତି ଅଟକି ରହିଥିଲା। କିନ୍ତୁ ବିଭାଗୀୟ ପ୍ରୋସିଡିଂ ଶେଷ ହେବା ପରେ ଏବେ ତାଙ୍କୁ ପଦୋନ୍ନତି ସହ ନୂଆ ଦାୟିତ୍ୱ ମିଳିଛି। ସରୋଜଙ୍କ ଏହି ପଦୋନ୍ନତି ଗତ ଫେବୃୟାରୀ ୨୪ରୁ ଲାଗୁ ହେବ ବୋଲି ଗୃହ ବିଭାଗ ପକ୍ଷରୁ ବୁଧବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

### ଆଜି ମାର୍କେଟ ଛକରୁ ସିଂହଦ୍ୱାର ଯାଏ କର୍ଫ୍ୟୁ

**ପୁରୀ ଅଫିସ,୧୭:** ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ବାହୁଡ଼ା ଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ଲାଗି ମଙ୍ଗଳବାର ରାତି ୧୦ଟାରୁ ସମଗ୍ର ପୁରୀ ଜିଲାରେ କର୍ଫ୍ୟୁ ଲାଗୁ କରାଯାଇଥିଲା। ୪୮ ଘଣ୍ଟା ଅର୍ଥାତ୍ ଗୁରୁବାର ରାତି ୧୦ଟା ପର୍ଯ୍ୟନ୍ତ ଏହି କର୍ଫ୍ୟୁ ବଳବତ୍ତର ରହିବ ବୋଲି ଘୋଷଣା କରାଯାଇଥିଲା। ବୁଧବାର ଶାନ୍ତି ଶୃଙ୍ଖଳାର ସହ ବାହୁଡ଼ା ଯାତ୍ରା ସରି ତିନିରଥ ସିଂହଦ୍ୱାରରେ ଲାଗିଯିବା ପରେ ପୁରୀରେ ୩ଘଣ୍ଟା କର୍ଫ୍ୟୁ କୋହଳ କରାଯାଇଛି। ଏ ସମ୍ପର୍କରେ ଜିଲାପାଳ ବଲୱନ୍ତ ସିଂ କହିଛନ୍ତି, ତିନିରଥ ଲାଗିସାରିଥିବାରୁ ବୁଧବାର ସନ୍ଧ୍ୟା ୬ରୁ ରାତି ୯ଟା ପର୍ଯ୍ୟନ୍ତ ୩ ଘଣ୍ଟା କର୍ଫ୍ୟୁ କୋହଳ ରହିବ। ମାତ୍ର ରାତି ୯ଟାରୁ ଗୁରୁବାର ଭୋର ୫ଟା ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ କର୍ଫ୍ୟୁ ନିର୍ଦ୍ଦେଶ ବଳବତ୍ତର ରହିବ। ଗୁରୁବାର ଭୋର ୫ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଜିଲାରେ କର୍ଫ୍ୟୁ କୋହଳ କରାଯିବ। ଅପରାହ୍ନ ୩ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଜିଲାରେ କର୍ଫ୍ୟୁ ଲାଗିବ। ତିନିରଥ ଲାଗିଥିବାରୁ ଗୁରୁବାର ଦିନତମାମ୍ ମାର୍କେଟ ଛକରୁ ସିଂହଦ୍ୱାର ଯାଏ କର୍ଫ୍ୟୁ ରହିବ ବୋଲି ଜିଲାପାଳ କହିଛନ୍ତି।

### ମହାନଦୀରେ ଭାସୁଛି ଗଳିତ ମୃତଦେହ

**ଚୌଦ୍ୱାର,୧୭(ଡି.ଏନ୍.ଏ):** ଚୌଦ୍ୱାର ଥାନା ଟିପିଏମ ଫାଣ୍ଡି ଅନ୍ତର୍ଗତ କଖଡ଼ି ଘାଟକୂଳ ମହାନଦୀରେ ବୁଧବାର ଏକ ଗଳିତ ମୃତଦେହ ଭାସୁଥିବାର ଦେଖିବାକୁ ମିଳିଛି। ଏହି ମୃତଦେହଟି ରାତିରୁ ଭାସୁଥିବାବେଳେ ଏହା ପୂରା ପଚିଶଢ଼ି ଯାଇଥିବା ଜଣାପଡ଼ିଛି। ଏହା ଏକ ପୁରୁଷ ଲୋକ ବୋଲି ଅନୁମାନ କରାଯାଉଛି। ମୃତଦେହ ଦେଖି ଲୋକେ ଟିପିଏମ ଫାଣ୍ଡି ପୋଲିସକୁ ଖବର ଦେଇଥିଲେ। ଦିନ ବିତିଯାଇଥିଲେ ମଧ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଘଟଣାସ୍ଥଳରେ ପୋଲିସ ପହଞ୍ଚି ନ ଥିବା ସ୍ଥାନୀୟଲୋକେ କୁହନ୍ତି।

# ଠିକ୍‌ରେ ପିପିଇ ନ ପିନ୍ଧିଲେ ସଂକ୍ରମଣ ଆଶଙ୍କା ଅଧିକ

ଭୁବନେଶ୍ୱର,୧୭(ବ୍ୟୁରୋ)



- ହସ୍ପିଟାଲରେ ଦିଆଯାଉନି ପିପିଇ ପରିଧାନ ପ୍ରଶିକ୍ଷଣ
- ସଂକ୍ରମଣର ଶିକାର ହେଉଛନ୍ତି କୋଭିଡ୍ ଯୋଦ୍ଧା

ରାଜ୍ୟର ବିଭିନ୍ନ ହସ୍ପିଟାଲ କରୋନା ସଂକ୍ରମଣର ହଟ୍‌ସ୍ପଟ୍ ପାଲଟୁଛି। ଦିନକୁ ଦିନ ଡାକ୍ତର ଓ ହସ୍ପିଟାଲ କର୍ମଚାରୀ ସଂକ୍ରମଣର ଶିକାର ହେଉଥିବାରୁ ଆଗାମୀ ଦିନରେ ଜଟିଳ ସମସ୍ୟା ସୃଷ୍ଟି କରିବ ବୋଲି ଆଶଙ୍କା କରାଯାଉଛି। ତେବେ ପିପିଇ ଓ ଅନ୍ୟାନ୍ୟ ସୁରକ୍ଷା କିଟ୍ ଠିକ୍ ଭାବେ ବ୍ୟବହାର ହେଉ ନ ଥିବାରୁ ଏହି କୋଭିଡ୍ ଯୋଦ୍ଧାଙ୍କୁ ସଂକ୍ରମଣ ଡେଉଁଥିବା କୁହାଯାଉଛି। ଏଭଳିସ୍ଥଳେ ହସ୍ପିଟାଲଗୁଡ଼ିକ ସେମାନଙ୍କ କର୍ମଚାରୀ ଏବଂ ଡାକ୍ତରଙ୍କୁ ପିପିଇ କିଟ୍ ପରିଧାନ ପ୍ରଶିକ୍ଷଣ ଦେବା ଆବଶ୍ୟକ ବୋଲି ବିଶେଷଜ୍ଞମାନେ କହିଛନ୍ତି।

ବର୍ତ୍ତମାନ ଏରୋଜଲ୍ ବା ବାୟୁ ଦ୍ୱାରା କୋଭିଡ୍ ସଂକ୍ରମଣ ସର୍ବାଧିକ ହେଉଛି। ଯେକୌଣସି ସର୍ଜରି କିମ୍ବା ଚିକିତ୍ସା ସମୟରେ କର୍ମଚାରୀମାନେ ରୋଗୀଙ୍କ ସଂସ୍ପର୍ଶରେ ସିଧାସଳଖ ଆସୁଛନ୍ତି। ପୋଷ୍ଟ ସର୍ଜିକାଲ ମ୍ୟାନେଜମେଣ୍ଟରେ ବହୁତ ଏରୋଜଲ ଜେନେରେଟିଂ ପ୍ରୋସିଜିଓର ରହିଛି। ଇଣ୍ଟ୍ୟୁବେଶନ ଓ ଏକ୍ସଟ୍ୟୁବେଶନ ସମୟରେ ମଧ୍ୟ ସଂକ୍ରମଣର ଅଧିକ ସମ୍ଭାବନା ରହୁଛି। ତେଣୁ ଠିକ୍‌ଭାବେ ପିପିଇ କିଟ୍ ପିନ୍ଧା ନ ଯାଏ କିମ୍ବା କାଢିବାବେଳେ ସତର୍କତା ଅବଲମ୍ବନ କରା ନ ଯାଏ ତା'ହେଲେ ସଂକ୍ରମଣର ଅଧିକ ଆଶଙ୍କା ରହିଥାଏ। ଓଡ଼ିଶାରେ ଏହି କାରଣ ପାଇଁ ହସ୍ପିଟାଲ ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ କ୍ଷେତ୍ରରେ ସଂକ୍ରମଣ ବଢୁଥିବା ଅନୁମାନ କରାଯାଉଛି ବୋଲି ହାଇଟେକ୍ ମେଡିକାଲ କଲେଜ ଏବଂ ହସ୍ପିଟାଲର ଆସିଷ୍ଟାଣ୍ଟ ପ୍ରଫେସର ଡ. ଶ୍ୱେତାଙ୍କ ଦାସ କହିଛନ୍ତି। ସେହିଭଳି କରୋନା ଭୂତାଣୁ ସମ୍ପର୍କରେ ବର୍ତ୍ତମାନସୁଦ୍ଧା ଯାହା ତଥ୍ୟ ମିଳିଛି ଅଧିକାଂଶ ପରବର୍ତ୍ତୀ ସମୟରେ ଭୁଲ୍ ପ୍ରମାଣିତ ହେଉଛି। ତେଣୁ ଏନେଇ ଅଧିକ ଗବେଷଣାର ଆବଶ୍ୟକତା ରହିଛି। ଓଡ଼ିଶାରେ ଏବେ ଗୋଷ୍ଠୀ ସଂକ୍ରମଣ ଆରମ୍ଭ ହୋଇସାରିଛି। ହେଲେ ଅଧିକ ଟେଷ୍ଟ ହେଉ ନ ଥିବାରୁ ସରକାରଙ୍କ ନିକଟରେ ଏନେଇ ତଥ୍ୟ ନାହିଁ। ଯଦି ଦିଲ୍ଲୀ ଭଳି ମାସ୍ ସ୍କ୍ରିନିଂ ପ୍ରୋଗ୍ରାମ କରାଯାଆନ୍ତା ତା'ହେଲେ ଗୋଷ୍ଠୀ ସଂକ୍ରମଣ ସମ୍ପର୍କରେ ଜଣାପଡ଼ନ୍ତା। ଯେତେବେଳେ ଜଣେ କୋଭିଡ୍-୧୯ ସଂକ୍ରମିତଙ୍କ କଣ୍ଟାକ୍ଟ ହିଷ୍ଟ୍ରି ମିଳୁନି, ସେତେବେଳେ ଆମେ ଜାଣିବା ଯେ ଗୋଷ୍ଠୀ ସଂକ୍ରମଣ ଆରମ୍ଭ ହୋଇସାରିଛି ବୋଲି ଡା. ଦାସ କହିଛନ୍ତି।

### ସର୍ଜରି ହୋଇଥିବା ରୋଗୀଙ୍କ ମୃତ୍ୟୁ ହାର ଅଧିକ

କାର୍ଡିଓଥୋରାସିସ୍ ବା ଯେକୌଣସି ସର୍ଜରି ହୋଇଥିବା ରୋଗୀଙ୍କ କ୍ଷେତ୍ରରେ କୋଭିଡ୍-୧୯ ସଂକ୍ରମଣ ଓ ମୃତ୍ୟୁ ହାର ବହୁତ ଅଧିକ ଥିବା ଦେଖାଯାଇଛି। ଭାରତରେ ଏଭଳି କେସ୍ ବହୁମାତ୍ରାରେ ଦେଖିବାକୁ ମିଳୁଛି। ଯେଉଁମାନଙ୍କର ଏଭଳି କୌଣସି ସର୍ଜରି ବା ଅସ୍ତ୍ରୋପଚାର ହୋଇନି ସେମାନଙ୍କ କ୍ଷେତ୍ରରେ ମୃତ୍ୟୁ ସମ୍ଭାବନା ଅପେକ୍ଷାକୃତ କମ୍ ରହୁଛି। ଭାରତରେ କୋଭିଡ୍ ମୃତ୍ୟୁରେ ସର୍ଜରି ଏକ ଗୁରୁତ୍ୱପୂର୍ଣ୍ଣ ଫ୍ୟାକ୍ଟର ବୋଲି ବିଶେଷଜ୍ଞ ଡାକ୍ତର କହିଛନ୍ତି।

# ଜୁନ୍‌ରେ ୯୦,୯୧୭ କୋଟିର ଜିଏସ୍‌ଟି ସଂଗ୍ରହ

ନୂଆଦିଲ୍ଲୀ,୧୭

- ୩ ମାସ ହେବ କମୁଛି ଟିକସ ସଂଗ୍ରହ
- ଓଡ଼ିଶାରେ ସଂଗ୍ରହ ୨୬୯୪ କୋଟି

ଚଳିତ ବର୍ଷ ଜୁନ ମାସରେ ୯୦,୯୧୭ କୋଟି ଟଙ୍କାର ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ସଂଗ୍ରହ ହୋଇଛି। ବଜାର ପ୍ରଭାବିତ ସ୍ଥିତିରେ ଥିବାରୁ ଦେଶ ମଧ୍ୟରେ ପରୋକ୍ଷ ଟିକସ ସଂଗ୍ରହ ଲଗାତର ୩ ମାସ ହେବ ହ୍ରାସ ହେଉଥିବା ଜଣାପଡିଛି। ମାତ୍ର ଗତ ୩ ମାସ ତଳେ ଯେଉଁ ହାରରେ ଟିକସ ସଂଗ୍ରହ ହ୍ରାସ ଘଟିଥିଲା ତା'ଠାରୁ ଜୁନରେ ସ୍ଥିତି ଉନ୍ନତ ରହିଛି। ଜୁନରେ ଟିକସ ସଂଗ୍ରହରେ ୯.୦୨% ହ୍ରାସ ଦେଖାଯାଇଛି। ଏହା ମେ ମାସରେ ୩୮.୧୭% ଏବଂ ଏପ୍ରିଲରେ ୭୧.୬୩% ହ୍ରାସ ଘଟିଥିଲା। କରୋନା କଟକଣା କୋହଳ ହେଉଥିବାରୁ ବଜାରର ସ୍ଥିତିରେ ଉନ୍ନତି ଆସୁଥିବା ବିଶେଷଜ୍ଞ କହିଛନ୍ତି। ଏପ୍ରିଲ ଏବଂ ମେ ମାସରେ ଜିଏସ୍‌ଟି ସଂଗ୍ରହ ଗଭୀର ଭାବେ ପ୍ରଭାବିତ ହେବା ଯୋଗୁ ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଜିଏସ୍‌ଟି ସଂଗ୍ରହ ପ୍ରାୟ ୭୦% ହ୍ରାସ ଘଟିଛି। ଜୁନ ମାସରେ ଓଡ଼ିଶାରେ ୨୬୯୪ କୋଟି ଟଙ୍କା ପରୋକ୍ଷ ଟିକସ ଆଦାୟ କରାଯାଇଛି। ଏହା ଗତ ବର୍ଷ ଜୁନରେ ୨୯୨୩ କୋଟି ଟଙ୍କା ରହିଥିବା କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ମେ ମାସରେ ସରକାର ସଂଗ୍ରହ କରିଥିବା ମୋଟ ଜିଏସ୍‌ଟି ମଧ୍ୟରେ କେନ୍ଦ୍ର ଜିଏସ୍‌ଟି (ସିଜିଏସ୍‌ଟି)ର ଅଂଶ ୧୮,୯୮୦ କୋଟି ଟଙ୍କା ରହିଛି। ଏହି ସମୟରେ ରାଜ୍ୟ ଜିଏସ୍‌ଟି(ଏସ୍‌ଜିଏସ୍‌ଟି) ୨୩,୯୭୦ କୋଟି ଏବଂ ସମନ୍ୱିତ ଜିଏସ୍‌ଟି ଭାବେ ୪୦,୩୦୨ କୋଟି ଟଙ୍କା ସାମିଲ ରହିଛି। ଲକ୍‌ଡାଉନ ଉଠିଲେ ଟିକସ ସଂଗ୍ରହ ଉନ୍ନତ ହେବ ବୋଲି କୁହାଯାଉଛି।



କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ଘର ଘର ବୁଲି ଶୁଖିଲା ଓ ଓଦା ବର୍ଜ୍ୟବସ୍ତୁ ପୃଥକ ଭାବେ ସଂଗ୍ରହ ପାଇଁ ସ୍ୱତନ୍ତ୍ର ବ୍ୟାଟେରିଚାଳିତ ଗାଡ଼ିକୁ ବୁଧବାର କମିଶନର ଅନନ୍ୟା ଦାସ ଉଦ୍‌ଘାଟନ କରୁଛନ୍ତି।

# ଜବାବ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ ଅଫିସ,୧୭

**କଲେଜ ଖୋଲିବା ନିଷ୍ପତ୍ତିକୁ ଚ୍ୟାଲେଞ୍ଜ**

ଲକ୍‌ଡାଉନ୍ ସମୟରେ ଶିକ୍ଷାନୁଷ୍ଠାନ ବନ୍ଦ ରଖିବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ତରଫରୁ କଲେଜ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି। ପାଠପଢ଼ା ହେବ ନାହିଁ। କିନ୍ତୁ ଅଧାପିକା ଅଧାପକମାନେ କଲେଜରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶରେ ଉଲ୍ଲେଖ ରହିଛି। ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଦୀନେଶ ପ୍ରସାଦ ପଟ୍ଟନାୟକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବୁଧବାର ମୁଖ୍ୟ ବିଚାରପତି ଜଷ୍ଟିସ ମହମ୍ମଦ ରଫିକ ଏବଂ ଜଷ୍ଟିସ୍ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ। ଜବାବ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟରେ ଏବେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ମୃତକଙ୍କ ସଂଖ୍ୟା ମଧ୍ୟ ବଢୁଛି। ଏହାକୁ ଦୃଷ୍ଟିରେ ରଖି ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ସମସ୍ତ ଶିକ୍ଷାନୁଷ୍ଠାନକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ରାଜ୍ୟ ସରକାର ଏହି ନିର୍ଦ୍ଦେଶକୁ ଉଲ୍ଲଂଘନ କରିଛନ୍ତି। ଉଚ୍ଚଶିକ୍ଷା ବିଭାଗ ତରଫରୁ ଜୁନ୍ ୧୭ରୁ କଲେଜ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ଅଧିକାଂଶ କଲେଜକୁ ସଙ୍ଗରୋଧ କେନ୍ଦ୍ର କରାଯାଇଛି। ସେଠାରେ ରହିଥିବା ଅନେକ ବ୍ୟକ୍ତି ପରବର୍ତ୍ତୀ ସମୟରେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତଥାପି କଲେଜ ଖୋଲିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଯଦି କଲେଜକୁ ଅଧାପିକା ଅଧ୍ୟପକ କିମ୍ବା କର୍ମଚାରୀ ଆସନ୍ତି, ତେବେ ସଂକ୍ରମଣ ହେବାର ଆଶଙ୍କା ରହିଛି ବୋଲି ଆବେଦନରେ ଉଲ୍ଲେଖ ରହିଛି।

# ଆଜି ମହାପ୍ରଭୁଙ୍କ ସୁନାବେଶ

ପୁରୀ ଅଫିସ,୧୭

ଗୁରୁବାର ଆଷାଢ଼ ଶୁକ୍ଳ ଦ୍ୱାଦଶୀ। ଏହି ପବିତ୍ର ତିଥିରେ ମହାପ୍ରଭୁଙ୍କ ସୁନାବେଶ ବା ବଡ଼ ତଡ଼ାଉ ବେଶ ହେବ। ରଥାରୂଢ଼ ଦାରୁବିଗ୍ରହ ମହଣ ମହଣ ସୁନାରେ ସଜେଇ ହେବେ। ତେବେ ମହାପ୍ରଭୁଙ୍କ ଏହି ଦୁର୍ଲ୍ଲଭ ବେଶ ଭକ୍ତମାନେ ଦେଖିପାରିବେ ନାହିଁ। ଏଥିରେ ବାଧକ ସାଜିଛି କରୋନା। ଏହି ମହାମାରୀ ପାଇଁ ଏଥର ସମ୍ପୂର୍ଣ୍ଣ ଘୋଷଯାତ୍ରାକୁ ଭକ୍ତଶୂନ୍ୟ ରଖାଯାଇଛି।

- ରତ୍ନ ଅଳଙ୍କାରରେ ଝଲସିବେ ଠାକୁର
- କରୋନା ବାଧକ, ଦେଖିପାରିବେନି ଭକ୍ତ

ଅନ୍ୟପକ୍ଷରେ ସୁନାବେଶ ଲାଗି ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ରଥ ଉପରେ ହେଉଥିବା ଏହି ବେଶକୁ ବଡ଼ ତଡ଼ାଉ ବେଶ ମଧ କୁହାଯାଏ। ଗଜପତି ମହାରାଜା କପିଳେନ୍ଦ୍ର ଦେବଙ୍କ ସମୟରୁ ଏହି ବେଶ ହୋଇଆସୁଥିବା ଶୁଣିବାକୁ ମିଳେ। ଗୁରୁବାର ପୂର୍ବାହ୍ନରେ ମହାପ୍ରଭୁଙ୍କ ରତ୍ନଭଣ୍ଡାର (ବାହାର ଭଣ୍ଡାର) ଖୋଲାଯିବ। ସେଥିରୁ ସୁନାବେଶ ଲାଗି ଆବଶ୍ୟକ ଅଳଙ୍କାର ବାହାର କରାଯିବ। ଭଣ୍ଡାର ମେକାପ ଓ ବଣିଆଙ୍କ ଉପସ୍ଥିତିରେ ଅଳଙ୍କାରଗୁଡ଼ିକୁ ସଫା କରାଯିବ। ରଥ ଉପରେ ମହାପ୍ରଭୁଙ୍କ ମଇଲମ ଓ ମେକାପ ସର୍ବାଙ୍ଗ ନୀତି ବଢ଼ିବା ପରେ ସୁନାବେଶ ଆରମ୍ଭ ହେବ। ଅପରାହ୍ନ ୪ଟାରୁ ସାଢେ ୫ଟା ମଧ୍ୟରେ ଠାକୁରଙ୍କ ସୁନାବେଶ ସଜା ସମ୍ପନ୍ନ ହେବ। ଏଥର ଭକ୍ତଙ୍କୁ ଦର୍ଶନ ସୁଯୋଗ ନ ଥିବାରୁ ୨ରୁ ୩ ଘଣ୍ଟା ଏହି ବେଶ ରହିବ। ଶ୍ରଦ୍ଧାଳୁମାନେ ଟିଭି ମାଧ୍ୟମରେ ଏହାର ସିଧା ପ୍ରସାରଣ ଦେଖିପାରିବେ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର କହିଛନ୍ତି। ଗୁଣ୍ଡିଚା ଓ ବାହୁଡ଼ା ନୀତିକାନ୍ତି ଭଳି ସୁନାବେଶ ନୀତି ସଅଳ ହେବ ବୋଲି କୁହାଯାଉଛି। ଏଥର ସୁନାବେଶ ଦର୍ଶନ ଲାଗି ଭକ୍ତଙ୍କୁ ବାରଣ କରାଯାଇଥିବାରୁ ସେମିତି କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ। କିନ୍ତୁ ଦିନତମାମ୍ ମାର୍କେଟ ଛକରୁ ସିଂହଦ୍ୱାର ପର୍ଯ୍ୟନ୍ତ ଅଞ୍ଚଳରେ କର୍ଫ୍ୟୁ ରହିବ। ଶ୍ରୀମନ୍ଦିର ଭଣ୍ଡାର ଘରୁ ରଥକୁ ସ୍ୱର୍ଣ୍ଣ ଅଳଙ୍କାର ଆସିବା ସମୟରେ ପୋଲିସ ପକ୍ଷରୁ ସୁରକ୍ଷା ଯୋଗାଯିବ। ପ୍ରତି ରଥ ଚତୁଃପାର୍ଶ୍ୱରେ ପୋଲିସ ଫୋର୍ସ ମୁତୟନ ରହିବେ।

**ନୀତି ନିର୍ଘଣ୍ଟ**

| | |
|---|---|
| ତିନିରଥରେ ମଙ୍ଗଳ ଆଳତି | ପ୍ରାତଃ ୬ଟାରୁ ୬ଟା ୩୦ |
| ମଇଲମ, ତଡ଼ପଲାଗି | ସକାଳ ୭ଟା |
| ଅବକାଶ | ୮ଟା |
| ବେଶ ଶେଷ | ୯ଟା |
| ଗୋପାଳବଲ୍ଲଭ | ୧୦ଟାରୁ ୧୦ଟା ୩୦ |
| ସକାଳଧୂପ | ୧୧ଟାରୁ ମଧ୍ୟାହ୍ନ ୧୨ଟା |
| ମଇଲମ | ୧୨ଟା ୩୦ |
| ଯାତ୍ରାଙ୍ଗୀ ମହାସ୍ନାନ ଓ ସର୍ବାଙ୍ଗ | ଅପରାହ୍ନ ୧ଟା |
| ବେଶ ଶେଷ | ୧ଟା ୩୦ |
| ମଧ୍ୟାହ୍ନ ଧୂପ | ୨ଟାରୁ ୩ଟା |
| ମଇଲମ | ୩ଟା ୩୦ |
| ମେକାପ ସର୍ବାଙ୍ଗ | ୪ଟା |
| ସୁନାବେଶ | ୪ଟାରୁ ୫ଟା ୩୦ |
| ସନ୍ଧ୍ୟା ଆଳତି | ସନ୍ଧ୍ୟା ୬ଟା |
| ସୁନାବେଶ ମଇଲମ | ୧୧ଟାରୁ ରାତି ୧୨ଟା |
| ଚନ୍ଦନ ଲାଗି | ୧୨ଟା ୩୦ |
| ବଡ଼ସିଂହାର ବେଶ | ରାତି ୧ଟା |
| ବଡ଼ସିଂହାର ଭୋଗ | ୧ଟା ୩୦ |
| ରାତ୍ର ପହୁଡ଼ | ରାତି ୨ଟା |

# ବିଡିଏ ଅଫିସ୍ ୨ଦିନ ବନ୍ଦ

**ଭୁବନେଶ୍ୱର, ୧୭(ବ୍ୟୁରୋ):** ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଅଫିସ୍‌କୁ ୨ଦିନ ପାଇଁ ବନ୍ଦ ରଖାଯାଇଛି। କିଛିଦିନ ପୂର୍ବରୁ ଜଣେ ସିକ୍ୟୁରିଟି ଗାର୍ଡ ଓ ନିକଟରେ ଇଞ୍ଜିନିୟରିଂ ବିଭାଗର ଜଣେ ପମ୍ପ ଚାଳକ କରୋନାରେ ଆକ୍ରାନ୍ତ ହୋଇଥିବାରୁ ସୁରକ୍ଷା ଦୃଷ୍ଟିରୁ ବୁଧବାର ଓ ଗୁରୁବାର ଅଫିସ୍‌କୁ ବନ୍ଦ କରାଯାଇ କର୍ମଚାରୀଙ୍କୁ ଘରେ ରହି କାମ କରିବାକୁ କୁହାଯାଇଛି। ବିଡିଏ ଅଫିସ୍ ସିଲ୍ ହୋଇଥିବା ନେଇ କେତେକ ଗଣମାଧମରେ ପ୍ରକାଶିତ ଖବର ସତ ନୁହେଁ। ଲୋକଙ୍କ ଗମନାଗମନରେ ରୋକ୍ ଲଗାଯାଇଛି ସତ, କିନ୍ତୁ ଅଫିସ୍ ବନ୍ଦ କରାଯାଇନାହିଁ। ଏହି ୪୮ ଘଣ୍ଟା ମଧ୍ୟରେ ୨ ଆକ୍ରାନ୍ତଙ୍କ କଣ୍ଟାକ୍ଟ ଟ୍ରେସିଂ କରାଯାଉଛି ବୋଲି ବିଡିଏ ଉପାଧ୍ୟକ୍ଷ ତଥା ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ଶୁକ୍ରବାରଠାରୁ ଇଞ୍ଜିନିୟରିଂ ଏବଂ ପ୍ଲାନିଂ ବିଭାଗର କର୍ମଚାରୀଙ୍କୁ ବାଦ୍‌ଦେଇ ଅନ୍ୟ ବିଭାଗର କର୍ମଚାରୀମାନେ ଅଫିସ୍‌ରେ କାମ କରିବେ।

# ଉଦାହରଣ ସୃଷ୍ଟିକଲା ଆଇଆଇଟି ଭୁବନେଶ୍ୱର

ଭୁବନେଶ୍ୱର,୧୭(ବ୍ୟୁରୋ)

**ଅନ୍‌ଲାଇନରେ ପରୀକ୍ଷା ଦେଲେ ଶତପ୍ରତିଶତ ଛାତ୍ରୀଛାତ୍ର**

କରୋନା ସଂକ୍ରମଣ ପାଇଁ ଦେଶର ପ୍ରମୁଖ ଶିକ୍ଷାନୁଷ୍ଠାନ ଓ ବୋର୍ଡଗୁଡ଼ିକ ପକ୍ଷରୁ ପରୀକ୍ଷା ବାତିଲ କରାଯାଉଥିବାବେଳେ ଅନ୍‌ଲାଇନ୍‌ରେ ସଫଳତାର ସହ ପରୀକ୍ଷା କରି ଉଦାହରଣ ସୃଷ୍ଟି କରିଛି ଆଇଆଇଟି ଭୁବନେଶ୍ୱର। ଏହାର ଶେଷବର୍ଷ ଛାତ୍ରୀଛାତ୍ରଙ୍କ ସେମିଷ୍ଟର ପରୀକ୍ଷା ଅନ୍‌ଲାଇନ୍‌ମୋଡ୍‌ରେ ଅନୁଷ୍ଠିତ ହୋଇଛି। କୋଭିଡ୍ ଗାଇଡ୍‌ଲାଇନ୍ ଅନୁଯାୟୀ ସମସ୍ତ ପାଠ୍ୟକ୍ରମରେ ଶତପ୍ରତିଶତ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ଚଳିତବର୍ଷ ଉତ୍ତୀର୍ଣ୍ଣ ହେବାକୁ ଥିବା ଛାତ୍ରୀଛାତ୍ରଙ୍କୁ ଠିକ୍ ସମୟରେ ଗ୍ରାଜୁଏଶନ ସାର୍ଟିଫିକେଟ୍ ଦେବାକୁ ଆଇଆଇଟି ଏହି ଅନ୍‌ଲାଇନ୍ ପରୀକ୍ଷା କରିଛି। ଜୁନ୍ ୨୪ରୁ ପରୀକ୍ଷା ଆରମ୍ଭ ହୋଇ ୩୦ରେ ଶେଷ ହୋଇଛି। ବି.ଟେକ୍‌ରେ ସମସ୍ତ ୨୦୬ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ଡୁଆଲ୍ ଡିଗ୍ରୀରେ ୩୬, ଏମ୍‌ଏସ୍‌ସିରେ ୭୫, ଏମ୍‌ଟେକ୍‌ରେ ୧୬୭ ଓ ପିଏଚ୍‌ଡିରେ ୪୨ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି।

କମ୍ପ୍ୟୁଟର ବେସ୍‌ଡ ଟେଷ୍ଟ (ସିବିଟି) ମୋଡ୍‌ରେ ପରୀକ୍ଷା କରା ନ ଯାଇ ଆଇଆଇଟି ଭୁବନେଶ୍ୱରର ନିଜସ୍ୱ ଜ୍ଞାନକୌଶଳରେ ପ୍ରସ୍ତୁତ ପ୍ଲାଟ୍‌ଫର୍ମ ତଥା ଭର୍ଚୁଆଲ୍ ଏକ୍‌ଜାମିନେଶନ ହଲ୍‌ରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ର ନିଜ ଘରେ ବସି ପରୀକ୍ଷା ଦେଇଥିଲେ। କପି ରୋକିବା ଲାଗି ସ୍ୱତନ୍ତ୍ରଭାବେ ନିରୀକ୍ଷଣ ବ୍ୟବସ୍ଥା ମଧ ରହିଥିଲା। ମେ' ୯ରେ ଏହି ପରୀକ୍ଷା ଲାଗି ଦେଶରୁ ୨୪୦ଜଣ ଛାତ୍ରୀଛାତ୍ର, ୩୧ଟି ବିଷୟର ପ୍ରଶ୍ନପତ୍ର ଏବଂ ୨୦ଜଣ ପରୀକ୍ଷା ନିରୀକ୍ଷକଙ୍କୁ ନେଇ ଏକ ମକ୍ ଟେଷ୍ଟ ସଫଳତାର ସହ କରାଯାଇଥିଲା। ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର୍.ଭି. ରାଜାକୁମାର ଏହି ଭର୍ଚୁଆଲ୍ ଏକ୍‌ଜାମିନେଶନ ହଲ୍‌ର କନ୍‌ସେପ୍ଟ ଡିଜାଇନ୍ କରିଥିବାବେଳେ କମ୍ପ୍ୟୁଟର ଓ ଆଇଟି ସର୍ଭିସ୍ ସେଲ୍ ଏହାକୁ ପ୍ରସ୍ତୁତ କରିଥିଲା। ଏହାଦ୍ୱାରା ଏଭଳି ମହାମାରୀ ସମୟରେ ମଧ ପରୀକ୍ଷା କରାଯାଇପାରିଥିବା ନିର୍ଦ୍ଦେଶକ ରାଜାକୁମାର କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଭାରତର ଏହା ଏକ ଉତ୍କୃଷ୍ଟ ଉଦାହରଣ ଓ ଅନ୍ୟମାନେ ମଧ ଏହି ମଡେଲକୁ ଅନୁକରଣ କରିବା ଆବଶ୍ୟକ ବୋଲି ସେ କହିଛନ୍ତି।

CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

BALAJI FINANCE LIMITED
(Reg. No. KA08FGD557S113)
(ବିନା କୌଣସୀ ସୀକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଡା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7751971708

ଖର୍ଚ୍ଚ ଋଣରୁ କଟିବ
HDB FINANCE
ନ୍ୟାଶନାଲ ଅୱାର୍ଡ ଭାରତର ନଂ.1 କମ୍ପାନୀ
ବ୍ୟବସାୟ ଋଣ, ପ୍ରପର୍ଟି ଋଣ, ମାର୍କଶିଟ୍ ଋଣ, ଆଧାରକାର୍ଡ ଋଣ, ପର୍ସନାଲ ଋଣ, ବିପିଏଲ୍ ଋଣ, ଆଦି ସବୁ ଋଣ
2% ସୁଧ
40% ଛାଡ଼
ଋଣ ଧମାକା
ମହିଳା, ସରକାରୀ କର୍ମଚାରୀଙ୍କୁ ବିଶେଷ ରିହାତି
94572-93387
94572-94728
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ।

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
REG. NO. U6519TN198PLC00855
ପର୍ସନାଲ, ଏଗ୍ରିକଲ୍ଚର, ମାର୍କଶିଟ୍, ବ୍ୟବସାୟ, ପ୍ରପର୍ଟି, ସବୁ ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
77519-71907
73765-91521
H.No. 12, Sohana Distt. Mohali

BUSINESS
ମୋବାଇଲ ଟାୱାର
ବନ୍‌ସଲ ଟାୱାର (Govt. Approved) କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ ଉପରେ ୪ଜି ମୋବାଇଲ ଟାୱାର ଲଗାନ୍ତୁ।
ମାସିକ ଭଡା - ୪୫,୦୦୦/-, ଆଡଭାନ୍ସ - ୬୦ଲକ୍ଷ + ଚାକିରୀ
86858-58468
89305-21981
Web: www.bansaltower.com

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପାଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
9818298397
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

INDIA NETWORK
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାଓାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 20 ଲକ୍ଷ advance 35,000/- rent, 2 ଜଣଙ୍କୁ ଚାକିରି ସହିତ 20,000/- ଦରମା
www.indiatelecom.in
7599145935
8280122168

କୋଭିଡ୍-19 (ସ୍ପେଶାଲ ଋଣ ଅଫର)
MAHALAXMI FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ | 40% ଛାଡ଼
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
079061-42337
094682-97482
ADDRESS: T-51, GAUTAMPURI, DELHI

FINANCE
ପଇସା ଆମର କାମ ତମର
SREE Vinayak capital
ବ୍ୟକ୍ତିଗତ ସମ୍ପତ୍ତି, ଶିକ୍ଷା, ଆଧାରକାର୍ଡ ଉପରେ କେବଳ ୨୪ ଘଣ୍ଟା ଭିତରେ 3% ବର୍ଷକୁ ସୁଧରେ ଋଣ ଯୋଗାଇ ଦେଉଛି। ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଲାଭ
2nd Floor, Block-B, Ansal Complex Boring Road, Patna-3
8570815828
8376093742

BIJAY FINANCE
BIJAY FINANCE
ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ଯୋଗାଇ ଦେଉଛି। ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ଗାଈ ପାଳନ ଓ ମାଛଚାଷ ୨% ସୁଧରେ।
7656825269
7656825011
Yamuna Vihar, Shadara, New Delhi, Budamal, Baragarh, Odisha

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଘୋଷଣା

**No. RDM-LAA-JAJ-0062-2018/23288/R&DM** **Dated: 9 Aug. 2019**

No. XXIV-13:- ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ଖଇରା, ଥାନା- କୋରେଇ ନଂ.-୬୬, ତହସିଲ- ବ୍ୟାସନଗର, ଜିଲ୍ଲା- ଯାଜପୁରରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ରେଙ୍ଗାଲୀ ବାମ ପାର୍ଶ୍ୱ କେନାଲର କୋରେଇ ଶାଖା କେନାଲ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୪୧୪୨୫ ତା୦୮।୧୧।୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- ଖଇରା, ଥାନା- କୋରେଇ, ଜିଲ୍ଲା- ଯାଜପୁରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ **www.dkl.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ **http://revenue.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀଙ୍କ, କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

### ତଫସିଲ – କ
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)
### ଜିଲ୍ଲା: ଯାଜପୁର, ତହସିଲ: ବ୍ୟାସନଗର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଖଇରା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୭୩.୩୬ | ଏ. ୩୬.୨୨ | ଏଥି ସହିତ ସଂଲଗ୍ନ |

- ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ ଏକର ୩.୧୨ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

### ତଫସିଲ – ଖ
### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)
### ଜିଲ୍ଲା: ଯାଜପୁର, ତହସିଲ: ବ୍ୟାସନଗର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ/ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୧୦।୦୧।୨୦୧୯

ରାଜ୍ୟପାଳଙ୍କ ଆଦେଶକ୍ରମେ
**ସ୍ୱା./– ଅତିରିକ୍ତ ଶାସନ ସଚିବ**

## ଭୂମି ଅନୁସୂଚୀ

**ଗ୍ରାମର ନାମ: ଖଇରା, ଥାନାର ନାମ: କୋରେଇ ନଂ. ୬୬, ତହସିଲ: ବ୍ୟାସନଗର, ଜିଲ୍ଲା: ଯାଜପୁର**

**ଜମି ଅଧିଗ୍ରହଣ କେସ୍ ନଂ.:**

| କ୍ର.ନଂ. | ଖତିୟାନ ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକରରେ) | ଅଧିଗୃହୀତ ଜମିର ରକବା | ରୟତର ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୪ | ୨୧୦ | ୦.୭୫ | ୦.୦୧ | ଅନିରୁଦ୍ଧ ସେଠୀ, ପିତା: ଇନ୍ଦ୍ରମଣି ସେଠୀ ଓଗେର, ଜା: ଧୋବା, ବା: ପିପଲ | |
| ୨ | ୫ | ୨୨୬ | ୦.୩୬ | ୦.୨୪ | ଅନିରୁଦ୍ଧ ସେଠୀ, ପିତା: ଇନ୍ଦ୍ରମଣି ସେଠୀ ଓଗେର, ଜା: ଧୋବା, ବା: ନିଜଗାଁ | |
| ୩ | ୧୦ | ୮୬୮ | ୧.୮୦ | ୧.୧୦ | ଆରତୀ ବର୍ମନ, ସ୍ୱାମୀ: ପିଜୁସକାନ୍ତି ବର୍ମନ ଓଗେର, ଜା: ଖଣ୍ଡାୟତ, ବା: ରଘୁନାଥପୁର | |
| ୪ | | ୮୯୧ | ୦.୧୭ | ୦.୧୭ | ଆରତୀ ବର୍ମନ, ସ୍ୱାମୀ: ପିଜୁସକାନ୍ତି ବର୍ମନ ଓଗେର, ଜା: ଖଣ୍ଡାୟତ, ବା: ରଘୁନାଥପୁର | |
| ୫ | ୧୬ | ୮୯୨ | ୦.୧୮ | ୦.୦୪ | ଅଶୋକ କୁମାର ମହାନ୍ତି, ପିତା: କାହ୍ନୁ ଚରଣ ମହାନ୍ତି, ଜା: ଖଣ୍ଡାୟତ, ବା: ଗୋଠପୁର | |
| ୬ | ୧୭ | ୧୦୨୪ | ୦.୪୭ | ୦.୧୬ | ଉମାକାନ୍ତ ବାରିକ, ପିତା: ନିତ୍ୟାନନ୍ଦ ବାରିକ ଓଗେର, ଜା: ଭଣ୍ଡାରି, ବା: ତୁଳତୀ | |
| ୭ | ୨୩ | ୨୧୧/ ୧୦୮୩ | ୦.୨୮ | ୦.୦୧ | କରୁଣାକର ପଣ୍ଡା, ପିତା: କାଳିଚରଣ ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: ପିପଳ | |
| ୮ | ୩୧ | ୮୮୧/ ୧୦୬୯ | ୦.୧୪ | ୦.୧୧ | କାଳନ୍ଦୀ ଚରଣ ନାୟକ, ପିତା: ବଇନ ନାୟକ ଓଗେର, ଜା: ଗୋପାଳ, ବା: ମଙ୍ଗରାଜପୁର | |
| ୯ | ୩୫ | ୮୭୦ | ୦.୨୪ | ୦.୦୫ | କାହ୍ନୁଚରଣ ନାୟକ, ପିତା: କ୍ଷେତ୍ରବାସୀ ନାୟକ ଓଗେର, ଜା: ସବର, ବା: ନିଜଗାଁ | |
| ୧୦ | | ୮୭୧ | ୦.୨୭ | ୦.୨୭ | କାହ୍ନୁଚରଣ ନାୟକ, ପିତା: କ୍ଷେତ୍ରବାସୀ ନାୟକ ଓଗେର, ଜା: ସବର, ବା: ନିଜଗାଁ | |
| ୧୧ | ୩୬ | ୫୫୨ | ୦.୨୫ | ୦.୧୪ | କାହ୍ନୁ ଖଟୁଆ, ପିତା: ଗଣେଷ ଖଟୁଆ ଓଗେର, ଜା: ସବର, ବା: କୟାଁ | |
| ୧୨ | ୪୦ | ୫୬୨ | ୦.୧୯ | ୦.୦୧ | କୀର୍ତ୍ତନ ମଳିକ, ପିତା: ବିକ୍ରମ ମଳିକ ଓଗେର, ଜା: ତନ୍ତି, ବା: ନିଜଗାଁ | |
| ୧୩ | | ୬୯୯ | ୦.୧୬ | ୦.୧୬ | କୀର୍ତ୍ତନ ମଳିକ, ପିତା: ବିକ୍ରମ ମଳିକ ଓଗେର, ଜା: ତନ୍ତି, ବା: ନିଜଗାଁ | |
| ୧୪ | | ୭୦୦ | ୦.୦୭ | ୦.୦୭ | କୀର୍ତ୍ତନ ମଳିକ, ପିତା: ବିକ୍ରମ ମଳିକ ଓଗେର, ଜା: ତନ୍ତି, ବା: ନିଜଗାଁ | |
| ୧୫ | ୪୦ | ୭୦୨ | ୦.୧୨ | ୦.୦୫ | କୀର୍ତ୍ତନ ମଳିକ, ପିତା: ବିକ୍ରମ ମଳିକ ଓଗେର, ଜା: ତନ୍ତି, ବା: ନିଜଗାଁ | |
| ୧୬ | | ୮୪୯ | ୦.୧୭ | ୦.୧୧ | କୀର୍ତ୍ତନ ମଳିକ, ପିତା: ବିକ୍ରମ ମଳିକ ଓଗେର, ଜା: ତନ୍ତି, ବା: ନିଜଗାଁ | |
| ୧୭ | | ୮୮୮ | ୦.୧୨ | ୦.୦୭ | କୀର୍ତ୍ତନ ମଳିକ, ପିତା: ବିକ୍ରମ ମଳିକ ଓଗେର, ଜା: ତନ୍ତି, ବା: ନିଜଗାଁ | |
| ୧୮ | | ୮୮୯ | ୦.୩୦ | ୦.୩୦ | କୀର୍ତ୍ତନ ମଳିକ, ପିତା: ବିକ୍ରମ ମଳିକ ଓଗେର, ଜା: ତନ୍ତି, ବା: ନିଜଗାଁ | |
| ୧୯ | | ୯୮୫ | ୦.୦୮ | ୦.୦୮ | କୀର୍ତ୍ତନ ମଳିକ, ପିତା: ବିକ୍ରମ ମଳିକ ଓଗେର, ଜା: ତନ୍ତି, ବା: ନିଜଗାଁ | |
| ୨୦ | | ୯୮୬ | ୦.୦୮ | ୦.୦୮ | କୀର୍ତ୍ତନ ମଳିକ, ପିତା: ବିକ୍ରମ ମଳିକ ଓଗେର, ଜା: ତନ୍ତି, ବା: ନିଜଗାଁ | |
| ୨୧ | | ୯୮୮ | ୦.୦୪ | ୦.୦୪ | କୀର୍ତ୍ତନ ମଳିକ, ପିତା: ବିକ୍ରମ ମଳିକ ଓଗେର, ଜା: ତନ୍ତି, ବା: ନିଜଗାଁ | |
| ୨୨ | ୪୨ | ୧୬୨ | ୦.୯୭ | ୦.୮୩ | କୀର୍ତ୍ତନ ରାଜ, ପିତା: ବେନୁ ରାଜ ଓଗେର, ଜା: ଖଣ୍ଡାୟତ, ବା: ଉପୁଳେଇ | |
| ୨୩ | | ୧୬୪ | ୦.୫୮ | ୦.୧୦ | କୀର୍ତ୍ତନ ରାଜ, ପିତା: ବେନୁ ରାଜ ଓଗେର, ଜା: ଖଣ୍ଡାୟତ, ବା: ଉପୁଳେଇ | |
| ୨୪ | | ୧୬୫ | ୦.୯୩ | ୦.୧୪ | କୀର୍ତ୍ତନ ରାଜ, ପିତା: ବେନୁ ରାଜ ଓଗେର, ଜା: ଖଣ୍ଡାୟତ, ବା: ଉପୁଳେଇ | |
| ୨୫ | | ୧୬୬ | ୦.୯୫ | ୦.୧୫ | କୀର୍ତ୍ତନ ରାଜ, ପିତା: ବେନୁ ରାଜ ଓଗେର, ଜା: ଖଣ୍ଡାୟତ, ବା: ଉପୁଳେଇ | |
| ୨୬ | ୪୩ | ୧୯୨ | ୦.୩୭ | ୦.୨୬ | କିଶୋରମଣି ଜେନା, ସ୍ୱାମୀ: ବାସୁଦେବ ଜେନା, ଜା: ଖଣ୍ଡାୟତ, ବା: ଉପୁଳେଇ | |
| ୨୭ | ୪୩ | ୧୯୩ | ୦.୨୮ | ୦.୦୮ | କିଶୋରମଣି ଜେନା, ସ୍ୱାମୀ: ବାସୁଦେବ ଜେନା, ଜା: ଖଣ୍ଡାୟତ, ବା: ଉପୁଳେଇ | |
| ୨୮ | | ୧୯୯ | ୧.୯୦ | ୧.୦୫ | କିଶୋରମଣି ଜେନା, ସ୍ୱାମୀ: ବାସୁଦେବ ଜେନା, ଜା: ଖଣ୍ଡାୟତ, ବା: ଉପୁଳେଇ | |
| ୨୯ | | ୨୦୬ | ୦.୨୭ | ୦.୨୭ | କିଶୋରମଣି ଜେନା, ସ୍ୱାମୀ: ବାସୁଦେବ ଜେନା, ଜା: ଖଣ୍ଡାୟତ, ବା: ଉପୁଳେଇ | |
| ୩୦ | | ୨୦୮ | ୦.୪୧ | ୦.୩୬ | କିଶୋରମଣି ଜେନା, ସ୍ୱାମୀ: ବାସୁଦେବ ଜେନା, ଜା: ଖଣ୍ଡାୟତ, ବା: ଉପୁଳେଇ | |
| ୩୧ | | ୨୧୪ | ୦.୭୫ | ୦.୪୫ | କିଶୋରମଣି ଜେନା, ସ୍ୱାମୀ: ବାସୁଦେବ ଜେନା, ଜା: ଖଣ୍ଡାୟତ, ବା: ଉପୁଳେଇ | |
| ୩୨ | ୪୪ | ୨୦୩ | ୦.୨୮ | ୦.୦୬ | କିଶୋରମଣି ଜେନା, ସ୍ୱାମୀ: ବାସୁଦେବ ଜେନା, ଜା: ଖଣ୍ଡାୟତ, ବା: ଉପୁଳେଇ | |
| ୩୩ | ୪୬ | ୬୦/ ୧୧୦୨ | ୦.୩୨ | ୦.୩୨ | କୁନ୍ତଳା ମୁଖି, ସ୍ୱାମୀ: ଈଶ୍ୱରଚନ୍ଦ୍ର ମୁଖି, ଜା: ହାଡ଼ି, ବା: ଉଆଁପଦା | |
| ୩୪ | ୪୭ | ୮୯୦ | ୦.୭୪ | ୦.୬୮ | କୁନ୍ଦୁରି ନାଏକ, ପିତା: ଚକ୍ରଧର ନାଏକ, ଜା: ସବର, ବା: ମହମ୍ମଦହୋସେନପୁର | |
| ୩୫ | ୫୦ | ୯୯୦ | ୦.୦୪ | ୦.୦୪ | ପୂର୍ଣ୍ଣ ରାଉତ, ପିତା: ଅଦ୍ୱୈତ ରାଉତ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୩୬ | ୫୫ | ୪୮ | ୦.୫୮ | ୦.୨୯ | କୃଷ୍ଣଚନ୍ଦ୍ର ରାଉତ, ପିତା: ଦାମୋଦର ରାଉତ, ଜା: ଖଣ୍ଡାୟତ, ବା: ଉପୁଳେଇ | |
| ୩୭ | ୬୩ | ୮୦୯ | ୦.୩୧ | ୦.୩୧ | ଗିରିଧାରୀ ନାୟକ, ପିତା: କ୍ଷେତ୍ର ନାୟକ ଓଗେର, ଜା: ଶବର, ବା: ନିଜଗାଁ | |
| ୩୮ | | ୮୧୦ | ୦.୧୦ | ୦.୦୬ | ଗିରିଧାରୀ ନାୟକ, ପିତା: କ୍ଷେତ୍ର ନାୟକ ଓଗେର, ଜା: ଶବର, ବା: ନିଜଗାଁ | |
| ୩୯ | | ୮୧୧ | ୦.୨୫ | ୦.୨୫ | ଗିରିଧାରୀ ନାୟକ, ପିତା: କ୍ଷେତ୍ର ନାୟକ ଓଗେର, ଜା: ଶବର, ବା: ନିଜଗାଁ | |
| ୪୦ | | ୮୪୭ | ୦.୩୦ | ୦.୧୮ | ଗିରିଧାରୀ ନାୟକ, ପିତା: କ୍ଷେତ୍ର ନାୟକ ଓଗେର, ଜା: ଶବର, ବା: ନିଜଗାଁ | |
| ୪୧ | ୬୪ | ୯୧୫ | ୦.୨୦ | ୦.୦୪ | ଗିରିଧାରୀ ନାୟକ, ପିତା: କ୍ଷେତ୍ର ନାୟକ ଓଗେର, ଜା: ଶବର, ବା: ନିଜଗାଁ | |
| ୪୨ | | ୯୧୬ | ୦.୧୦ | ୦.୦୪ | ଗିରିଧାରୀ ନାୟକ, ପିତା: କ୍ଷେତ୍ର ନାୟକ ଓଗେର, ଜା: ଶବର, ବା: ନିଜଗାଁ | |
| ୪୩ | ୬୪ | ୯୨୦ | ୦.୨୧ | ୦.୦୨ | ଗିରିଧାରୀ ନାୟକ, ପିତା: କ୍ଷେତ୍ର ନାୟକ ଓଗେର, ଜା: ଶବର, ବା: ନିଜଗାଁ | |
| ୪୪ | ୭୪ | ୧୭୨ | ୦.୦୪ | ୦.୦୧ | ଗୋବିନ୍ଦ ବେହେରା, ପିତା: ମଧୁ ବେହେରା ଓଗେର, ଜା: ଗୋପାଳ, ବା: ପିପଳ | |
| ୪୫ | ୭୬ | ୧୦୨୫ | ୦.୨୨ | ୦.୧୨ | ଗୋଲଖ ବିହାରୀ ବାରିକ, ପିତା: କୃଷ୍ଣଚନ୍ଦ୍ର ବାରିକ, ଜା: ଗୋପାଳ, ବା: କୟାଁ | |
| ୪୬ | ୮୨ | ୯୧୯ | ୦.୦୪ | ୦.୦୧ | ଚନ୍ଦ୍ର ନାୟକ, ପିତା: ଚେମେଇ ନାୟକ, ଜା: ଶବର, ବା: ନିଜଗାଁ | |
| ୪୭ | ୮୩ | ୫୯ | ୨.୮୫ | ୦.୭୯ | ଚିତ୍ତରଞ୍ଜନ ମିଶ୍ର, ପିତା: ଲକ୍ଷ୍ମଣ ମିଶ୍ର, ଜା: ବ୍ରାହ୍ମଣ, ବା: ହରିଚନ୍ଦନପୁର | |
| ୪୮ | ୯୮ | ୧୯୭ | ୦.୩୭ | ୦.୦୮ | ଯୋଗେନ୍ଦ୍ର ରାଉତ, ପିତା: ସପନି ରାଉତ ଓଗେର, ଜା: ଖଣ୍ଡାୟତ, ବା: ଉପୁଳେଇ | |
| ୪୯ | | ୨୦୨ | ୦.୫୯ | ୦.୨୮ | ଯୋଗେନ୍ଦ୍ର ରାଉତ, ପିତା: ସପନି ରାଉତ ଓଗେର, ଜା: ଖଣ୍ଡାୟତ, ବା: ଉପୁଳେଇ | |
| ୫୦ | | ୨୦୫ | ୦.୨୫ | ୦.୦୧ | ଯୋଗେନ୍ଦ୍ର ରାଉତ, ପିତା: ସପନି ରାଉତ ଓଗେର, ଜା: ଖଣ୍ଡାୟତ, ବା: ଉପୁଳେଇ | |
| ୫୧ | | ୨୦୭ | ୦.୦୪ | ୦.୦୪ | ଯୋଗେନ୍ଦ୍ର ରାଉତ, ପିତା: ସପନି ରାଉତ ଓଗେର, ଜା: ଖଣ୍ଡାୟତ, ବା: ଉପୁଳେଇ | |
| ୫୨ | ୯୮ | ୨୦୯ | ୦.୨୯ | ୦.୨୫ | ଯୋଗେନ୍ଦ୍ର ରାଉତ, ପିତା: ସପନି ରାଉତ ଓଗେର, ଜା: ଖଣ୍ଡାୟତ, ବା: ଉପୁଳେଇ | |
| ୫୩ | | ୨୧୫ | ୦.୧୩ | ୦.୦୯ | ଯୋଗେନ୍ଦ୍ର ରାଉତ, ପିତା: ସପନି ରାଉତ ଓଗେର, ଜା: ଖଣ୍ଡାୟତ, ବା: ଉପୁଳେଇ | |
| ୫୪ | ୯୯ | ୮୪ | ୦.୮୭ | ୦.୪୬ | ଯୋଗେନ୍ଦ୍ର ସାହୁ, ପିତା: ପାଣ୍ଡୁ ସାହୁ, ଜା: ଗୁଡ଼ିଆ, ବା: ଉପୁଳେଇ | |
| ୫୫ | ୧୦୪ | ୧୦୨୮ | ୦.୫୪ | ୦.୨୦ | ଜୟୀ ଜେନା, ପିତା: ଫକୀର ଜେନା ଓଗେର, ଜା: ପାଣ, ବା: ତୁଳତୀ | |
| ୫୬ | ୧୦୬ | ୨୧୩ | ୦.୨୫ | ୦.୨୫ | ଦାମୋଦର ବେହେରା, ପିତା: ହଗୁରୀ ବେହେରା, ଜା: ଗୋପାଳ, ବା: ପିପଳ | |
| ୫୭ | ୧୦୮ | ୧୯୮ | ୦.୨୬ | ୦.୨୨ | ଦୀନବନ୍ଧୁ ରାଉତ, ପିତା: ଫକୀର ରାଉତ ଓଗେର, ଜା: ଖଣ୍ଡାୟତ, ବା: ଉପୁଳେଇ | |
| ୫୮ | | ୨୦୪ | ୦.୩୧ | ୦.୧୦ | ଦୀନବନ୍ଧୁ ରାଉତ, ପିତା: ଫକୀର ରାଉତ ଓଗେର, ଜା: ଖଣ୍ଡାୟତ, ବା: ଉପୁଳେଇ | |
| ୫୯ | ୧୦୯ | ୮୪୨ | ୦.୦୯ | ୦.୦୯ | ଦୁର୍ଯ୍ୟୋଧନ ସାହୁ, ପିତା: ନାରାୟଣ ସାହୁ, ଜା: ଖଣ୍ଡାୟତ, ବା: ରଘୁନାଥପୁର | |
| ୬୦ | | ୮୫୮ | ୦.୨୪ | ୦.୨୪ | ଦୁର୍ଯ୍ୟୋଧନ ସାହୁ, ପିତା: ନାରାୟଣ ସାହୁ, ଜା: ଖଣ୍ଡାୟତ, ବା: ରଘୁନାଥପୁର | |
| ୬୧ | ୧୧୩ | ୪୯ | ୦.୧୨ | ୦.୧୨ | ଦୁର୍ଯ୍ୟୋଧନ ରାଉତ, ପିତା: ସୁକୁଟା ରାଉତ ଓଗେର, ଜା: ଖଣ୍ଡାୟତ, ବା: ଉପୁଳେଇ | |
| ୬୨ | ୧୧୩ | ୫୦ | ୦.୫୬ | ୦.୦୩ | ଦୁର୍ଯ୍ୟୋଧନ ରାଉତ, ପିତା: ସୁକୁଟା ରାଉତ ଓଗେର, ଜା: ଖଣ୍ଡାୟତ, ବା: ଉପୁଳେଇ | |
| ୬୩ | | ୬୯ | ୧.୧୩ | ୦.୫୨ | ଦୁର୍ଯ୍ୟୋଧନ ରାଉତ, ପିତା: ସୁକୁଟା ରାଉତ ଓଗେର, ଜା: ଖଣ୍ଡାୟତ, ବା: ଉପୁଳେଇ | |
| ୬୪ | | ୮୨ | ୦.୪୯ | ୦.୨୦ | ଦୁର୍ଯ୍ୟୋଧନ ରାଉତ, ପିତା: ସୁକୁଟା ରାଉତ ଓଗେର, ଜା: ଖଣ୍ଡାୟତ, ବା: ଉପୁଳେଇ | |
| ୬୫ | ୧୧୬ | ୧୭୦ | ୦.୪୮ | ୦.୪୮ | ଧରଣୀଧର ଜେନା, ପିତା: ଧ୍ରୁବ ଜେନା, ଜା: ଖଣ୍ଡାୟତ, ବା: ଉପୁଳେଇ | |
| ୬୬ | ୧୧୮ | ୮୫୬ | ୧.୨୩ | ୦.୫୦ | ଧ୍ରୁବ ସାହୁ, ପିତା: ହରେକୃଷ୍ଣ ସାହୁ ଓଗେର, ଜା: ଖଣ୍ଡାୟତ, ବା: ରଘୁନାଥପୁର | |
| ୬୭ | ୧୨୫ | ୭୬ | ୦.୩୦ | ୦.୩୦ | ନବଘନ କର, ପିତା: ରାଧୁ କର, ଜା: ବ୍ରାହ୍ମଣ, ବା: ହରିଚନ୍ଦନପୁର | |
| ୬୮ | | ୮୩ | ୦.୭୫ | ୦.୨୨ | ନବଘନ କର, ପିତା: ରାଧୁ କର, ଜା: ବ୍ରାହ୍ମଣ, ବା: ହରିଚନ୍ଦନପୁର | |
| ୬୯ | ୧୩୪ | ୧୭୧ | ୦.୫୦ | ୦.୪୭ | ପଞ୍ଚାନନ ଜେନା, ପିତା: ଧ୍ରୁବାନନ୍ଦ ଜେନା, ଜା: ଖଣ୍ଡାୟତ, ବା: ଉପୁଳେଇ | |
| ୭୦ | ୧୪୦ | ୮୧ | ୦.୨୨ | ୦.୧୨ | ପ୍ରଭାକର ଜେନା, ପିତା: ଧ୍ରୁବ ଜେନା, ଜା: ଖଣ୍ଡାୟତ, ବା: ଉପୁଳେଇ | |
| ୭୧ | ୧୪୨ | ୧୦୨୦ | ୦.୪୧ | ୦.୦୬ | ପ୍ରହ୍ଲାଦ ଜେନା, ପିତା: ଲକ୍ଷ୍ମଣ ଜେନା ଓଗେର, ଜା: ଶବର, ବା: କୟାଁ | |
| ୭୨ | ୧୪୪ | ୨୩୬ | ୧.୨୬ | ୦.୫୮ | ପାଣ୍ଡବ ବାରିକ, ପିତା: ବଂଶୀଧର ବାରିକ, ଜା: ଗୋପାଳ, ବା: ପିପଳ | |
| ୭୩ | ୧୪୬ | ୧୮୬ | ୦.୦୭ | ୦.୦୨ | ପିତାମ୍ବର ବାରିକ, ପିତା: ବନମାଳି ବାରିକ ଓଗେର, ଜା: ଗୋପାଳ, ବା: ପିପଳ | |
| ୭୪ | ୧୪୭ | ୧୭୪/ ୧୧୦୯ | ୦.୦୩ | ୦.୦୧ | ପିତାମ୍ବର ପଣ୍ଡା, ପିତା: ବୃନ୍ଦାବନ ପଣ୍ଡା, ଜା: ବ୍ରାହ୍ମଣ, ବା: ତଳଗଡ଼ | |
| ୭୫ | ୧୫୦ | ୨୧୯ | ୦.୪୫ | ୦.୦୪ | ପୂର୍ଣ୍ଣଚନ୍ଦ୍ର ବାରିକ, ପିତା: ହାଡ଼ିବନ୍ଧୁ ବାରିକ ଓଗେର, ଜା: ଗୋପାଳ, ବା: ପିପଳ | |
| ୭୬ | ୧୫୫ | ୫୬୫ | ୦.୭୯ | ୦.୨୦ | ଶ୍ରୀ ଗୋପାଳଜୀଉ ଠାକୁର ବିଜେ ତାହାରପୁର ମାର୍ଫତ ସମସ୍ତ ଗ୍ରାମବାସୀଙ୍କ ତରଫରୁ ପୁରସ୍ତମ ସାହୁ, ପିତା: ଯୋଗୀ ସାହୁ, ଜା: ତେଲି, ବା: ତାହାରପୁର | |
| ୭୭ | | ୧୦୩୭ | ୦.୩୬ | ୦.୦୧ | ଶ୍ରୀ ଗୋପାଳଜୀଉ ଠାକୁର ବିଜେ ତାହାରପୁର ମାର୍ଫତ ସମସ୍ତ ଗ୍ରାମବାସୀଙ୍କ ତରଫରୁ ପୁରସ୍ତମ ସାହୁ, ପିତା: ଯୋଗୀ ସାହୁ, ଜା: ତେଲି, ବା: ତାହାରପୁର | |
| ୭୮ | ୧୬୦ | ୧୦୧୭ | ୦.୧୯ | ୦.୧୨ | ବାବାଜୀ ଚରଣ ମଲ୍ଲିକ, ପିତା: ଗଜେନ୍ଦ୍ର ମଲ୍ଲିକ ଓଗେର, ବା: ନିଜଗାଁ | |
| ୭୯ | | ୧୦୧୯ | ୦.୦୪ | ୦.୦୪ | ବାବାଜୀ ଚରଣ ମଲ୍ଲିକ, ପିତା: ଗଜେନ୍ଦ୍ର ମଲ୍ଲିକ ଓଗେର, ବା: ନିଜଗାଁ | |
| ୮୦ | ୧୬୫ | ୮୧୪ | ୦.୧୩ | ୦.୦୪ | ଅଇଁନି ବାରିକ, ସ୍ୱାମୀ: ହାଡ଼ିବନ୍ଧୁ ବାରିକ, ଜା: ଗୋପାଳ, ବା: ପିପଳ | |
| ୮୧ | | ୮୮୧ | ୧.୦୦ | ୦.୫୭ | ଅଇଁନି ବାରିକ, ସ୍ୱାମୀ: ହାଡ଼ିବନ୍ଧୁ ବାରିକ, ଜା: ଗୋପାଳ, ବା: ପିପଳ | |
| ୮୨ | ୧୬୯ | ୯୯୯ | ୧.୦୦ | ୦.୬୨ | ବାବାଜୀ ଚରଣ ରାଉତ, ପିତା: ସାଇଁଟୋ ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୮୩ | ୧୭୨ | ୨୩୪ | ୦.୩୬ | ୦.୩୦ | ବାବାଜୀ ମଳିକ, ପିତା: ଧୂନ ମଳିକ ଓଗେର, ଜା: ପାଣ, ବା: ପିପଳ | |
| ୮୪ | ୧୭୩ | ୮୮୭ | ୦.୦୭ | ୦.୦୧ | ବାବାଜୀ ଚରଣ ମଳିକ, ପିତା: ଗଜେନ୍ଦ୍ର ମଳିକ, ବା: ନିଜଗାଁ | |
| ୮୫ | | ୧୦୦୦ | ୦.୭୨ | ୦.୦୨ | ବାବାଜୀ ଚରଣ ମଳିକ, ପିତା: ଗଜେନ୍ଦ୍ର ମଳିକ, ବା: ନିଜଗାଁ | |
| ୮୬ | | ୧୦୦୫ | ୦.୪୮ | ୦.୦୩ | ବାବାଜୀ ଚରଣ ମଳିକ, ପିତା: ଗଜେନ୍ଦ୍ର ମଳିକ, ବା: ନିଜଗାଁ | |
| ୮୭ | ୧୮୦ | ୫୫୬ | ୦.୨୮ | ୦.୧୯ | ବାବୁ ମଳିକ, ପିତା: କୁଶ ମଳିକ ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୮୮ | ୧୮୫ | ୮୪୫ | ୦.୨୭ | ୦.୨୭ | ପଦ୍ମନାଭ ରାଉତ, ପିତା: ଲକ୍ଷ୍ମଣ ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୮୯ | ୧୮୭ | ୧୮୮ | ୦.୨୧ | ୦.୦୧ | ବାସୁଦେବ ଜେନା, ପିତା: ନରହରି ଜେନା ଓଗେର, ଜା: ଖଣ୍ଡାୟତ, ବା: ଉପୁଳେଇ | |
| ୯୦ | | ୮୩୯ | ୦.୦୮ | ୦.୦୬ | ବାସୁଦେବ ଜେନା, ପିତା: ନରହରି ଜେନା ଓଗେର, ଜା: ଖଣ୍ଡାୟତ, ବା: ଉପୁଳେଇ | |
| ୯୧ | ୧୯୧ | ୧୬୭ | ୧.୨୩ | ୦.୨୪ | ବିଦ୍ୟାଧର ମିଶ୍ର, ପିତା: ଗୋବିନ୍ଦ ମିଶ୍ର, ଜା: ବ୍ରାହ୍ମଣ, ବା: ଶାଳିଜଙ୍ଗା | |
| ୯୨ | ୧୯୮ | ୮୪୮ | ୦.୩୫ | ୦.୧୭ | ବିଶ୍ୱମ୍ବର ସାହୁ, ପିତା: ଦୁର୍ଯ୍ୟୋଧନ ସାହୁ ଓଗେର, ଜା: ଖଣ୍ଡାୟତ, ବା: ରଘୁନାଥପୁର | |
| ୯୩ | ୨୦୧ | ୫୫୮ | ୦.୫୩ | ୦.୩୩ | ବୃନ୍ଦବନ ମାଝୀ, ପିତା: ଚୈତନ୍ୟ ମାଝୀ, ଜା: କୈବର୍ତ୍ତ, ବା: ନିଜଗାଁ | |
| ୯୪ | ୨୦୩ | ୮୩୭ | ୦.୦୮ | ୦.୦୬ | ବେନୁ ନାୟକ, ପିତା: କ୍ଷେତ୍ର ନାୟକ, ଜା: ଶବର, ବା: ନିଜଗାଁ | |
| ୯୫ | ୨୦୬ | ୬୦ | ୦.୫୪ | ୦.୨୦ | ବୈଷ୍ଣବ ଜେନା, ପିତା: ହରି ଜେନା, ଜା: ପାଣ, ବା: ଉପୁଳେଇ | |
| ୯୬ | ୨୧୪ | ୬୯୫ | ୦.୦୬ | ୦.୦୨ | ଭିକାରୀ ବାରିକ, ପିତା: ନନ୍ଦ ବାରିକ ଓଗେର, ଜା: ଭଣ୍ଡାରୀ, ବା: ନିଜଗାଁ | |
| ୯୭ | | ୭୦୩ | ୦.୩୫ | ୦.୧୭ | ଭିକାରୀ ବାରିକ, ପିତା: ନନ୍ଦ ବାରିକ ଓଗେର, ଜା: ଭଣ୍ଡାରୀ, ବା: ନିଜଗାଁ | |
| ୯୮ | | ୭୦୪ | ୦.୨୭ | ୦.୦୧ | ଭିକାରୀ ବାରିକ, ପିତା: ନନ୍ଦ ବାରିକ ଓଗେର, ଜା: ଭଣ୍ଡାରୀ, ବା: ନିଜଗାଁ | |
| ୯୯ | ୨୧୪ | ୭୧୪ | ୦.୨୯ | ୦.୦୧ | ଭିକାରୀ ବାରିକ, ପିତା: ନନ୍ଦ ବାରିକ ଓଗେର, ଜା: ଭଣ୍ଡାରୀ, ବା: ନିଜଗାଁ | |
| ୧୦୦ | | ୮୯୩ | ୦.୫୪ | ୦.୫୪ | ଭିକାରୀ ବାରିକ, ପିତା: ନନ୍ଦ ବାରିକ ଓଗେର, ଜା: ଭଣ୍ଡାରୀ, ବା: ନିଜଗାଁ | |
| ୧୦୧ | | ୮୯୪ | ୧.୫୯ | ୦.୪୦ | ଭିକାରୀ ବାରିକ, ପିତା: ନନ୍ଦ ବାରିକ ଓଗେର, ଜା: ଭଣ୍ଡାରୀ, ବା: ନିଜଗାଁ | |
| ୧୦୨ | | ୮୯୫ | ୧.୬୨ | ୦.୦୧ | ଭିକାରୀ ବାରିକ, ପିତା: ନନ୍ଦ ବାରିକ ଓଗେର, ଜା: ଭଣ୍ଡାରୀ, ବା: ନିଜଗାଁ | |
| ୧୦୩ | | ୯୧୪ | ୦.୨୫ | ୦.୦୮ | ଭିକାରୀ ବାରିକ, ପିତା: ନନ୍ଦ ବାରିକ ଓଗେର, ଜା: ଭଣ୍ଡାରୀ, ବା: ନିଜଗାଁ | |
| ୧୦୪ | | ୯୮୭ | ୦.୩୮ | ୦.୨୮ | ଭିକାରୀ ବାରିକ, ପିତା: ନନ୍ଦ ବାରିକ ଓଗେର, ଜା: ଭଣ୍ଡାରୀ, ବା: ନିଜଗାଁ | |
| ୧୦୫ | | ୯୮୯ | ୦.୧୩ | ୦.୧୩ | ଭିକାରୀ ବାରିକ, ପିତା: ନନ୍ଦ ବାରିକ ଓଗେର, ଜା: ଭଣ୍ଡାରୀ, ବା: ନିଜଗାଁ | |
| ୧୦୬ | | ୯୯୧ | ୦.୫୪ | ୦.୪୦ | ଭିକାରୀ ବାରିକ, ପିତା: ନନ୍ଦ ବାରିକ ଓଗେର, ଜା: ଭଣ୍ଡାରୀ, ବା: ନିଜଗାଁ | |
| ୧୦୭ | ୨୧୪ | ୯୯୨ | ୦.୧୫ | ୦.୦୧ | ଭିକାରୀ ବାରିକ, ପିତା: ନନ୍ଦ ବାରିକ ଓଗେର, ଜା: ଭଣ୍ଡାରୀ, ବା: ନିଜଗାଁ | |
| ୧୦୮ | ୨୧୭ | ୧୬୯ | ୦.୩୦ | ୦.୩୦ | ମନ୍ଦରଧର ଜେନା, ପିତା: ଚକ୍ରଧର ଜେନା, ଜା: ଖଣ୍ଡାୟତ, ବା: ଉପୁଳେଇ | |
| ୧୦୯ | ୨୨୦ | ୮୦ | ୦.୨୮ | ୦.୦୭ | ମନୋରମା ଜେନା, ସ୍ୱାମୀ: ପଞ୍ଚାନନ ଜେନା, ଜା: ଖଣ୍ଡାୟତ, ବା: ଉପୁଳେଇ | |
| ୧୧୦ | ୨୨୨ | ୮୦୬ | ୦.୦୪ | ୦.୦୪ | ମାଗୁଣୀ ଜେନା, ପିତା: ଇନ୍ଦ୍ରମଣୀ ଜେନା, ଜା: ଶବର, ବା: ନିଜଗାଁ | |
| ୧୧୧ | | ୮୫୦ | ୦.୦୭ | ୦.୦୭ | ମାଗୁଣୀ ଜେନା, ପିତା: ଇନ୍ଦ୍ରମଣୀ ଜେନା, ଜା: ଶବର, ବା: ନିଜଗାଁ | |
| ୧୧୨ | | ୮୫୨ | ୦.୪୩ | ୦.୧୯ | ମାଗୁଣୀ ଜେନା, ପିତା: ଇନ୍ଦ୍ରମଣୀ ଜେନା, ଜା: ଶବର, ବା: ନିଜଗାଁ | |
| ୧୧୩ | ୨୨୮ | ୭୯ | ୦.୪୦ | ୦.୨୧ | ମୂଷାବର ଜେନା, ପିତା: ଦିଜବର ଜେନା ଓଗେର, ଜା: ଖଣ୍ଡାୟତ, ବା: ଉପୁଳେଇ | |
| ୧୧୪ | | ୧୬୮ | ୦.୩୭ | ୦.୩୭ | ମୂଷାବର ଜେନା, ପିତା: ଦିଜବର ଜେନା ଓଗେର, ଜା: ଖଣ୍ଡାୟତ, ବା: ଉପୁଳେଇ | |
| ୧୧୫ | ୨୨୯ | ୫୫୪ | ୦.୧୮ | ୦.୦୧ | ଶ୍ରୀ ଗ୍ରାମଦେବତୀ କଜଳେଇ ଠାକୁରାଣୀ ବିଜେ ନିଜଗାଁ ମାର୍ଫତ: ମୂଷା ଖଟୁଆ, ପିତା: ସୁକୁଟି ଖଟୁଆ ଓଗେର, ଜା: ଶବର, ବା: ନିଜଗାଁ | |
| ୧୧୬ | ୨୨୯ | ୫୫୫ | ୦.୨୦ | ୦.୧୨ | ଶ୍ରୀ ଗ୍ରାମଦେବତୀ କଜଳେଇ ଠାକୁରାଣୀ ବିଜେ ନିଜଗାଁ ମାର୍ଫତ: ମୂଷା ଖଟୁଆ, ପିତା: ସୁକୁଟି ଖଟୁଆ ଓଗେର, ଜା: ଶବର, ବା: ନିଜଗାଁ | |
| ୧୧୭ | | ୮୦୫ | ୦.୨୧ | ୦.୦୮ | ଶ୍ରୀ ଗ୍ରାମଦେବତୀ କଜଳେଇ ଠାକୁରାଣୀ ବିଜେ ନିଜଗାଁ ମାର୍ଫତ: ମୂଷା ଖଟୁଆ, ପିତା: ସୁକୁଟି ଖଟୁଆ ଓଗେର, ଜା: ଶବର, ବା: ନିଜଗାଁ | |
| ୧୧୮ | | ୮୧୨ | ୦.୧୯ | ୦.୧୮ | ଶ୍ରୀ ଗ୍ରାମଦେବତୀ କଜଳେଇ ଠାକୁରାଣୀ ବିଜେ ନିଜଗାଁ ମାର୍ଫତ: ମୂଷା ଖଟୁଆ, ପିତା: ସୁକୁଟି ଖଟୁଆ ଓଗେର, ଜା: ଶବର, ବା: ନିଜଗାଁ | |
| ୧୧୯ | | ୮୧୩ | ୦.୨୨ | ୦.୧୩ | ଶ୍ରୀ ଗ୍ରାମଦେବତୀ କଜଳେଇ ଠାକୁରାଣୀ ବିଜେ ନିଜଗାଁ ମାର୍ଫତ: ମୂଷା ଖଟୁଆ, ପିତା: ସୁକୁଟି ଖଟୁଆ ଓଗେର, ଜା: ଶବର, ବା: ନିଜଗାଁ | |
| ୧୨୦ | ୨୩୦ | ୮୦୭ | ୦.୪୨ | ୦.୧୨ | ମୂଷା ଖଟୁଆ, ପିତା: ସୁକୁଟି ଖଟୁଆ ଓଗେର, ଜା: ଶବର, ବା: ନିଜଗାଁ | |
| ୧୨୧ | | ୮୫୧ | ୦.୨୭ | ୦.୨୭ | ମୂଷା ଖଟୁଆ, ପିତା: ସୁକୁଟି ଖଟୁଆ ଓଗେର, ଜା: ଶବର, ବା: ନିଜଗାଁ | |
| ୧୨୨ | | ୯୧୨ | ୦.୩୮ | ୦.୦୨ | ମୂଷା ଖଟୁଆ, ପିତା: ସୁକୁଟି ଖଟୁଆ ଓଗେର, ଜା: ଶବର, ବା: ନିଜଗାଁ | |
| ୧୨୩ | ୨୩୨ | ୨୩୫ | ୦.୩୫ | ୦.୩୫ | ରଙ୍କ ଖଟୁଆ, ପିତା: ହରି ଖଟୁଆ, ଜା: ଶବର, ବା: ନିଜଗାଁ | |
| ୧୨୪ | ୨୩୬ | ୫୬୧ | ୦.୩୨ | ୦.୨୫ | ରଘୁନାଥ ବେହେରା, ପିତା: ଶ୍ରୀଧର ବେହେରା ଓଗେର, ଜା: ଗୋପାଳ, ବା: କୟାଁ | |
| ୧୨୫ | ୨୩୬ | ୧୦୧୬ | ୦.୦୬ | ୦.୦୩ | ରଘୁନାଥ ବେହେରା, ପିତା: ଶ୍ରୀଧର ବେହେରା ଓଗେର, ଜା: ଗୋପାଳ, ବା: କୟାଁ | |
| ୧୨୬ | ୨୪୦ | ୧୦୨୧ | ୦.୨୧ | ୦.୦୮ | ରମ୍ଭା ବିହାଡ଼ି, ସ୍ୱାମୀ: ଭୀମ ବିହାଡ଼ି, ଜା: ଖଣ୍ଡାୟତ, ବା: ନିଜଗାଁ | |

## ସଂକ୍ଷେପରେ

### ଜେଲରଙ୍କ ସମେତ ୯ କର୍ମଚାରୀ କ୍ୱାରାଣ୍ଟାଇନରେ

**ନିମାପଡ଼ା,୧୭(ଡି.ଏନ୍.ଏ):** ନିମାପଡ଼ା ସବଜେଲରେ ମଙ୍ଗଳବାର ଜଣେ ବିଚାରାଧୀନ କଏଦୀଙ୍କ କରୋନା ପଜିଟିଭ ବାହାରିବା ପରେ ବୁଧବାର ଜେଲରଙ୍କ ସମେତ ୯ଜଣ କର୍ମଚାରୀ ହୋମ୍ କ୍ୱାରାଣ୍ଟାଇନରେ ରହିଛନ୍ତି। ଏହି ସମସ୍ତ ୯ଜଣଙ୍କ ସ୍ୱାବ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯିବ ବୋଲି ଜେଲର ସନ୍ତୋଷିନୀ ଦାଶ କହିଛନ୍ତି। ଅନ୍ୟପଟେ ଜେଲରେ ଥିବା ଅନ୍ୟ ବନ୍ଦୀମାନେ ମଧ ସଂକ୍ରମଣକୁ ନେଇ ଭୟଭୀତ ହୋଇପଡ଼ିଛନ୍ତି। ବନ୍ଦୀମାନଙ୍କର ମଧ ଖୁବଶୀଘ୍ର ସ୍ୱାବ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯିବ ବୋଲି ଜଣାପଡ଼ିଛି। କରୋନା ସଂକ୍ରମଣ ରୋକିବା ପାଇଁ ସ୍ଥାନୀୟ ଅଗ୍ନିଶମ ସେବା ସଂସ୍ଥା ପକ୍ଷରୁ ବୁଧବାର ସକାଳେ ଜେଲ୍‌ର ସମସ୍ତ ୱାର୍ଡ, ଅଫିସଗୃହ, ସମ୍ପୂର୍ଣ୍ଣ ଜେଲ ପରିସରକୁ ସାନିଟାଇଜ୍ କରାଯାଇଥିବା ଅଗ୍ନିଶମ ସଂସ୍ଥା ଅଧିକାରୀ ବ୍ରହ୍ମାନନ୍ଦ ମଲ୍ଲିକ କହିଛନ୍ତି।

### ମହିଳା ଅଫିସରଙ୍କ ସହ ୮ ଥାନା କର୍ମଚାରୀ ହୋମ କ୍ୱାରାଣ୍ଟାଇନରେ

#### ଅଭିଯୁକ୍ତ କରୋନା ପଜିଟିଭ୍

**ଗୋପ,୧୭(ଡି.ଏନ୍.ଏ):** ଗୋପ ଥାନା ଅଞ୍ଚଳରେ ଜଣେ ଅଭିଯୁକ୍ତ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ କଏଦୀଙ୍କ ସଂସ୍ପର୍ଶରେ ଆସିଥିବା ଥାନାରେ ଜଣେ ମହିଳା ଅଫିସରଙ୍କ ସମେତ ୮ରୁ ଊର୍ଦ୍ଧ୍ୱ କର୍ମଚାରୀ ହୋମ କ୍ୱାରାଣ୍ଟାଇନରେ ରହିଛନ୍ତି। ଫଳରେ ଥାନାର ଅଧିକାଂଶ କର୍ମଚାରୀ କ୍ୱାରାଣ୍ଟାଇନରେ ରହିଥିବାରୁ ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କୁ ଥାନା ଗେଟରୁ ଫେରାଇ ଦିଆଯାଉଛି। ନୟାହାଟ ଫାଣ୍ଡ୍ରି ଅଧୀନ ଏକ ଗାଁରେ ଜଣଙ୍କ ଘର ପୋଡ଼ି ମାମଲାରେ ଜଡିତ ଥିବା ଅଭିଯୁକ୍ତ ଜଣକ ଫେରାର ଥିବାବେଳେ ପୋଲିସ ଗତ ୨୭ତାରିଖରେ କୋଣାର୍କରୁ ଗିରଫ କରିଥିଲା। ପରଦିନ ଗୋପ ଆଣି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଏହାପୂର୍ବରୁ ତାଙ୍କ ସ୍ୱାବ ଟେଷ୍ଟ ପାଇଁ ପଠାଯାଇଥିବାବେଳେ ମଙ୍ଗଳବାର ପଜିଟିଭ ଆସିଥିଲା। ପରେ ଅଭିଯୁକ୍ତଙ୍କ ସଂସ୍ପର୍ଶରେ ମହିଳା ଅଫିସରଙ୍କ ସମେତ ୮ରୁ ଊର୍ଦ୍ଧ୍ୱ କର୍ମଚାରୀ ଆସିଥିବା ଜଣାପଡ଼ିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଅଭିଯୁକ୍ତଙ୍କୁ କୋଭିଡ ହସ୍ପିଟାଲ ପଠାଯିବା ସହ ପୋଲିସ କର୍ମଚାରୀମାନେ ହୋମ୍ କ୍ୱାରାଣ୍ଟାଇନ ରହିବା ପାଇଁ କୁହାଯାଇଛି।

### ପତନିବର ୩ ଦିନ କଣ୍ଟେନମେଣ୍ଟ ଜୋନ୍

ଖୋର୍ଦ୍ଧା ଅଫିସ,୧୭ : ବେଗୁନିଆ ବ୍ଲକ ସାରୁଅ ପଞ୍ଚାୟତର ପତନିବର ଗ୍ରାମର ଜଣେ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଉକ୍ତ ଗ୍ରାମକୁ ୩ଦିନ ଲାଗି ଜିଲାପାଳ ଶୀତାଂଶୁ କୁମାର ରାଉତ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରିଛନ୍ତି। ବୁଧବାର ସକାଳ ୭ଟାରୁ ୪ ତାରିଖ ସକାଳ ୭ଟା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ଏହି ଜୋନ ମଧ୍ୟରେ ରହିଥିବା ଗ୍ରାମବାସୀ ବାହାରକୁ ଯିବେ ନାହିଁ କିମ୍ବା ଏହି ଜୋନ୍‌କୁ କେହି ବାହାର ଲୋକ ପ୍ରବେଶ କରିପାରିବେ ନାହିଁ। ପ୍ରଶାସନ ପକ୍ଷରୁ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇଦିଆଯିବ। ଉକ୍ତ ଅଞ୍ଚଳକୁ ସାନିଟାଇଜ୍ କରାଯିବ। ବେଗୁନିଆ ବ୍ଲକ କନିଷ୍ଠ ଯନ୍ତ୍ରୀ ନିଳିମା ମହାନ୍ତି, ମେଡିକାଲ ଅଫିସର ଜ୍ୟୋତିରଞ୍ଜନ ସାହୁ, ସିଡିପିଓ ରଞ୍ଜୁବାଳା ସାହୁ ପ୍ରମୁଖ ଏହି ଦାୟିତ୍ୱରେ ରହିଛନ୍ତି।

### ଧଳାପଥର ୪୮ଘଣ୍ଟା ଶଟ୍‌ଡାଉନ୍

**ଖୋର୍ଦ୍ଧା ଅଫିସ,୧୭:** ବୋଲଗଡ ବ୍ଲକ ଅନ୍ତର୍ଗତ ଧଳାପଥର ଗ୍ରାମରୁ ଜଣେ ପଜିଟିଭ୍ ଚିହ୍ନଟ ହେବା ପରେ ବୁଧବାର ସରପଞ୍ଚ ଶାନ୍ତିଲତା ସୁବୁଦ୍ଧି ଜିଲାପାଳଙ୍କ କ୍ଷମତା ପ୍ରୟୋଗ କରି ଉକ୍ତ ଗ୍ରାମକୁ ୪୮ଘଣ୍ଟା ଲାଗି ଶଟ୍‌ଡାଉନ ଘୋଷଣା କରିଛନ୍ତି। ବୁଧବାର ରାତ୍ର ୯ ଟାରୁ ୩ତାରିଖ(ଶୁକ୍ରବାର) ରାତି ୯ଟା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ଗ୍ରାମବାସୀଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ଘୋଷଣା କରାଯାଇଛି ବୋଲି ସରପଞ୍ଚ ସୁବୁଦ୍ଧି କହିଛନ୍ତି। କୌଣସି ବ୍ୟକ୍ତି କୋଭିଡ୍ ନିୟମ ଉଲ୍ଲଙ୍ଘନ କଲେ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଔଷଧ ଦୋକାନ ବ୍ୟତୀତ ସମସ୍ତ ଦୋକନ ବନ୍ଦ ରହିବ ବୋଲି ସେ କହିଛନ୍ତି।

# ଦ୍ୱୈତନଗରୀରେ ରାତ୍ର କର୍ଫ୍ୟୁ କଡ଼ାକଡ଼ି ନିର୍ଦ୍ଦେଶ

ଭୁବନେଶ୍ୱର,୧୭ (ବ୍ୟୁରୋ)

**କମିଶନରେଟ ପୋଲିସର ଗାଇଡ୍‌ଲାଇନ୍**
- ରାତି ୯ରୁ ସକାଳ ୫ ପର୍ଯ୍ୟନ୍ତ କଟକଣା
- ଜରୁରୀ କାର୍ଯ୍ୟ ନ ଥାଇ ବାହାରକୁ ବାହାରିଲେ କାର୍ଯ୍ୟାନୁଷ୍ଠାନ
- ପରିଚୟପତ୍ର ଦେଖାଇବେ ଜରୁରୀ ସେବା ଯୋଗାଉଥିବା ବ୍ୟକ୍ତି
- ପୂର୍ବଭଳି ସହଯୋଗ କରିବାକୁ କମିଶନରଙ୍କ ନିବେଦନ

ଅନ୍‌ଲକ୍-୨ରେ ରାଜ୍ୟ ସରକାର କରୋନା କଟକଣାରେ କିଛିଟା ପରିବର୍ତ୍ତନ କରିଛନ୍ତି। ବିଶେଷକରି ରାତ୍ରକାଳୀନ କର୍ଫ୍ୟୁକୁ ଜୁଲାଇ ୩୧ ପର୍ଯ୍ୟନ୍ତ ବଳବତ୍ତର ରଖିଥିଲେ ମଧ ରାତି ୭ଟା ପରିବର୍ତ୍ତେ ରାତି ୯ରୁ ସକାଳ ୫ଟା ପର୍ଯ୍ୟନ୍ତ ଲାଗୁ କରିଛନ୍ତି। ତେବେ ଭୁବନେଶ୍ୱର ଓ କଟକରେ କରୋନା ସ୍ଥିତିକୁ ଦୃଷ୍ଟିରେ ରଖି କର୍ଫ୍ୟୁ ଅବଧିରେ ବୃଦ୍ଧି ଘଟିବ ବୋଲି ଆଶା କରାଯାଉଥିଲା। କିନ୍ତୁ ଦ୍ୱୈତନଗରୀର କମିଶନରେଟ ପୋଲିସ ସେଥିରେ କୌଣସି ପରିବର୍ତ୍ତନ କରିନାହିଁ। ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କର୍ଫ୍ୟୁ କଟକଣାକୁ କଡାକଡି କରିବାକୁ ନିର୍ଦ୍ଦେଶ ଦେଇଥିବାବେଳେ ସହରବାସୀ ପୂର୍ବଭଳି ସହଯୋଗ କରିବାକୁ ନିବେଦନ କରିଛନ୍ତି।

ଗୃହ ବିଭାଗର ନିର୍ଦ୍ଦେଶ ତଥା ଓଡ଼ିଶା ସହରାଞ୍ଚଳ ଆକ୍ଟ-୨୦୦୩ ଅନୁସାରେ ଏହି କଟକଣା ଲଗାଯାଇଛି। ଅତି ଜରୁରୀ କାର୍ଯ୍ୟ ନ ଥିଲେ ବାହାରକୁ ନ ବାହାରିବାକୁ କୁହାଯାଇଛି। କର୍ଫ୍ୟୁ ସମୟରେ ରାଜଧାନୀର ବିଭିନ୍ନ ଛକରେ ପୋଲିସ ଚେକିଂ କରିବ। ଯେଉଁମାନେ ବିନା କାରଣରେ ବୁଲୁଥିବେ ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରାତି ୯ଟା ପୂର୍ବରୁ ପୋଲିସ ସାଇରନ୍ ବଜାଇ ଦୋକାନୀ ଓ ଲୋକଙ୍କୁ ସଚେତନା କରିବ। କର୍ଫ୍ୟୁ ସମୟରେ ଦୋକାନ ଖୋଲାଥିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ବିଭିନ୍ନ ଛକରେ ଲୋକେ ଗହଳି କରୁଥିଲେ ସେମାନଙ୍କ ବିରୋଧରେ ମଧ ପଦକ୍ଷେପ ନିଆଯିବ। ତେବେ ରାତ୍ରକାଳୀନ କର୍ଫ୍ୟୁ ସମୟରେ ପୂର୍ବଭଳି ଔଷଧ ଦୋକାନ ଖୋଲା ରହିବ। ମେଡିକାଲ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ଏବଂ ଜରୁରୀ ସେବା ଯୋଗାଉଥିବା ବ୍ୟକ୍ତିମାନେ ନିଜ ପରିଚୟପତ୍ର ବ୍ୟବହାର କରି ଯାତାୟାତ କରିପାରିବେବୋଲି କମିଶନରେଟ ପୋଲିସ ମୁଖ୍ୟାଳୟ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି।




ଭୁବନେଶ୍ୱର: ବାଣୀବିହାର ଜଗନ୍ନାଥ ମନ୍ଦିର ଓ ଇସ୍କନରେ ବୁଧବାର ଅନୁଷ୍ଠିତ ବାହୁଡ଼ା ଯାତ୍ରା।

# ଭୁବନେଶ୍ୱରରେ ଆଉ ୧୨ ଆକ୍ରାନ୍ତ, ୮ ସ୍ଥାନୀୟ ସଂକ୍ରମିତ

ଭୁବନେଶ୍ୱର, ୧୭(ବ୍ୟୁରୋ)

**ବିଡିଏ ପମ୍ପ ଡ୍ରାଇଭର, ଘରୋଇ ହସ୍ପିଟାଲ କର୍ମଚାରୀଙ୍କୁ କରୋନା**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରୁ ବୁଧବାର ଆଉ ୧୨ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୮ଜଣ ସ୍ଥାନୀୟ ସଂକ୍ରମିତ ରହିଥିବାବେଳେ ୪ଜଣ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ। ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଡୁମୁଡୁମା ରଘୁନାଥ ନଗର ବସ୍ତିର ଜଣେ ୩୦ ବର୍ଷୀୟା ମହିଳା ଓ ୩୫ ବର୍ଷୀୟ ପୁରୁଷ ରହିଛନ୍ତି। ଏମାନେ ନିକଟରେ ଗଞ୍ଜାମ ଗସ୍ତ କରିଥିଲେ ବୋଲି ବିଏମ୍‌ସି ପକ୍ଷରୁ ଟୁଇଟ ଯୋଗେ ସୂଚନା ଦିଆଯାଇଛି। ସେହିପରି ଡୁମୁଡୁମା ସୁଖବିହାର ବସ୍ତିରୁ ମଧ ଜଣେ ୩୪ ବର୍ଷୀୟ ଆକ୍ରାନ୍ତ ଓ ଶ୍ରୀରାମନଗରର ଜଣେ ୩୫ ବର୍ଷୀୟା ମହିଳା ଗଞ୍ଜାମରୁ ଫେରି ଆକ୍ରାନ୍ତ ହୋଇଛନ୍ତି। ଏହାବ୍ୟତୀତ ଆଉଜଣେ ଘରୋଇ ହସ୍ପିଟାଲ କର୍ମଚାରୀଙ୍କ ନମୁନା ପଜିଟିଭ ଆସିଛି। ସେ ହେଉଛନ୍ତି ୩୩ ବର୍ଷୀୟ ଯୁବକ। ନୀଳାଦ୍ରିବିହାରର ଜଣେ ୫୩ ବର୍ଷୀୟ ପୁରୁଷ ଆକ୍ରାନ୍ତ ହୋଇଛନ୍ତି। ସେ ବିଡିଏରେ ପମ୍ପ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ସେହିପରି ଜାଗମରା କ୍ରିଷ୍ଣା ଗାର୍ଡେନର ଜଣେ ୩୪ ବର୍ଷୀୟ ଯୁବକ ଓ ୟୁନିଟ୍-୨ ଅଞ୍ଚଳର ଜଣେ ୩୦ ବର୍ଷୀୟା ମହିଳା ସଂକ୍ରମିତ ହୋଇଥିବା ବିଏମ୍‌ସି ତଥ୍ୟରୁ ଜଣାପଡିଛି।

ଅନ୍ୟପକ୍ଷରେ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିବା ୪ ଜଣଙ୍କ ସୂଚନା ମଧ ବିଏମ୍‌ସି ଦେଇଛି। ସେମାନେ ହେଲେ ଟଙ୍କପାଣି ରୋଡ୍‌ର ଜଣେ ୨୬ ବର୍ଷୀୟ ଯୁବକ ଓ ଅନ୍ୟଜଣେ ୧୭ ବର୍ଷୀୟ ନାବାଳକ। ନିକଟରେ ସେମାନେ ପଶ୍ଚିମବଙ୍ଗରୁ ଫେରି ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ। ସେହିପରି ଶୈଳଶ୍ରୀ ବିହାରର ଜଣେ ୨୬ ବର୍ଷୀୟ ଯୁବକ ବେଙ୍ଗାଲୁରୁରୁ ଫେରିଥିବାବେଳେ ଖଣ୍ଡଗିରି ଅଞ୍ଚଳର ମଧ ଜଣେ ୨୫ ବର୍ଷୀୟ ଯୁବକ ପୁଣେରୁ ଫେରି ହୋମ୍ କ୍ୱାରାଣ୍ଟାଇନ୍‌ରେ ରହୁଥିଲେ। ଏମାନଙ୍କ ରିପୋର୍ଟ ପଜିଟିଭ୍ ଆସିବା ପରେ ସମସ୍ତଙ୍କୁ କୋଭିଡ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ନୂଆ ଆକ୍ରାନ୍ତଙ୍କୁ ମିଶାଇ ରାଜଧାନୀରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୩୨ରେ ପହଞ୍ଚିଛି। ଏଥିସହ ବୁଧବାର ସହରରୁ ଆଉ ୭ଜଣ ସୁସ୍ଥ ହୋଇଛନ୍ତି। ଫଳରେ ସୁସ୍ଥ ହୋଇଥିବା କରୋନା ରୋଗୀଙ୍କ ସଂଖ୍ୟା ୧୯୨କୁ ବୃଦ୍ଧି ପାଇଛି। ବର୍ତ୍ତମାନ ୧୩୫ଜଣ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଛନ୍ତି ବୋଲି ବିଏମ୍‌ସି ପକ୍ଷରୁ ଜଣାଯାଇଛି।

# ଅଗ୍ନିକାଣ୍ଡରେ ୧୦ ବଖରା ଭସ୍ମ

ବେଗୁନିଆ,୧୭(ଡି.ଏନ୍.ଏ.)

ବେଗୁନିଆ ତହସିଲ ଅଧୀନ ନିଧିପୁର ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୧୦ବଖରା ଭସ୍ମୀଭୂତ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବା ବେଳେ ପ୍ରାୟ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ପୋଡ଼ି ଯାଇଥିବା ଅଗ୍ନିଶମ ବିଭାଗ ପକ୍ଷରୁ ଜଣାପଡିଛି। ସୂଚନା ଅନୁଯାୟୀ, ରାତି ପ୍ରାୟ ୧ଟାରେ ନିଧିପୁର ମହାପାତ୍ର ସାହିରେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ସୁରେଶ ମହାପାତ୍ରଙ୍କ ୪ ବଖରା, ରମା ମହାପାତ୍ରଙ୍କ ୩ ବଖରା, ଶିବନାରାୟଣ ମହାପାତ୍ରଙ୍କ ୨ ବଖରା ଓ ବିଭୂତି ମହାପାତ୍ରଙ୍କ ୧ ବଖରା ପୋଡ଼ି ଯାଇଛି। ଖବରପାଇ ବେଗୁନିଆ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିପନ୍ନଙ୍କୁ ସହାୟତା ଓ ପଲିଥିନ ଯୋଗାଇଦେବା ପାଇଁ ସ୍ଥାନୀୟ ବାସିନ୍ଦା ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ନେଇ ତହସିଲଦାର ବିବେକାନନ୍ଦ ପରିଡ଼ା କହିଛନ୍ତି, ଅଗ୍ନି ବିପନ୍ନଙ୍କୁ ପଲିଥିନ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ସରକାରୀ ସହାୟତା ପାଇଁ ନିୟମାନୁଯାୟୀ କାର୍ଯ୍ୟ ଜାରି ରହିଛି।

# ୬ଶହ ହେକ୍ଟରରେ ହେବ ଧାଡ଼ିରୁଆ ଧାନଚାଷ

ଖୋର୍ଦ୍ଧା ଅଫିସ,୧୭

- ୨୩୦ ହେକ୍ଟରରେ ହେବ ଧନିଚା
- ବିହନ,ସାର ଓ କୀଟନାଶକ ଉପରେ ଗୁରୁତ୍ୱ

ଚଳିତବର୍ଷ ଖୋର୍ଦ୍ଧା ଜିଲାରେ ୬ଶହ ହେକ୍ଟର ଜମିରେ ଧାଡ଼ିରୁଆ ଧାନ ଓ ୨୩୦ହେକ୍ଟରରେ ଧନିଚା ଚାଷ କରାଯିବ। ଏହା ସହିତ ୪୦ପ୍ରତିଶତ ହେକ୍ଟର ଜମିରେ ମିଶ୍ରିତ ଚାଷ କରାଯିବ। ସେହିପରି ୪୨.୨୭ ହେକ୍ଟର ଜମିରେ ଧାନ ଓ ଅଣଧାନ ଅମଳ କରାଯିବ। ୭୩.୨୫ ହେକ୍ଟର ଚାଷଜମିରେ ରାସାୟନିକ ସାର ପ୍ରୟୋଗ ଲାଗି ଯୋଜନା ରହିଛି। ଖରିଫ ଧାନ ଚାଷ ଲାଗି ଠିକ୍ ସମୟରେ ଚାଷୀଙ୍କ ପାଖରେ ବିହନ, ସାର ଓ କୀଟନାଶକ ପହଞ୍ଚିବ। କୃଷକଙ୍କୁ ସୁଲଭ ମୂଲ୍ୟରେ କୃଷି ଯନ୍ତ୍ରପାତି ଯୋଗାଇ ଦିଆଯିବ ବୋଲି ଜିଲା କୃଷି ଅଧିକାରୀ ଭାସ୍କର ନାୟକ କହିଛନ୍ତି।

ଜିଲା କୃଷି କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁଯାୟୀ, ଚଳିତବର୍ଷ ୨୦୨୦-୨୧ରେ ୧,୨୦,୧୫୦ ହେକ୍ଟେର ଚାଷ ଜମିରେ ଧାନ ଓ ଅଣଧାନ ଚାଷ ଯୋଜନା ରହିଛି। ୪୩,୭୫୦୮ ମେଟ୍ରିକ ଟନ୍(ଏମଟି) ଅଧିକ ଅମଳକ୍ଷମ ଧାନ ଏବଂ ଦେଶୀ ଧାନ୧୦,୭୬୦ମେଟ୍ରିକ ଟନ୍ ଲକ୍ଷ୍ୟ ଧାର୍ଯ୍ୟ ରହିଛି। ୮୨୨୫ କୁଇଣ୍ଟାଲ ବିହନ ଚାଷୀଙ୍କୁ ଯୋଗାଇ ଦେବାକୁ ଯୋଜନା ରହିଥିବା ବେଳେ ଜୁନ୍୨ ତାରିଖ ସୁଦ୍ଧା ୬୫୫୦ କୁଇଣ୍ଟାଲ ବିହନ ଚାଷୀଙ୍କ ନିକଟରେ ପହଞ୍ଚିଥିବା ଜଣାପଡ଼ିଛି। ୮୪ଶହ ମେଟ୍ରିକ ଟନ ସାର ଯୋଗାଇଦିଆଯିବ ଲକ୍ଷ୍ୟ ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୭୨୫୦ମେଟ୍ରିକ ଟନ ସାର ଯୋଗାଇ ଦିଆଯାଇଛି। ୬୯୩୦୦ହେକ୍ଟର ବିହନ ବିଶୋଧନ ଯୋଜନା ରହିଛି। ଜଳସେଚନ ଲାଗି ଜିଲାରେ ୨ଟି ବୃହତ, ଗୋଟିଏ ମଧ୍ୟମ ୬୮୧୫ ଏବଂ କ୍ଷୁଦ୍ର କେନାଲ ୧୮୦୧୭, ଉଠା ଜଳସେଚନ (ସରକାରୀ)୬୬୦୦, ବେସରକାରୀ ୩୩୧୭, ଚୂଆ ୭୨୩ ଏବଂ ଅନ୍ୟାନ୍ୟ ୧୫୯ ମୋଟ୍ ୫୬୭୨୧ ହେକ୍ଟେର ଚାଷ ଜମିକୁ ଜଳସେଚନ କରାଯିବାକୁ ବ୍ୟବସ୍ଥା ରହିଛି। ଜଳନିଧି ଓ ସୌର ଜଳନିଧି ଯୋଜନାରେ ଗଭୀର କୂଅ ୧ଶହ, ଅଗଭୀର କୂଅ ୫୦, ଚୂଆ ଓ ସୋଲରା ପମ୍ପ ସେଟ ୫୦ ମୋଟ ୨ଶହ ବ୍ୟବସ୍ଥା ରହିଛି। ପ୍ରାକୃତିକ ଦୁର୍ବିପାକ ସମୟରେ ଫସଲ କ୍ଷତି ଲାଗି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଜିଲାରେ ୬୭ହଜାର ଚାଷୀଙ୍କୁ ଅନ୍ତର୍ଭୁକ୍ତ କରାଯିବା ଯୋଜନା ରହିଛି ବୋଲି ଜିଲା କୃଷି ଅଧିକାରୀ ନାୟକ କହିଛନ୍ତି।

## ବଜ୍ରକାପ୍ତା ଚୋରାଚାଲାଣ: ପ୍ରଧାନଶିକ୍ଷକ କୋର୍ଟଚାଲାଣ

ଖୁଣ୍ଟୁଣୀ,୧୭(ଡି.ଏନ୍.ଏ)

ଆଠଗଡ଼ ବନଖଣ୍ଡରେ ବଜ୍ରକାପ୍ତା ଚୋରାଚାଲାଣ ଅଭିଯୋଗରେ ମୁଖ୍ୟ ଅଭିଯୁକ୍ତଙ୍କୁ ଖୁଣ୍ଟୁଣୀ ବନାଞ୍ଚଳ ପକ୍ଷରୁ ଗିରଫ କରାଯାଇ ବୁଧବାର କୋର୍ଟଚାଲାଣ କରାଯାଇଛି। ସେ ହେଲେ ବଡ଼ମ୍ବା ଥାନା ଗୋପପୁରର ଶ୍ୟାମସୁନ୍ଦର ବେହେରା। ସେ ଚୌଦ୍ୱାର ଥାନା ଅନ୍ତର୍ଗତ କୟଳପଡ଼ା ୟୁପି ସ୍କୁଲରେ ପ୍ରଧାନଶିକ୍ଷକ ଥିଲେ। ଏ ନେଇ ବନାଞ୍ଚଳ ଅଧିକାରୀ ପକ୍ଷରୁ ୧୦କେ, ୨ବିସି୧୦/୨୦ରେ ଏକ ମାମଲା ରୁଜୁ ହୋଇଛି। ପ୍ରାୟ ସମୟରେ ଅଭିଯୁକ୍ତ ଶ୍ୟାମସୁନ୍ଦର ଶିକାରୀମାନଙ୍କୁ ହାତ କରି ବଜ୍ରକାପ୍ତା ବାହାର ଦେଶକୁ ଚାଲାଣ କରୁଥିଲେ। ପୂର୍ବରୁ ଗିରଫ ହୋଇଥିବା ଅଭିଯୁକ୍ତଙ୍କୁ ଜେରାବେଳେ ଏହି କଥା ଜଣାପଡ଼ିଥିଲା ବୋଲି ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ମାଗୁଣୀ ଚରଣ ବେହେରା କହିଛନ୍ତି।



କଟକ ଚାନ୍ଦିନୀଚୌକସ୍ଥିତ ଜଗନ୍ନାଥ ମନ୍ଦିରରେ ତିନି ଠାକୁରଙ୍କୁ ପହଣ୍ଡି କରି ନିଆଯାଉଛି।

# ଟ୍ରେନ୍ ଯାତ୍ରୀ, କର୍ମଚାରୀ ସଚେତନତାକୁ ଗୁରୁତ୍ୱ

ଭୁବନେଶ୍ୱର,୧୭(ବ୍ୟୁରୋ)

କରୋନା ଲଢେଇ ପାଇଁ ପୂର୍ବତଟ ରେଳପଥ ଯାତ୍ରୀ ଓ କର୍ମଚାରୀଙ୍କ ସଚେତନତାକୁ ଗୁରୁତ୍ୱ ଦେଇଛି। ଏଥିପାଇଁ ନିଜ ଅଧୀନରେ ଥିବା ସମସ୍ତ ଷ୍ଟେଶନ, ଭୁବନେଶ୍ୱରସ୍ଥିତ ମୁଖ୍ୟାଳୟ, ବିଶାଖାପାଟଣା, ଖୋର୍ଦ୍ଧା ରୋଡ଼, ସମ୍ବଲପୁରସ୍ଥିତ ମଣ୍ଡଳ ମୁଖ୍ୟ କାର୍ଯ୍ୟାଳୟ ଓ ଲୋକୋ ସେଡ୍, ମଞ୍ଚେଶ୍ୱର ରେଳଡବା ମରାମତି କାରଖାନା ସହ ଅନ୍ୟାନ୍ୟ ୟୁନିଟ୍‌ଗୁଡ଼ିକରେ ଏକ ସପ୍ତାହବ୍ୟାପୀ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମକୁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟା ଭୂଷଣ ଉଦ୍‌ଘାଟନ କରିଥିଲେ। ସେ କହିଲେ, ପୂର୍ବତଟ ରେଳପଥ କରୋନା ଯୁଦ୍ଧରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛି। ଏହି ସଚେତନତା କାର୍ଯ୍ୟକ୍ରମରେ ହାତ ଧୋଇବା, ସାନିଟାଇଜେଶନ୍ ପଦ୍ଧତି ଓ ମାସ୍କ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଉଛି। ଏହାବ୍ୟତୀତ ମାସ୍କ ପିନ୍ଧି ନ ଥିବା ଲୋକଙ୍କୁ ମାସ୍କ ବିତରଣ କରାଯିବ। ଏହି ଅବସରରେ ରେଳପଥ ମେଡିକାଲ ନିର୍ଦ୍ଦେଶିକା ଡ. ଅରୁନ୍ଧତୀ ସେନାପତି ମାସ୍କ ପିନ୍ଧିବାର ଉପଯୁକ୍ତ ପଦ୍ଧତି ଓ ସାନିଟାଇଜର୍‌ର ବ୍ୟବହାର ବିଷୟରେ ବୁଝାଇଥିଲେ। ପୂର୍ବତଟ ରେଳପଥର ପ୍ରମୁଖ ମୁଖ୍ୟ ମେଡ଼ିକାଲ ନିର୍ଦ୍ଦେଶକ ଡ. ରଞ୍ଜନ କୁମାର ପାଣି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଅନ୍ୟପକ୍ଷରେ ପୂର୍ବତଟ ରେଳପଥ ପକ୍ଷରୁ ଉଚ୍ଚକ୍ଷମତା ସମ୍ପନ୍ନ ମେଶିନ ବ୍ୟବହାର କରି ଭୁବନେଶ୍ୱର ରେଳଷ୍ଟେଶନଠାରେ ଡାଉନ୍ ମେନ୍‌ଲାଇନ ଏବଂ କଟକ ରେଳ ଷ୍ଟେଶନଠାରେ ଅପ୍ ମେନ୍‌ଲାଇନରେ ପୂର୍ବରୁ ରହିଥିବା ୧୫କିମିପ୍ରତିଘଣ୍ଟା ନିୟନ୍ତ୍ରିତ ବେଗକୁ ପରିବର୍ତ୍ତନ କରାଯାଇଛି।

# ୧୧ ଆନ୍ଦୋଳନକାରୀଙ୍କ ନାଁରେ ଏତଲା

ନିମାପଡ଼ା,୧୭(ଡି.ଏନ୍.ଏ)

ନିମାପଡ଼ା ଥାନା ଅନ୍ତର୍ଗତ ଦୋଳବେଦି ମୁଖ୍ୟରାସ୍ତାରେ ବେଆଇନ ରାସ୍ତାରୋକୋ କରିବା ଅଭିଯୋଗରେ ବୁଧବାର ପୋଲିସ ୧୧ଜଣ ଆନ୍ଦୋଳନକାରୀଙ୍କ ବିରୋଧରେ ମାମଲା ରୁଜୁ କରିଛି। ପ୍ରଶାସନର ବିନା ଅନୁମତିରେ ରାସ୍ତା ଅବରୋଧ କରି ଯାନବାହନ ଚଳାଚଳରେ ବାଧାପ୍ରାପ୍ତ କରିବା, କୋଭିଡ୍ କଟକଣାକୁ ଉଲ୍ଲଂଘନ କରିବା ଅଭିଯୋଗ ପୋଲିସ ଏହି ମାମଲା(ନଂ.୧୪୦/୨୦) ରୁଜୁ କରାଯାଇଥିବା ଏସ୍‌ଆଇ ସୁରେନ୍ଦ୍ର ବସ୍ତିଆ କହିଛନ୍ତି। ସେବା ସମବାୟ ସମିତି ଚାଷୀ ଧାନ ଆଣୁ ଥିବାବେଳେ ଟୋକନ ନ ଥିବା କହି ବାରମ୍ବାର ଫେରାଇ ଦେଉଥିବାରୁ ୫୦ରୁ ଊର୍ଦ୍ଧ୍ୱ ଚାଷୀ ମଙ୍ଗଳବାର ଧାନବସ୍ତା ରଖି ରାସ୍ତାରୋକୋ କରିଥିଲେ।

# ୧୫% ଛାଡ଼ ପାଇଁ ଘରୋଇ ବିଦ୍ୟାଳୟ ସଂଘର ପ୍ରସ୍ତାବ

କଟକ ଅଫିସ,୧୭

**ସ୍କୁଲ ଫି' ଆଦାୟ ମାମଲା**
- ଅଧିକ ଛାଡ଼ ଦାବି କଲା ଅଭିଭାବକ ସଂଘ
- ୬ରେ ପରବର୍ତ୍ତୀ ଶୁଣାଣି

ଲକ୍‌ଡାଉନ୍‌ଯୋଗୁ ଘରୋଇ ସ୍କୁଲଗୁଡ଼ିକ ଫି' ଛାଡ଼ ପାଇଁ ହାଇକୋର୍ଟରେ ରୁଜୁ ହୋଇଥିବା ମାମଲାରେ ବୁଧବାର ଘରୋଇ ବିଦ୍ୟାଳୟ ସଂଘ ପକ୍ଷ ରଖିଛି। ୧୫ ପ୍ରତିଶତ ସ୍କୁଲ ଫି' ଛାଡ଼ ପାଇଁ ସଂଘ ତରଫରୁ ହାଇକୋର୍ଟରେ ପ୍ରସ୍ତାବ ଦାଖଲ କରାଯାଇଛି। କିନ୍ତୁ ଏହି ପ୍ରସ୍ତାବକୁ ଆବେଦନକାରୀ ଅଭିଭାବକ ସଂଘ ମାନିବାକୁ ରାଜି ହୋଇନାହିଁ। ସ୍କୁଲ ଫି' ଆହୁରି ଅଧିକ ଛାଡ଼ କରିବାକୁ ଅଭିଭାବକ ସଂଘ ଦାବି ରଖିଛି। ଏହି ସଂଘର ଯୁକ୍ତି ହେଲା, ଚଳିତବର୍ଷ ଲକ୍‌ଡାଉନ୍ ଯୋଗୁ ସ୍କୁଲଗୁଡ଼ିକ ବନ୍ଦ ରହିଛି। ବିଦ୍ୟୁତ୍ ବ୍ୟବହାର ହୋଇ ନ ଥିବା ଯୋଗୁ ଖର୍ଚ୍ଚ କମିଛି। ପାଠପଢ଼ା ବନ୍ଦ ରହିଥିବାରୁ ଗମନାଗମନଜନିତ ଖର୍ଚ୍ଚ ନାହିଁ। ଅନ୍ୟାନ୍ୟ ଖର୍ଚ୍ଚ ମଧ ପ୍ରାୟତଃ ନାହିଁ କହିଲେ ଚଳେ। ତେଣୁ ସ୍କୁଲ ଫି'କୁ ଅଧିକ ପରିମାଣରେ ଛାଡ଼ କରିବାକୁ ଅଭିଭାବକ ସଂଘ ଏବଂ ପ୍ରହଲ୍ଲାଦ ରାଉତଙ୍କ ପକ୍ଷରୁ ଅଦାଲତରେ ଯୁକ୍ତି ରଖାଯାଇଛି। ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ମହମ୍ମଦ ରଫିକ୍ ଏବଂ ବିଚାରପତି କୁମାରୀ ଜଷ୍ଟିସ୍ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଉଭୟ ପକ୍ଷର ଯୁକ୍ତି ଶୁଣିଛନ୍ତି। ଆସନ୍ତା ୬ ତାରିଖରେ ପରବର୍ତ୍ତୀ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ କରିଛନ୍ତି।

# ସନ୍ଧ୍ୟା ସାଢ଼େ ୮ ଯାଏ ଖୋଲିବ ଦୋକାନ

କଟକ ଅଫିସ,୧୭

**ଲକ୍‌ଡାଉନ୍‌କୁ ନେଇ ସିଏମ୍‌ସିର ନିର୍ଦ୍ଦେଶନାମା**
- ଅଟକିଲା ଶପିଂମଲ୍ ଖୋଲିବା ନିଷ୍ପତ୍ତି
- ବଡ଼ମ୍ବା, ନରସିଂହପୁରରୁ ଆସିଲେ ସଙ୍ଗରୋଧ ବାଧ୍ୟତାମୂଳକ

ଅନଲକ-୨କୁ ନେଇ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପରେ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଜୁଲାଇ ପହିଲାରୁ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପର୍ଯ୍ୟାୟରେ ଅନେକ କିଛି କୋହଳ କରାଯାଇଛି। କଟକ ସହରରେ ଦୋକାନ ବଜାର ଖୋଲିବା ସମୟ ରାତିସାଢ଼େ ୮ଟାକୁ ବୃଦ୍ଧି କରାଯାଇଛି। ପୂର୍ବରୁ ଏହା ସନ୍ଧ୍ୟା ୬ଟା ରହିଥିଲା। ସେହିଭଳି ରାତ୍ରିକାଳୀନ କର୍ଫ୍ୟୁର ଅବଧିକୁ ମଧ ପରିବର୍ତ୍ତନ କରାଯାଇଛି। ରାତି ୯ରୁ ସକାଳ ୫ଟା ପର୍ଯ୍ୟନ୍ତ କର୍ଫ୍ୟୁ ଜାରି କରାଯାଇଛି। ଅତ୍ୟାବଶ୍ୟକ ସେବାକୁ ଛାଡ଼ି ଅନ୍ୟ ସମସ୍ତ ପ୍ରକାର ଚଳାଚଳ, ଗତିବିଧିକୁ ବାରଣ କରାଯାଇଛି। ତେବେ ଦୋକାନ ବଜାର ଖୋଲିବାକୁ ନିର୍ଦ୍ଦେଶ ଜାରି ହୋଇଥିଲେ ମଧ ଶପିଂମଲ୍ ଖୋଲିବା ନେଇ କୌଣସି ସ୍ପଷ୍ଟ ନିଷ୍ପତ୍ତି ନିଆଯାଇ ନାହିଁ। ପରବର୍ତ୍ତୀ ସମୟରେ ଏ ନେଇ ଘୋଷଣା କରାଯିବ ବୋଲି ସିଏମ୍‌ସି କମିଶନର୍ ଅନନ୍ୟା ଦାସ ପ୍ରକାଶ କରିଛନ୍ତି।

ନିର୍ଦ୍ଦେଶନାମାରେ କୁହାଯାଇଛି ଯେ, ପୂର୍ବଭଳି ଧାର୍ମିକ ସ୍ଥାନ, ସିନେମା ହଲ୍, ଜିମ୍, ସୁଇମିଂପୁଲ୍, ଥିଏଟର୍, ଅଡିଟୋରିୟମ୍ ଏବଂ ସମ୍ମିଳନୀ କକ୍ଷ ବନ୍ଦ ରହିବ। ସେହିପରି ସାମାଜିକ, ରାଜନୈତିକ, ସାଂସ୍କୃତିକ, ଧାର୍ମିକ କାର୍ଯ୍ୟକ୍ରମ ଆୟୋଜନ ଉପରେ କଟକଣା ଜାରି ହୋଇଛି। କେନ୍ଦ୍ର ସରକାରଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ ହୋଟେଲ୍ ଏବଂ ରେଷ୍ଟୁରାଣ୍ଟ ଖୋଲିପାରିବ। ଅଗଷ୍ଟ ୩୧ ପର୍ଯ୍ୟନ୍ତ ସ୍କୁଲ, କଲେଜ ଏବଂ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ସିଏମ୍‌ସି ଅଧୀନ ପାର୍କଗୁଡ଼ିକ ସକାଳ ୫ରୁ ୧୦ଟା ଏବଂ ଅପରାହ୍ନରେ ୪ଟାରୁ ସନ୍ଧ୍ୟା ସାଢ଼େ ୭ଟା ପର୍ଯ୍ୟନ୍ତ ଖୋଲା ରହିବ। କିନ୍ତୁ ସେଠାରେ ଜିମ୍ କିମ୍ବା ଅନ୍ୟାନ୍ୟ ଉପକରଣ ବ୍ୟବହାର କରିପାରିବେ ନାହିଁ। ରାତ୍ରିକାଳୀନ କର୍ଫ୍ୟୁକୁ କଡ଼ାକଡ଼ି ଲାଗୁ କରାଯିବ। ଜରୁରୀ ସେବାରେ ନିୟୋଜିତ କର୍ମଚାରୀମାନେ ପରିଚୟପତ୍ର ଧରି ଯାତାୟାତ କରିବେ। ରାଜପଥ କଡ଼ର ଢାବା କେବଳ ପାର୍ସଲ୍ ସୁବିଧା ଦେବେ। ପୋଲିସ ଦ୍ୱାରା ଚିହ୍ନଟ ଛପା ଏବଂ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଯାତାୟାତ କରିପାରିବେ। ବାହାର ରାଜ୍ୟରୁ ଆସୁଥିବା ବ୍ୟକ୍ତିମାନଙ୍କ ପାଇଁ ୧୪ଦିନ ସଙ୍ଗରୋଧରେ ରହିବା ବାଧ୍ୟତାମୂଳକ। କିନ୍ତୁ ଯେଉଁମାନେ ୩ ଦିନ ଭିତରେ ଫେରିଯିବେ, ସେମାନେ ସଙ୍ଗରୋଧରେ ରହିବା ଆବଶ୍ୟକ ନୁହଁ। ଏତଦ୍ ବ୍ୟତୀତ ହଟ୍‌ସ୍ପଟ୍ ଜିଲା ଯଥା ଗଞ୍ଜାମ, ଗଜପତି, ଖୋର୍ଦ୍ଧା, ଯାଜପୁର, ଜଗତ୍‌ସିଂହପୁର, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଏବଂ ଝାରସୁଗୁଡ଼ାରୁ ଆସିଥିବା ବ୍ୟକ୍ତିମାନେ ସଙ୍ଗରୋଧରେ ରହିବାକୁ ପଡ଼ିବ। ସେହିଭଳି ଜିଲାର ହଟସ୍ପଟ୍ ବ୍ଲକ ଯଥା ବଡ଼ମ୍ବା, ନରସିଂହପୁରରୁ କଟକ ସହରକୁ ଆସିଲେ ବାଧ୍ୟତାମୂଳକ ସଙ୍ଗରୋଧରେ ରହିବେ। ଜିଲା ରାଜ୍ୟ ଭିତରେ କିମ୍ବା ରାଜ୍ୟ ବାହାରକୁ ଗମନାଗମନ ପାଇଁ କୌଣସି ପ୍ରତିବନ୍ଧକ ନାହିଁ। କ୍ଷମତା ଅନୁଯାୟୀ ଯାତ୍ରୀ ଯାତାୟାତ କରିପାରିବେ। ଖବରକାଗଜ ବିକ୍ରେତାମାନେ ସକାଳ ୫ରୁ ୮ଟା ପର୍ଯ୍ୟନ୍ତ ଖବରକାଗଜ ବିକ୍ରି କରିପାରିବେ। କଟକ ଜିଲା ଜୋନ୍-୧ରେ ରହିଥିବା ଯୋଗୁ ଶନିବାର ଏବଂ ରବିବାର ଶଟ୍‌ଡାଉନ୍ ଘୋଷଣା କରାଯାଇଛି। ପୂର୍ବରୁ ଶଟ୍‌ଡାଉନ୍ ପାଇଁ ଯେଉଁ ସମୟ କଟକଣା ଜାରି କରାଯାଇଥିଲା, ତାହା ତାହା ଜୁଲାଇ ୩୧ ପର୍ଯ୍ୟନ୍ତ ଜାରି ରହିବ ବୋଲି ସିଏମ୍‌ସି କମିଶନର୍ ଦାସ ପ୍ରକାଶ କରିଛନ୍ତି।



'ଭାବିଜୀ ଘର ପର୍ ହୈ'ରେ ଅନିତା ଭାବି ଚରିତ୍ରରେ ଅଭିନୟ କରିଥିବା ସୌମ୍ୟା ଟଣ୍ଡନ ଅଧିକ ଗୋରୀ ହୋଇଥିବାରୁ ଏକ ଇଣ୍ଟରନ୍ୟାଶନାଲ ପ୍ରୋଜେକ୍ଟ ଇଣ୍ଡିଆନ ଚରିତ୍ର ଦେବା ପାଇଁ ମନା କରିଦେଇଥିବା କହିଛନ୍ତି।



# କ୍ୱାରାଣ୍ଟାଇନ୍‌ରେ ଅଭିନେତ୍ରୀ ଅଦିତି



ଅଦିତି ଗୁପ୍ତା

ମୁମ୍ବାଇ: ବର୍ତ୍ତମାନ କରୋନା ସଂକ୍ରମଣଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ତେବେ ଟିଭି ତଥା ଫିଲ୍ମ ଇଣ୍ଡଷ୍ଟ୍ରିର କେତେକ କଳାକାର ମଧ୍ୟ ଏହା କବଳକୁ ଆସିସାରିଛନ୍ତି। ନିକଟରେ ଆମୀର ଖାନ୍‌ଙ୍କ ଘରର ୭ଜଣ ଷ୍ଟାଫ୍ କରୋନା ପଜିଟିଭ ବାହାରିଥିବାର ଖବର ଆସିଥିଲା। ତେବେ ସିରିୟଲ 'ଇସ୍କବାଜ' ଫେମ୍ ଅଦିତି ଗୁପ୍ତା କରୋନାରେ ସଂକ୍ରମିତ ହୋଇଛନ୍ତି। ଅଦିତି କହିଛନ୍ତି ଯେ, ସେ ଯେତେବେଳେ ଶୁଂଘିବା ଶକ୍ତି ହରାଇବସିଲେ ସେତେବେଳେ ସେ କରୋନା ଟେଷ୍ଟ କରିଥିଲେ। ଏହା ପୂର୍ବରୁ ତାଙ୍କ ମଧ୍ୟରେ କରୋନାର କୌଣସି ଲକ୍ଷଣ ଦେଖିବାକୁ ମିଳି ନ ଥିଲା। ତେବେ ଗତ ସାତଦିନ ଧରି ସେ ନିଜ ଘରେ କ୍ୱାରାଣ୍ଟାଇନରେ ରହିବା ସହ ସମସ୍ତ ନିୟମ ପାଳନ କରୁଛନ୍ତି। ଅଦିତି କହିଛନ୍ତି ଯେ, ତାଙ୍କ ପରିବାର ତାଙ୍କୁ ବହୁତ ସହଯୋଗ କରିବା ସହ ତାଙ୍କ ଉପରେ ନଜର ରଖିଛନ୍ତି। ନିଜର ଖାଇବା ପିଇବାର ସେ ଯଥେଷ୍ଟ ଧ୍ୟାନ ଦେଉଛନ୍ତି। ତାଙ୍କର ଆଘ୍ରାଣ ଶକ୍ତି ମଧ୍ୟ ସୁଧୁରିଲାଣି। ଆଗକୁ ଆହୁରି ପ୍ରାୟ ୧୦ ଦିନ ଧରି ସେ କ୍ୱାରାଣ୍ଟାଇନରେ ରହିବେ। ଅଦିତି ଟେଲିଭିଜନର ଜଣେ ଜଣାଶୁଣା ଅଭିନେତ୍ରୀ। ଲୋକପ୍ରିୟ ସିରିୟଲ 'ଇସ୍କବାଜ'ରେ ସେ ନଜର ଆସିଥିଲେ। ୨୦୧୮ରେ କବୀର ଚୋପଡ଼ାଙ୍କ ସହ ତାଙ୍କର ବିବାହ ହୋଇଥିଲା।

# କୋଲକାତାରୁ ଲଣ୍ଡନ ଭାୟା ଇସ୍ତାନବୁଲ୍

**୭୦ ଦଶକରେ ସିଡ୍‌ନୀର ଏକ ଟୁର୍ ଏଜେନ୍ସି କୋଲକାତାରୁ ଲଣ୍ଡନ ଏବଂ ଲଣ୍ଡନରୁ କୋଲକାତା ଯାଏ ଆରାମଦାୟକ ବସ୍ ସେବା ଯୋଗାଉଥିଲା। ଏଥିରେ ଖାଇବା ପିଇବା, ବସ୍ ଭିତରେ ଶୋଇବା ଲାଗି ବର୍ଥ, ଆବଶ୍ୟକ ପଡ଼ିଲେ ଗନ୍ତବ୍ୟ ପଥରେ ହୋଟେଲରେ ରହିବା ବ୍ୟବସ୍ଥା ଥିଲା। ଏହି ବସ୍ ଅନେକ ଦେଶ ଦେଇ ଯାତାୟାତ କରୁଥିଲା।**




## ୭୦ ଦଶକର ଲକ୍ଜ୍ୟୁରି ବସ୍ ସେବା

କୋଲକାତା: ଆନ୍ତଃରାଜ୍ୟ ପରିବହନ ପାଇଁ ବସ୍ ସେବା ଏକ ଉତ୍କୃଷ୍ଟ ମାଧ୍ୟମ। ବିଭିନ୍ନ ସମୟରେ ପଡ଼ୋଶୀ ଦେଶ ସହ ସମ୍ପର୍କ ସୁଦୃଢ଼ କରିବାକୁ ବାଂଲାଦେଶ, ପାକିସ୍ତାନ, ନେପାଳକୁ ମଧ୍ୟ ଭାରତରୁ ବସ୍ ଗଡ଼ିବା ନଜିର ରହିଛି। ତେବେ ସତୁରି ଦଶକରେ କୋଲକାତାରୁ ଲଣ୍ଡନ ଯାଏ ଉପଲବ୍ଧ ଥିଲା ଲକ୍ଜ୍ୟୁରି ବସ୍ ସେବା। ଏହି ଲମ୍ବା ଅବଧିର ଯାତ୍ରା ୪୫ ଦିନରେ ସମ୍ପୂର୍ଣ୍ଣ ହେଉଥିଲା। ସିଡ୍‌ନୀର 'ଆଲ୍‌ବର୍ଟ ଟୁର ଆଣ୍ଡ ଟ୍ରାଭେଲ୍ସ' ପକ୍ଷରୁ ୧୯୭୩ ଯାଏ ଏହି ଟୁରିଷ୍ଟ ବସ୍ ସେବା ଜାରି ରହିଥିଲା। ଏହାପରେ ବିଭିନ୍ନ କାରଣରୁ ଏହାକୁ ବନ୍ଦ କରିଦିଆଗଲା। ସ୍ୱାଧୀନ ଭାରତରେ ଏଭଳି ଦୂରଗାମୀ ବସ୍‌ଯାତ୍ରା ଯେତିକି ରୋଚକପୂର୍ଣ୍ଣ ସେତିକି ଆଶ୍ଚର୍ଯ୍ୟଜନକ ମଧ୍ୟ।

ଏହି ବସ୍‌ରେ ଉପଲବ୍ଧ ସମସ୍ତ ସୁବିଧାସୁଯୋଗ ବିଷୟରେ ଯାତ୍ରୀଙ୍କୁ ଆଗୁଆ ସୂଚନା ପ୍ରଦାନ କରାଯାଉଥିଲା। ଏହାର ଟିକେଟ୍‌ରେ ଯାତ୍ରା ସମ୍ପର୍କିତ ବିଶଦ୍ ବିବରଣୀ ଉଲ୍ଲେଖ ରହୁଥିଲା। ଯାତ୍ରାପଥରେ ଯାତ୍ରୀଙ୍କୁ ସମସ୍ତ ଆବଶ୍ୟକ ସୁବିଧା ଟୁର୍ କମ୍ପାନୀ ପକ୍ଷରୁ ଯୋଗାଇ ଦିଆଯାଉଥିଲା। ଏପରି କି ପର୍ଯ୍ୟଟନସ୍ଥଳୀ ନିକଟ ହୋଟେଲରେ ରହିବା ଏବଂ ବୁଲିବା ଲାଗି ଅନୁମତି ମିଳୁଥିଲା। ଏହି କାରଣରୁ ତତ୍କାଳୀନ ସମୟରେ ଏହି ବସ୍‌ରେ ଯାତ୍ରା କରିବା ଲାଗି ଯାତ୍ରୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହେଉଥିଲା।

କୋଲକାତାରୁ ବାହାରୁଥିବା ଏହି ବସ୍ ଦିଲ୍ଲୀ, କାବୁଲ, ତେହେରାନ, ଇସ୍ତାନବୁଲ ଦେଇ ଲଣ୍ଡନରେ ପହଞ୍ଚୁଥିଲା। ସେହିପରି ଲଣ୍ଡନରୁ ବାହାରୁଥିବା ବସ୍ ସମାନ ରୁଟ୍‌ରେ କୋଲକାତା ଫେରୁଥିଲା। ଦୀର୍ଘ ୪୫ ଦିନର ଯାତ୍ରାକୁ ଆରାମଦାୟକ କରିବାକୁ ଟୁର୍ କମ୍ପାନୀ ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଉଥିଲା। କୋଲକାତାରୁ ବାହାରୁଥିବା ଉକ୍ତ ଡବଲ ଡେକର ବସ୍ ଯାଏ ଯାତ୍ରୀଙ୍କୁ ପହଞ୍ଚାଇବାକୁ ଅନ୍ୟ କେତୋଟି ବସ୍‌ର ବ୍ୟବସ୍ଥା କରାଯାଇଥିଲା। ଏହି ଡବଲ ଡେକର ବସ୍‌ରେ ଯାତ୍ରୀଙ୍କୁ ଶୋଇବା ଲାଗି ଗୋଟିଏ ବର୍ଥ ରହୁଥିଲା। ଯାତ୍ରୀମାନେ ଶୋଇବା ଅବସ୍ଥାରେ ବାହାରର ଦୃଶ୍ୟକୁ ମନଭରି ଉପଭୋଗ କରିପାରୁଥିଲେ। କେବଳ ଏତିକି ନୁହେଁ, ବସ୍ ଭିତରେ ସେଲୁନ୍, ବହି ପଢ଼ିବା, ବାହାରର ଦୃଶ୍ୟ ଦେଖିବାକୁ ବାଲ୍‌କୋନି ମଧ୍ୟ ରହୁଥିଲା।

'ଆଲ୍‌ବର୍ଟ ଟୁର ଆଣ୍ଡ ଟ୍ରାଭେଲ୍ସ' ତରଫରୁ ପ୍ରଥମରେ ବସ୍ ଭଡ଼ା ରହିଥିଲା ୧୪୫ ପାଉଣ୍ଡ (ଆଜିକାର ସମୟରେ ଭାରତୀୟ ମୁଦ୍ରାରେ ହାରାହାରି ୧୩ ହଜାର ୬୦୦ ଟଙ୍କା)। ବସ୍‌ଯାତ୍ରାର ଚାହିଦା ବଢ଼ିବାରୁ ପରବର୍ତ୍ତୀ ସମୟରେ ଏହାକୁ ୩୦୫ ଡଲାରକୁ ବୃଦ୍ଧି କରାଯାଇଥିଲା। ଯଦି କୌଣସି କାରଣରୁ ଭାରତ-ପାକିସ୍ତାନ ସୀମା ବନ୍ଦ ହୋଇଯାଏ ତେବେ ଯାତ୍ରୀଙ୍କୁ ବିମାନରେ ଗନ୍ତବ୍ୟସ୍ଥଳ ଯାଏ ପହଞ୍ଚାଇବା ବ୍ୟବସ୍ଥା କରାଯିବ। ହେଲେ ଏଥିଲାଗି ଅଧିକ ଅର୍ଥ ବ୍ୟୟ କରିବାକୁ ପଡ଼ିବ ବୋଲି ବସ୍ ଟିକେଟ୍‌ରେ ଉଲ୍ଲେଖ ରହୁଥିଲା। ସେ ଯାହା ହେଉନା କାହିଁକି ୭୦ ଦଶକରେ ଏପରି ବସ୍‌ରେ ଯାତ୍ରା କରିବାକୁ ଅନେକେ ଭାଗ୍ୟଶାଳୀ ବୋଲି ବିବେଚନା କରୁଥିଲେ।

# ଗଛରୁ ମଣିଷ ଭଳି ରକ୍ତ ବାହାରେ



ନୂଆଦିଲ୍ଲୀ: ପ୍ରାୟତଃ କୁହାଯାଏ ଯେ ଗଛ ଓ ଉଦ୍ଭିଦଗୁଡିକରେ ଜୀବନ ଅଛି, ତାକୁ କାଟିବା ଠିକ୍ ନୁହେଁ। କିନ୍ତୁ କୌଣସି ଗଛକୁ କାଟିଲେ ମଣିଷ ପରି ରକ୍ତ ବାହାରେ ବୋଲି ଆପଣ କେବେ ବି ଭାବି ପାରିବେ କି? ଯଦି ଆପଣ ଏହାକୁ ନିଜ ଆଖିରେ ଦେଖନ୍ତି, ତେବେ ଭୟଭୀତ ହୋଇଯିବେ। ବାସ୍ତବରେ ଏପରି ଏକ ଗଛ ଅଛି, ଯାହାକୁ କାଟିବା ଦ୍ୱାରା ମଣିଷ ପରି ରକ୍ତସ୍ରାବ ଆରମ୍ଭ ହୁଏ। ଲୋକମାନେ ଏହାକୁ ଯାଦୁ ବୋଲି ମଧ୍ୟ କୁହନ୍ତି। ଏହି ଗଛ ଦକ୍ଷିଣ ଆଫ୍ରିକାରେ ଦେଖିବାକୁ ମିଳେ, ଯାହାକୁ ବ୍ଲଡଉଡ୍ ନାମରେ ଜଣାଯାଏ। ଏହି ଗଛର ଅନେକ ନାଁ ରହିଛି ଯେପରି- କିଆଟ ମୁକାଓ, ମୁନିଙ୍ଗା ଇତ୍ୟାଦି। ଏହି ଗଛର ବୈଜ୍ଞାନିକ ନାଁ ହେଉଛି ସେରୋକାର୍ପସ ଆଙ୍ଗୋଲେନସିସ। ଏହି ଗଛକୁ ନାମିବିଆ, ତାଞ୍ଜାନିଆ ଜିମ୍ବାୱେ ପରି ଅନେକ ଦେଶରେ ଦେଖିବାକୁ ମିଳିଥାଏ। କେବଳ ଗଛ କାଟିବା ନୁହେ ବରଂ କୌଣସି ବି ଡାଳ ଭାଙ୍ଗିଲେ ସେଠାରୁ ରକ୍ତ ବାହାରିବା ଆରମ୍ଭ ହୋଇଥାଏ। ତେବେ ଏହି ଗଛ ୧୩ରୁ ୧୮ ମିଟର ଉଚ୍ଚରେ ବଢିବା ସହ ଏଥିରେ ହଳଦିଆ ରଙ୍ଗର ଫୁଲ ଫୁଟିଥାଏ। ଏହି ଗଛର କାଠରେ ଆସବାବପତ୍ର ତିଆରି ହୋଇଥାଏ, ଯାହାକି ମହୁତ ମହଙ୍ଗା। ଏହା ସହ ଏହି ଗଛ ଔଷଧ ପ୍ରସ୍ତୁତିରେ ବି ଅଧିକ ଲାଭଦାୟକ ହୋଇଥାଏ।



# ଟ୍ରାକ୍‌ରେ ଗଡ଼ିଲା 'ସୁପର ଆନାକୋଣ୍ଡା'

**ନୂଆଦିଲ୍ଲୀ:** ଭାରତୀୟ ରେଳ ବିଭାଗ ଏକ ନୂତନ ରେକର୍ଡ ସୃଷ୍ଟି କରିଛି। ଦେଶରେ ପ୍ରଥମ ଥର ପାଇଁ ୨ କିଲୋମିଟର ଲମ୍ବା ଟ୍ରେନ୍ ଚଳାଚଳ କରୁଛି। ଏହି ଟ୍ରେନର ନାମ 'ସୁପର ଆନାକୋଣ୍ଡା' ରଖାଯାଇଛି। ରେଳମନ୍ତ୍ରୀ ପିୟୁଷ ଗୋୟଲ ସୋସିଆଲ ମିଡିଆରେ ଟ୍ରେନର ଭିଡିଓ ଶେୟାର କରିଥିବାବେଳେ ଏହାକୁ 'ସୁପର ଆନାକୋଣ୍ଡା' ବୋଲି କହିଛନ୍ତି। ସେ ନିଜ ଟୁଇଟ୍ କରି ଲେଖିଛନ୍ତି, ଟ୍ରାକ୍‌ରେ ୧୭୭ ୱାଗନ୍ ଥିବା ଏହି ଟ୍ରେନ୍ ଚଳାଇବା ଭାରତୀୟ ରେଳବାଇ ପାଇଁ ଏକ ବଡ଼ ସଫଳତା।

ପ୍ରକୃତପକ୍ଷେ, ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳବାଇ ୨ଟି ମାଲବାହୀ ଟ୍ରେନ୍ ଯୋଗ କରି ଏହି ନୂତନ ରେକର୍ଡ ସୃଷ୍ଟି କରିଛି। ଏହି ଟ୍ରେନ 'ଆନାକୋଣ୍ଡା ଫର୍ମେସନ'ରେ ଓଡ଼ିଶାର ଲାଜକୁରା ଏବଂ ରାଉରକେଲା ମଧ୍ୟରେ ଚାଲିଥିଲା। ଉକ୍ତ ଟ୍ରେନରେ ସମୁଦାୟ ୧୫ ହଜାର ଟନ୍ ସାମଗ୍ରୀ ରହିଥିଲା। ସମୟ ବଞ୍ଚାଇବା ପାଇଁ ଏହି ଅନନ୍ୟ ପରୀକ୍ଷଣ କରାଯାଇଥିଲା। ରେଳବାଇ ପାଇଁ ଏହି ଟ୍ରେନ ଚଳାଇବା ଚ୍ୟାଲେଞ୍ଜ ସଦୃଶ ଥିଲା। କାରଣ ଏହା ମାଲବାହୀ ଟ୍ରେନ ବ୍ୟସ୍ତବହୁଳ ମାର୍ଗରେ ଗଡ଼ିଥିଲା।

ପରେ ଏହି ଟ୍ରେନ୍‌ରେ ତିନୋଟି ମାଲବାହୀ ଟ୍ରେନ୍ ଏକାଠି କରାଯାଇଥିଲା। ଯେଉଁଥିରେ ୧ କୋଟିରୁ ଅଧିକ ମୂଲ୍ୟର ସାମଗ୍ରୀ ବିଳାସପୁର ଏବଂ ଚକ୍ରଧରପୁର ବିଭାଗ ମାଧ୍ୟମରେ ପରିବହନ କରାଯାଇଥିଲା। ଏହି ମାଲବାହୀ ଟ୍ରେନର ସର୍ବାଧିକ ବେଗ ଘଣ୍ଟା ପ୍ରତି ୬୦କିଲୋମିଟର ଥିଲା। ବ୍ରଜନଗର ନିକଟ ଲାଜକୁରାଠାରୁ ଆରମ୍ଭ କରି ଏହି 'ସୁପର ଆନାକୋଣ୍ଡା' ରେକର୍ଡ ସମୟ ୨ ଘଣ୍ଟା ୧୫ ମିନିଟ୍‌ରେ ରାଉରକେଲା ଷ୍ଟେଶନରେ ପହଞ୍ଚିଥିଲା। ଜଣେ ବରିଷ୍ଠ ରେଳ ଅଧିକାରୀ କହିଛନ୍ତି, ଥରେ ତିନୋଟି ମାଲବାହୀ ଟ୍ରେନ ଚଳାଇବା ଏକ ରୋମାଞ୍ଚକର ଅନୁଭୂତି ଅଟେ। ଏଥିପାଇଁ ୬୦୦୦ ହର୍ସ ପାୱାର ବିଶିଷ୍ଟ ୩ ଟି ଇଲେକ୍ଟ୍ରିକ ଇଞ୍ଜିନ ଲଗାଯାଇଥିଲା। ଏହାକୁ ମୁଖ୍ୟ ଲୋକୋ ପାଇଲଟ୍ ରାନ୍ଧୀର କୁମାର ଏବଂ ରାୟଗଡ଼ରୁ ଗାର୍ଡ ଏସ୍ ମଲ୍ଲିକ ପରିଚାଳନା କରିଥିଲେ। ଏହି ଲୋକୋ ପାଇଲଟ୍ ଟିମ୍‌ରେ ୬ ଜଣ ଲୋକୋ ପାଇଲଟ୍ ଏବଂ ଜଣେ ସହାୟକ ଲୋକୋ ପାଇଲଟ୍ ଥିଲେ।



# ପକେଟ୍ ମନିରେ ବାଣ୍ଟୁଛନ୍ତି ସାନିଟାଇଜର

ମୁମ୍ବାଇ: ପକେଟ୍ ମନିକୁ ପିଲାମାନେ ସବୁବେଳେ ନିଜ ପାଇଁ ଖର୍ଚ୍ଚ କରିଥାନ୍ତି। କିନ୍ତୁ ପକେଟ୍ ମନିକୁ ନେଇ ଗରିବ ଲୋକଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଛନ୍ତି ୧୭ ବର୍ଷର ଜାକିର ହୁସେନ୍। ମୁମ୍ବାଇରେ ରହୁଥିବା ଜାକିର ଏବେ ସ୍ଥାନୀୟ ଅଞ୍ଚଳରେ ଗରିବ ଲୋକମାନଙ୍କୁ ସାନିଟାଇଜର ଓ ରାଶନ ସାମଗ୍ରୀ ବାଣ୍ଟିବା ସହିତ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ବାଣ୍ଟୁଛନ୍ତି ପିପିଇ କିଟ୍। ଆଉ ଏସବୁ ସେ ଆରମ୍ଭ କରିଛନ୍ତି ନିଜ ପକେଟ୍ ମନିରୁ। କରୋନା ଭାଇରସ୍ ବିଷୟରେ ଜାଣିବା ପରେ ସେ ଅନୁଭବ କରିଥିଲେ କି ବହୁ ସ୍ଥାନରେ ଲୋକେ ସଚେତନ ହେଉ ନାହାନ୍ତି।



ଏମିତିକି କିଛି ଲୋକ ଆଦୌ ସାନିଟାଇଜର ବ୍ୟବହାର କରୁନାହାନ୍ତି। ତେଣୁ ଏଭଳି ଲୋକଙ୍କୁ ସେ ସାହାଯ୍ୟ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଆଉ ଏହି ଲକ୍ଷ୍ୟରେ ସେ ପ୍ରଥମେ ନିଜ ପକେଟ ମନି ଥିବା ୧୫ହଜାର ଟଙ୍କାରେ ସାନିଟାଇଜର ଓ ହ୍ୟାଣ୍ଡୱାଶ୍ ସହିତ ରାଶନ ସାମଗ୍ରୀ ମଧ୍ୟ କିଣିଥିଲେ। କେତେକ ସ୍ଥାନରେ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ପିପିଇ କିଟ୍ ମଧ୍ୟ କିଣି ମାଗଣାରେ ବାଣ୍ଟିଥିଲେ। ଜାକିରଙ୍କର ଏହି କାମ ଦେଖି ତାଙ୍କୁ ପ୍ରଥମେ ତାଙ୍କ ବନ୍ଧୁମାନେ ସାହାଯ୍ୟ କରିଥିଲେ। ଏହାପରେ ତାଙ୍କ ପାଖକୁ ଅନ୍ୟମାନଙ୍କର ବି ସାହାଯ୍ୟ ମିଳିଥିଲା। ଜାକିରଙ୍କର କିଛି ବନ୍ଧୁ ତାଙ୍କ ସହିତ ମିଶି ଏବେ ଏହି କାମ କରୁଛନ୍ତି। ଏତେ କମ୍ ବୟସରୁ ସମାଜସେବା ପାଇଁ ଜାକିରଙ୍କର ମନୋବୃତ୍ତି ଦେଖି ସ୍ଥାନୀୟ ଅଞ୍ଚଳରେ ଥିବା ରୋଟାରୀ କ୍ଲବ ତାଙ୍କୁ ସଭାପତିଭାବେ ଦାୟିତ୍ୱ ଦେଇଛି। ଏବେ ସେ ସମ୍ପୃକ୍ତ ଅଞ୍ଚଳରେ ସବୁଠୁ କମ୍ ବୟସରେ ଏହି ପଦ ପାଇପାରିଛନ୍ତି।

# ସୁନା କଇଁଚିରେ ସ୍ୱାଗତ

ମୁମ୍ବାଇ: ଲକ୍‌ଡାଉନ୍ ପରେ ଏବେ ଧୀରେ ଧୀରେ ଜୀବନଯାତ୍ରା ସ୍ୱାଭାବିକ କରିବା ପାଇଁ ସବୁ ରାଜ୍ୟ ପଦକ୍ଷେପ ନେଉଛନ୍ତି। ଏ ଦୃଷ୍ଟିରୁ ମହାରାଷ୍ଟ୍ରରେ ଏବେ ବିଭିନ୍ନ କଟକଣା ସହିତ ସେଲୁନ ଖୋଲିବା ପାଇଁ ଅନୁମତି ମିଳିଛି। ତେବେ ରାଜ୍ୟ ସରକାରଙ୍କ ଏହି ଅନୁମତି ମିଳିବା ପରେ ଜଣେ ସେଲୁନ ମାଲିକ ଏତେ ଖୁସି ହୋଇଯାଇଥିଲେ ଯେ, ଚୁଟି କାଟିବା ପାଇଁ ସୁନା କଇଁଚି ଆଣିଥିଲେ। ଦୀର୍ଘ ତିନିମାସ ପରେ ସେଲୁନ ଖୋଲିବାର ସୁଯୋଗ ମିଳିଥିବାରୁ ପ୍ରଥମ ଦିନରେ ସୁନା କଇଁଚିରେ ଗ୍ରାହକଙ୍କ ଚୁଟି କାଟିଥିଲେ ରାମଭାଉ ଶାଙ୍କପାଲ୍। ମହାରାଷ୍ଟ୍ରର କୋହ୍ଲାପୁରରେ ୫୨ ବର୍ଷୀୟ ରାମଭାଉଙ୍କର ଏକ ସେଲୁନ ରହିଛି। କରୋନା ସଂକ୍ରମଣ ପାଇଁ ରାଜ୍ୟ ସରକାର ଲକ୍‌ଡାଉନ୍ ଘୋଷଣା କରିଥିବାରୁ ତିନିମାସ ଧରି ତାଙ୍କ ସେଲୁନ ବନ୍ଦ ରହିଥିଲା। ସେଥିପାଇଁ ତାଙ୍କର ଆଦୌ ବ୍ୟବସାୟ ହୋଇ ପାରି ନ ଥିଲା। ଏତେଦିନ ଧରି ଘରେ ବସିବା ଫଳରେ ତାଙ୍କର ବହୁ ଆର୍ଥିକ ସମସ୍ୟା ଦେଖା ଦେଇଥିଲା। କିନ୍ତୁ ବର୍ଷ ବର୍ଷ ଧରି ସେ କେବଳ ଏଇ ଚୁଟି କାଟିବା କାମ ଛଡ଼ା ଆଉ କିଛି କରନ୍ତି ନାହିଁ। ତେଣୁ ସେଲୁନ ଓ ବିୟୁଟି ପାର୍ଲର ଖୋଲିବା ନେଇ ସରକାରଙ୍କର ନିଷ୍ପତ୍ତିରେ ସେ ବହୁତ ଖୁସି ହୋଇ ଯାଇଥିଲେ। ତେଣୁ ଘରେ ଯାହା କିଛି ସଞ୍ଚୟ ଥିଲା ସେଥିରେ ସେ ତିଆରି କରିଥିଲେ ଏକ ସୁନା କଇଁଚି। ଆଉ ଦୋକାନ ଖୋଲିବାର ପ୍ରଥମ ଦିନରେ ସେ ଗ୍ରାହକମାନଙ୍କୁ ସୁନା କଇଁଚିରେ ସ୍ୱାଗତ କରିଥିଲେ। ରାମଭାଉଙ୍କର ସୁନା କଇଁଚି ଦେଖି ଏବେ ଗ୍ରାହକମାନଙ୍କର ବି ଢେର୍ ଆକର୍ଷଣ ସୃଷ୍ଟି ହୋଇଛି। ଏମିତିକି କେତେଜଣ ରାମଭାଉଙ୍କ ଉତ୍ସାହକୁ ଦେଖି ବେଶ୍ ଖୁସି ହେଉଛନ୍ତି।



# ବସ୍ କଣ୍ଡକ୍ଟରରୁ ଶ୍ରେଷ୍ଠ ଫିଲ୍ମ ନିର୍ଦ୍ଦେଶକ

ଯେକୌଣସି ଫିଲ୍ମ ନିର୍ଦ୍ଦେଶକଙ୍କ ପାଇଁ ତାଙ୍କ ଫିଲ୍ମ ଶ୍ରେଷ୍ଠ ପୁରସ୍କାର ଲାଭ କରିବା ନିଶ୍ଚିତ ଖୁସିର କଥା। ମାତ୍ର ଜଣେ ଫିଲ୍ମ ଲାଇନ୍‌ର ନ ହୋଇ ବି ଶ୍ରେଷ୍ଠ ଫିଲ୍ମ ନିର୍ଦ୍ଦେଶକ ଭାବେ ପୁରସ୍କୃତ ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଥାଏ। ଏମିତି ଘଟିଛି ଇମ୍ଫାଲ ବାସିନ୍ଦା ଅମର ମାଇବାମଙ୍କ କ୍ଷେତ୍ରରେ। ସେ ଏମିତି ଜଣେ ବ୍ୟକ୍ତି, ଯିଏକି ପ୍ରାୟ ୧୦ ବର୍ଷ ଧରି ବସ୍ କଣ୍ଡକ୍ଟର ଭାବରେ କାର୍ଯ୍ୟ କରିଥିଲେ। ପରେ ୨୦୧୪ରୁ ୨୦୧୮ମଧ୍ୟରେ ୪ ବର୍ଷ ପର୍ଯ୍ୟନ୍ତ ଡ୍ରାଇଭରମାନଙ୍କ ସହିତ ଇମ୍ଫାଲରୁ ମୋରେ ପର୍ଯ୍ୟନ୍ତ ଜାତୀୟ ରାଜପଥରେ ବୁଲି ଭିଡିଓ ଶୁଟ୍ କରୁଥିଲେ। ପରେ ସେ ସେହି ଭିଡିଓକୁ ଏକ ଡକ୍ୟୁମେଣ୍ଟାରୀରେ ପରିଣତ କରିଥିଲେ। ସେହି ଡକ୍ୟୁମେଣ୍ଟାରୀ ବର୍ତ୍ତମାନ ଅଷ୍ଟମ ଡକ୍‌ଫେଷ୍ଟ ପୁରସ୍କାର ପାଇଁ ଅନ୍ତର୍ଜାତୀୟ କ୍ଷେତ୍ରରେ ଶ୍ରେଷ୍ଠ ଫିଲ୍ମ ପୁରସ୍କାର ଲାଭ କରିଛି। ଏହି ଫିଲ୍ମର ନାମ ହେଉଛି 'ହାଇୱେ ଅଫ୍ ଲାଇଫ୍', ଯାହା ଫିଲ୍ମ ଡିଭିଜନ ଅଫ୍ ଇଣ୍ଡିଆର ବିଜୁ ଦାସଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା।

ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଡକ୍‌ଫେଷ୍ଟ ପୁରସ୍କାରରେ ୧୨୪ଟି ଦେଶର ୧୭୯୯ଟି ଫିଲ୍ମ ସାମିଲ ହୋଇଥିଲା। ଯେଉଁଥିରେ ଅମର ମାଇବାମଙ୍କ ଫିଲ୍ମ ଶ୍ରେଷ୍ଠ ବିବେଚିତ ହୋଇଥିଲା। ଏହା ଭାରତର ଏକମାତ୍ର ଫିଲ୍ମ, ଯାହାକି ଡକ୍‌ଫେଷ୍ଟ ଆୱାର୍ଡରେ ଅମରଙ୍କ ଦ୍ୱାରା ସାମିଲ ହୋଇପାରିଥିଲା। କେବଳ ଏତିକି ନୁହେଁ, ଅନ୍ତର୍ଜାତୀୟ ଫିଲ୍ମ ମହୋତ୍ସବରେ ଅମରଙ୍କ ଏହି ଫିଲ୍ମ ଶ୍ରେଷ୍ଠ ନନ୍ ଫିଚର୍ ଫିଲ୍ମ, ଶ୍ରେଷ୍ଠ ନିର୍ଦ୍ଦେଶନା, ଶ୍ରେଷ୍ଠ ସିନେମାଟୋଗ୍ରାଫି ଏବଂ ଶ୍ରେଷ୍ଠ ଏଡିଟିଂ ସମେତ ୪ଟି ପୁରସ୍କାର ପାଇଛି।

ଅମରଙ୍କ ଏହି ଡକ୍ୟୁମେଣ୍ଟାରୀ ହେଉଛି ମୋଟ୍ ୫୨ ମିନିଟ୍‌ର। ଏଥିରେ ଟ୍ରକ ଡ୍ରାଇଭରଙ୍କ ଜୀବନୀ, ସେମାନେ କିପରି ନିଜ ଜୀବନକୁ ବିପଦରେ ପକାଇ ରାଜପଥରେ ଟ୍ରକ୍ ଚଳାଉଛନ୍ତି ତାହା ଦର୍ଶାଯାଇଛି। ଏପରିକି ସେମାନେ ଟ୍ରକ ତଳେ ଶୋଇଥା'ନ୍ତି ଏବଂ ଯାହା ପାଇଲେ ତାହା ଖାଇବା ପରେ ସନ୍ତୁଷ୍ଟ ହୋଇଥାନ୍ତି। ଏସବୁକୁ ନେଇ ଅମରଙ୍କ ନିର୍ଦ୍ଦେଶନା ଏହି ଫିଲ୍ମରେ ବେଶ୍ ବଳିଷ୍ଠ।



# ସିଂହଦ୍ୱାରରେ ତିନି ରଥ

ଶେଷ ହୋଇଛି ମହାପ୍ରଭୁଙ୍କ ନବଦିନାତ୍ମକ ଯାତ୍ରା। ବ୍ରଜଧାମ ଅର୍ଥାତ୍ ଆଡ଼ପମଣ୍ଡପରେ ଲୀଳାଖେଳା ସାରି ମହାପ୍ରଭୁ ବୁଧବାର ଐଶ୍ୱର୍ଯ୍ୟଧାମ ତଥା ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିଛନ୍ତି। ଭକ୍ତଶୂନ୍ୟ ବଡ଼ଦାଣ୍ଡରେ ମହାପ୍ରଭୁଙ୍କ ଲୀଳା ସମ୍ପୂର୍ଣ୍ଣ ଭିନ୍ନ ପରିବେଶ ସୃଷ୍ଟି କରିଥିଲା।


ଶ୍ରୀସୁଦର୍ଶନଙ୍କ ପହଣ୍ଡି ବିଜେ।


ବଡ଼ଠାକୁର ବଳଭଦ୍ରଙ୍କୁ ପହଣ୍ଡି କରି ନିଆଯାଉଛି।


ଦେବୀ ସୁଭଦ୍ରାଙ୍କ ପହଣ୍ଡି ବିଜେ।


ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପହଣ୍ଡି କରି ନିଆଯାଉଛି।


ମଦନମୋହନଙ୍କ ପହଣ୍ଡି ବିଜେ।


ରାମକୃଷ୍ଣଙ୍କୁ ପହଣ୍ଡିରେ ନିଆଯାଉଛି।


ଦାରୁବିଗ୍ରହଙ୍କ ଚିତା।


ମହାପ୍ରଭୁଙ୍କ ପାଇଁ ପଲଙ୍କ ନିଆଯାଉଛି।



## ଲକ୍ଷ୍ମୀନାରାୟଣ ଭେଟ କରାଇଲେ ଗଜପତି

ପୁରୀ ଅଫିସ,୧୭

ନବଦିନାତ୍ମକ ଯାତ୍ରା ସାରି ଭଉଣୀ ଭାଇଙ୍କୁ ସାଥିରେ ଧରି ଜନ୍ମବେଦିରୁ ରତ୍ନବେଦିକୁ ବାହୁଡୁଥିଲେ ମହାପ୍ରଭୁ ଶ୍ରୀଜଗନ୍ନାଥ। ସେପଟେ ଶ୍ରୀମନ୍ଦିର ଚାହାଣି ମଣ୍ଡପରେ ରହି ସ୍ୱାମୀ ଆସୁଥିବା ବାଟକୁ ଚାହିଁ ରହିଥିଲେ ମା' ଲକ୍ଷ୍ମୀ ଠାକୁରାଣୀ। ଏହି ସମୟରେ ସିଂହଦ୍ୱାର ସମ୍ମୁଖ ରଥରେ ରହିଥିଲେ ଦେଢ଼ଶୂର ବଡ଼ଠାକୁର ଶ୍ରୀବଳଭଦ୍ର। ତେଣୁ ତାଳଧ୍ୱଜ ରଥରେ ଘେର କନା ଦିଆଯିବା ପରେ ଘଣ୍ଟ, ଛତି ଓ କାହାଳୀ ସହ ପଟୁଆରରେ ପାଲିଙ୍କିରେ ମହାଲକ୍ଷ୍ମୀ ସିଂହଦ୍ୱାର ଦେଇ ଶ୍ରୀନଅର ନିକଟକୁ ଆସିଥିଲେ। ଅପରାହ୍ନ ପ୍ରାୟ ୩ଟା ୪୦ଟାରେ ନନ୍ଦିଘୋଷ ରଥ ଆସି ଶ୍ରୀନଅର ସମ୍ମୁଖରେ ଅଟକିଥିଲା। ଗଜପତି ମହାରାଜା ଦିବ୍ୟସିଂହ ଦେବ ମହାଲକ୍ଷ୍ମୀ (ଶ୍ରୀଦେବୀ)ଙ୍କୁ ହାତରେ ବିଜେ କରାଇ ଆଣି ରଥାରୂଢ଼ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହିତ ଭେଟ କରାଇଥିଲେ। ପତି ମହାପାତ୍ର ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ଆଣି ଲକ୍ଷ୍ମୀ ଠାକୁରାଣୀଙ୍କୁ ପ୍ରଦାନ କରିଥିଲେ। ଏହାପରେ ପାଲିଙ୍କି ସହ ଗଜପତି ରଥ ପରିକ୍ରମା କରି ରଥ ବାମ ପାର୍ଶ୍ୱରେ ପାରମ୍ପରିକ ରୀତିରେ ବନ୍ଦାପନା କରିଥିଲେ। ପରେ ଶ୍ରୀନଅର ସମ୍ମୁଖରେ ପନ୍ତି ଭୋଗ ସମ୍ପନ୍ନ ହୋଇଥିଲା। ଲକ୍ଷ୍ମୀ ଠାକୁରାଣୀ ପାଲିଙ୍କିରେ ବିଜେ ହୋଇ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହାପରେ ସିଂହଦ୍ୱାର ଅଭିମୁଖେ ଗଡ଼ିଥିଲା ନନ୍ଦିଘୋଷ ରଥ। ସୂଚନାଥାଉ କି, ବଡଦାଣ୍ଡରେ ଶ୍ରୀନଅର ସମ୍ମୁଖରେ ହେଉଥିବା ଏହି ନୀତିକୁ ଲକ୍ଷ୍ମୀ ନାରାୟଣ ଭେଟ କୁହାଯାଏ। ମହାପ୍ରଭୁଙ୍କ ମାନବୀୟ ଲୀଳାର ଏହା ଏକ ଅଂଶ।

## 'ଇତିହାସରେ ଲିଖିତ ରହିବ ଏଥର ରଥଯାତ୍ରା'

ପୁରୀ ଅଫିସ,୧୭

କରୋନା ପାଇଁ ଏଥର ରଥଯାତ୍ରା ହେବ ନା ନାହିଁ ଶେଷପର୍ଯ୍ୟନ୍ତ ଲାଗି ରହିଥିଲା ଆଶା ଆଶଙ୍କା। ଶେଷରେ ସର୍ତ୍ତମୂଳକ ଅନୁମତି ଦେଇଥିଲେ ସୁପ୍ରିମ୍‌କୋର୍ଟ। ବୁଧବାର ଶେଷ ହୋଇଛି ବାହୁଡ଼ା ଯାତ୍ରା। ବୁଧବାର ଗଣମାଧ୍ୟମକୁ ଗଜପତି ମହାରାଜା କହିଛନ୍ତି, ଇତିହାସ ପୃଷ୍ଠାରେ ଲିଖିତ ହୋଇ ରହିବ ଏଥର ରଥଯାତ୍ରା। ଚଳିତବର୍ଷ ରଥଯାତ୍ରା ଆଉ କେହି କରିନାହାନ୍ତି ମହାପ୍ରଭୁ ହିଁ କରିଛନ୍ତି। ସମସ୍ତଙ୍କର ଆଶା ମଧ୍ୟ ମହାପ୍ରଭୁ ପୂରଣ କରିଛନ୍ତି।

## ଟାହିଆ ଛିଣ୍ଡାଇନେଲେ

ସବୁ ଠିକ୍ ଠାକ୍ ଥିଲା। ପ୍ରଶାସନ ସହଯୋଗରେ ଭକ୍ତଶୂନ୍ୟ ବାହୁଡ଼ା ଯାତ୍ରାର ନୀତିକାନ୍ତି ଓ ପହଣ୍ଡି ସଅଳ କଲେ ସେବାୟତ। ହେଲେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥାରୂଢ଼ ସମୟରେ କେତେଜଣ ସେବାୟତ ନିଜକୁ ଆୟତ୍ତ କରିପାରି ନ ଥିଲେ। ଟାଣି ଘୋଷାରି ମହାପ୍ରଭୁଙ୍କ ଟାହିଆ ନେଇଯାଇଥିଲେ। ଶ୍ରୀସୁଦର୍ଶନ, ବଡ଼ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ହୋଇ ରଥାରୂଢ଼ ହେବା ପର୍ଯ୍ୟନ୍ତ ସେମାନଙ୍କ ଶ୍ରୀମସ୍ତକରେ ଟାହିଆ ଶୋଭା ପାଉଥିଲା। ହେଲେ ରୁନ୍ଧା ହେବା ପୂର୍ବରୁ କେତେଜଣ ଦଇତାପତି ସେବକ ଟାହିଆକୁ ସୁରକ୍ଷିତ ଭାବେ ନ ଖୋଲି ଟାଣିଘୋଷାରି ନେଇଥିଲେ। ଅନ୍ୟ କେତେଜଣ ସେବକ ବାରଣ କରୁଥିଲେ ମଧ୍ୟ ସେମାନେ ଶୁଣି ନ ଥିଲେ। କିଛି ସମୟ ପରେ କେବଳ ଟାହିଆ ବ୍ୟବହୃତରେ ଲାଗିଥିବା ବାଉଁଶ ପାତିଆ ଦେଖିବାକୁ ମିଳିଥିଲା। ଏହାକୁ ଜଣେ ସେବକ ତଳକୁ ଆଣି ଆସିଥିଲେ।


ରଥ ସମ୍ମୁଖରେ ନୃତ୍ୟ ଶିଳ୍ପୀମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।



## ପୋଡ଼ପିଠା ଖାଇଲେ ଦାରୁବିଗ୍ରହ

ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଭୋଜନ ପ୍ରିୟ। ସେଥିପାଇଁ ତାଙ୍କ ନିକଟରେ ପ୍ରତିଦିନ ୬୦ ପଉଟି ଭୋଗ ଓ ୫୬ ପ୍ରକାର ବ୍ୟଞ୍ଜନର ବ୍ୟବସ୍ଥା ରହିଛି। ତଥାପି ପିଠା ଖାଇବା ପାଇଁ ଠାକୁରଙ୍କର ଥାଏ ବିଶେଷ ଅଭିରୁଚି। ପ୍ରତିଦିନ ଶ୍ରୀମନ୍ଦିରରେ ଠାକୁରଙ୍କ ପାଖରେ ପିଠା ଭୋଗ ଲାଗି କରାଯାଏ। ବୁଧବାର ଜନ୍ମବେଦିରୁ ରତ୍ନବେଦିକୁ ବାହୁଡ଼ିବା ବେଳେ ବାଟରେ ଅଟକି ମାଉସୀ ଘର ପୋଡ଼ପିଠା ଖାଇଛନ୍ତି ଦାରୁବିଗ୍ରହ। ପ୍ରଥମେ ତାଳଧ୍ୱଜ ରଥ ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚିବା ପରେ ବଡ଼ ଠାକୁରଙ୍କୁ ପୋଡ଼ପିଠା ସମର୍ପଣ କରାଯାଇଥିଲା। ପରେ ଦେବୀ ସୁଭଦ୍ରା ଏବଂ ଶେଷରେ କାଳିଆ ଠାକୁରଙ୍କ ରଥରୁ ଏକ ଲାଗିମାଳ ଅଣାଯାଇ ଅର୍ଦ୍ଧଶୋଷଣୀଙ୍କୁ ଲାଗି କରାଯାଇଥିଲା। ଏହାପରେ ମାଉସୀ ଘର ପୋଡ଼ପିଠା ଖାଇ ଠାକୁର ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିଥିଲେ।

## ସେବାୟତ ଗାଇଲେ ସମୂହ ପ୍ରାର୍ଥନା

ଏଥର ରଥଯାତ୍ରା ସମ୍ପୂର୍ଣ୍ଣ ସ୍ୱତନ୍ତ୍ର। ବିଶେଷକରି ସେବାୟତଙ୍କ ପାଇଁ ଏହା ସ୍ମରଣୀୟ ରହିବ। ପ୍ରଥମକରି ସେମାନଙ୍କୁ ରଥ ଟାଣିବା ଲାଗି ସୁଯୋଗ ମିଳିଥିଲା। ରଥଯାତ୍ରା ଦିନ ଭଳି ବୁଧବାର ବାହୁଡ଼ା ଯାତ୍ରାରେ ସେବାୟତମାନେ ଗୀତଗୋବିନ୍ଦ ଗାନ କରିଥିଲେ। ଏହା ଦେଖି ଭାବପ୍ରବଣ ହୋଇ ସେମାନଙ୍କ ସହିତ ସାମିଲ ହୋଇଥିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର। ନନ୍ଦିଘୋଷ ରଥ ଟାଣିବା ପୂର୍ବରୁ ଖରାରେ ସେବାୟତମାନେ ଗୀତଗୋବିନ୍ଦ ଗାଇଥିଲେ। ତିନିରଥ ସିଂହଦ୍ୱାରରେ ଲାଗିବା ପରେ ଆହେ ନୀଳ ଶଇଳ... ପ୍ରାର୍ଥନା ବୋଲିଥିଲେ। ସିଂହଦ୍ୱାର ଅଞ୍ଚଳରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।


ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିବା ତିନି ରଥ।


ରଥ ସମ୍ମୁଖରେ ସଂକୀର୍ତ୍ତନ କରାଯାଉଛି।


ସେବାୟତମାନେ ଗୀତଗୋବିନ୍ଦ ଗାନ କରୁଛନ୍ତି।

## ପୋଖରୀରେ ବୁଡି ନାବାଳକ ମୃତ

ପାଟପୁର- ସାନଖେମୁଣ୍ଡି ବ୍ଲକ ଛଣମେରି ପଞ୍ଚାୟତ ଧରମପୁର ଗ୍ରାମ ସୁରଥ ପୋଖରୀରୁ ବୁଧବାର ଅପରାହ୍ନରେ ଜଣେ ନାବାଳକଙ୍କ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ଦିଗପହଣ୍ଡି ଥାନା ଶୁଣ୍ଡିପଲ୍ଲୀ ଗ୍ରାମର ଆର୍. ଓମ୍ ଦୋରା (୬)। ମାମୁଙ୍କ ବାହାଘର ମଙ୍ଗଳବାର ଥିବାରୁ ଓମ୍ ଧରମପୁର ଆସିଥିଲେ। ବୁଧବାର ପୋଖରୀକୁ ଶୌଚ ପାଇଁ ଯାଇଥିବା ବେଳେ ଗୋଡ ଖସି ଯିବାରୁ ବୁଡି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପାଟପୁର ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା (ନଂ.୧୫/୨୦) ରୁଜୁ କରିଛି।

## ସଂକ୍ଷେପରେ

### ବାହୁଡ଼ିଲେ ଶ୍ରୀଜୀଉ, ନୀଳାଦ୍ରି ବିଜେ ଶୁକ୍ରବାର

**କେନ୍ଦ୍ରାପଡ଼ା ଅଫିସ, ୧୭:** ତୁଳସୀ କ୍ଷେତ୍ରାଧିପତି ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ବାହୁଡ଼ା ପର୍ବ ବୁଧବାର ଅନୁଷ୍ଠିତ ହୋଇଛି। କରୋନା କଟକଣା ମଧ୍ୟରେ ଶ୍ରୀଜୀଉ ମାଉସୀମା' ମନ୍ଦିରର ପ୍ରତୀକାତ୍ମକ ଜଗମୋହନ ଦେଉଳରୁ ସ୍ନାନମଣ୍ଡପ (ବ୍ରହ୍ମ ତାଳଧ୍ୱଜ ରଥର ପ୍ରତୀକ)କୁ ଗୋଟି ପହଣ୍ଡିରେ ବିଜେ ହୋଇଛନ୍ତି। ଏଠାରେ ଦୁଇଦିନ ରହି ଆସନ୍ତା ଶୁକ୍ରବାର ନୀଳାଦ୍ରି ବିଜେ କରିବେ। ବାହୁଡ଼ା ଦଶମୀର ପାରମ୍ପରିକ ରୀତିନୀତି ଅନୁଯାୟୀ ଶ୍ରୀଜୀଉଙ୍କ ମଙ୍ଗଳ ଆଳତି ପରେ ନୀତିସ୍ନାନ, ଗୋପାଳ ବଲ୍ଲଭ ଧୂପ, ମଧ୍ୟାହ୍ନରେ ଖେଚୁଡ଼ି ଧୂପ ପରେ ଶ୍ରୀଜୀଉଙ୍କୁ ସେନାପଟା କରାଯାଇଥିଲା। ସନ୍ଧ୍ୟା ୫ଟାରେ ଶ୍ରୀଜୀଉଙ୍କୁ ରଥାରୂଢ଼ (ସ୍ନାନ ମଣ୍ଡପ)କୁ ବିଜେ କରାଯାଇଥିଲା। ସୀମିତ ସଂଖ୍ୟକ ସେବାୟତ ଏହି ନୀତିକାନ୍ତିରେ ସାମିଲ ହୋଇଥିବା ବେଳେ କଟକଣା ପାଇଁ ଜଣେ ହେଲେ ଶ୍ରଦ୍ଧାଳୁ ନ ଥିଲେ। ବାହୁଡ଼ା ପର୍ବକୁ ଶୃଙ୍ଖଳିତ କରିବା ପାଇଁ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ।

### ଗାଁ ଦାଣ୍ଡରେ ବୃଦ୍ଧଙ୍କୁ ପିଟି ହତ୍ୟା

**ରାଜନଗର, ୧୭(ଡି.ଏନ.ଏ.):** କେନ୍ଦ୍ରାପଡ଼ା ଜିଲା ରାଜନଗରରେ ବୁଧବାର ଜଣେ ବୃଦ୍ଧଙ୍କୁ ପିଟି ହତ୍ୟା କରାଯାଇଛି। ପୂର୍ବ ଶତ୍ରୁତାକୁ ନେଇ ଜଣେ ବିଧବା ଓ ତାଙ୍କ ପୁଅ ଏଭଳି ଘଟଣା ଘଟାଇଛନ୍ତି। ରାଜନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଥାନାକୁ ଆଣିଥିବାବେଳେ ତାଙ୍କ ପୁଅ ଫେରାର ଅଛନ୍ତି। ରାଜନଗର-ଧନେଶ୍ୱରପୁର ରାସ୍ତା କଡରେ ରାଜନଗର ଗାଁର ଧରଣୀଧର ଦାସ (୬୨) ଦୀର୍ଘବର୍ଷ ହେଲା ଘରକରି ରହିଆସୁଛନ୍ତି। ଗୁପ୍ତି ପଞ୍ଚାୟତ ରାଜରାଜେଶ୍ୱରପୁର ଗାଁର ବିଧବା ମହିଳା ଓ ତାଙ୍କ ପୁଅ ଧରଣୀଙ୍କ ଘର ନିକଟରେ ଥିବା ସରକାରୀ ଜାଗାରେ ଘର କରିଥିଲେ। ଏହି ସରକାରୀ ଜାଗାକୁ ନେଇ ଦୁଇ ପରିବାର ମଧ୍ୟରେ କଳହ ଲାଗିରହିଥିଲା। ବୁଧବାର ଅପରାହ୍ନରେ ପୂର୍ବ ବିବାଦକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଗାଁ ଦାଣ୍ଡରେ ମହିଳା ଓ ତାଙ୍କ ପୁଅ କାଠଫାଳିଆରେ ଧରଣୀଙ୍କୁ ପିଟିଥିଲେ। ଧରଣୀ ଅଚେତ ହୋଇ ପଡିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମହିଳାଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ରଞ୍ଜନ କୁମାର ଦେ ଓ ରାଜନଗର ଆଇଆଇସି ତପନ ନାୟକଙ୍କ ନେତୃତ୍ୱରେ ୨ଟି ଟିମ୍ ତାଙ୍କ ପୁଅଙ୍କୁ ଧରିବା ପାଇଁ ଚଢାଉ ଜାରି ରଖିଛନ୍ତି।

### ୨ ଗାଡ଼ିରୁ ୯୦ ଗୋରୁ ଉଦ୍ଧାର, ୨ ଗିରଫ

**ଭଣ୍ଡାରିପୋଖରୀ,୧୭(ଡି.ଏନ୍.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ଆଖୁଆପଦାସ୍ଥିତ ଚେକ୍‌ପୋଷ୍ଟଠାରେ ବୁଧବାର ପୋଲିସ ୨ଟି ଗାଡ଼ି ସହ ୯୦ ଗୋରୁ ଉଦ୍ଧାର କରିଛି। ଏହି ଘଟଣାରେ ୨ ଜଣ ଗିରଫ ହୋଇଛନ୍ତି। ଅଭିଯୁକ୍ତ ଦ୍ୱୟ ହେଲେ ସେକ୍ ଅନୁସୁଦ୍ଦିନ ଓ ସେକ୍ ବାବୁ। ଓଆର୍ ୨୨ ୫୩୮୩ ନମ୍ବର ପିକଅପ୍ ଭ୍ୟାନ୍‌ରେ ୧୫ଟି ଏବଂ ଓଆର୍ ୦୪ ଏଚ୍ ୭୯୮୯ ନଂ. ଥିବା କଣ୍ଟେନର ଟ୍ରକରେ ୭୫ଟି ଗୋରୁ ବୋଝେଇ ହୋଇ କଟକ ପଟୁ ବାଲେଶ୍ୱର ଆଡ଼କୁ ଯାଉଥିଲା। ଭଦ୍ରକ ଜିଲା ଉପକଣ୍ଠ ଆଖୁଆପଦାଠାରେ ପୋଲିସ ଏହି ଗାଡ଼ି ୨ଟିକୁ ଧରିଥିଲା। ଉଦ୍ଧାର ହୋଇଥିବା ଗୋରୁଗୁଡ଼ିକୁ ପୋଲିସ ଭଦ୍ରକ ରାଣୀତାଳ ନିକଟ ମଇତାପୁର ଗୋଶାଳାରେ ଛାଡ଼ିଛି। ଭଣ୍ଡାରିପୋଖରୀ ଥାନାରେ ଏକ ମାମଲା (ନଂ.୧୧୮/୨୦) ରୁଜୁ ହୋଇଛି।

### ମହିଳାଙ୍କୁ ବଳାତ୍କାର ଅଭିଯୋଗ: ଯୁବକ ଗିରଫ

**ଖୁଣ୍ଟା,୧୭(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଞ୍ଚଳରେ ଜନୈକା ମହିଳାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଚୁନଡିହା ଗ୍ରାମର ଜିତେନ୍ଦ୍ର ବେହେରା। ପୋଲିସ ସୂଚନା ଅନୁଯାୟୀ, ସୋମବାର ରାତିରେ ପୀଡ଼ିତାଙ୍କ ଘରେ ପଶି ଅଭିଯୁକ୍ତ ବଳାତ୍କାର କରିଥିଲେ। ମହିଳା ଜଣକ ଚିତ୍କାର କରିବାରୁ ଗ୍ରାମବାସୀ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରି ଡୁକୁରା ବିଟ୍ ପୋଲିସ ଜିମା ଦେଇଥିଲେ। ପୀଡ଼ିତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୧୦୫/୨୦୨୦) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

# ମିଳୁନି ସରକାରୀ ବିହନ, ଚାଷୀ ହଇରାଣ

**କେନ୍ଦୁଝର,୧୭ (ସ୍ୱ.ପ୍ର.)**

କେନ୍ଦୁଝର ଜିଲାରେ ଚାଷୀଙ୍କୁ ମିଳୁନି ସରକାରୀ ବିହନ। ଚାଷ ପାଇଁ ଚାଷୀ ଅଣ୍ଟା ଭିଡ଼ି କ୍ଷେତ ପ୍ରସ୍ତୁତ କରି ସାରିଥିବା ବେଳେ ବିହନ ମିଳୁ ନ ଥିବାରୁ ଚିନ୍ତାରେ ରହିଛନ୍ତି। ବିକ୍ରୟ କେନ୍ଦ୍ର ତଥା ଲ୍ୟାମ୍ପସରୁ ବିହନ ନ ପାଇ ଚାଷୀମାନେ ଖାଲି ହାତରେ ଫେରୁଛନ୍ତି। ଚାଷ ସମୟ ଗଡ଼ି ଯାଉଥିବାରୁ ଅନେକ ଚାଷୀ ବାଧ ହୋଇ ବାହାରୁ ଚଢା ଦରରେ ବିହନ କିଣୁଛନ୍ତି।

ପାଗ ଅନୁକୂଳ ହୋଇଥିବାରୁ ଚାଷୀମାନେ ହଳ ଓ ତଳିପକା କାମ ଆରମ୍ଭ କଲେଣି। ଧାନ ବିହନ ମିଳିଲେ ତଳି ପଡ଼ିବ ଓ ପରେ ଧାନ ରୁଆ ହେବ। ତେବେ ବିହନ ପାଇଁ ଲ୍ୟାମ୍ପସଠାରୁ ଆରମ୍ଭ କରି କୃଷି ବିଭାଗ ଅଫିସ ଯାଉଥିଲେ ହେଁ ବିହନ ମିଳୁନାହିଁ। ଏଣୁ ବାଧ ହୋଇ ଅଧିକ ମୂଲ୍ୟରେ ବିହନ କିଣିବାକୁ ପଡୁଛି। ସରକାର କୃଷିକୁ ପ୍ରାଧାନ୍ୟ ଦେଇ ବହୁ ଯୋଜନା ପ୍ରଚାର ପ୍ରସାର



ଜଣେ ଚାଷୀ ବିଲରେ ବିହନ ବୁଣୁଛନ୍ତି।

କରୁଥିବା ବେଳେ ଚାଷୀଙ୍କ ପାଖରେ ବିହନ ନ ପହଞ୍ଚିବା କୃଷକମାନଙ୍କ ପ୍ରତି ସରକାରଙ୍କ ଆଭିମୁଖ୍ୟକୁ ନେଇ ସ୍ଥାନୀୟବାସୀ ପ୍ରଶ୍ନ ଉଠାଇଛନ୍ତି। ବିଭିନ୍ନ ଲ୍ୟାମ୍ପ ଓ ବିହନ ବିକ୍ରୟ କେନ୍ଦ୍ର ଜରିଆରେ ବିହନ ବିକ୍ରି ହେଉଥିବା ନେଇ କୃଷି ବିଭାଗ ସ୍ପଷ୍ଟ କରୁଛି। ତେବେ ଚାଷୀଙ୍କୁ ସାର୍ଟିଫାଏଡ୍ ବା ସ୍ୱୀକୃତିପ୍ରାପ୍ତ ବିହନ ମିଳି ନାହିଁ। ଯେଉଁମାନେ ପାଇଛନ୍ତି ସେମାନଙ୍କ ମଧ୍ୟରୁ କେତେକ ତଳି ପାଇଁ ଧାନ ବୁଣିଥିଲେ ହେଁ ସେଥିରୁ ଗଜା ବାହାରୁ ନ ଥିବା ଘଷିପୁରା ଅଞ୍ଚଳର ବହୁ ଚାଷୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କୃଷି ଉପନିର୍ଦ୍ଦେଶକ ଶରତ ଦାସ କହିଛନ୍ତି ଯେ, ବିଭିନ୍ନ ଲ୍ୟାମ୍ପସ ଓ ପ୍ୟାକ୍‌ସକୁ ବିକ୍ରୟ ପାଇଁ ୭,୪୦୦ କୁଇଣ୍ଟାଲ ବିହନ ଦିଆଯାଇଛି। ବିହନ ନିଗମ ପାଖରେ ଆଉ ୭୦୦ କୁଇଣ୍ଟାଲ ଧାନ ବିହନ ଅଛି। ଚାଷୀଙ୍କ ଆବଶ୍ୟକତାକୁ ଦେଖି ବିଭିନ୍ନ ଲ୍ୟାମ୍ପସକୁ ଦିଆଯିବ। ତେବେ କୃଷି ବିଭାଗ କହିବା ପରେ ମଧ୍ୟ ଲ୍ୟାମ୍ପସକୁ ବିହନ ଆସୁ ନ ଥିବାରୁ ଚାଷୀମାନେ ଚିନ୍ତାରେ ରହି ପ୍ୟାକେଟ ପିଛା ୧୦୦ ଟଙ୍କାରୁ ଅଧିକ ମୂଲ୍ୟରେ କିଣିବାକୁ ବାଧ୍ୟ ହେଉଛନ୍ତି। ସରକାରୀ ବିହନ ଚାଷୀଙ୍କ ପାଖରେ ପହଞ୍ଚି ପାରୁ ନ ଥିବାରୁ କଳାବଜାର ହେଉଥିବା ଆଶଙ୍କା କରାଯାଉଛି । ଏଣୁ ଏନେଇ ପଦକ୍ଷେପ ନେବା ସହ ଧରପଗଡ଼ କରି ବିହନ ଦେବା ବ୍ୟବସ୍ଥା କରିବାକୁ ଚାଷୀମାନେ ଦାବି କରିଛନ୍ତି।

## କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଅଭିଯୋଗ

**ନୟାଗଡ଼ ଅଫିସ/ଓଡ଼ଗାଁ,୧୭(ସ୍ୱ.ପ୍ର.)**

■ନୂଆ ୧୪ ଆକ୍ରାନ୍ତ ଚିହ୍ନଟ
■୫ ପଞ୍ଚାୟତର ୨୦ ଗାଁ କଣ୍ଟେନ୍‌ମେଣ୍ଟ ଜୋନ୍

କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ନୟାଗଡ଼ ସହର ଯଦୁମଣିନଗରର ଜଣେ ଔଷଧ ଦୋକାନୀଙ୍କର ବୁଧବାର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ହେଲେ ସରକାରୀ ଭାବେ ଏ ନେଇ ଘୋଷଣା କରାଯାଇ ନାହିଁ। ଅନ୍ୟପକ୍ଷେ ଓଡଗାଁ ବ୍ଲକ ସୁନାମୁହିଁ ଓ କୁରାଳରୁ ୧୪ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ପରେ ନୟାଗଡ ଜିଲାପାଳ ପୋମା ଟୁଡୁ ୧୫ ୱାର୍ଡ ବିଶିଷ୍ଟ ଓଡଗାଁ ଏନ୍‌ଏସି ସମେତ ଓଡଗାଁ ବ୍ଲକର ୫ ପଞ୍ଚାୟତର ୨୦ ଗାଁକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଭାବେ କରିଛନ୍ତି। ଅନ୍ୟପକ୍ଷେ ୮ ପଞ୍ଚାୟତର ୧୫ ଗାଁକୁ ବଫର ଜୋନ୍‌ରେ ରଖାଯାଇଛି। ପ୍ରକାଶଥାଉ କି ଗତ ୧୮ ତାରିଖରେ ନୟାଗଡ ଦେବୋତ୍ତର କଲୋନୀର ଜଣେ ସୁନା ବ୍ୟବସାୟୀ କରୋନା ଆକ୍ରାନ୍ତ ଭାବେ ଚିହ୍ନଟ ହୋଇଥିଲେ। ଏହାପରେ ତାଙ୍କ ସଂସ୍ପର୍ଶରେ ଆସିଥିବା ୧୦ ଜଣ ଚିହ୍ନଟ ହୋଇଥିଲେ। ଆକ୍ରାନ୍ତଙ୍କ ମଧ୍ୟରେ ଯଦୁମଣିନଗରର ଜଣେ ଔଷଧ ଦୋକାନୀଙ୍କ ମୃତ୍ୟୁ ହୋଇଛି। ଏ ନେଇ ମୃତକଙ୍କ ଭାଇ କହିଥିଲେ, ମୋ ଭାଇ କରୋନା ପଜିଟିଭ୍ ହୋଇ ଭୁବନେଶ୍ୱର କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ବୁଧବାର ତାଙ୍କର ମୃତ୍ୟୁ ହୋଇଛି। ଭୁବନେଶ୍ୱର ମ୍ୟୁନିସିପାଲିଟି କର୍ପୋରେଶନ ପକ୍ଷରୁ ଶବ ସତ୍କାର ପାଇଁ ନୟାଗଡ଼ ପୌରାଞ୍ଚଳ ନିର୍ବାହୀ ଅଧିକାରୀ ଆମଠାରୁ ଅନୁମତିପତ୍ର ନେଇଥିବା ସେ ପ୍ରକାଶ କରିଛନ୍ତି। ଏହି ଘଟଣାରେ ଦୁଃଖ ପ୍ରକାଶ କରି ସହରର ସମସ୍ତ ଔଷଧ ଦୋକାନୀ ସନ୍ଧ୍ୟାଠାରୁ ଦୋକାନ ବନ୍ଦ ରଖିଛନ୍ତି। ନୂଆ ୧୪ ଆକ୍ରାନ୍ତଙ୍କ ମଧ୍ୟରୁ ୫ ପୁରୁଷ, ୪ ମହିଳା ଓ ୫ ଶିଶୁ ଅଛନ୍ତି। ଏଥିରୁ ୪ଜଣ କୁରାଳ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିଲେ। ଅବଶିଷ୍ଟ ୧୦ଜଣ ସୁନାମୁହିଁର। ସମସ୍ତ ଆକ୍ରାନ୍ତଙ୍କୁ ଭୁବନେଶ୍ୱର କୋଭିଡ୍ ହସ୍ପିଟାଲକୁ ପଠାଯାଇଛି।

## ଯୁବତୀ, ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କୁଜଙ୍ଗ,୧୭ (ଡି.ଏନ୍.ଏ.)**

କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ଗୋପିଆକୁଦ ପଞ୍ଚାୟତର ଦୁଆଡ଼ିଆ ପ୍ରାଇମେରୀ ସ୍କୁଲ୍ ପଛପଟ ଜଙ୍ଗଲରୁ ବୁଧବାର ସନ୍ଧ୍ୟାରେ ଜଣେ ଯୁବତୀ ଓ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ସେମାନେ ହେଲେ ଦୁଆଡିଆ ଗ୍ରାମର ପାଣ୍ଡବ ଦାସଙ୍କ ଝିଅ ବେବିନା ଦାସ ବୟସ (୨୬) ଓ ନନ୍ଦ ପଲେଇଙ୍କ ପୁଅ ତୁଷାର ପଲେଇ (୨୦)। ଏନେଇ ଗ୍ରାମବାସୀ ପୋଲିସରେ ଖବର ଦେଇଥିଲେ। ରିପୋର୍ଟ ଲେଖାହେବା ବେଳକୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିଲା। ଏକ ଡିମ୍ବିରି ଗଛରେ ଗୋଟିଏ ରଶିରେ ଦୌଡ଼ି ଦେଇ ଉଭୟ ଆତ୍ମହତ୍ୟା କରିଥିବା ଜଣାପଡିଛି । ବେବିନାଙ୍କ ବିବାହ ନିମନ୍ତେ ବୁଧବାର ନିର୍ବନ୍ଧ ଥିବା ବେଳେ ସେ ମଙ୍ଗଳବାରଠାରୁ କୁଆଡ଼େ ଚାଲିଯାଇଥିଲେ ବୋଲି ପରିବାର ଲୋକେ କହିଛନ୍ତି। ଏନେଇ ତାଙ୍କ ବାପା କୁଜଙ୍ଗ ଥାନାରେ ଅଭିଯୋଗ କରିଥିଲେ। କେତେଜଣ ଗ୍ରାମବାସୀଙ୍କ କହିବାନୁଯାୟୀ, ସଂନ୍ଧ୍ୟାରେ ବେବିନା ଓ ତୁଷାର ଉକ୍ତ ଜଙ୍ଗଲକୁ ଶୌଚ ହେବାକୁ ଗଲାବେଳେ ସେମାନେ ଦେଖିଥିଲେ। ଏହାପରେ ଉଭୟଙ୍କୁ ଝୁଲୁଥିବା ଅବସ୍ଥାରେ ସେମାନେ ଦେଖିଥିଲେ। ମୃତ୍ୟୁ ପ୍ରକୃତ କାରଣ ଜଣାପଡ଼ି ନ ଥିବା ବେଳେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ସନ୍ଦେହ କରାଯାଉଛି। ଏସମ୍ପର୍କରେ ଆଇଆଇସି ଦିଲୀପ ସାହୁ କହିଛନ୍ତି, ମୃତ୍ୟୁ ସମ୍ପର୍କରେ ତଦନ୍ତ କରାଯାଉଛି। ମୃତଦେହ ଜବତ ପରେ ମାମଲା ରୁଜୁ କରାଯିବ।

## ଗଞ୍ଜାମ ପୋଲିସ ଜିଲାରେ ଇ-ଅଫିସ ଆରମ୍ଭ

**ଛତ୍ରପୁର,୧୭(ଡି.ଏନ୍.ଏ.)**

ଗଞ୍ଜାମ ପୋଲିସ ଜିଲା ପକ୍ଷରୁ ବୁଧବାର ଇ-ଅଫିସ ଆରମ୍ଭ ହୋଇଛି। ଏହାଫଳରେ ଜନସାଧାରଣଙ୍କୁ ଅତିଶୀଘ୍ର ଓ ଉତ୍ତମ ସେବା ମିଳିପାରିବ। ରାଜ୍ୟ ସରକାରଙ୍କ ୫-ଟି ଓ ମୋ ସରକାର କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ ପାଇଁ ଏହି ପଦକ୍ଷେପ ନିଆଯାଇଛି। ଡିପିଓ ଅଫିସରେ ଏଥିପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ ବ୍ୟବସ୍ଥା ହୋଇଛି। ଗଞ୍ଜାମ ପୋଲିସ ଜିଲାରେ ବର୍ତ୍ତମାନ ସୁଦ୍ଧା ୨୯ ପୋଲିସ ଅଧିକାରୀ ଓ କର୍ମଚାରୀ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୫ ଜଣ ସୁସ୍ଥ ହୋଇ ସାରିଥିବା ବୁଧବାର ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୁସ୍ଥ ହେଉଥିବା କରୋନା ଯୋଦ୍ଧା ପୁଣି କାର୍ଯ୍ୟରେ ଯୋଗ ଦେଉଛନ୍ତି। ଜନସାଧାରଣ କୋଭିଡ୍ ଗାଇଡ୍‌ଲାଇନ୍ ଖିଲାପ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ସମସ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ମାସ୍କ ପିନ୍ଧି ନଥିବା ୨୫୦୦ ଜଣଙ୍କଠାରୁ ଗଞ୍ଜାମ ପୋଲିସ ୧୨ ଲକ୍ଷ ଟଙ୍କା ଜରିମାନା ଆଦାୟ କରିଥିବା ସୂଚନା ମିଳିଛି।

## ଅନୁଗୋଳ ଜେଲ୍ ସ୍ଥିତି ଅନୁଧ୍ୟାନ କଲେ ଡିଜି

**ଅନୁଗୋଳ ଅଫିସ, ୧୭**

ରାଜ୍ୟ ଜେଲ୍ ନିର୍ଦ୍ଦେଶକ ସନ୍ତୋଷ ଉପାଧ୍ୟାୟ ବୁଧବାର ଅନୁଗୋଳ ଜେଲ ସ୍ଥିତି ଅନୁଧ୍ୟାନ କରିଛନ୍ତି। କଏଦୀମାନଙ୍କୁ ଦିଆଯାଉଥିବା ଖାଦ୍ୟର ମାନ ସେ ପରଖିବା ସହ ଆସୁଥିବା ନୂଆ କଏଦୀମାନଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଉଛି କି ନାହିଁ ତାହା ବୁଲି ଦେଖିଥିଲେ। ଜେଲ୍‌ରେ ଦୁଇଟି କ୍ୱାରାଣ୍ଟାଇନ୍ ହଲ୍ କରାଯାଇଥିବା କର୍ତ୍ତୃପକ୍ଷ ଡିଜିଙ୍କୁ ଅବଗତ କରିଥିଲେ। ସେହିପରି ବାହାର ଖାଦ୍ୟ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା, ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ଓ ମେନୁ ଅନୁଯାୟୀ ଖାଦ୍ୟ ପରସିବା ପାଇଁ ଡିଜି ଜେଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡିଜିଙ୍କ ଏହି ପରିଦର୍ଶନ ସମୟରେ ଅନୁଗୋଳ ଏସ୍‌ପି ଜଗମୋହନ ମୀନା, ଜେଲ ସୁପରିଣ୍ଟେଣ୍ଡେଣ୍ଟ ସୁଚିତ୍ରା ଦାସ, ଜେଲର ହୃଷିନାଥ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କରୋନା କଟକଣା ସତ୍ତ୍ୱେ ଜେଲ୍ ଭିତରକୁ ବାହାରୁ ଖାଦ୍ୟ ଯାଉଥିବା ନେଇ ଗତ ମେ ୮ ତାରିଖ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ଉକ୍ତ ଘଟଣାର ଅନୁଧ୍ୟାନ କରାଯିବ ବୋଲି ଡିଜି କହିଥିଲେ।

## ପାଥୋଲାବ୍ ସିଲ୍

**ବୁଗୁଡ଼ା,୧୭(ଡି.ଏନ.ଏ.)**




■କରୋନା ସଂକ୍ରମିତ ରକ୍ତ ପରୀକ୍ଷା କରାଇଥିଲେ

ଗଞ୍ଜାମ ଜିଲା ବୁଗୁଡ଼ା ଏନ୍‌ଏସି ଅରବିନ୍ଦ ନଗର ତୃତୀୟ ଲାଇନର ଜଣେ ବ୍ୟକ୍ତିଙ୍କ ଘରକୁ ତାଙ୍କର ଜଣେ ସମ୍ପର୍କୀୟ ନୟାଗଡରୁ ମଙ୍ଗଳବାର ଆସିଥିଲେ। ତାଙ୍କୁ ଜ୍ୱର ହୋଇଥିବାରୁ ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଥିଲା। ରିପୋର୍ଟ ଆସି ନ ଥିଲା। ମାତ୍ର ସେ ବୁଗୁଡା ଆସି ସମ୍ପର୍କୀୟଙ୍କ ଘରେ ଖିଆପିଆ କରିବା ସହ ସ୍ଥାନୀୟ ଜ୍ୟୋତି ଏକ୍ସରେ ପାଥୋଲୋଜିରେ ରକ୍ତ ପରୀକ୍ଷା କରାଇଥିଲେ। ମଙ୍ଗଳବାର ରିପୋର୍ଟ ପଜିଟିଭ ଆସିଥିବା ପ୍ରଶାସନ ନିକଟରେ ଖବର ପହଞ୍ଚିଥିଲା। ବିଡିଓ ତନ୍ମୟ ପାତ୍ର, ତହସିଲଦାର ସଂଗ୍ରାମ କେଶରୀ ଜେନା ଓ ଏନଏସି ନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାଶ ଗାଁରେ ପହଞ୍ଚି ଖୋଜାଖୋଜି କରିବା ବେଳକୁ ସେ ଗାଁକୁ ଫେରିଯାଇଥିଲେ। ଏନଏସି ପ୍ରଶାସନ ବିଳମ୍ବିତ ରାତିରେ ଜ୍ୟୋତି ପାଥୋଲୋଜିକୁ ସିଲ୍ କରିଛି। ଏଥିସହ ପାଥୋଲୋଜି ମାଲିକଙ୍କ କଣ୍ଟାକ୍ଟ ଟ୍ରେସିଂ କରାଯାଇ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୁଗୁଡାର ସମ୍ପୃକ୍ତ ପରିବାରକୁ ହୋମ୍ କ୍ୱାରାଣ୍ଟାଇନରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଟ୍ରକ୍-କାର୍ ମୁହାଁମୁହିଁ: ଜଣେ ମୃତ, ୭ ଆହତ

**କେନ୍ଦୁଝର/ଚମ୍ପୁଆ,୧୭ (ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅଧୀନ ନାରଦପୁର ନିକଟ ୫୨୦ ନମ୍ବର ଜାତୀୟ ରାଜପଥରେ ବୁଧବାର ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୭ ଜଣ ଗୁରୁତର ଆହତ ହୋଇଛନ୍ତି। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି। କେନ୍ଦୁଝର ଆଡୁ ଯୋଡ଼ା ଅଭିମୁଖେ ଯାଉଥିବା ଏକ ହାଇଓ୍ୱା ଟ୍ରକ୍ ଅପରପାର୍ଶ୍ୱରୁ ଆସୁଥିବା ଏକ ଇନୋଭା କାର୍‌କୁ ଧକ୍କା ଦେବା ଫଳରେ କାର୍ ଚାଳକଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ଓ ଦମକଳ ବାହିନୀ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ସହ ଗୁରୁତରମାନଙ୍କୁ ଯୋଡ଼ା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଆହତମାନଙ୍କ ମଧ୍ୟରେ ଜଣେ ଶିଶୁ ଥିବା ବେଳେ ୫ଜଣ ମହିଳା ଓ ଜଣେ ପୁରୁଷ ଅଛନ୍ତି। ଟ୍ରକ୍ ଡ୍ରାଇଭରଙ୍କୁ ପୋଲିସ ଅଟକ ରଖିଛି।

## ମେଡ଼ିକାଲ ଆଗରେ ମୃତଦେହ ରଖି ଧାରଣା

**ବାରିପଦା ଅଫିସ,୧୭**

ଚିକିତ୍ସା ଅବହେଳାରୁ ବୃଦ୍ଧଙ୍କ ମୃତ୍ୟୁ ଅଭିଯୋଗ

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପିଆର୍‌ଏମ୍ ମେଡ଼ିକାଲ୍‌ରେ ବୁଧବାର ଚିକିତ୍ସା ଅବହେଳାରୁ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ନେଇ ଅଭିଯୋଗ ହୋଇଛି। ମୃତକ ହେଲେ ବଡ଼ସାହି ବ୍ଲକ ବେଲପାହାଳି ଗ୍ରାମର ଚନ୍ଦ୍ରାଇ ହାଁସଦା (୭୦)। ଚନ୍ଦ୍ରାଇଙ୍କ ପୁତ୍ର ସୁରେଇ ଚିକିତ୍ସା ଅବହେଳାରୁ ତାଙ୍କ ବାପାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ କରି ମେଡ଼ିକାଲ୍ ଆଗରେ ମୃତଦେହ ରଖି ଧାରଣା ଦେଇଥିଲେ।

ସୁରେଇଙ୍କ ଅଭିଯୋଗ ଅନୁଯାୟୀ, ବୁଧବାର ପୂର୍ବାହ୍ନ ୧୦ଟା ସମୟରେ ଛାତିରେ ଯନ୍ତ୍ରଣା ହେବାରୁ ସେ ତାଙ୍କ ବାପାଙ୍କୁ ପିଆର୍‌ଏମ୍ ମେଡ଼ିକାଲ୍‌କୁ ଆଣିଥିଲେ। ଓପିଡ଼ିରେ ଡାକ୍ତର ତାଙ୍କୁ ଦେଖି ଛାତିର ଏକ୍ସରେ କରି ରିପୋର୍ଟ ଆଣିବା ପାଇଁ କହିଥିଲେ। ସୁରେଇ ତାଙ୍କ ବାପାଙ୍କୁ ଧରି ମେଡ଼ିକାଲ୍‌ର ରଞ୍ଜନରଶ୍ମୀ ବିଭାଗକୁ ଯାଇଥିଲେ। ସେଠାରେ ଭିଡ଼ ଥିବାରୁ ବହୁତ ବିଳମ୍ବରେ ଚନ୍ଦ୍ରାଇଙ୍କ




ଧାରଣା ଦେଇଥିବା ମୃତକଙ୍କ ସମ୍ପର୍କୀୟ।

ଏକ୍ସରେ ହୋଇଥିଲା। ସେହିଭଳି ରିପୋର୍ଟ ମଧ୍ୟ ବିଳମ୍ବରେ ମିଳିବାରୁ ଚନ୍ଦ୍ରାଇଙ୍କ ମୃତ୍ୟୁ ଘଟିଥିବା ସୁରେଇ କହିଛନ୍ତି। ଅପରାହ୍ନ ୪ଟାରେ ସୁରେଇ ତାଙ୍କ ବାପାଙ୍କ ଶବକୁ ମେଡ଼ିକାଲ୍ ଆଗରେ ରଖି ଧାରଣାରେ ବସିଥିଲେ। ଖବର ପାଇ ଟାଉନ ଥାନା ପୋଲିସ ପହଞ୍ଚି ସୁରେଇଙ୍କୁ ବୁଝାସୁଝା କରିବା ସହିତ କୋଭିଡ୍ ନିୟମ ଅନୁସାରେ ଧାରଣା ଦେଇ ପାରିବ ନାହିଁ ବୋଲି କହିଥିଲେ। ମାତ୍ର ରିପୋର୍ଟ ଲେଖା ହେବା ସୁଦ୍ଧା ସେ ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା। ଟାଉନ ଥାନା ଅଧିକାରୀ ବୀରେନ୍ଦ୍ର ସେନାପତିଙ୍କୁ ପଚାରିବାରୁ ଏ ନେଇ ଥାନାରେ ଅଭିଯୋଗ ହୋଇ ନ ଥିବା କହିଛନ୍ତି। ତେବେ ସମ୍ପୃକ୍ତ ବୃଦ୍ଧଙ୍କ ଚିକିତ୍ସାରେ କୌଣସି ଅବହେଳା କରାଯାଇ ନ ଥିବା ପିଆର୍‌ଏମ୍ ମେଡ଼ିକାଲ୍ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି।

## ବାରବାଟୀ ମହିଳା ଚାଷୀ ହାଟ ଉଦ୍‌ଘାଟିତ



ଜିଲାପାଳ ମହିଳା ହାଟ ଉଦ୍‌ଘାଟନ କରୁଛନ୍ତି।

ତୁରନ୍ତ କାମ ସାରିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ

**ରସୁଲପୁର/ଯାଜପୁର ଟାଉନ, ୧୭ (ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅଧୀନ ବାରବାଟୀ ପଞ୍ଚାୟତ ବାଙ୍କବିହାରୀ କୃଷକ ବଜାରର ନାଁ ବଦଳି ମହିଳା ଚାଷୀ ହାଟରେ ନାମିତ ହୋଇଛି। ମଙ୍ଗଳବାର ଉକ୍ତ ହାଟକୁ ଜିଲାପାଳ ରଞ୍ଜନ କୁମାର ଦାସ ଉଦ୍‌ଘାଟନ କରିଛନ୍ତି। ହାଟର ଭିତ୍ତିଭୂମି ସଜଡ଼ା କାର୍ଯ୍ୟ ସରି ନ ଥିବା ବେଳେ ତୁରନ୍ତ କାମ ଶେଷ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଜିଲାପାଳଙ୍କ ସମେତ ଅତିରିକ୍ତ ଜିଲାପାଳ ମହିର ପ୍ରସାଦ ମହାନ୍ତି, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣୀ ନାୟକ, ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ବିଡିଓ ଉମାକାନ୍ତ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ଉପସ୍ଥିତ ଥିଲେ।

ସୂଚନାଥାଉ କି, ଉକ୍ତ ସ୍ଥାନରେ ହାଟ ବସିବାକୁ ନେଇ ବିବାଦ ହେବା ପରେ ସେହି ସ୍ଥାନଟି ଅବ୍ୟବହୃତ ହୋଇରହିଥିଲା। ତେବେ କିଛିଦିନ ତଳେ ସେହି ସ୍ଥାନରେ ମହିଳା ଚାଷୀ ହାଟ ବସାଇବା ପାଇଁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇ ସ୍ଥାନୀୟ ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ଦୋକାନ ଗୃହ ଆବଣ୍ଟନ କରାଯାଇଥିଲା। ଏବେ ହାଟ ଉଦ୍‌ଘାଟନୀ ସରିଥିଲେ ବି ମରାମତି କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଛି। ଅନେକ ଗୃହ ଅଧାପନ୍ତରିଆ ଥିବା ବେଳେ କେତେକ ପିଣ୍ଡି ଭାଙ୍ଗି ଯାଇଥିବା ଦେଖାଯାଇଛି। ଅନ୍ୟପଟେ ହାଟର ମଝି ଅଂଶ ଖାଲୁଆ ରହିଥିବାରୁ ବର୍ଷା ହେଲେ ପାଣି ଦୀର୍ଘଦିନ ଯାଏ ଜମି ରହୁଛି। ହାଟ ପିଣ୍ଡିକୁ ଉଠିବାକୁ ପାହାଚ ନ ଥିବା ବେଳେ ପାନୀୟ ଜଳ ବ୍ୟବସ୍ଥା କରାଯାଇନି। ଏପରିକି ହାଟର ଆବର୍ଜନା ଫିଙ୍ଗିବା ପାଇଁ ବ୍ୟବସ୍ଥା ହୋଇନି। ତେବେ ସବୁ କାମ ଠିକ୍ ଭାବେ ଶେଷ ହୋଇ ନ ଥିବାରୁ ଉଦ୍‌ଘାଟନୀ ବେଳେ ଜିଲାପାଳ ବିରକ୍ତି ପ୍ରକାଶ କରିଥିଲେ।

## ଅଭିଯୋଗ ଲାଗି ଜାରିହେଲା ମୋବାଇଲ୍ ଓ ହ୍ୱାଟ୍‌ସଆପ୍ ନମ୍ବର

**ଭଦ୍ରକ ଅଫିସ,୧୭**

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ ପ୍ରତି ସୋମବାର ଜିଲା ସଦର ମହକୁମା ଠାରୁ ଆରମ୍ଭ କରି ବିଭିନ୍ନ ବ୍ଲକରେ ଜିଲାପାଳ ଜନ ଅଭିଯୋଗ ଶୁଣାଣି ଶିବିର କରି ଜନସାଧାରଣଙ୍କ ଅଭିଯୋଗ ଶୁଣୁଥିଲେ। ମାତ୍ର କରୋନା ମହାମାରୀଜନିତ ବିଭିନ୍ନ କଟକଣା ଲାଗୁ ହେବା ପରେ ଏହି ଶିବିରକୁ ବନ୍ଦ କରି ଦିଆଯାଇଛି। ଏବେ ଏହି ଶୁଣାଣି ନିମନ୍ତେ ଜିଲାପାଳ ଆଗଭର ହୋଇଛନ୍ତି। ଏଥିଲାଗି ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ ହ୍ୱାଟ୍‌ସଆପ, ଇ-ମେଲ୍ ଏବଂ ଫୋନ୍ ଯୋଗେ ଅଭିଯୋଗ ଗ୍ରହଣ କରିବା ବ୍ୟବସ୍ଥା କରିଛନ୍ତି। ଏଣି କି ଜନସାଧାରଣ ଜିଲାପାଳଙ୍କ କାର୍ଯ୍ୟାଳୟକୁ ନ ଆସି ଘରେ ବସି ଅଭିଯୋଗ କରି ପାରିବେ। ଏଥି ନିମନ୍ତେ ଫୋନ୍ ନଂ- ୦୬୭୮୪-୨୫୧୮୮୧, ହ୍ୱାଟ୍‌ସଆପ ନଂ-୮୭୬୩୦୦୪୦୧୧ ଏବଂ ଇ-ମେଲ୍ ମାଧ୍ୟମରେ ମେଲ୍ କରି ଅଭିଯୋଗ ପଠାଇବା ପାଇଁ କୁହାଯାଇଛି। ଅଭିଯୋଗକାରୀଙ୍କ ଅଭିଯୋଗକୁ ସମ୍ପୃକ୍ତ ବିଭାଗକୁ ପଠାଯିବା ସହିତ ଏ ସଂକ୍ରାନ୍ତୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

## କାରଣ ଦର୍ଶାଅ ନୋଟିସ ଜାରି କଲେ ନିର୍ବାହୀ ଯନ୍ତ୍ରୀ

**ଯାଜପୁର ଅଫିସ୍, ୧୭**

ପଦାରେ ପଡିଲା ଯନ୍ତ୍ରୀ, ଠିକାଦାରଙ୍କ ମନମାନି

କରୋନା ପରିସ୍ଥିତିରେ ଜିଲାକୁ ଏ ଯାଏ ପାଖାପାଖି ୨୦ହଜାର ପ୍ରବାସୀ ଫେରିଛନ୍ତି। ସେମାନଙ୍କ ମଧ୍ୟରୁ ସମସ୍ତ ଶ୍ରମିକ ଶ୍ରେଣୀର ଲୋକ ଆର୍ଥିକ ଭାବେ ପ୍ରଭାବିତ ହୋଇଛନ୍ତି। ତେଣୁ ଜିଲା ପ୍ରଶାସନ ପକ୍ଷରୁ ଗ୍ରାମ୍ୟ ନିର୍ମାଣ(ଆରଡି), ପୂର୍ତ୍ତ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ପ୍ରଭୃତି ଯୋଜନାରେ ଆଗ୍ରହୀ ବ୍ୟକ୍ତିଙ୍କୁ ସାମିଲ କରିବାକୁ ପରାମର୍ଶ ଦିଆଯାଇଛି। ଏହି କ୍ରମରେ ଜିଲାର ଆର୍‌ଡି ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଚାଲିଥିବା ବେଳେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମନମାନି ମନୋଭାବ ପଦାରେ ପଡିଛି। ବରୀ ଗ୍ରାମ୍ୟ ନିର୍ମାଣ ସେକ୍ସନ-୧ର ସହକାରୀ ଯନ୍ତ୍ରୀ କିଶୋର କୁମାର ପାଣି ଅନ୍ ଅଥରାଇଜ୍ ଅନୁପସ୍ଥିତ ରହିଛନ୍ତି। ସେହିପରି ଅହିୟାସ ହାଇସ୍କୁଲ ମରାମତି ଓ ପୁନରୁଦ୍ଧାର ଦାୟିତ୍ୱରେ ଥିବା ଠିକାଦାର ଦେବଶ୍ରୀ ପ୍ରିୟଦର୍ଶନୀ ସାମନ୍ତରାୟଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିବାର ୫ମାସ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ କାର୍ଯ୍ୟାରମ୍ଭ ହୋଇନାହିଁ। ଅନ୍ୟପକ୍ଷେ ହରିପୁର-କରଜଙ୍ଗା ରାସ୍ତା ଉନ୍ନତୀକରଣ କାର୍ଯ୍ୟର ଠିକାଦାର ତପନ କୁମାର ମଲ୍ଲିକ ଏବଂ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ମା'ସନ୍ତୋଷୀ କନଷ୍ଟ୍ରକ୍ସନଙ୍କୁ ନୈରାଶ୍ୟଜନକ ପ୍ରଦର୍ଶନ ପାଇଁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ଏହି ମର୍ମରେ ଯାଜପୁର ଆର୍‌ଡି ଡିଭିଜନର ନିର୍ବାହୀ ଯନ୍ତ୍ରୀ ଉଭୟ ସହକାରୀ ଯନ୍ତ୍ରୀ ପାଣି ଓ ଠିକାଦାର ସାମନ୍ତରାୟଙ୍କୁ ବୁଧବାର କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ସେ ନେଇ ୩ଦିନ ମଧ୍ୟରେ ଉତ୍ତର ରଖିବାକୁ ସେ ନିର୍ଦ୍ଦେଶ ହୋଇଛି। ଅନ୍ୟପକ୍ଷେ ଅହିୟାସ ହାଇସ୍କୁଲର ସ୍ୱତନ୍ତ୍ର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ପାଇଁ ଠିକାଦାର ସାମନ୍ତରାୟଙ୍କ ସହିତ ୧୨।୨।୨୦୨୦ ଓ ୧୧।୪।୨୦୨୦ରେ ଡିଭିଜନାଲ ଚୁକ୍ତି ହୋଇଥିଲା। ତେବେ ଏହି କାର୍ଯ୍ୟର ସମ୍ପୂର୍ଣ୍ଣ ନିର୍ଦ୍ଧାରିତ ତାରିଖ ଅତିକ୍ରାନ୍ତ ହେବାର ୨ମାସରୁ ଊର୍ଦ୍ଧ୍ୱ ବିତିଯାଇଛି। ହେଲେ ଏ ଯାଏ କାମ ଆରମ୍ଭ ହୋଇନାହିଁ। ଏ ନେଇ ନିର୍ବାହୀ ଯନ୍ତ୍ରୀ ଓ ଠିକାଦାର ସାମାନ୍ତରାୟଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

# ପୁରୁଷ ଗେଟ୍‌ଅପ ନେବାକୁ ପଡ଼ିଥିଲା


ଜାହ୍ନବୀ

ଷ୍ଟାର କିଡ୍ ଜାହ୍ନବୀ କପୁରଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ଧଡକ' ଫିଲ୍ମରୁ। ଏବେ ତାଙ୍କ ହାତରେ ବେଶ୍ କେତୋଟି ଅଫର ରହିଛି। ହେଲେ ନିକଟରେ ନିଜ ପିଲାଦିନର ମଧୁର ସ୍ମୃତିକୁ ରୋମନ୍ଥନ କରି ସେ ଏକ ମଜାଦାର ଘଟଣାର ଅବତାରଣା କରିଥିଲେ। ଏ ସମ୍ପର୍କରେ ଜାହ୍ନବୀ କହନ୍ତି, 'ଥରେ ମୋର ଜଣେ ବାନ୍ଧବୀଙ୍କୁ ଗୋଟିଏ ଘଟଣାରେ ସାହାଯ୍ୟ କରିବାର ଥାଏ। ପୁଣି ସେଥିପାଇଁ ଜଣେ ପୁଅ ପିଲାର ଆବଶ୍ୟକ ପଡିଲା। କ'ଣ କରାଯିବ ? ଶେଷକୁ ମୁଁ କହିଲି, ତୁ ବ୍ୟସ୍ତ ହୁଅନା, ମୁଁ ଅଛି। ମୁଁ ପୁରୁଷ ଗେଟ୍‌ଅପ ନେଉଛି। ଏପରି ଗେଟଅପ ନେବା ପରେ ମୋତେ କେହି ଚିହ୍ନି ପାରିବେ ନାହିଁ। ସତକୁ ସତ ମୁଁ ପୁରୁଷ ଗେଟ୍‌ଅପରେ ଗଲା ପରେ କାମଟି ହୋଇଯାଇଥିଲା।'

# ୭୫ଥର ଅଡିଶନ୍ ପରେ..

ଗୋଟିଏ ସିନେମା ପାଇଁ ୭୫ଥର ଅଡିଶନ ଦେବା ପରେ ସେ ପଛକୁ ଫେରି ଚାହିଁ ନ ଥିଲେ। କାରଣ ନିଜ ଉପରେ ତାଙ୍କର ଶତ ପ୍ରତିଶତ ବିଶ୍ୱାସ ଥିଲା। ହଁ, ଏପରି ଏକ ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ ବିଦ୍ୟା ବଲାନ୍। ଫିଲ୍ମଟି ଥିଲା 'ପରିଣିତା'। ପ୍ରଦୀପ ସରକାରଙ୍କ ନିର୍ଦ୍ଦେଶିତ ଏହି ଚିତ୍ରରେ ବିଦ୍ୟାଙ୍କ ବ୍ୟତୀତ ସଞ୍ଜୟ ଦତ୍ତ ଏବଂ ଦିୟା ମିର୍ଜା ଅଭିନୟ କରିଥିଲେ ଏବଂ ଚଳଚ୍ଚିତ୍ରଟି ହିଟ୍ ହୋଇଥିଲା। କିନ୍ତୁ ଏହାର ଟାଇଟଲ ଭୂମିକାରେ କିଏ ଅଭିନୟ କରିବେ ସେ ନେଇ ଅଡୁଆରେ ପଡ଼ିଥିଲେ ନିର୍ଦ୍ଦେଶକ। ଯେତେବେଳେ ବିଦ୍ୟା ଅଡିଶନ ପାଇଁ ଆସିଲେ ସେତେବେଳେ 'ପରିଣିତା' ଲୁକ୍‌ରେ ତାଙ୍କୁ କେତେଗୁଡିଏ ଡାଏଲଗ କହିବାକୁ କୁହାଯାଇଥିଲା। ହେଲେ ତାଙ୍କର ଲୁକ୍‌କୁ ନେଇ ନିର୍ଦ୍ଦେଶକ ସନ୍ତୁଷ୍ଟ ନ ଥିଲେ। ଫଳରେ ସେ ଲଗାତର ୭୫ଥର ଅଡିଶନ ନେବା ପରେ ଶେଷ ଥର ହିଁ ଗ୍ରୀନ୍ ସିଗ୍‌ନାଲ ଦେଖାଇଥିଲେ। ତା'ପରେ ପ୍ରଦୀପ ଏତେ ଭାବବିହ୍ୱଳିତ ହୋଇଯାଇଥିଲେ ଯେ 'ମୋତେ ମୋ ପରିଣିତା ମିଳିଗଲା' ବୋଲି କହି ଖୁସିରେ ଉଚ୍ଛୁଳି ଉଠିଥିଲେ। ଏ ସମ୍ପର୍କରେ ବିଦ୍ୟା କହନ୍ତି, 'ସେତେବେଳେ ମୋର ନିଜ ଉପରେ ବିଶ୍ୱାସ ଥିଲା, ତେଣୁ ଗୋଟିଏ ପରେ ଗୋଟିଏ ୭୫ଥର ଅଡିଶନ ଦେବାକୁ ମୁଁ ଏକ ବୋଝ ବୋଲି ଭାବିନ ଥିଲି।'


ବିଦ୍ୟା ବଲାନ୍


ସୋନାକ୍ଷୀ

## ବଲିଉଡ୍ ହାଲଚାଲ

- 'ଦବଙ୍ଗ' ଗର୍ଲ ସୋନାକ୍ଷୀ ସିହ୍ନାଙ୍କ ହାତରେ ଏବେ ୩-୪ଟି ହିନ୍ଦୀ ସିନେମା ଅଫର ରହିଛି।
- ହ୍ରିତିକ ରୋଶନ ଏବଂ ଆଲିୟା ଭଟ୍ଟଙ୍କୁ ଏକାଡେମୀ ଅଫ୍ ମୋଶନ ପିକ୍ଚର୍ସ ଆର୍ଟସ ଆଣ୍ଡ ସାଇନ୍ସରେ ଯୋଗ ଦେବାକୁ ଅଫର ମିଳିଛି। ଯଦି ସେମାନେ ଏହି ଅଫରକୁ ଗ୍ରହଣ କରନ୍ତି, ତେବେ ସେମାନେ ଚଳିତବର୍ଷର ସମ୍ମାନଜନକ ଓସ୍କାର ପୁରସ୍କାର ପାଇଁ ଭୋଟ୍ ଦେଇପାରିବେ। ବିଭିନ୍ନ ଦେଶର ୮୧୯ ଜଣଙ୍କୁ ଏଥିରେ ଯୋଗଦେବାକୁ ଆମନ୍ତ୍ରଣ କରାଯାଇଛି।
- ଅଭିନେତା ଭିକି କୌଶଲ ଏବଂ ଇଶାନ ଖଟ୍ଟର ଲକ୍‌ଡାଉନ ସମୟରେ କ'ଣ କରୁଛନ୍ତି ଜାଣନ୍ତି ? ସୋସିଆଲ ମିଡିଆ ସହ ଜଡିତ ରହୁଛନ୍ତି। ତା'ସହ ବାଲକୋନିରେ ଠିଆ ହୋଇ ବାଇନାକୁଲାରରେ ସୁଦୂର ଦୃଶ୍ୟରାଜିକୁ ଦେଖିବା ସହ ଫଟୋ ଉଠାଇବାକୁ ଭୁଲୁ ନାହାନ୍ତି। ଏହି ଫଟୋଗୁଡ଼ିକୁ ସେମାନେ ସୋସିଆଲ ମିଡିଆରେ ଅପଲୋଡ୍ କରୁଛନ୍ତି ଏବଂ ସେଗୁଡ଼ିକ ବେଶ୍ ଭାଇରାଲ ହେଉଛି।
- ନିର୍ଦ୍ଦେଶକ ଆନନ୍ଦ ଏଲ. ରାଇଙ୍କ ଆଗାମୀ ଫିଲ୍ମରେ ସାରା ଅଲ୍ଲୀ ଖାଁ ଅଭିନୟ କରିବାର ଯୋଜନା ରହିଛି।
- ଆଗକୁ କେବେ ଲିପ୍-ଲକ୍ ଶଟ୍ ଦେବେ ନାହିଁ ବୋଲି କହି ବୁଲୁଛନ୍ତି ଇଲିୟାନା ଡି'କ୍ରୁଜ୍।

# ବିଜୁଙ୍କ ଗେରୁଆ ଅବତାର



ବିଜୁ ବଡ଼ଜେନା ଖଳନାୟକ ଭାବରେ ଅନେକ ଥର ବଡ଼ ପରଦାରେ ମୁହଁ ଦେଖାଇ ସାରିଛନ୍ତି। ଗତ ବର୍ଷ ରିଲିଜ୍ ହୋଇଥିବା 'ମାଲ୍ ମହୁ ଜୀବନ ମାଟି'ରେ ସେ କମେଡି ଖଳନାୟକ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। ଏବେ ବାବାଜି ଅବତାରରେ ଦର୍ଶକଙ୍କ ସାମ୍ନାକୁ ଆସୁଛନ୍ତି। ଫିଲ୍ମଟି ହେଲା 'ହିରୋ ନଂ. ଜିରୋ'। ଏଥିରେ ନିଜ ଭୂମିକା ସମ୍ପର୍କରେ ବିଜୁ କହନ୍ତି, ''ଏଥିରେ ମୋ ଭୂମିକା ବାବାଜି। ଗେରୁଆ ବସ୍ତ୍ର ପିନ୍ଧିଛି। ହେଲେ ଖଳନାୟକଙ୍କୁ ଉସ୍‌କାଇବାରେ ଓସ୍ତାଦ। ମୋ ଇସାରା ଆଉ କଥାରେ ଜଣେ ଆଣ୍ଟିସୋସିଆଲ କାମରେ ବ୍ୟସ୍ତ। ମୋତେ ସେ ଲଭ୍ ଗୁରୁ ଭାବରେ ମାନିନେଇଛି। ଏହି ଭୂମିକାରେ କମେଡି ମଧ୍ୟ ରହିଛି।'' ନିର୍ମାଣାଧୀନ 'ହିରୋ ନଂ. ଜିରୋ'ର ନିର୍ଦ୍ଦେଶନା ଦେଇଛନ୍ତି ନିରଞ୍ଜନ ବେହେରା। ଲିଡ୍ ରୋଲ୍‌ରେ ଅଛନ୍ତି ଜ୍ୟୋତି ଏବଂ ନବାଗତା ଖୁସି। ସଂଗ୍ରାମ ବିଶ୍ୱାଳଙ୍କ ନିର୍ଦ୍ଦେଶନାରେ 'ମହାସଂଗ୍ରାମ'ରୁ ଆରମ୍ଭ ହୋଇଥିଲା ତାଙ୍କର ବଡ଼ ପରଦା କ୍ୟାରିୟର। 'ପ୍ରେମ ପାଇଁ ମହାଭାରତ'ରେ ଶକୁନି ଚରିତ୍ର ତାଙ୍କୁ ନିକଟରେ ବେଶ୍ ମାଇଲେଜ୍ ଦେଇଥିଲା। ଏହାବ୍ୟତୀତ ସଞ୍ଜୟ ନାୟକଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ଆସିବି ଫେରି ମୁଁ ବସୁଧା ଚିରି'ରେ ତାଙ୍କୁ ମିଳିଛି ମନଲାଖି ଭୂମିକା। ତେବେ ବିଜୁଙ୍କ ଗେରୁଆ ତଥା ବାବାଜି ଅବତାର ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଦେଖିବାକୁ ବାକି ରହିଲା।

# କାରଣ ଖୋଜୁଛନ୍ତି ହୁମା

ହୁମା କ୍ୟୁରେସୀ ଏବେ ଅନୁତାପ କରୁଛନ୍ତି। ଲକ୍ ଡାଉନ୍ ସମୟରେ ତାଙ୍କୁ ୨-୩ଟି ହିନ୍ଦୀ ସିନେମାରେ ଅଭିନୟ କରିବାକୁ ଅଫର ମିଳିଥିଲା। ହେଲେ କ'ଣ ହେଲା କେଜାଣି, ଅଫରଗୁଡିକୁ ସେ ହାତଛଡ଼ା କରିଛନ୍ତି। ଶୁଣିବାକୁ ମିଳୁଛି ଯେ, ପାରିଶ୍ରମିକକୁ ନେଇ କିଛି ଫାଇନାଲ ହୋଇପାରି ନ ଥିଲା। ଏ ନେଇ ସଫେଇ ଦେଇ ସେ କହନ୍ତି, 'ଏହି ଅଫରଗୁଡିକରେ ମୋତେ ମିଳିଥିବା ଭୂମିକା ଠିକ୍ ଥିଲା। ହେଲେ କାହାଣୀରେ କିଛି ପରିବର୍ତ୍ତନ ପାଇଁ ମୁଁ ପରାମର୍ଶ ଦେଇଥିଲି। ହେଲେ ଦେଖିଲାବେଳକୁ ମୋତେ କାଷ୍ଟିଂରୁ ଆଉଟ୍ କରିଦିଆଯାଇଛି। ଏହାର କାରଣ କ'ଣ ମୁଁ ଜାଣିପାରୁନାହିଁ। ସେପଟେ ଆଲୋଚନା ହେଉଛି ଯେ, ପାରିଶ୍ରମିକ ପାଇଁ ମୁଁ ଅଫରଗୁଡିକୁ ହାତଛଡ଼ା କରିଛି, ଯାହାକି ସମ୍ପୂର୍ଣ୍ଣ ମିଛ।' ତେବେ ଏପରି ଆଲୋଚନା ପଛରେ କେତେ ସତ୍ୟତା ରହିଛି ତାହା କେବଳ ହୁମାଙ୍କୁ ହିଁ ଜଣା।

## ଅନ୍ତରେ

- ୱାହିଦା ରହମନ ଏବଂ ରାକ୍ଷୀ ଗୁଲଜାର ; ଏହି ଅଭିନେତ୍ରୀଦ୍ୱୟ ଏକଦା ଅମିତାଭ ବଚ୍ଚନଙ୍କ ନାୟିକା ସାଜିଥିଲେ। ପରବର୍ତ୍ତୀ ସମୟରେ ସେ ଅମିତାଭଙ୍କ ମା' ଭୂମିକାରେ ମଧ୍ୟ ଅଭିନୟ କରିଥିଲେ।
- ମ୍ୟୁଜିକ ଆଲବମ୍ 'ନାମ୍ ହେ ତେରା'କୁ ଥରେ ମନେ ପକାନ୍ତୁ ନା ! ହିମେଶ ରେଶମିଆଁଙ୍କ ଏହି ଆଲବମ୍‌ରେ ଦୀପିକା ପାଦୁକୋନ୍‌ଙ୍କୁ ବ୍ରେକ୍ ଦେଇଥିଲେ। ତା'ପରେ ତାଙ୍କୁ ବଡ ପରଦାରେ ସୁଯୋଗ ମିଳିଥିଲା।
- ସୁପରହିଟ୍ ଚଳଚ୍ଚିତ୍ର 'ମୁଗଲ-ଏ-ଆଜାମ୍' ତିନୋଟି ଭାଷା (ହିନ୍ଦୀ, ତାମିଲ, ଇଂଲିଶ)ରେ ନିର୍ମିତ ହୋଇଥିଲା। ହେଲେ କେବଳ ହିନ୍ଦୀ ଭାଷାରେ ହିଁ ଫିଲ୍ମଟି ହିଟ୍ ହୋଇଥିଲା।
- 'ସତ୍ୟମ୍ ଶିବମ୍ ସୁନ୍ଦରମ୍'ର ରିଲିଜ ପୂର୍ବରୁ ଏହାର ନିର୍ଦ୍ଦେଶକ ରାଜ କପୁର ସମ୍ପୂର୍ଣ୍ଣ ଭାବରେ ନିରାମିଷାଶୀ ପାଲଟି ଯାଇଥିଲେ।


ଦୀପିକା


ଦୀପକ-ସ୍ୱାତୀ

# ପ୍ରେମର ନୂଆ ଫର୍ମୁଲା

ଜଗା କଲେଜରେ ପଢ଼େ। ନିଜେ ଅସୁବିଧାରେ ପଡ଼ିଲେ ମଧ୍ୟ ଅନ୍ୟମାନଙ୍କୁ ସାହାଯ୍ୟର ହାତ ବଢ଼ାଇବାକୁ ପଛାଏ ନାହିଁ। ହେଲେ କଲେଜରେ ପଢ଼ିବା ସମୟରେ ତାକୁ ନିଜର ପ୍ରେମ ଜାଲରେ ବାନ୍ଧି ଦେଇଛି ରାଗିଣୀ ନାମ୍ନୀ ସୁନ୍ଦରୀ ଝିଅଟିଏ। ହେଲେ ଲଭ୍ ଚକ୍କରରେ ପଡ଼ିବାକୁ ଚାହେଁନା ଜଗା। ତେବେ ଜଗାକୁ ନେଇ ରାଗିଣୀ ଯେଉଁ ସ୍ୱପ୍ନ ଦେଖିଛି ତାହା ସଫଳ ହେଉଛି ତ ? ପ୍ରଥମେ ପ୍ରେମ ବିଷୟରେ କିଛି ଜାଣି ନ ଥିବା ଜଗା ରାଗିଣୀକୁ ପ୍ରେମିକା ଭାବରେ ଗ୍ରହଣ କରୁଛି ତ ? ଏପରି ପ୍ରଶ୍ନର ଉତ୍ତର ରହିଛି ନିର୍ମାଣାଧୀନ ଓଡ଼ିଆ ସିନେମା 'ଅଟୋଗ୍ରାଫ-ଏ ସାଇନ୍ ଅଫ ଲଭ୍'। ତେବେ ଏଭଳି ପ୍ରେମ କାହାଣୀରେ ଅଟୋଗ୍ରାଫ୍‌ର ଭୂମିକା କ'ଣ ତାହା ସିନେମାଟି ଦେଖିଲେ ହିଁ ଜାଣିପାରିବେ। ଏ.ଆର. ରହମନ ଏବଂ ପ୍ରସନ୍ନ ଦ୍ୱିବେଦୀଙ୍କ ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନା ଦେଉଛନ୍ତି ରମେଶ ରାଉତ। ଖାସ୍ କଥା ହେଲା, ଦୀପକଙ୍କ ଅପୋଜିଟ୍‌ରେ ଏଥିରେ ସ୍କ୍ରିନ୍ ଶେୟାର କରିଛନ୍ତି ମଡେଲିଂରୁ ବଡ଼ ପରଦାରେ ପାଦ ରଖିବାକୁ ଯାଉଥିବା ନବାଗତା ସ୍ୱାତୀ। ଦୀପକ-ସ୍ୱାତୀ ଯୋଡ଼ି ବ୍ୟତୀତ ପିଣ୍ଟୁ ନନ୍ଦ, ପ୍ରତିଭା ପଣ୍ଡା, ଜୀବନ ପଣ୍ଡା, ପ୍ରଦ୍ୟୁମ୍ନ ଲେଙ୍କା, ପୃଥ୍ୱୀରାଜ ନାୟକ, ଅଶୋକ ଦାସ, ଗୁଞ୍ଜୁ, ଶକ୍ତି ବରାଳ ପ୍ରମୁଖ କଳାକାର।

ଅତୀତର ବହି

# ପ୍ରଥମ ଓଡ଼ିଆ ଆଲୋଚନାଗ୍ରନ୍ଥ 'ଦୋଷ-ଦର୍ଶନ'


ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ

ଦାମୋଦର ମିଶ୍ର (୧୮୭୧-୧୯୪୦)ଙ୍କ ରଚିତ 'ଦୋଷ-ଦର୍ଶନ' ପୁସ୍ତିକାଟି ୧୮୯୫ରେ ବାମଣ୍ଡା ସୁଢଳ ପ୍ରେସ୍‌ରେ ମୁଦ୍ରିତ ଓ ପ୍ରକାଶିତ। ଦାମୋଦର ମିଶ୍ର ବାଙ୍କୀ ବୈଦ୍ୟେଶ୍ୱରର ବ୍ରଜବିହାରୀପୁର ଶାସନରେ ଜନ୍ମଗ୍ରହଣ କରିଥିଲେ ଏବଂ ବାମଣ୍ଡାଠାରେ ଶିକ୍ଷାପ୍ରାପ୍ତ ଓ ଶିକ୍ଷକ ଭାବରେ ନିଯୁକ୍ତ। ଅଗ୍ରଜ ନୀଳମଣି ବିଦ୍ୟାରତ୍ନଙ୍କ ଦ୍ୱାରା ଅନୁପ୍ରାଣିତ ଦାମୋଦରଙ୍କ ସୃଷ୍ଟି ଊନବିଂଶ ଶତକର ଶେଷ ପର୍ଯ୍ୟାୟର ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଥିଲା। ପ୍ରଧାନପାଟ, ଅଂଶୁପା, ଦୁର୍ଗାବତୀ, ପଦ୍ମାବତୀ, ସରଳା, ମାତା, ଆର୍ଯ୍ୟ ମହିଳା ସୁମିତ୍ରା, ଚୌହାଣ କୀର୍ତ୍ତି ଦର୍ପଣ, କମଳା, କମଳ ସୁନ୍ଦରୀ ପ୍ରଭୃତି କାବ୍ୟ ପୁସ୍ତକ ସହ 'ଲିପି ପ୍ରଣାଳୀ' ଓ 'ଦୋଷ-ଦର୍ଶନ' ତାଙ୍କର ଦୁଇଟି ଅନବଦ୍ୟ ଗଦ୍ୟ ସୃଷ୍ଟି, ଯାହା ବହୁ ବର୍ଷରୁ ଦୁଷ୍ପ୍ରାପ୍ୟ।

ଗୋଟିଏ ପୁସ୍ତକ ଅନ୍ତରାଳରେ ଏକ ଜାତିର ବିଶେଷ କ୍ଷଣର ପ୍ରମୂର୍ତ୍ତ ଘଟଣାବଳୀ ଜୀବନ୍ୟାସ ପାଏ। ଇନ୍ଦ୍ରଧନୁ ଓ ବିଜୁଳି ସାରସ୍ୱତ କଳହ (୧୮୯୩) ଥିଲା ରାଜନୈତିକ ଅଧିକାର ଓ ଅସ୍ମିତାରୁ ବଞ୍ଚିତ ଊନବିଂଶ ଶତକର ଓଡ଼ିଆ ବୁଦ୍ଧିଜୀବୀଙ୍କ ଆତ୍ମପ୍ରତିଷ୍ଠାର ଅବଲମ୍ବନ ଓ ସାଂସ୍କୃତିକ କ୍ଷେତ୍ରରେ କର୍ତ୍ତୃତ୍ୱ ବିସ୍ତାରର ଦୁର୍ବହ ପରିଣତି। ଓଡ଼ିଆ ସାହିତ୍ୟିକ-ସାଂସ୍କୃତିକ କଳହର କେନ୍ଦ୍ର ପୁରୁଷ ଥିଲେ ରାଧାନାଥ ଓ ଭଞ୍ଜଙ୍କ ପରି ସାରସ୍ୱତ ଯୁଗପୁରୁଷ ଏବଂ ସୁଢ଼ଳଦେବ ଓ ରାମଚନ୍ଦ୍ରଙ୍କ ପରି ରାଜପୁରୁଷ। ପ୍ରାଚୀନ ଓ ଆଧୁନିକ ସାହିତ୍ୟର ମହାନତା ପ୍ରତିଷ୍ଠା ହିଁ ଏହି କଳହର ଆଭିମୁଖ୍ୟ। ଏମିତି ଏକ ପୃଷ୍ଠଭୂମିରେ ପରିକଳ୍ପିତ 'ଦୋଷ-ଦର୍ଶନ' ପୁସ୍ତକରେ ଭଞ୍ଜ


ଦାମୋଦର ମିଶ୍ର

ସାହିତ୍ୟର ଦୋଷାଂଶ ହିଁ ପ୍ରତିପାଦିତ-

ଉପେନ୍ଦ୍ର ଭଞ୍ଜଙ୍କ ପ୍ରଣୀତ କାବ୍ୟନିଚୟ ବିବିଧ ଦୋଷାଶ୍ରିତ ଥିବାରୁ ତହିଁର ବ୍ୟବହାର ବିଷୟରେ




ବିଶେଷ ସତର୍କତା ଅବଲମ୍ବନ କରିବା ଏବଂ ତଦନୁକରଣରେ କବିତା ନ କରିବା ବିଷୟରେ 'ବିଜୁଳି' ପତ୍ରିକାରେ ବିଶେଷ ଆଲୋଚନା ହୋଇଯାଇଛି। 'ବିଜୁଳି' ପ୍ରକାଶିତ ଭଞ୍ଜୀୟ କାବ୍ୟର ଦୋଷାଂଶ ସଂଗ୍ରହ କରି ଏବଂ ନୂତନ କେତେକ ଦୋଷ ଯୋଗକରି ମୁଁ ଏହି 'ଦୋଷ-ଦର୍ଶନ' ପ୍ରକାଶ କଲି। ବିଜ୍ଞ ପାଠକମାନେ ଏହି ରୀତିରେ ଭଞ୍ଜୀୟ କାବ୍ୟ ସମାଲୋଚନା କଲେ ତହିଁର ପ୍ରକୃତ ପରିଚୟ ପାଇପାରିବେ।

(ଭୂମିକା) 'ଦୋଷ-ଦର୍ଶନ'ରେ ଅସଙ୍ଗତ ବର୍ଣ୍ଣନ, ଅସମର୍ଥ କଥନ, ରୂପକାଦି ଅଳଙ୍କାରରେ ଅସଙ୍ଗତ, କୁତ୍ସିତ ବର୍ଣ୍ଣନ, ଅଶ୍ଳୀଳ ବର୍ଣ୍ଣନ, ନିରର୍ଥକ କଥନ, ନିକୃଷ୍ଟ ବର୍ଣ୍ଣନ ପ୍ରଭୃତି ଦୋଷ ଭଞ୍ଜ କାବ୍ୟରୁ ଦୃଷ୍ଟାନ୍ତ ସହ ଆଲୋଚିତ ହୋଇଛି। ଦାମୋଦରଙ୍କ ଆଲୋଚନାର ଗଭୀରତାକୁ ପରଖିବା ପାଇଁ ଅସଙ୍ଗତ ବର୍ଣ୍ଣନର କିଛି ଅଂଶ ଉଦ୍ଧୃତ ହେଲା।

ସେ କମ୍ବୁ କଟକ ରାଜା ନାମ ଜଗନ୍ନାଥ।
ଚାରିବର୍ଣ୍ଣେ ଚଉବର୍ଗ ଦେବାକୁ ସମର୍ଥ ଯେ ॥
ଭକ୍ତିଦେବା ଗୁପ୍ତ ହୋଇଅଛି ଯୁକ୍ତାକ୍ଷରେ।
ବୈଷ୍ଣବ ବିହୀନେ କେବା ଜାଣିବ ସଂସାରେ॥
(କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ: ୧ମ ଛାନ୍ଦ, ୧୨/୧୩ପଦ)

x x x 'ଜ' 'ଗ' ଠାରେ କେଉଁ ଦାତୃତ୍ୱ, ନା ଅର୍ଥ ପାଟବ ଅଛି ଯେ ଚଉବର୍ଗ ଦେବାକୁ ସମର୍ଥ ହେବ? ଯଦ୍ୟପି ଚାରିବର୍ଣ୍ଣ ବିଶିଷ୍ଟ ପଦ ଜଗନ୍ନାଥ 'ଚଉବର୍ଗ' ଦେବାକୁ ସମର୍ଥ ବୋଲ, ତେବେ ଅଚ୍ୟୁତ, ଗୋବିନ୍ଦ ପ୍ରଭୃତିରେ ଚତୁର୍ବର୍ଗ ନ ଥିବାର ପ୍ରତିପନ୍ନ ହେଲା। ଅଥବା ଚାରିବର୍ଣ୍ଣ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ରରେ ଚଉବର୍ଗଦାତା ବୋଲି ଯଦି କହ ତାହାହେଲେ ଶଙ୍କରମାନଙ୍କର ଗତି କଅଣ? ପୁଣି ଭକ୍ତି ଦେବାଟା ଯୁକ୍ତାକ୍ଷରରେ ଗୁପ୍ତ ହୋଇଅଛି 'ଭକ୍ତିଦେବା' ଜଗତ ପଦବାଚ୍ୟା ରାଧା 'ନା'ରେ ଗୁପ୍ତ ହୋଇଅଛି। ଏହି ଅଭିପ୍ରାୟ କିପରି ସଙ୍ଗତ ହେଲା? (ପୃ:୨-୩)

'ଦୋଷ-ଦର୍ଶନ' ପ୍ରକାଶନର ଚାରିବର୍ଷ ପରେ ପ୍ରଦର୍ଶିତ ଦୋଷ ସମୂହକୁ ଗୁଣ ରୂପରେ ପ୍ରତିପାଦନ କରି ପଣ୍ଡିତ ବୁଦ୍ଧିନାଥ କାବ୍ୟତୀର୍ଥ ଶର୍ମା 'ଗୁଣାଦର୍ଶ' ନାମକ ପୁସ୍ତକ ମୟୂରଭଞ୍ଜ ଷ୍ଟେଟ୍ ପ୍ରେସ୍‌ରେ ୧୯୦୦ରେ ପ୍ରକାଶ କରନ୍ତି। 'ଗୁଣାଦର୍ଶ'ର ଏକ ଯୁକ୍ତିପୂର୍ଣ୍ଣ ସମାଲୋଚନା 'ଗୁଣାଦର୍ଶ'ର ସମାଲୋଚନା ଶୀର୍ଷକରେ ସମ୍ବଲପୁର ହିତୈଷିଣୀରେ (୧୯୦୧) ଧାରାବାହିକ ପ୍ରକାଶ କରନ୍ତି ଦାମୋଦର ମିଶ୍ର। ଭଞ୍ଜ ସାହିତ୍ୟର ଭିତ୍ତି ପ୍ରତିଷ୍ଠା ଦିଗରେ 'ଦୋଷ-ଦର୍ଶନ' ଏକ କ୍ରାନ୍ତିକାରୀ ପ୍ରଚେଷ୍ଟା।

ଓଡ଼ିଆ ସାହିତ୍ୟରେ ପାଠ୍ୟପୁସ୍ତକରେ ପ୍ରକାଶିତ ଆଲୋଚନା ଓ ଟୀକାକୁ ଛାଡ଼ିଦେଲେ 'ଦୋଷ-ଦର୍ଶନ' ହିଁ ପ୍ରଥମ ବିଧିବଦ୍ଧ ଆଲୋଚନା ପୁସ୍ତକ।

ମୋ: ୯୪୩୭୨୫୬୧୭୬

କବିତା

## ଆନାବେଲ ଲି'

**ମୂଳ ଇଂରାଜୀ: ଏଡଗାର ଆଲାନ ପୋ**
**ଅନୁବାଦ: ସତ୍ୟ ପଟ୍ଟନାୟକ**


ଏଡଗାର ଆଲାନ ପୋ

(ଏଡଗାର ଆଲାନ ପୋ'ଙ୍କ ବହୁଚର୍ଚ୍ଚିତ କବିତା 'ଆନାବେଲ ଲି' ଲେଖାଯାଇଥିଲା ୧୮୪୯ରେ ଓ ତାଙ୍କ ମୃତ୍ୟୁର ଦୁଇଦିନ ପରେ, ଅକ୍ଟୋବର ୯, ୧୮୪୯ରେ ଦୁଇଟି ଖବରକାଗଜ 'ରିଚମଣ୍ଡ ଏଗଜାମିନର' ଓ 'ନ୍ୟୁୟର୍କ ଟ୍ରିବ୍ୟୁନ'ରେ ପ୍ରକାଶିତ ହୋଇଥିଲା। ତା' ପରେ କବିତାଟି ସଂକଳିତ ହୋଇଥିଲା ୧୮୫୦ରେ 'ଦି ୱର୍କସ୍ ଅଫ୍ ଦି ଲେଟ୍ ଏଡଗାର ଆଲାନ ପୋ'ରେ। ତା' ପରଠୁ ଏହି କବିତାଟି ଆଲାନ ପୋ'ଙ୍କ ବହୁଚର୍ଚ୍ଚିତ କବିତା ରୂପେ ଲୋକପ୍ରିୟ ହେଲା।

ଅନେକ ଅନେକ ବର୍ଷ ତଳେ
ସମୁଦ୍ର କୂଳର ଏକ ରାଜ୍ୟରେ
ହୁଏତ ତୁମେ ଜାଣିଥିବ,
ରହୁଥିଲା ସେଠି କିଶୋରୀଟିଏ
ନାଁ ତା'ର ଆନାବେଲ ଲି',
ଦିନ କାଟୁଥିଲା ଝିଅଟି /
କେବଳ ଏଇ ଖିଆଲରେ
ଖାଲି ମୋତେ ପାଉଥିବ ଭଲ ଓ
ଜିଉଥିବ ମୋ'ରି ପ୍ରେମରେ।

ସେ ଥିଲା କିଶୋରୀ ଆଉ ମୁଁ ଥିଲି କିଶୋର
ସମୁଦ୍ର କୂଳର ସେଇ ରାଇଜରେ
କିନ୍ତୁ ଆମର ପ୍ରେମ ଥିଲା ପ୍ରେମଠୁ ଅଧିକ
ମୁଁ ଏବଂ ମୋର ଆନାବେଲ ଲି',
ଆମର ପ୍ରେମକୁ ଦେଖି ସ୍ୱର୍ଗରେ ଥିବା
ଡେଣାଲଗା ପରୀମାନେ/
ଜଳିଲେ ଈର୍ଷାରେ।

ଏବଂ ତାହାହିଁ କାରଣ ଥିଲା, ଅନେକ ବର୍ଷ ତଳେ
ସମୁଦ୍ର କୂଳର ସେଇ ରାଇଜରେ
ବାଦଲ ଭିତରୁ ବହିଆସିଲା ଦଲକାଏ
ହେମାଳ ପବନ
ଦିନେ ରାତିରେ, ଥରେଇ ଦେଲା ମୋର
ଆନାବେଲ ଲି'କୁ
ତା' ପରେ ଆସିଲେ ତା'ର
ପ୍ରତିଷ୍ଠିତ ସମ୍ପର୍କୀୟମାନେ
ଓ ତାକୁ ଛଡ଼ାଇ ନେଲେ ମୋ' ନିକଟରୁ,
ଏବଂ ଚିରକାଳ ଚୁପ୍ କରିଦେଲେ ଗୋଟିଏ
କବର ଭିତରେ,
ସମୁଦ୍ର କୂଳର ସେଇ ରାଇଜରେ।

ସ୍ୱର୍ଗରେ ଆମପରି ଖୁସି ନ ଥିଲେ
ସେ ଡେଣାଲଗା ପରୀମାନେ,
ଆମର ପ୍ରେମକୁ ଦେଖି ଜଳୁଥିଲେ ଈର୍ଷାରେ
ହଁ! ତାହାହିଁ କାରଣ ଥିଲା
(ସମସ୍ତ ପୁରୁଷ ଜାଣନ୍ତି ଏ କଥା,
ସମୁଦ୍ର କୂଳର ସେଇ ରାଇଜରେ)
ଯେ ଥରେଇ ଦେଲା ଓ ହତ୍ୟାକଲା ମୋ'
ଆନାବେଲ ଲି'କୁ
ବାଦଲରୁ ଆସିଥିଲା ଯେଉଁ ହେମାଳ /
ପବନ ସେଦିନ ରାତିରେ।

କିନ୍ତୁ ଆମର ପ୍ରେମ, ଦୃଢ଼ ଥିଲା ସେମାନଙ୍କ
ପ୍ରେମଠାରୁ,
ଯେଉଁମାନେ ଆମଠୁ ବୟସ୍କ ଥିଲେ,
ଯେଉଁମାନେ ଆମଠୁ ଜ୍ଞାନୀଥିଲେ।
ଏବଂ ସ୍ୱର୍ଗରେ ଥିବା ପରୀମାନେ
ପାତାଳରେ ଥିବା ରାକ୍ଷସମାନେ
ପାରିଲେନି ଅଲଗା କରି ଆତ୍ମାକୁ ମୋର
ରୂପସୀ ଆନାବେଲର ଆତ୍ମାଠୁ।

ଏବେ ଜହ୍ନର କିରଣ କେବେ ବି ଆସେନା
ମୋ' ପାଇଁ ନ ଆଣି ଆନାବେଲର ସ୍ୱପ୍ନ;
ଏବଂ ତାରାମାନେ ନ ଆସିଲେ /
ବି ମୁଁ ଦେଖିପାରେ
ସୁନ୍ଦରୀ ଆନାବେଲର ଆଖିର ଚମକ;
ଏବଂ ସେଥିପାଇଁ, ସାରାରାତି /
ମୁଁ ଶୋଇ ରହେ ତା' ପାଖରେ
ମୋର ପ୍ରେୟସୀ, ମୋର ପ୍ରାଣପ୍ରିୟା
ଏବଂ ମୋର ବଧୂ
ଯେ ଶୋଇରହିଥାଏ ତା'ର କବର ଭିତରେ,
ସମୁଦ୍ର କୂଳରେ।

ମୋ: +୧୬୧୪୬୦୨୭୦୨୧

## କାଳ କାଳକୁ



"ବହି ହେଉଛି ତାହା,
ଯହିଁରେ ଥାଏ
ଇଞ୍ଚିଟିଏ ବି ନ ଘୁଞ୍ଚି
ପରିଭ୍ରମଣର
ଫାଇଦା..."
-ଝୁମ୍ପା ଲାହିଡ଼ି

**ଝୁମ୍ପା ଲାହିଡ଼ି** ତାଙ୍କ ଉପନ୍ୟାସ "ଦ' ନେମସେକ୍", "ଇଣ୍ଟରପ୍ରିଟର୍ ଅଫ୍ ମାଲାଡ଼ିଜ୍" ଓ "ଦ' ଲୋ ଲାଣ୍ଡ୍" ପାଇଁ ପ୍ରସିଦ୍ଧ। 'ହେମିଙ୍ଗୱେ ଆୱାର୍ଡ' ଓ 'ପୁଲିଜର୍ ପୁରସ୍କାର' ବିଜୟିନୀ ଭାରତୀୟ ମୂଳ ଏହି ଲେଖିକାଙ୍କ ଜନ୍ମ ୧୧ ଜୁଲାଇ ୧୯୬୭ରେ, ଲଣ୍ଡନରେ।

# କିଛି ବ୍ୟଥା, କିଛି କଥା

ଗଳ୍ପ

ଝରଣା ପଟ୍ଟନାୟକ

କପାଳରୁ ଝାଳ ପୋଛି ଦେଇ ମାସ୍କଟାକୁ ମୁହଁରୁ ଖୋଲିଦେଲେ ସିପ୍ରା ମାଡାମ୍। ଦରୱାନ୍ ସ୍କୁଲ୍‌ଗେଟ୍ ପାଖେ ଛିଡ଼ା ହୋଇଥିଲା। କହିଲେ-ଖୋଲୁନ କାହିଁକି? ଆଜି ପରା ଦଶମଶ୍ରେଣୀ ପିଲାଙ୍କର ଅନ୍‌ଲାଇନ୍ ପାଠପଢ଼ା ଆରମ୍ଭ! ପିଲାମାନେ ଏବେ କମ୍ପ୍ୟୁଟର, ଲାପ୍‌ଟପ୍, ସ୍ମାର୍ଟ ମୋବାଇଲ୍ ଧରି ପାଠପଢ଼ିବେ! 'କ'ଣ ବୁଝିବେ' କହିଦେଇ ନିଜକୁ ସମ୍ଭାଳି ନେଲେ ମାଡାମ୍।

ଓହୋଃ! କରୋନା ମହାମାରୀ ଯୋଗୁଁ ସ୍କୁଲକୁ ପିଲା ଆସୁନାହାନ୍ତି। ଏତିକି କହିଦେଇ ଗେଟ୍ ଖୋଲିଦେଲା ନିଧି ସିକ୍ୟୁରିଟି। ପରେ ପରେ ହାତପାପୁଲି ପୋଛି ପକେଇଲା ସାନିଟାଇଜର୍‌ରେ।

ସ୍କୁଲ ହତା ଭିତରେ ପଶିଲା ବେଳେ ସିପ୍ରା ମାଡାମ୍‌ଙ୍କ ଆଖି ପଡ଼ିଲା ରାଜୀବ ଉପରେ। ଆଖି ଦୁଇଟି ଲୁହ ଡବଡବ। କଥା କହିବାକୁ ବ୍ୟଗ୍ର ହେଉଥିବା ଓଠ ତାର ଥରୁଥିଲା। ଆଖିଡୋଳାରେ ଅଭିଯୋଗର ଝଲକ। ତା' ମୁହଁରେ ଭୟ ଆଉ ସଙ୍କୋଚର ଚିହ୍ନ ବାରି ହେଉଥିଲା।

ସିପ୍ରା ମାଡାମ୍‌ଙ୍କ ପାଖରେ ଯୋଡ଼ ହସ୍ତରେ ଠିଆ ହୋଇ ରହିଲା ରାଜୀବ।

ମାମ୍ ପଚାରିଲାରୁ କହିଲା-'ମତେ ଅନୁମତି ଦିଅନ୍ତୁ ମାମ୍। ମୁଁ କ୍ଲାସ୍‌ରୁମ୍ ବାରଣ୍ଡାରେ ବସି ଆପଣଙ୍କ ପଢ଼ାକୁ ଶୁଣିବି।'

ସ୍କୁଲ୍‌ରେ ସବୁଠୁଁ ମେଧାବୀ ଦଶମ ଶ୍ରେଣୀ ଛାତ୍ର ରାଜୀବର ଏ ପ୍ରକାର ଅନୁନୟ ବ୍ୟସ୍ତ କରି ପକେଇଲା ସିପ୍ରା ମାଡାମ୍‌ଙ୍କୁ। ଥମ୍ ହୋଇ ଛିଡ଼ା ହୋଇ ପଡ଼ିଲେ ସେ। କହିଲେ-କ'ଣ ହୋଇଛି ତୋର? ଘରେ ରହି ପଢ଼ିଲୁନି କାହିଁକି?' ରାଜବୀ ଉତ୍ତର ଦେଲା-'ସୁବିଧା ନାହିଁ।' ମାମ୍ ଅନୁଭବ କଲେ ପିଲାଟିର ସୁଖସ୍ୱପ୍ନ ଯେମିତି ତା' ଆଶାକୁ ଅନ୍ଧାରକୁ ଠେଲିଦେଇ ହତାଶାର ବଳୟ ଭିତରେ ଘୂରି ଚାଲିଛି। ସେ ଭିତରୁ ଫିଟିବାର ବାଟ ଖୋଜୁଛି ସେ।



ସିପ୍ରା ମାଡାମ୍ କ୍ଲାସ୍‌ରୁମ୍‌ରେ ପଶିଯାଇ ଚେୟାରରେ ବସୁବସୁ କହିଲେ- ଆମେ ସିନା ଅନ୍‌ଲାଇନ୍‌ରେ ପଢ଼େଇଯିବୁ। ପିଲା କ'ଣ ବୁଝୁଛନ୍ତି, ତାକୁ କିଏ ଜାଣିବ!

ରାଜୀବ ସଂଗେ ସଂଗେ କହିଲା- ମୁଁ ଧରିପାରିବି ପାଠ। ଆମ ପାଖରେ କୌଣସି ସହାୟକ ଯନ୍ତ୍ର ନାହିଁ।

ମାମ୍ କହିଲେ ତୋ' ବାପା କିଛି ବୁଝୁନାହାନ୍ତି?

ରାଜୀବ କହିଲା-'ମୋ' ବାପା ନାହାନ୍ତି। ବଡ଼ଭାଇ କଲିକତାରେ।

ତୋ' ମା'?-ପଚାରିଲେ ସିପ୍ରା ମାଡାମ୍।

ମୋ'ମା'ଆଜ୍ଞା! ଚୌଧୁରୀ ଏମ୍.ଏଲ୍.ଏ. ସାର୍‌ଙ୍କ ଘରେ ରୋଷେଇକରେ। ଆମ ଘରେ ସ୍ମାର୍ଟ ଫୋନ୍‌ଟେ ବି ନାହିଁ।

ସିପ୍ରା ମାଡାମ୍‌ଙ୍କ ମୁହଁରେ ଉତ୍ତର ନଥିଲା। ଲୁହସିକ୍ତ ଦୁଇ ଡୋଳା କହୁଥିଲା ସେ ଯେମିତି ଗୋଟେ ଖୋଳସରୁ ବାହାରି ଆସିଛନ୍ତି ଜୀବନକୁ ନୂଆ କରି ଦେଖିବା ପାଇଁ।

ମୋ:୯୪୩୭୫୪୪୦୪୫

## ପୁସ୍ତକ ପରିଚୟ

### ପାଗ ବଦଳିଛି

**ଲେଖକ:** ପବିତ୍ର ପାଣିଗ୍ରାହୀ
**ପ୍ରକାଶକ:** ଅଗ୍ରଦୂତ, ବାଙ୍କାବଜାର, କଟକ-୨
**ପ୍ରଥମ ପ୍ରକାଶ:**୨୦୧୯,**ମୂଲ୍ୟ:** ଟ. ୧୭୫/-




ମୋଟ ୧୭ଟି ଗଳ୍ପରେ ଜୀବନର ବହୁ ଅସାଧାରଣ ଓ ବୈଚିତ୍ର୍ୟପୂର୍ଣ୍ଣ ପ୍ରସଙ୍ଗକୁ ଗାଳ୍ପିକ ରୂପ ଦେଇଛନ୍ତି ବହିଟିରେ। ମଲାଟ-ଲେଖରେ ପ୍ରକାଶକ କହିଛନ୍ତି: 'ଏଥିରେ ମଣିଷ ଜୀବନର ସ୍ୱପ୍ନଭଙ୍ଗର କାହାଣୀ x x ପରିବର୍ତ୍ତିତ ପ୍ରେକ୍ଷାପଟରେ ବଦଳୁଥିବା ସମୟ, ମାନବିକ ସମ୍ପର୍କର କ୍ଷଣଭଙ୍ଗୁରତା ଓ ଜଗତୀକରଣ ପ୍ରଭାବରେ ଅବକ୍ଷୟମାଣ ମୂଲ୍ୟବୋଧର ସଙ୍କଟ x x ର ଚିତ୍ର ଚମତ୍କାର ଭାବେ ରୂପାୟିତ ହୋଇଛି।" 'ହିମାଳୟ', 'ବୋଉର ପଣତ', 'ପୁଅ', 'ମେଘର ଠିକଣା', 'ମିଛ ପରୀ' ଓ 'ପାଗ ବଦଳିଛି' ପ୍ରଭୃତି ଗଳ୍ପ ପାଠକଲେ ପାଠକ ସହଜରେ ଏଥିରୁ ଆଖି କାଢ଼ି ନେଇପାରେ ନାହିଁ। ବିଷୟ ତ ସବୁ ଗପରେ ଥାଏ, କିନ୍ତୁ ବିନ୍ୟାସ ଏକ ଗପକୁ ଅନ୍ୟ ଗପଠାରୁ ଅଲଗା କରି ଚିହ୍ନାଏ, ଯେଉଁ ଅଲଗାପଣ ପାଇଁ ବହିଟି ରାଜ୍ କରିବ ପାଠକଙ୍କ ହୃଦୟରେ ଢେର୍ ଦିନ।

### ବୁଢ଼ାବଳଙ୍ଗର ମାଝି

**ଲେଖକ:** ରଞ୍ଜନ ପ୍ରଧାନ
**ପ୍ରକାଶକ:** ପଶ୍ଚିମା ପବ୍ଲିକେସନ୍ସ, ନୟାପଲ୍ଲୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ. ୧୦୦/-

ଆଦ୍ୟଲେଖରେ ରଞ୍ଜନ ଲେଖିଛନ୍ତି- ଆଲୋଚ୍ୟ ଉପନ୍ୟାସଟି ହେଉଛି ତାଙ୍କ ଜୀବନର ପ୍ରଥମ ଉପନ୍ୟାସ ଏବଂ




ଏହାକୁ ଲେଖିବାରେ ପଥିକୃତ ହୋଇଛି ତାଙ୍କ ମୟୂରଭଞ୍ଜ ଓ ବାଲେଶ୍ୱର ଅନୁଭୂତି। ଶିମିଳିପାଳର ବିନ୍ଧିବାସା ଝରକୁ ପାହାଡ଼ି କନ୍ୟା ବିନ୍ଧିରେ ବଦଳାଇ ଦେଇ ଲେଖକ ଯେପରି ନିଜକୁ ଉପନ୍ୟାସର ଛାୟା-ନାୟକ କରି ଗଢ଼ିତୋଳିଛନ୍ତି, ତାହା ପାଠକଙ୍କୁ ବିସ୍ମିତ କରେ। ଭଲ ଉପନ୍ୟାସର ଧାଡ଼ିକିଆ ସଂଜ୍ଞାଟିଏ ଦେଇ ରଞ୍ଜନ କହନ୍ତି: "ଭଲ ଉପନ୍ୟାସ କଳା ଗାଉନ୍ ଭିତରୁ ଅଳ୍ପ ଦିଶୁଥିବା ବେଦୁଇନ୍ ମହିଳାଙ୍କ ଗୋପନୀୟ ପାଦ"। ବହିଟି ପଢ଼ିଲେ ଆହୁରି ଅନେକ କଥା ପାଇବେ ପାଠକେ, ଯାହା କହିଦେଲେ ଗୁମର ଫିଟିଯିବ।

# କିପରି ରୂପ ପାଏ କେଉଁ ଦୃଶ୍ୟ - କବି ଜାଣେ ନା

ସୃଜନ-ସ୍ମୃତି


ପ୍ରଭାତ ନଳିନୀ ମହାପାତ୍ର

କବି ମନରେ କେତେବେଳେ କେଉଁ ଭାବନା ଆସେ, ଆଉ ତାହା କିପରି ରୂପ ନିଏ, ବେଳେବେଳେ ନିଜେ କବି ମଧ୍ୟ ତାହା ଜାଣିପାରେନା। ଲାଗେ କୋଉ ଅଦୃଶ୍ୟ ଶକ୍ତି ଯେମିତି ତା' ହାତକୁ ଧରି ଲେଖେଇ ନେଉଛି। କବିତା ନିଜ ଅନୁଭବର ପ୍ରତିଲିପି। ଅନ୍ୟର ଦୁଃଖ, ଲୁହ, ବେଦନା କବିକୁ ଭାରାକ୍ରାନ୍ତ କରେ ଓ ତାହା ତା' କବିତାରେ ରୂପ ପାଏ।

ମୋର ଅନେକ କବିତାରେ ସେମିତି ଆଖିଦେଖା ଦୃଶ୍ୟ, ମଣିଷର ଦୁଃଖ, ଦୁର୍ଦ୍ଦଶା ପାଇଁ ସମବେଦନା ଓ ସମସାମୟିକ ସମସ୍ୟାର ଚିତ୍ର ପ୍ରକାଶିତ ହୋଇଛି। ମୋର 'ଯୋଦ୍ଧା' କବିତା ପଛରେ ଛୋଟ କାହାଣୀଟିଏ ରହିଛି, ଯାହାର ଛାପ ମୋ' ମନରେ ରହିଯାଇଥିଲା ଓ ପରବର୍ତ୍ତୀ ସମୟରେ କବିତା ଭାବରେ ରୂପ ପାଇଥିଲା।

ଘଟଣାଟି ଏମିତି। ମୁଁ ଭଦ୍ରକ ମହିଳା ମହାବିଦ୍ୟାଳୟରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଭାବେ ଅଧାପନା କରୁଥାଏ। ମୋର ଜଣେ ସହକର୍ମୀଙ୍କ ପୁଅ ବ୍ରହ୍ମପୁରର ଏକ ଘରୋଇ କଲେଜରେ ଇଞ୍ଜିନିୟରିଂ ପଢୁଥାଏ। ତାଙ୍କର ସେଇ ଗୋଟିଏ ବୋଲି ପୁଅ, ଆଉ ଝିଅଟିଏ। ସପ୍ତମ ସେମିଷ୍ଟର୍ ପରୀକ୍ଷା ଚାଲୁଥାଏ। ଆଉ ଗୋଟିଏ ସେମିଷ୍ଟର୍ ପରେ ଇଞ୍ଜିନିୟରିଂ ପାଠ ସରିଯିବ। ଶୀତଦିନ। ପରୀକ୍ଷା ସକାଳ ଆଠଟାରେ ଆରମ୍ଭ। ସକାଳ ସାତଟା ସୁଦ୍ଧା କଲେଜ ବସ୍ ଧରିବାକୁ ହୁଏ।

ସେଦିନ ପୁଅଟି ନିଜ ରହିଥିବା ଜାଗା ଷ୍ଟପେଜ୍‌ରେ ପହଞ୍ଚିଲା। ଦେଖିଲା ଭାରି ଭିଡ଼। ଯଦି ତା' ପୂର୍ବ ଷ୍ଟପେଜ୍‌କୁ ଯାଇପାରିବ ବସ୍‌ରେ ହୁଏତ ସିଟ୍‌ଟିଏ ପାଇପାରିବ ଓ ବହି ପଢ଼ିପଢ଼ି କଲେଜଯାଏଁ ଯାଇପାରିବ। ସେ ତେଣୁ ସେଇ ଷ୍ଟପେଜ୍‌କୁ ଗଲା। ବସ୍ ଆସିବା ମାତ୍ରେ, ବସ୍‌ଟି ଚାଲିବା ଅବସ୍ଥାରେ, ବସ୍‌ର ଦ୍ୱାର ପାଖ ହ୍ୟାଣ୍ଡେଲ୍ ଧରି ଉଠିଯିବାକୁ ଚେଷ୍ଟାକଲା। ପିଲାଟି ବାଉଁଆ, ଅର୍ଥାତ୍ ବାମହାତରେ ସବୁ କାମ କରେ। ତରତରରେ ଡାହାଣ ହାତରେ ହ୍ୟାଣ୍ଡେଲ୍‌ଟି ଧରିନେଇଛି। ହେଲ୍‌ପର ନାହିଁ କରୁକରୁ ସେ ଉଠିବାକୁ ଚେଷ୍ଟାକଲା ଓ ହାତ ଖସିଯିବାରୁ ତଳେ ପଡ଼ିଗଲା। ଚାଲୁ ଅବସ୍ଥାରେ ଥିବା ବସ୍‌ର ପଛ ଚକାଟି ତା' ମୁଣ୍ଡ ଉପରେ ଚଢ଼ିଗଲା ଓ ମୁଣ୍ଡଟି ପେଷି ହୋଇଗଲା। ବଡ଼ ଶୋଚନୀୟ ଭାବେ ପିଲାଟିର ମୃତ୍ୟୁ ଘଟିଲା।

ତା'ର ଶବ ଗୋଟିଏ କାଠ ବାକ୍ସରେ ଅଣାଗଲା ଭଦ୍ରକ ସହରକୁ। ତା' ମୁଣ୍ଡଟି ଛିନ୍‌ଭିନ୍ ହୋଇଯାଇଥିବାରୁ ମାଆକୁ ଦେଖିବାକୁ ଦିଆଗଲାନି। ବଡ଼ ବିକଳ ଭାବେ ସେ କାନ୍ଦୁଥା'ନ୍ତି। ଆମେ ଯୋଉମାନେ ସେଠାକୁ ଯାଇଥାଉ, ନିଜ ଲୁହ ରୋକି ପାରୁ ନ ଥାଉ। ବାପା ତ ପାଷାଣ ମୂର୍ତ୍ତି ଭଳି ହୋଇଥା'ନ୍ତି। ତାଙ୍କ ପାଟିରୁ କଥା ବାହାରୁ ନ ଥାଏ। ଗୋଟିଏ ବୋଲି ପୁଅ। ତା' ଦାରୁଣ ମୃତ୍ୟୁ କିଏ ବା ସହ୍ୟ କରିବ! ମୋ' ସହକର୍ମୀ ଦିନରାତି କାନ୍ଦିଲେ। ପୁଅର ପଢ଼ାବହି, ଜାମାପଟା, ଫଟୋ ଇତ୍ୟାଦି ଧରି। ସେସବୁ ତାଙ୍କ ଆଖିଆଗରୁ ହଟେଇ ଦିଆଗଲା। ସହକର୍ମୀ ଜଣକ ବହୁତ ଦିନ ଛୁଟିରେ ରହିଲେ। ତା'ପରେ କଲେଜରେ ଯୋଗଦେଲେ। ଆସ୍ତେଆସ୍ତେ ସେ ଦୁଃଖ ଭୁଲିବାକୁ ଲାଗିଲେ ଓ ସ୍ୱାଭାବିକ ହେଲେ।

ସେଇସବୁ ଦୃଶ୍ୟ ଦେଖି ମୋ' ମନରେ ଗୋଟିଏ ଭାବନା ଆସିଲାଯେ, କୌଣସି ଦୁଃଖ ଚିରସ୍ଥାୟୀ ନୁହେଁ। ଦୁଃଖର କ୍ଷତ ଯେତେ ଗଭୀର ହେଲେ ମଧ୍ୟ ମଣିଷ ନିଜର ଧୈର୍ଯ୍ୟ ଦ୍ୱାରା ସେ ସବୁକୁ ଅତିକ୍ରମ କରିପାରେ। ସମୟ ଯେତେ ବେଦନା ଦେଲେ ମଧ୍ୟ ଦୃଢ଼ ସାହସ ଦ୍ୱାରା ସେ ସବୁକିଛିକୁ ଅତିକ୍ରମ କରେ। ଜୀବନ ସହିତ ଯୁଝୁଥିବାରୁ ସେ ନିଶ୍ଚିତ ଭାବେ ଜଣେ ଯୋଦ୍ଧା।

ଏହିପରି ଏକ ଭାବନାରୁ ମୋର 'ଯୋଦ୍ଧା' କବିତାର ସୃଷ୍ଟି। ମୁଁ ଭାବେ ସବୁ କବିଙ୍କ ଭାଗ୍ୟରେ ଏହାହିଁ ଘଟୁଥିବ। କେତେବେଳେ କେଉଁ ଘଟଣା, କେଉଁ ଦୃଶ୍ୟ, କେଉଁ ଚରିତ୍ର ତା' ମନରେ ରେଖାପାତ କରିଥାଏ, ଆଉ କିପରି ତାହା ରୂପ ପାଏ, ଜାଣିବା ସମ୍ଭବ ନୁହେଁ, ନିଜେ କବି ବି ତାହା ଜାଣେନା।

ଦୁଃଖର କ୍ଷତ ଯେତେ ଗଭୀର ହେଲେ ମଧ୍ୟ ମଣିଷ ନିଜର ଧୈର୍ଯ୍ୟ ଦ୍ୱାରା ସେ ସବୁକୁ ଅତିକ୍ରମ କରିପାରେ। ସମୟ ଯେତେ ବେଦନା ଦେଲେ ମଧ୍ୟ ଦୃଢ଼ ସାହସ ଦ୍ୱାରା ସେ ସବୁକିଛିକୁ ଅତିକ୍ରମ କରେ। ଜୀବନ ସହିତ ଯୁଝୁଥିବାରୁ ସେ ନିଶ୍ଚିତ ଭାବେ ଜଣେ ଯୋଦ୍ଧା।

ମୋ:୯୪୩୭୧୯୩୯୪୦

## ସଂକ୍ଷେପରେ

### ମହାପ୍ରଭୁଙ୍କ ପାଇଁ ଗଛଟିଏ

**ପୁରୀ ଅଫିସ,୧୭:** ପ୍ରତିବର୍ଷ ଭଳି ଚଳିତବର୍ଷ ଶରଧାବାଲିର ପବିତ୍ର ମାଟିରେ ମହାପ୍ରଭୁଙ୍କ ସ୍ୱାଗତ ପାଇଁ ସାହିଭାଇ ଅନୁଷ୍ଠାନ ତରଫରୁ ମଙ୍ଗଳବାର ତୁଳସୀ ଚାରା ରୋପଣ କରାଯାଇଛି। ଦାରୁଦିଅଁଙ୍କ ଉଦ୍ଦେଶ୍ୟରେ ଗଛଟିଏ ଲଗାଇ ତା'ର ଯତ୍ନ ନେବା ପାଇଁ ଅନୁଷ୍ଠାନ ପକ୍ଷରୁ ମହାପ୍ରଭୁଙ୍କ ପାଇଁ ଗଛଟିଏ ଲାଗି ନିବେଦନ କରାଯାଇଛି। ଘୋଷଯାତ୍ରା ପୂର୍ବରୁ ଆରମ୍ଭ ହୋଇଥିବା ଏହି ତୁଳସୀ ରୋପଣ କାର୍ଯ୍ୟକ୍ରମକୁ ଚଳିତବର୍ଷ କରୋନା କଟକଣା ପାଇଁ ଅନୁଷ୍ଠାନର ଅନୁରୋଧକ୍ରମେ ମହାପ୍ରଭୁଙ୍କ ସମସ୍ତ ସେବାୟତ ଏହାକୁ ପୂର୍ଣ୍ଣାଙ୍ଗ ରୂପ ଦେଇଛନ୍ତି। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଲୋକନାଥ ସୁଆର, ସୁରେଶ କର, ଜୟକୃଷ୍ଣ ମହାପାତ୍ର ଏହାକୁ ସମ୍ପାଦନ କରିଥିଲେ।

### ୧୫ ବର୍ଷ ଧରି ହୋଇନି କ୍ରୀଡ଼ା ସଂସଦ ନିର୍ବାଚନ

**ପୁରୀ ଅଫିସ,୧୭:** ପୁରୀ ଜିଲା କ୍ରୀଡ଼ା ସଂସଦ ନିର୍ବାଚନ ଗତ ୧୫ ବର୍ଷ ହେବ ହୋଇନାହିଁ। ସେହିପରି ସାଧାରଣ ପରିଷଦ ବୈଠକ ମଧ ବସୁ ନାହିଁ। ତେଣୁ ସଂସଦର ନିର୍ବାଚନ କରିବା ଲାଗି ମଙ୍ଗଳବାର ଜିଲାପାଳ ବଲୱନ୍ତ ସିଂଙ୍କୁ ଭେଟି ଅନୁରୋଧ କରିଛନ୍ତି କ୍ରୀଡ଼ା ସଂସଦର ବକ୍ସିଂ ସମ୍ପାଦକ ସବ୍ୟସାଚୀ ରଥ। ଏ ନେଇ ସେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ସେ ଦର୍ଶାଇଛନ୍ତି ଯେ, ଯଦି ଏ ନେଇ ଖୁବଶୀଘ୍ର କିଛି ପଦକ୍ଷେପ ନିଆ ନ ଯାଏ ତେବେ ଆସନ୍ତା ୭ ତାରିଖରୁ ସେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆମରଣ ଅନଶନରେ ବସିବେ।

### ମଉଦା ପଞ୍ଚାୟତ ୪୮ ଘଣ୍ଟା ଶଟ୍‌ଡାଉନ

ମାହାଙ୍ଗା,୧୭(ସ୍ୱ.ପ୍ର.)- ମାହାଙ୍ଗା ବ୍ଲକ ମଉଦା ପଞ୍ଚାୟତ ଅନ୍ତର୍ଗତ ତ୍ରିବେଣୀଶ୍ୱର ବଜାରର ଜଣେ ବ୍ୟବସାୟୀ କରୋନା ଆକ୍ରାନ୍ତ ଥିବା ଜଣାପଡିଛି। ଏହାପରେ ସରପଞ୍ଚ ଧୃରେନ୍ଦ୍ର ନାଥ ସେଠୀଙ୍କ ପକ୍ଷରୁ ପଞ୍ଚାୟତକୁ ୪୮ ଘଣ୍ଟା ପାଇଁ ଶଟ୍‌ଡାଉନ ଘୋଷଣା କରାଯାଇଛି। ଏହି ଆଇନ୍ ଗୁରୁବାର ଓ ଶୁକ୍ରବାର ୨ ଦିନ ପାଇଁ କାର୍ଯ୍ୟକାରୀ ହେବ ବୋଲି ସେ କହିଛନ୍ତି। ଆକାନ୍ତ ବ୍ୟବସାୟୀଙ୍କ ବଜାରରେ ଏକ ମୋବାଇଲ୍ ଦୋକାନ ଥିବାରୁ ତାଙ୍କ ସଂସ୍ପର୍ଶରେ ବହୁ ବ୍ୟକ୍ତି ଆସିଛନ୍ତି। ଏନେଇ ପଞ୍ଚାୟତକୁ ଶଟ୍‌ଡାଉନ୍ ଘୋଷଣା କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି।

### ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ବାଲିଅନ୍ତା,୧୭(ଡି.ଏନ୍.ଏ):** ବାଲିଅନ୍ତାସ୍ଥିତ ଜବାହରଲାଲ ନେହେରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଯତୀନ୍ଦ୍ର କୁମାର ସ୍ୱାଇଁଙ୍କ ବୁଧବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କରୋନା କଟକଣାକୁ ମାନି ନିରାଡ଼ମ୍ବରରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଧୀରେନ କର, ଶିକ୍ଷାବିତ ଅକ୍ଷୟ ଛୋଟରାୟ, କୈଳାସ ଚନ୍ଦ୍ର ପାତ୍ର, ଡ.ଧରଣୀଧର ସ୍ୱାଇଁ, ପ୍ରଶାନ୍ତ ଦାସ ପ୍ରମୁଖ ଯୋଗଦେଇ ଅବସାରପ୍ରାପ୍ତ ଅଧକ୍ଷ ସ୍ୱାଇଁଙ୍କ ୨୫ବର୍ଷ ଅଧ୍ୟୟନା ଜୀବନୀ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କ ବିଦାୟୀ ଅଧକ୍ଷଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାକୁ ପୀତାମ୍ବର ପାତ୍ର ଓ ନିହାର ପଟ୍ଟନାୟକ ପରିଚାଳନା କରିଥିଲେ।

# ସେବକଙ୍କ ଅନୁରୋଧ ରଖିଥିଲେ କପିଳେନ୍ଦ୍ରଦେବ

**ପୁରୀ ଅଫିସ,୧୭**

**ରଥ ଉପରେ ସୁନାବେଶ**

ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ମାନବୀୟ ଲୀଳା ଭଳି ରାଜକୀୟ ଲୀଳା ମଧ୍ୟ ଅନୁଷ୍ଠିତ ହେଉଛି। ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ହେଉଛନ୍ତି ରାଜାଧିରାଜ। ତାଙ୍କର କେତେକ ରୀତି, ନୀତି, ବେଶ ଓ ଭୋଗ ଇତ୍ୟାଦିରେ ରାଜକୀୟ ଠାଣି ପରିଲକ୍ଷିତ ହୋଇଥାଏ। ରାଜାଧିରାଜ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ସୁନାବେଶ ବା ରାଜବେଶ ବର୍ଷକୁ ପାଞ୍ଚଥର ଅନୁଷ୍ଠିତ ହୋଇଥାଏ। ଆଶ୍ୱିନ ଶୁକ୍ଳ ଦଶମୀ (ଦଶହରା), କାର୍ତ୍ତିକ ପୂର୍ଣ୍ଣିମା, ପୌଷ ପୂର୍ଣ୍ଣିମା ଓ ଦୋଳ ପୂର୍ଣ୍ଣିମା ଏହି ଚାରିଥର ଶ୍ରୀମନ୍ଦିର ରତ୍ନସିଂହାସନ ଉପରେ ଏବଂ ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ସିଂହଦ୍ୱାର ସମ୍ମୁଖରେ ଥିବା ରଥ ଉପରେ ସୁନାବେଶ କରାଯାଇଥାଏ। ଏ ସମ୍ପର୍କରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ଏହି ଲାବଣ୍ୟମୟ ସୁବର୍ଣ୍ଣ ବେଶ କେବେଠାରୁ ଆରମ୍ଭ ହେଲା ଠିକ୍ ଭାବେ କହିବା କଷ୍ଟକର। ଏ ସମ୍ପର୍କରେ ସ୍କନ୍ଦ ପୁରାଣ କିମ୍ବା ନୀଳାଦ୍ରି ମହୋଦୟ ଭଳି ଗ୍ରନ୍ଥମାନଙ୍କରେ କିଛି ଉଲ୍ଲେଖ ନାହିଁ। ତେବେ ମହାପ୍ରଭୁଙ୍କ ଏହି ଦିବ୍ୟ ବେଶକୁ ସର୍ବଧର୍ମ, ସର୍ବ ମତବାଦର ଜନସାଧାରଣ ଓ ଭକ୍ତଗଣ ଆନନ୍ଦରେ ଦର୍ଶନ କରିଥାନ୍ତି। ସେଥିପାଇଁ ଏହିଦିନ ରଥଯାତ୍ରା ଭଳି ଶ୍ରୀକ୍ଷେତ୍ରରେ ଗହଳି ଲାଗିଥାଏ। କିନ୍ତୁ ଏଥର ମହାମାରୀ କରୋନା ପାଇଁ ଭକ୍ତଙ୍କୁ ଏହି ଦର୍ଶନ ସୁଯୋଗ ନାହିଁ। ତେବେ ରଥ ଉପରେ ହେଉଥିବା ସୁନାବେଶର ନାମ ହେଉଛି ବଡ଼ତଢାଉ ବେଶ। ବଡ଼ତଢାଉ ବେଶ ସମ୍ପର୍କରେ ଜଣାଯାଏ ରାଜା କପିଳେନ୍ଦ୍ର ଦେବ, ଦେବୀ ଜୟଦୁର୍ଗାଙ୍କ କୃପାରୁ ଦକ୍ଷିଣ ଭାରତ ବିଜୟ କରି ୧୬ଟି ହସ୍ତୀ ପୃଷ୍ଠରେ ବିପୁଳ ଧନରତ୍ନ ଲଦି ନିଜ ରାଜ୍ୟକୁ ଆଣି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଅର୍ପଣ କରିଥିଲେ। ଗଜପତି ମହାରାଜାଙ୍କର ମହାପ୍ରଭୁଙ୍କ ପ୍ରତି ଭକ୍ତି ଓ ଆଗ୍ରହ ଲକ୍ଷ୍ୟ କରି ବଡ଼ତଢ଼ାଉ ସେବକ (ଅଳଙ୍କାରଗୁଡ଼ିକୁ ଭଣ୍ଡାରରୁ ଆଣି ବେଶ ଶେଷ ହେବା ପରେ ପୁଣି ଭଣ୍ଡାର ମଧ୍ୟରେ ଯେ ଗଣି କରି ରଖନ୍ତି) ଶ୍ରୀଛାମୁରେ ଜଣାଇଥିଲେ ଶ୍ରୀମନ୍ଦିରର ରତ୍ନସିଂହାସନ ଉପରେ ବର୍ଷ ମଧ୍ୟରେ ହେଉଥିବା ସକଳ ବେଶକୁ ସମସ୍ତ ବର୍ଗର ଲୋକେ ଦର୍ଶନ କରିପାରୁନାହାନ୍ତି। ତେଣୁ ରଥଯାତ୍ରାର ଅନ୍ତିମ ପର୍ଯ୍ୟାୟରେ ବାହୁଡ଼ା ଦିନ ରଥତ୍ରୟ ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ତା' ପରଦିନ ରଥ ଉପରେ ଠାକୁରମାନଙ୍କୁ ସର୍ବ ସମକ୍ଷରେ ସୁନାବେଶରେ ସୁସଜ୍ଜିତ କରାଗଲେ ସମସ୍ତେ ଉପକୃତ ହୋଇପାରନ୍ତେ। ବଡ଼ତଢାଉ ସେବକଙ୍କ ଅନୁରୋଧକ୍ରମେ ସେହି ଦିନଠାରୁ ରାଜା କପିଳେନ୍ଦ୍ରଦେବ ବିଭିନ୍ନ ପ୍ରକାର ରତ୍ନଖଚିତ ସ୍ୱର୍ଣ୍ଣ ଅଳଙ୍କାର ନିର୍ମାଣ କରି ପ୍ରଥମେ ଠାକୁରମାନଙ୍କୁ ରଥ ଉପରେ ଚିତ୍ତାକର୍ଷକ ସୁନାବେଶ କରାଇଥିଲେ। ତେଣୁ ଏହି ସୁନାବେଶ ବଡ଼ତଢାଉ ବେଶ ନାମରେ ବିଦିତ ହୋଇଆସୁଛି। ଏହି ବେଶରେ ମେକାପ ନିଯୋଗ, ପୁଷ୍ପାଳକ, ଖୁଣ୍ଟିଆ ସେବକ ସାହାଯ୍ୟ କରିଥାନ୍ତି। ରଥ ଉପରେ ଏମାନଙ୍କ ସହିତ ଦଇତାପତି ସେବକମାନେ ଅଂଶଗ୍ରହଣ କରିଥାନ୍ତି। ଏହିଦିନ ଦ୍ୱିପ୍ରହର ଧୂପ (ଖଇ, କୋରା, ଧୁଆମୁଗ, ଆମ୍ବ, ପଣସ, ନଡ଼ିଆ, ଇତ୍ୟାଦି ଶୁଖିଲି ଭୋଗ) ପରେ ଠାକୁରମାନେ ମଇଲମ ହୁଅନ୍ତି। ମଇଲମ ପରେ ଖଣ୍ଡେ ଖଣ୍ଡେ ଶାଢ଼ି ଓ ଖଣ୍ଡୁଆ ଲାଗି ହୁଅନ୍ତି। ପରେ ଫୁଟାଲାଗି (ଟାଇଟ୍ ବସ୍ତ୍ର ପରିଧାନ କରନ୍ତି) ହୁଅନ୍ତି। ଅଧର ବଳା ଓ ଦୁଇ ଭୁଜରେ ବଳା ଲାଗି ହେବା ପରେ ଅଳଙ୍କାରମାନ ଲାଗି ହୋଇଥାନ୍ତି।



କଟକ ବାରବାଟୀ ଷ୍ଟାଡିୟମ କ୍ଲବ ହାଉସ୍‌ରେ ବୁଧବାର ଓଡ଼ିଶା ଟେଲିଭିଜନ ଆକ୍ଟର ଆସୋସିଏଶନ ଏବଂ ଓଡ଼ିଶା ମ୍ୟୁଜିକ ୱେଲଫେୟାର ଆସୋସିଏଶନ ପକ୍ଷରୁ ସଙ୍ଗୀତ କଳାକାର ଓ ଟେକ୍ନିସିଆନଙ୍କୁ ସହାୟତା ପ୍ରଦାନ କରାଯାଉଛି।

# 'ସୃଜନ'ର ଅନ୍‌ଲାଇନ ନୃତ୍ୟ ସିରିଜ 'ଅନୁବର୍ତ୍ତନମ୍'

**ଭୁବନେଶ୍ୱର,୧୭(ବ୍ୟୁରୋ)**

କୋଭିଡ୍ ଲକ୍‌ଡାଉନ୍ ଭଳି ଏକ ଜରୁରୀ ସମୟରେ ଓଡ଼ିଶୀ ନୃତ୍ୟଶିଳ୍ପୀମାନଙ୍କୁ ମଞ୍ଚ ଯୋଗାଇଦେବାକୁ ନୃତ୍ୟାନୁଷ୍ଠାନ 'ସୃଜନ' ପକ୍ଷରୁ ଏକ ଅଭିନବ ଉଦ୍ୟମ କରାଯାଇଛି। ଗୁରୁ କେଳୁଚରଣ ମହାପାତ୍ରଙ୍କ ଦ୍ୱାରା ନିର୍ମିତ ଏହି ଅନୁଷ୍ଠାନ ପକ୍ଷରୁ ଅନ୍‌ଲାଇନ୍‌ରେ ଏକକ ନୃତ୍ୟଉତ୍ସବର ଆୟୋଜନ କରାଯାଇଛି। ସୋମବାରଠାରୁ ଉଦ୍‌ଘାଟିତ ହୋଇଥିବା ଏହି ଏକକ ନୃତ୍ୟ ଉତ୍ସବ 'ଅନୁବର୍ତ୍ତନମ୍' ସମୟ ସହ ତାଳଦେଇ ଚାଲିବା ଉଦ୍ଦେଶ୍ୟରେ ଆୟୋଜନ କରାଯାଇଛି। ବର୍ତ୍ତମାନ ଶିଳ୍ପୀଙ୍କପାଇଁ ମଞ୍ଚ ସ୍ୱପ୍ନ ହୋଇଥିବା ବେଳେ ଅନ୍‌ଲାଇନ୍ ପ୍ଲାଟଫର୍ମ ବିକଳ୍ପ ପାଲଟିଛି। ଏହାକୁ ଦୃଷ୍ଟିରେ ରଖି ସୃଜନ ପକ୍ଷରୁ ଶିଳ୍ପୀମାନଙ୍କୁ ନେଇ ଏହି ଏକକ ଓଡ଼ିଶୀ ନୃତ୍ୟ ସିରିଜର ଆରମ୍ଭ କରାଯାଇଛି। ଏଥିରେ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରିବେ। ଏହାକୁ ସୃଜନର ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମ ଫେସ୍‌ବୁକ୍ ପେଜ୍‌ରେ ସନ୍ଧ୍ୟା ୭ଟାରେ ଲାଇଭ୍ ପ୍ରସାରଣ କରାଯିବ। ସୋମବାରଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୧୯ ଜୁଲାଇ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମର ପ୍ରଥମ ଭାଗରେ ଓଡ଼ିଶୀ ନୃତ୍ୟଶିଳ୍ପୀ ରାଜଶ୍ରୀ ପ୍ରହରାଜ ଏକକ ନୃତ୍ୟ ପରିବେଷଣ କରିଥିବା ବେଳେ ମଙ୍ଗଳବାର ରିତୁ ସେନ୍‌ଗୁପ୍ତା ନୃତ୍ୟ ପରିବେଷଣ କରିଥିଲେ। ସେହିଭଳି ଆସନ୍ତା ଜୁଲାଇ ୪ରେ ସିପ୍ରା ସ୍ୱାଇଁ, ୫ରେ ରେବଧିତା ବରୁଆ, ୧୧ରେ ଐଶ୍ୱର୍ଯ୍ୟା ସିଂହଦେବ, ୧୨ରେ ପ୍ରୀତିଶା ମହାପାତ୍ର, ୧୮ରେ ମାୟା କ୍ରିଷ୍ଣମୂର୍ତ୍ତି ଏବଂ ୧୯ରେ ପ୍ରଜ୍ଞାପାରମିତା ଦାସ ନୃତ୍ୟ ପରିବେଷଣ କରିବେ। ଲକ୍‌ଡାଉନ ଆମକୁ ଘରେ ରହି କୋଭିଡ୍ ନିୟମ ମାନି ପ୍ରତିଭା ପ୍ରଦର୍ଶନର ଅପୂର୍ବ ସୁଯୋଗ ଆଣିଦେଇଛି। ଏହାଦ୍ୱାରା ଦର୍ଶକୀୟ ପରିସର ବ୍ୟାପକ ହୋଇଯାଇଛି। ପୂର୍ବର କାର୍ଯ୍ୟକ୍ରମ ମଞ୍ଚ ଭିତରେ ସୀମିତ ରହୁଥିଲା। ଅନ୍‌ଲାଇନ୍ ହେବାପରେ ହଜାର ହଜାର ଦର୍ଶକ ଓ ବିଚାରକ ଏହାକୁ ଦେଖୁଛନ୍ତି। ଏହି ଉତ୍ସବରେ ଆମେ ଗୁରୁ କେଳୁଚରଣ ମହାପାତ୍ରଙ୍କ ସ୍ମରଣୀୟ ନୃତ୍ୟ ସଂଯୋଜନାକୁ ନେଇ ଜଣାଶୁଣା ଶିଳ୍ପୀମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରୁଛୁ। ଯାହା ଦର୍ଶକଙ୍କ ମନକୁ ଛୁଇଁପାରିଛି ବୋଲି ଗୁରୁ ରତିକାନ୍ତ ମହାପାତ୍ର କହିଛନ୍ତି।

## ଖୋର୍ଦ୍ଧାରେ ୧୪ କରୋନା ପଜିଟିଭ୍

**ଖୋର୍ଦ୍ଧା ଅଫିସ,୧୭**

ଖୋର୍ଦ୍ଧା ଜିଲା (ଭୁବନେଶ୍ୱରକୁ ବାଦ୍ ଦେଇ)ରେ ବୁଧବାର ୧୪ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରେ ବୋଲଗଡ଼ର ୧, ବାଲକାଟୀର ୧, ମେଣ୍ଢାଶାଳ(ଭୁବନେଶ୍ୱର)୨, ବାଲୁଗାଁ ଓ ବେଗୁନିଆ ବ୍ଲକରୁ ଜଣେ ଲେଖାଏ ଚିହ୍ନଟ ହୋଇଥିବା ବେଳେ ଟାଙ୍ଗୀ ବ୍ଲକରୁ ସର୍ବାଧିକ ୮ଜଣ ରହିଛନ୍ତି। ସମସ୍ତ ଆକ୍ରାନ୍ତଙ୍କୁ ଚିକିତ୍ସା ଲାଗି ଭୁବନେଶ୍ୱର କୋଭିଡ୍ ହସ୍ପିଟାଲକୁ ପଠାଇ ଦିଆଯାଇଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ସେହିପରି ଜିଲାର ୨୧୪ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ଲାଗି ଭୁବନେଶ୍ୱର ପଠାଯାଇଛି। ଚିହ୍ନଟଙ୍କ ମଧ୍ୟରେ ଖୋର୍ଦ୍ଧା ପୌର କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ କର୍ମଚାରୀ ଥିବା ଜଣାପଡ଼ିଛି। ସମ୍ପୃକ୍ତ ବ୍ୟକ୍ତି ଅନେକଙ୍କ ସଂସ୍ପର୍ଶରେ ଆସିଛନ୍ତି। ସମସ୍ତ ପୌର କର୍ମଚାରୀ ହୋମ୍ କ୍ୱାରାଣ୍ଟାଇନରେ ରହିବା ସହ ସମସ୍ତଙ୍କ ସ୍ୱାବ୍ ସଂଗ୍ରହ କରାଯିବ ବୋଲି ଜିଲାପାଳ ଶୀତାଂଶୁ କୁମାର ରାଉତ କହିଛନ୍ତି।

# କଣ୍ଟେନମେଣ୍ଟ ଜୋନ୍‌ରେ କଳାବଜାର ଅଭିଯୋଗ

**କଟକ ଅଫିସ,୧୭**

କଣ୍ଟେନମେଣ୍ଟ ଜୋନରେ ଚାଲିଛି କଳାବଜାର। ବଜାର ମୂଲ୍ୟଠାରୁ ଅଧିକ ଦରରେ ପରିବା ବିକ୍ରି ହେଉଥିବା ନେଇ ସିଡିଏ ସେକ୍ଟର-୯ କଣ୍ଟେନମେଣ୍ଟ ଜୋନ ଅନ୍ତର୍ଗତ ବାସିନ୍ଦା ଅଭିଯୋଗ କରିଛନ୍ତି। ଗତ ରବିବାରଠାରୁ ସେକ୍ଟର-୯ର କେତେକ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଦକ୍ଷିଣରେ ମୁଖ୍ୟରାସ୍ତା ସମ୍ମୁଖ ପ୍ଲଟ୍ ନଂ ଡି-୪୭ ଠାରୁ ଡି-୪୯, ପଶ୍ଚିମରେ ପ୍ଲଟ୍ ନମ୍ବର ଡି-୧ ଠାରୁ ଡି-୪୯, ଉତ୍ତରରେ ଆମ୍ବତୋଟା ରାସ୍ତାର ଡି-୧ ଠାରୁ ବି- ୩୪ ଏବଂ ପୂର୍ବରେ ପ୍ଲଟ୍ ନମ୍ବର ବି-୩୫ର ପଛପାଖରୁ ଏ- ୪୬ ପର୍ଯ୍ୟନ୍ତ ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ୍ କରାଯାଇଛି। ଏହି ଅଞ୍ଚଳକୁ ସ୍ୱୟଂ ସହାୟକ ଗୋଷ୍ଠୀ ତରଫରୁ ପନିପରିବା ଓ କ୍ଷୀର ପ୍ୟାକେଟ ପ୍ରଦାନ କରାଯାଉଛି। ପ୍ରତିଦିନ ଏକ ଡାଲା ଅଟୋରେ ୨ଜଣ ବ୍ୟକ୍ତି ପନିପରିବା ନେଇ ଅଞ୍ଚଳକୁ ଯାଉଛନ୍ତି। ପ୍ରତ୍ୟେକ ପରିବା ଉଚ୍ଚ ଦରରେ ବିକ୍ରି କରୁଥିବା ଜଣେ ବାସିନ୍ଦା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଖୁଚୁରା ଟଙ୍କା ଫେରାଇବାକୁ ନେଇ ଏହି ବ୍ୟକ୍ତିମାନେ ପ୍ରାୟ ସମୟରେ ହଇରାଣ କରୁଛନ୍ତି ବୋଲି ଅନ୍ୟ ଜଣେ ବାସିନ୍ଦା ଅଭିଯୋଗ କରିଛନ୍ତି। ଏ ନେଇ ସାମଗ୍ରୀ ଯୋଗାଣ ଦାୟିତ୍ୱରେ ଥିବା ଅଧିକାରୀ ରଞ୍ଜିତ କୁମାର ସାହୁ କୁହନ୍ତି, ମୋ ନିକଟରେ ଏଭଳି କୌଣସି ଅଭିଯୋଗ ହୋଇ ନାହିଁ। ପରିବା ଯୋଗାଇବା ସମୟରେ ମୁଁ ବେଳେବେଳେ ଉପସ୍ଥିତ ରୁହେ। ଯଦି ଏଭଳି ଅଭିଯୋଗ ଥାଏ ତଦନ୍ତ କରାଯିବ। ସୂଚନା ଥାଉକି, ବଡ଼ମ୍ବା ଥାନାର ବରିଷ୍ଠ ପୋଲିସ ଅଧିକାରୀ ସିଡିଏ ସେକ୍ଟର-୯ ସ୍ଥିତ ନିଜ ଘରେ ରହୁଥିଲେ। ତାଙ୍କ ରିପୋର୍ଟ ପଜିଟିଭ୍ ଆସିବା ପରେ ଅଞ୍ଚଳକୁ ବିଶୋଧନ କରାଯାଇଛି।

# ୪ ଅଗ୍ନିଶମ କର୍ମଚାରୀ, ୩ ବିଚାରାଧୀନ ବନ୍ଦୀ ପଜିଟିଭ

**ପୁରୀ ଅଫିସ,୧୭**

**ପୁରୀରୁ ୧୨ ଆକ୍ରାନ୍ତ**

ପୁରୀ ଜିଲାରୁ ବୁଧବାର ପୁଣି ୧୨ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହି ନୂଆ ସଂକ୍ରମିତଙ୍କୁ ମିଶାଇବା ପରେ ଜିଲାର ମୋଟ ପଜିଟିଭ ସଂଖ୍ୟା ୨୬୮ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୨୧୦ଜଣ ସୁସ୍ଥ ହୋଇଥିବା ବେଳେ ୫୬ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଜଣଙ୍କର କରୋନା ଯୋଗୁ ମୃତ୍ୟୁ ଘଟିଥିବା ବେଳେ ଆଉ ଜଣଙ୍କ ମୃତ୍ୟୁ ଅନ୍ୟ ରୋଗ ପାଇଁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ବୁଧବାର ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ୪ ଜଣ ଅଗ୍ନିଶମ ବାହିନୀ କର୍ମଚାରୀ ଅଛନ୍ତି। ସେହିପରି ୩ଜଣ ବିଚାରାଧୀନ ବନ୍ଦୀ ମଧ ରହିଥିବା ବେଳେ ୪ ଜଣ ରେଲୱେ କର୍ମଚାରୀ ଓ ଅନ୍ୟ ଜଣେ ନିମାପଡ଼ା ବ୍ଲକ କ୍ୱାରାଣ୍ଟାଇନ ସେଣ୍ଟରରୁ ଚିହ୍ନଟ ହୋଇଥିବା ଜଣାପଡିଛି। ତେଣୁ ଏହାକୁ ନେଇ ଏବେ ପ୍ରଶାସନର ଚିନ୍ତା ବଢିଛି।

# ଗୁଗଲ୍ ମିଟ୍‌ରେ ଜାତୀୟ ଚିତ୍ରକଳା ଉତ୍ସବ

**ପୁରୁଣା ଭୁବନେଶ୍ୱର,୧୭(ଡି.ଏନ୍.ଏ.)**



କୋଭିଡ୍-୧୯ ଯୋଗୁ ବୁଧବାର ଗୁଗଲ ମିଟ୍‌ରେ ଆରମ୍ଭ ହୋଇଛି ପଞ୍ଚମ ଜାତୀୟ କଳା ଉତ୍ସବ। ଇଷ୍ଟର୍ନ ଫାଉଣ୍ଡେଶନ ଆର୍ଟ ଆଣ୍ଡ କଲ୍ଚର ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ ଚିତ୍ରଶିଳ୍ପୀ ତଥା ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧକ୍ଷ ପଞ୍ଚାନନ ସାମଲ ଯୋଗଦେଇ 'ଦୃଶ୍ୟକଳା ଓ ସୌନ୍ଦର୍ଯ୍ୟ ମୂଲ୍ୟବୋଧ' ବିଷୟରେ ଶିଳ୍ପୀମାନଙ୍କୁ ସମ୍ବୋଧନ କରିଥିଲେ। ପରେ ଶିଳ୍ପୀମାନଙ୍କ ଦ୍ୱାରା କଳା ଓ ସୌନ୍ଦର୍ଯ୍ୟକୁ ନେଇ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। 'ଇଫାକ୍'ର ସଭାପତି ପ୍ରଦୀପ୍ତ କିଶୋର ଦାସ ଅନ୍‌ଲାଇନରେ ଗୁଗଲ୍ ମିଟ୍ ଜରିଆରେ ସଭା ସଞ୍ଚାଳନ କରିଥିଲେ। ଏହି ଉତ୍ସବ ଆସନ୍ତା ୩ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ କରୋନା ଲାଗି ଉକ୍ତ କଳା ଉତ୍ସବକୁ ଚଳିତବର୍ଷ ଡିଜିଟାଲ ଉତ୍ସବରେ ପାଳନ କରାଯାଇଥିବା ପ୍ରଦୀପ୍ତ କହିଥିଲେ। ଏହି ଅନ୍‌ଲାଇନ୍ ଉତ୍ସବରେ ୧୦୦ରୁ ଊର୍ଦ୍ଧ୍ୱ ଚିତ୍ରକର, ବୁଦ୍ଧିଜୀବୀ ଓ ସାମ୍ବାଦିକ ଯୋଗଦେଇଥିଲେ। ଶେଷରେ ସମ୍ପାଦକ ମନୋଜ କୁମାର ସିଂ ଧନ୍ୟବାଦ ଦେଇଥିଲେ।

# ମୃତ ଲୋକଙ୍କ ଜାଲ୍ ଦସ୍ତଖତ କରି ଜମି ହଡ଼ପ

**ଭୁବନେଶ୍ୱର,୧୭(ବ୍ୟୁରୋ)**

- ପାଚେରି ନିର୍ମାଣ ବେଳେ ଧରାପଡ଼ିଲା
- ସବ୍‌ରେଜିଷ୍ଟ୍ରାର, କ୍ରେତାଙ୍କ ନାମରେ ମାମଲା
- ଜାଲିଆତି ପଛରେ ଏକାଧିକ କର୍ମଚାରୀ ସାମିଲ

ରାଜଧାନୀରେ ଦିନକୁ ଦିନ ବିଭିନ୍ନ ଉପାୟରେ ଠକେଇ ବୃଦ୍ଧି ପାଇବାରେ ଲାଗିଛି। ଏପରି କି ସରକାରୀ କାର୍ଯ୍ୟାଳୟରେ ଅଧିକାରୀଙ୍କୁ ହାତ କରି ଅଭିଯୁକ୍ତମାନେ ଅନାୟାସରେ ଜାଲ୍ କାରବାର କରିବାରେ ସଫଳ ହେଉଛନ୍ତି। ନିକଟରେ ଭୁବନେଶ୍ୱର ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଜଣେ ମୃତକଙ୍କ ଜାଲ୍ ଦସ୍ତଖତ କରାଯାଇ ଜମି ବିକ୍ରି ହୋଇଥିବା ଜଣାପଡ଼ିଛି। ଜମି କିଣିଥିବା ଲୋକ ଯେତେବେଳେ ସମ୍ପୃକ୍ତ ଜାଗା ଉପରେ ପାଚେରି ନିର୍ମାଣ କଲେ, ଏହି ଘଟଣା ଲୋକଲୋଚନକୁ ଆସିଛି। ମୃତକଙ୍କ ପତ୍ନୀ ଏନେଇ ଜାଣିବା ପରେ ବଡ଼ଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ସବ୍‌ରେଜିଷ୍ଟ୍ରାର ପବିତ୍ର କୁମାର ସାମଲ ଏବଂ ଜମି କିଣିଥିବା ସନ୍ଧ୍ୟାରାଣୀ ବେଉରା ଓ ଅନ୍ୟମାନଙ୍କ ବିରୋଧରେ ଏକ ମାମଲା(ନଂ.୧୮୭/୨୦୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ,ବିରାଜଲକ୍ଷ୍ମୀ ମହାନ୍ତି ପରିବାର ସହ କଟକ ଲାଲବାଗ ଥାନା ତୁଳସୀପୁରରେ ରୁହନ୍ତି। ତାଙ୍କ ସ୍ୱାମୀ ପ୍ରଦୀପ ମହାନ୍ତି ଅଲ୍ ଇଣ୍ଡିଆ ବ୍ୟାଡ୍‌ମିଣ୍ଟନ୍ ଆସୋସିଏଶନ୍‌ର ଯୁଗ୍ମ ସମ୍ପାଦକ ଥିଲେ। ପ୍ରଦୀପଙ୍କ ନାମରେ ଭୁବନେଶ୍ୱର ପାଣ୍ଡରା ଅଞ୍ଚଳରେ ଏକ ଜମି ରହିଛି। ୨୦୧୯ ଫେବୃଆରୀ ୧୯ରେ ପ୍ରଦୀପଙ୍କ ମୃତ୍ୟୁ ଘଟିଥିଲା। ତେବେ ମୃତ ପ୍ରଦୀପ୍ତଙ୍କ ଦସ୍ତଖତକୁ ଜାଲ୍ କରି ତାଙ୍କ ନାମରେ ଥିବା ଉକ୍ତ ଜମିକୁ କେନ୍ଦ୍ରାପଡ଼ାର ସନ୍ଧ୍ୟାରାଣୀ ବେଉରାଙ୍କୁ ଗତ ମେ' ୨୭ରେ ବିକ୍ରି କରି ଦିଆଯାଇଛି। ଏନେଇ ବିରାଜଲକ୍ଷ୍ମୀ କିଛି ଜାଣି ନ ଥିଲେ। ଗତ କିଛି ଦିନ ତଳେ ଜଣେ ଲୋକ ବିରାଜଲକ୍ଷ୍ମୀଙ୍କୁ ତାଙ୍କ ଜମିରେ ପାଚେରି ନିର୍ମାଣ ହେଉଥିବା ସମ୍ପର୍କରେ ସୂଚନା ଦେଇଥିଲେ। ଏହା ଜାଣି ବିରାଜଲକ୍ଷ୍ମୀ ତୁରନ୍ତ ଉକ୍ତ ଜମିକୁ ଆସି ପାଚେରି ନିର୍ମାଣ ହେଉଥିବା ଦେଖିଥିଲେ। ଏହାପରେ ସେ ସବ୍‌ରେଜିଷ୍ଟ୍ରାର ଅଫିସକୁ ଯାଇ ଜମିର କାଗଜପତ୍ର ଯାଞ୍ଚ କରିବାପରେ ତାହା ବିକ୍ରି ହୋଇଥିବା ଜଣାପଡ଼ିଥିଲା। ଏପରି କି ବିକ୍ରି ଦଲିଲରେ ତାଙ୍କ ମୃତ ସ୍ୱାମୀଙ୍କ ଜାଲ୍ ଦସ୍ତଖତ କରାଯାଇ ସନ୍ଧ୍ୟାରାଣୀ ବେଉରାଙ୍କୁ ୪୦ଲକ୍ଷ ଟଙ୍କାରେ ବିକ୍ରି କରାଯାଇଥିବା ଜାଣିବାକୁ ପାଇଥିଲେ। ଏହି ଜାଲ୍ କାରବାରରେ ସବ୍‌ରେଜିଷ୍ଟ୍ରାର ଅଫିସର କର୍ମଚାରୀ ସାମିଲ ଥିବା ଜଣାପଡ଼ିବା ପରେ ଏନେଇ ବିରାଜଲକ୍ଷ୍ମୀ ବଡ଼ଗଡ଼ ଥାନାରେ ଅଭିଯୋଗ କରିଥିଲେ।

# ଜୁନ୍‌ରେ ୪୩ ହଜାର ଗାଡ଼ି ବିକ୍ରି

**କଟକ ଅଫିସ,୧୭**

**ଲକ୍‌ଡାଉନ୍ ସତ୍ତ୍ୱେ ବିକ୍ରି ଉତ୍ସାହଜନକ**

ଲକ୍‌ଡାଉନ୍ ଯୋଗୁ ରାଜ୍ୟରେ ଯାନବାହନ ବିକ୍ରି ପ୍ରଭାବିତ ହୋଇଛି। ଜୁନ୍‌ରେ ମାତ୍ର ୪୩ ହଜାର ୩ଶହ ଗାଡ଼ି ବିକ୍ରି ହୋଇଛି। ଏଥିରେ ୩୪ ହଜାର ଦୁଇଚକିଆ ଗାଡ଼ି ରହିଥିବା ବେଳେ ପ୍ରାୟ ତିନି ହଜାର କାର୍ ରହିଛି। ୨୦୧୯ରେ ଜୁନ୍‌ରେ ୬୪ ହଜାର ଗାଡ଼ି ବିକ୍ରି ହୋଇଥିଲା। ତେବେ ଚଳିତବର୍ଷ କରୋନାଜନିତ ଲକ୍‌ଡାଉନ୍ ଯୋଗୁ ଗାଡ଼ି ବିକ୍ରି କମିଯାଇଥିବା ରାଜ୍ୟ ପରିବହନ ପ୍ରାଧିକରଣ(ଏସ୍‌ଟିଏ) ପକ୍ଷରୁ ସୂଚନା ଦିଆଯାଇଛି। କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ମାର୍ଚ୍ଚ ୨୪ରେ ସାରା ଦେଶରେ ଲକ୍‌ଡାଉନ୍ ଜାରି ହୋଇଥିଲା। ଏହି ସମୟରେ ଗାଡ଼ି ଶୋ'ରୁମ୍‌ଗୁଡ଼ିକୁ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ମେ' ୪ରେ ଶୋ' ରୁମ୍ ଖୋଲିଥିଲା। ମେ' ମାସରେ ମାତ୍ର ୧୫ ହଜାର ୧୯୩ଟି ଗାଡ଼ି ବିକ୍ରି ହୋଇଥିଲା। ତନ୍ମଧ୍ୟରେ ୧୨ହଜାର କେବଳ ଦୁଇଚକିଆ ଥିଲା। ଏସ୍‌ଟିଏ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟରେ ମାସିକ ପ୍ରାୟ ୬୦ ହଜାର ତଥା ବର୍ଷକୁ ୮ଲକ୍ଷ ଗାଡ଼ି ବିକ୍ରି ହୋଇଥାଏ। ଲକ୍‌ଡାଉନ୍ ଯୋଗୁ ଅନ୍ୟ କ୍ଷେତ୍ର ଭଳି ଅଟୋମୋବାଲ୍ ଶିଳ୍ପ ମଧ କ୍ଷତିଗ୍ରସ୍ତ ହୋଇଛି। ତଥାପି ଜୁନ୍‌ରେ ୪୩ ହଜାରରୁ ଊର୍ଦ୍ଧ୍ୱ ଗାଡ଼ି ବିକ୍ରି ହେବା ଉତ୍ସାହଜନକ ବୋଲି କୁହାଯାଇଛି। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ଗତ ଏପ୍ରିଲ୍‌ଠାରୁ ଭାରତରେ କେବଳ ଷ୍ଟେଜ୍-୬ ଗାଡ଼ି ହିଁ ବିକ୍ରି କରାଯାଉଛି।

# ଅନୁଭୂତି ବଖାଣିଲେ କଟକ ଦମ୍ପତି

**କାଲିଫର୍ନିଆରେ କରୋନାର କରାଳ ରୂପ**

**କଟକ ଅଫିସ,୧୭**



ଶରତ ଚନ୍ଦ୍ର ସାହୁ ଓ ସୁକାନ୍ତି ସାହୁ

**ଆଖି ଆଗରେ ଦେଖିଥିଲେ ଅନେକ ମୃତଦେହ**

ମହାମାରୀ କରୋନା ଯୋଗୁ ଆମେରିକା ଭଳି ବିତ୍ତଶାଳୀ ରାଷ୍ଟ୍ର ବହୁମାତ୍ରାରେ ପ୍ରଭାବିତ ହୋଇଛି। ଏଠାରେ ସଂକ୍ରମିତ ଓ ମୃତ୍ୟୁ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହି ଦେଶର କାଲିଫର୍ନିଆରୁ ଫେରିଥିବା ଓଡ଼ିଆ ପ୍ରବାସୀ ସେଠାକାର କରୋନାର କରାଳ ରୂପ ସମ୍ପର୍କରେ ନିଜ ଅନୁଭୂତି ବଖାଣିଛନ୍ତି। କାଲିଫର୍ନିଆରେ ବର୍ତ୍ତମାନ ସୁଦ୍ଧା ୫୯୦୦ ଲୋକଙ୍କ ଜୀବନ ଗଲାଣି। ତେବେ ସ୍ୱଦେଶ ଫେରିଥିବା ଏହି ପ୍ରବାସୀ ହେଲେ ଶରତ ଚନ୍ଦ୍ର ସାହୁ ଓ ତାଙ୍କ ସହଧର୍ମିଣୀ ସୁକାନ୍ତି ସାହୁ। ଗତ ଜୁନ ୨୦ ତାରିଖରେ ଦୁହେଁ ଓଡ଼ିଶା ଫେରିବା ପରେ ଏହି ଦମ୍ପତି ଏବେ ମଣିସାହୁ ଛକ ସ୍ଥିତ ନିଜ ଘରେ କ୍ୱାରାଣ୍ଟାଇନରେ ରହିଛନ୍ତି।

ଶରତଙ୍କ କହିବା ଅନୁଯାୟୀ, ଗତ ଜାନୁୟାରୀ ୭ତାରିଖରେ ସୁକାନ୍ତି ଏବଂ ସେ ଆମେରିକାରେ ରହୁଥିବା ନିଜ ପୁଅ ବୋହୂଙ୍କ ପାଖକୁ ଯାଇଥିଲେ। ପୁଅ ଶିକାଗୋରେ ଚାକିରି କରନ୍ତି। ବୋହୂ କାଲିଫର୍ନିଆ କର୍ନକାଉଣ୍ଟି ଜିଲାର ବେକର୍ସଫିଲ୍ଡ ଅଞ୍ଚଳରେ ରହନ୍ତି। ମାର୍ଚ୍ଚ ୨୭ରେ ଫେରିବା ପାଇଁ ଯୋଜନା ଥିଲା। ହେଲେ ହଠାତ୍ ଲକ୍‌ଡାଉନ ଘୋଷଣା ହୋଇଗଲା। ଲକ୍‌ଡାଉନର ଅର୍ଥ ବୁଝିବାକୁ ଆମେରିକୀୟ ବିଳମ୍ବ କରିଥିଲେ। ପ୍ରଥମ କିଛି ଦିନ ସବୁ କିଛି ସ୍ୱାଭାବିକ ଥିଲା। ଆମେରିକୀୟମାନେ ସାନିଟାଇଜର ବର୍ଷ ତମାମ୍ ବ୍ୟବହାର କରନ୍ତି। ହେଲେ ସାମାଜିକ ଦୂରତ୍ୱ ରକ୍ଷା କରି ନ ଥିଲେ କି ମାସ୍କ ବ୍ୟବହାର କରି ନ ଥିଲେ। ଏପରି କି ଲକ୍‌ଡାଉନ ସମୟରେ ମଧ ଥରେ ରାସ୍ତାରୋକୋ ହୋଇଥିଲା। ଫଳରେ ଭୂତାଣୁ ସହଜରେ ସଂକ୍ରମଣ କରିଥିଲା। କିଛି ଦିନ ପରେ ସଚେତନତା ଦେଖା ଦେଇଥିଲା। ଗ୍ରସେରି, ଫୁଡ୍‌ଷ୍ଟୋରଗୁଡ଼ିକୁ ପ୍ରବେଶ ନିଷେଧ କରାଯାଇଥିଲା। ବାହାରେ ଧାଡ଼ିରେ ଛିଡ଼ା ହେଲେ ସାମଗ୍ରୀ ମିଳୁଥିଲା। ଇତିମଧ୍ୟରେ ମୃତ୍ୟୁ ସଂଖ୍ୟା ବଢ଼ିବା ଆରମ୍ଭ କରିସାରିଥାଏ। ଆଖି ଆଗରେ ଅନେକ ମୃତଦେହ ଦେଖି ଡରିଯାଇଥିଲୁ। ଏହି ଦମ୍ପତିଙ୍କ ଭିଜା ଅବଧି ଜୁନ ୩୦ ପର୍ଯ୍ୟନ୍ତ ଥିଲା। ସେତେବେଳକୁ ଯାତାୟାତ ସେବା ବନ୍ଦ ହୋଇ ସାରିଥିଲା। ଏଣୁ ପୁଣି ଥରେ କଟକ ଫେରିବୁ ନା ନାହିଁ ତାହା ଚିନ୍ତାରେ ପକାଇଥିଲା। ସବୁଦିନ କେବଳ ଠାକୁରଙ୍କୁ ପ୍ରାର୍ଥନା କରୁଥିଲୁ। ଶୀଘ୍ର ସବୁକିଛି ସ୍ୱାଭାବିକ ହୋଇଯାଉ ବୋଲି ଗୁହାରି ଜଣାଉଥିଲୁ। ମୃତ୍ୟୁ ସଂଖ୍ୟା ବଢ଼ିବା କୋକୁଆ ଭୟ ସୃଷ୍ଟି କରିଥିଲା। ଏହା ମଧ୍ୟରେ ଶରତଙ୍କ ଔଷଧ ସରି ଯାଇଥିଲା। ସେଠାକାର ଔଷଧ ଦୋକାନ ଔଷଧ ଦେବାକୁ ମନା କରିଦେଲେ। ଫଳରେ ସେ ଭାରତରୁ ଔଷଧ ମଗାଇଥିଲେ। ଏପରିକି ଭାରତୀୟଙ୍କୁ ଚାକିରିରୁ ବିଦା କରି ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ସମ୍ପୂର୍ଣ୍ଣ ପରିବାର ବହୁ ଚିନ୍ତାରେ ଥିଲେ। ପରେ ଭାରତ ସରକାରଙ୍କ ପକ୍ଷରୁ ବନ୍ଦେ ଭାରତ ମିଶନ୍‌ରେ ପ୍ରବାସୀମାନଙ୍କୁ ଫେରାଇ ଆଣିବା ପାଇଁ ଚେଷ୍ଟା କରାଯାଇଥିଲା। ଏଥିରେ କିନ୍ତୁ ସେମାନଙ୍କୁ ଟିକେଟ ସହଜରେ ମିଳି ନ ଥିଲା। ତେବେ ବହୁକଷ୍ଟରେ ଭଗବାନଙ୍କ କୃପାରୁ ନିଜ ଭିଟାମାଟିକୁ ଭଲରେ ଫେରିଥିଲେ ବୋଲି ଏହି ଦମ୍ପତି ପ୍ରକାଶ କରିଛନ୍ତି।

**୨୧୩ ଛୁଇଁଲା ଆକ୍ରାନ୍ତଙ୍କ ସଂଖ୍ୟା**

ବାରିପଦା ଅଫିସ,୧୭- ମୟୂରଭଞ୍ଜ ଜିଲାରେ ବୁଧବାର ୫ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୨୧୩କୁ ବୃଦ୍ଧି ପାଇଛି। ଚିହ୍ନଟ ହୋଇଥିବା ୫ ଜଣଙ୍କ ମଧ୍ୟରୁ ୩ ଜଣ ସଙ୍ଗରୋଧ ଗୃହରୁ ଓ ୨ ଲୋକାଲ୍ କେସ୍ ବୋଲି ପ୍ରଶାସନ ସୂଚନା ଦେଇଛି। ବଡ଼ସାହି, କରଞ୍ଜିଆ, ବିଜାତଳା, ରାସଗୋବିନ୍ଦପୁର ବ୍ଲକ ଓ ବାରିପଦା ସହରରୁ ଜଣେ ଲେଖାଏ ଚିହ୍ନଟ ହୋଇଛନ୍ତି। ବାରିପଦା ସହରରୁ ଚିହ୍ନଟ ହୋଇଥିବା ବ୍ୟକ୍ତି ଜଣଙ୍କ କୋଭିଡ୍ ଯୋଦ୍ଧା ବୋଲି ସୂଚନା ମିଳିଛି। ଜିଲାରେ ମୋଟ ଆକ୍ରାନ୍ତଙ୍କ ମଧ୍ୟରୁ୧୪୦ ଜଣ ସୁସ୍ଥ ହୋଇଥିବା ବେଳେ ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି। ଅନ୍ୟ ୭୨ଜଣ ଚିକିତ୍ସାଧୀନ ରହିଛନ୍ତି।

## ସଂକ୍ଷେପରେ

### ବେଢ଼ା ଭିତରେ ହେଲା ବାହୁଡ଼ା ଯାତ୍ରା

**ଧରାକୋଟ,୧୭(ଡି.ଏନ୍.ଏ.):** ଓଡ଼ିଶାର ଯେତେ ଗଡ଼ଜାତ ରାଜ୍ୟ ରହିଛି ସେଥିମଧ୍ୟରୁ ଧରାକୋଟ ଗଡ଼ର ବାହୁଡ଼ା ଯାତ୍ରା ନିଆରା। କିନ୍ତୁ ଚଳିତବର୍ଷ ମହାମାରୀ କରୋନା ପାଇଁ ଶହ ଶହ ବର୍ଷର ପରମ୍ପରା ଭାଙ୍ଗିଛି। ମନ୍ଦିର ବେଢ଼ା ଭିତରେ ସମ୍ପନ୍ନ ହୋଇଛି ଶ୍ରୀଜୀଉଙ୍କ ବାହୁଡ଼ା ଯାତ୍ରା। ବଡ଼ପଣ୍ଡା ତ୍ରିନାଥ ପଣ୍ଡା ଦେବନୀତି ସମ୍ପନ୍ନ କରିଥିବା ବେଳେ ମନ୍ଦିର ଚାରିପଟେ ପୋଲିସର କଡ଼ା ପହରା ରହିଥିଲା। ଧରାକୋଟର ଲକ୍ଷାଧିକ ଶ୍ରଦ୍ଧାଳୁ ଦେବ ଦର୍ଶନରୁ ବଞ୍ଚିତ ହୋଇଛନ୍ତି।

### ସାପକାମୁଡ଼ାରେ ନାବାଳକ ମୃତ

**କେନ୍ଦୁଝର,୧୭(ସ୍ୱ.ପ୍ର.):** ଚିତି ସାପ କାମୁଡ଼ାରେ ଜଣେ ନାବାଳକର ମୃତ୍ୟୁ ଘଟିଛି। ମୃତକ ହେଲେ ହରିଚନ୍ଦନପୁର ବ୍ଲକ ନନ୍ଦରା ଗ୍ରାମର ଲଳିତ କ୍ରିଷ୍ଣା ସାହୁ(୭)। ମଙ୍ଗଳବାର ଲଳିତ ଘରେ ତଳେ ଶୋଇଥିବା ଅବସ୍ଥାରେ ଏକ ଚିତି ସାପ ଘରେ ପଶି ତାଙ୍କୁ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସକାଳ ସମୟରେ ଲଳିତଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ପଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ମାଟି ବେପାରକୁ ନେଇ ଆକ୍ରମଣ, ଜଣେ ଗୁରୁତର

**ରସାଲପୁର,୧୭(ଡି.ଏନ୍.ଏ):** ବାଲେଶ୍ୱର ଜିଲା ସଦର ଥାନା ଅଧୀନ କୁରୁଡ଼ା ବଜାରରେ ମାଟି ବେପାରକୁ ନେଇ ଜଣଙ୍କ ଖଣ୍ଡା ଚୋଟରେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା ଜାରି ରଖିଛି। ସୂଚନା ଅନୁଯାୟୀ, ଦୁଇସାଙ୍ଗ ମିଶି ବାଙ୍ଗରା ଗାଁର ବିଲ ମାଲିକଙ୍କଠାରୁ ମାଟି କିଣି ବେପାର କରୁଥିଲେ। କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହେବାରୁ ସେମାନେ ପୃଥକ ଭାବେ ମାଟି ବେପାର ଚଳାଇଥିଲେ। ତେବେ ବୁଧବାର ସନ୍ଧ୍ୟାରେ କୁରୁଡ଼ା ବଜାରରେ ଜଣେ ଅନ୍ୟଜଣଙ୍କୁ ଖଣ୍ଡାରେ ଆକ୍ରମଣ କରିଥିବା ସୂଚନା ମିଳିଛି।

### ସାହୁ ଭେରାଇଟି ଷ୍ଟୋର ସିଲ୍

**ଯାଜପୁର ରୋଡ୍, ୧୭ (ଡି.ଏନ୍.ଏ.):** ଯାଜପୁର ରୋଡ ଥାନା ଅଧୀନ ଦଲାଛକ ନିକଟ ସାହୁ ଭେରାଇଟି ଷ୍ଟୋରକୁ ବୁଧବାର ସନ୍ଧ୍ୟାରେ ଏସ୍‌ପି ଚରଣସିଂ ମୀନା ସିଲ କରିଛନ୍ତି। ଜିଲାପାଳଙ୍କ ଦ୍ୱାରା ଘୋଷିତ ସମୟ ସୀମା ଓ ସାମାଜିକ ଦୂରତାର ଉଲ୍ଲଂଘନ ଅଭିଯୋଗରେ ଏଭଳି ପଦକ୍ଷେପ ନିଆଯାଇଛି। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି।

### ଶ୍ରୀ ଦଧିବାମନଜୀଉଙ୍କ ବାହୁଡ଼ାଯାତ୍ରା

**ଡେରାବିଶ, ୧୭(ସ୍ୱ.ପ୍ର.):** କେନ୍ଦ୍ରାପଡା ଜିଲା ଡେରାବିଶ ଅଞ୍ଚଳର ଆରାଧଦେବ ଶ୍ରୀ ଦଧିବାମନଜୀଉଙ୍କ ବାହୁଡାଯାତ୍ରା ବୁଧବାର ଆରମ୍ଭ ହୋଇଛି । ଏଥିପାଇଁ ମାଉସୀମା' ମନ୍ଦିରରେ ପ୍ରତ୍ୟୁଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ମାଉସୀ ମା' ମନ୍ଦିରରେ ମଙ୍ଗଳ ଆଳତି କରାଯାଇ ବିଧିବିଧାନ ସହ ଅବକାଶ, ସାହାଣମେଲା, ରୋଷହୋମ, ସୂର୍ଯ୍ୟପୂଜା ଓ ଦ୍ୱାରପାଳ ପୂଜା ଅନୁଷ୍ଠିତ ହୋଇଥିଲା । ଅପରାହ୍ନରେ ଶ୍ରୀଜୀଉଙ୍କୁ ପହଣ୍ଡିରେ ଅଣାଯାଇ ପ୍ରତୀକାତ୍ମକ ରଥାରୂଢ଼ କରାଯାଇଥିଲା । ସେବାୟତ ଶରତ କୁମାର ମହାପାତ୍ର ଛେରାପହଁରା କରିଥିଲେ।

### ନଦୀରେ ବୁଡ଼ି ନାବାଳକ ନିଖୋଜ

**ଖଇରା,୧୭(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ତୋରାଣିଗ୍ରାମ ନିକଟ ଢଙ୍କଣ ନଦୀରେ ଗୋଡ଼ ଖସିଯିବାରୁ ସେହି ଗ୍ରାମର ପ୍ରଭାତ ଶିଅଙ୍କର ପୁଅ ଶୁଭ୍ରଜିତ (୮) ନିଖୋଜ ହୋଇଯାଇଛନ୍ତି। ଖଇରା ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ଗ୍ରାମବାସୀ ୫ଘଣ୍ଟା ଧରି ଖୋଜାଖୋଜି କରିଥିଲେ ହେଁ ପତ୍ତା ମିଳି ପାରିନାହିଁ । ବୁଧବାର ସକାଳେ ଶୁଭ୍ରଜିତ ବାସିଫୁଲ ଫିଙ୍ଗିବାକୁ ମା'ଙ୍କ ସହ ନଦୀକୂଳକୁ ଯାଇଥିଲେ । ମା'ପୁଅକୁ ଫୁଲକୁ ଶୀଘ୍ର ଫିଙ୍ଗିବାକୁ କହି କିଛି ବାଟ ଆଗେଇଆସି ଦେଖନ୍ତି ତ ପୁଅ ତାଙ୍କ ସାଙ୍ଗରେ ନାହିଁ। ପୁଣି ଫେରିଯାଇ ଦେଖନ୍ତିତ ନଦୀ କୂଳରେ ପୁଅର ଗୋଟେ ପଟ ଯୋତା ପଡ଼ିଥିବା ବେଳେ ଆଉ ପଟେ ପାଣିରେ ଭାସୁଛି ।

# ଦାବିପୂରଣ ନ ହେଲେ ନୀତିକାନ୍ତି କରିବେନି ସେବାୟତ

**ଆନନ୍ଦପୁର ଦଧିବାମନଜୀଉ ମନ୍ଦିର**

ଆନନ୍ଦପୁର,୧୭(ସ୍ୱ.ପ୍ର.)

ବିଭିନ୍ନ ସମସ୍ୟାକୁ ନେଇ ଆନନ୍ଦପୁର ଦଧିବାମନଜୀଉ ମନ୍ଦିର ସେବାୟତମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ସେମାନେ ମନ୍ଦିର ପରିଚାଳନା କମିଟି ଦ୍ୱାରା ଆନନ୍ଦପୁର ଉପଜିଲାପାଳ ତଥା ଦେବୋତ୍ତର ବିଭାଗର ଅଧିକାରୀଙ୍କ ନିକଟରେ ମଙ୍ଗଳବାର ଦାବି ଉପସ୍ଥାପନ କରିଛନ୍ତି। ଦାବିପୂରଣ ନ ହେଲେ ଆସନ୍ତା ଜୁଲାଇ ମାସ ୪ ତାରିଖ ମନ୍ଦିରର ସମସ୍ତ ରୀତିନୀତିରୁ ନିବୃତ୍ତ ରହିବେ ବୋଲି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ବର୍ଷ ରଥଯାତ୍ରା ବୈଠକରେ ସେବାୟତମାନେ ଦରମା ବୃଦ୍ଧି ପାଇଁ ଦାବି ଉପସ୍ଥାପନ କରିଥିଲେ ହେଲେ ଅଦ୍ୟାବଧି ଏହାର କାର୍ଯ୍ୟକାରିତା ଦିଗରେ ଗୁରୁତ୍ୱ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ଏହା ସହିତ ସେବାୟତମାନଙ୍କୁ ମିଳୁଥିବା ସ୍ୱଳ୍ପ ବେତନ ନିୟମିତ ନ ମିଳିବା ଏବଂ ବହୁ ବର୍ଷ ଧରି ବକେୟା ଅର୍ଥ ପଡ଼ି ରହିବା ଭଳି ଅଭିଯୋଗ ହୋଇଛି। ଚଳିତ ବର୍ଷ କରୋନା ମହାମାରୀ ପାଇଁ ଭକ୍ତମାନଙ୍କ ମନ୍ଦିର ପ୍ରବେଶ ନିଷେଧାଦେଶ ଯୋଗୁ ସେବାୟତମାନଙ୍କ ଦର୍ଶନ ବନ୍ଦ ହେବା, କରୋନା ପାଇଁ ରଥଯାତ୍ରା ଓ ବାହୁଡାଯାତ୍ରା ବନ୍ଦ ହୋଇଯିବାରୁ ଦର୍ଶନୀ ପାଉଣା ନ ମିଳିବାରୁ ସେବାୟତମାନେ ଅସହାୟ ଜୀବନ ଅତିବାହିତ କରୁଛନ୍ତି। ସେବାୟତମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ପୂର୍ବରୁ ଅବଗତ କରାଇଥିବା ସତ୍ତ୍ୱେ ଦାବି ପୂରଣ ନ ହେବା ଘଟଣାକୁ ବିରୋଧ କରି ସନ୍ତୋଷ କୁମାର ପାଢୀ, ଜଗବନ୍ଧୁ ଦାଶ, ଜଗତ କୁମାର ମିଶ୍ର, ଶରତ ଚନ୍ଦ୍ର ମିଶ୍ର, ଶଙ୍କର୍ଷଣ ମିଶ୍ର, ବିଶ୍ୱନାଥ ପାତ୍ର, ପଦ୍ମନାଭ ପାଣିଗ୍ରାହୀ, ଲକ୍ଷ୍ମଣ କୁମାର ପାଢୀଙ୍କ ସମେତ ସମସ୍ତ ସେବାୟତମାନେ ଏକ ଦସ୍ତଖତ ସମ୍ବଳିତ ଦାବିପତ୍ର ସ୍ଥାନୀୟ ଦେବୋତ୍ତର ବିଭାଗ ନିକଟରେ ଉପସ୍ଥାପନ କରିଛନ୍ତି। ସେବାୟତମାନଙ୍କର ସମସ୍ୟାକୁ ଦୂର କରା ନ ଗଲେ ଆସନ୍ତା ୪ତାରିଖଠାରୁ ସମସ୍ତ ସେବାୟତ ଶ୍ରୀ ଜୀଉଙ୍କ ସେବାରୁ ନିବୃତ୍ତ ରହିବେ ବୋଲି ଦାବି ଉପସ୍ଥାପନ କରିଛନ୍ତି।



ମନ୍ଦିର ପରିସରରେ ସେବାୟତମାନେ ଆଲୋଚନା କରୁଛନ୍ତି।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ**

ଧର୍ମଶାଳା/ଜେନାପୁର, ୧୭ (ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଧୀନ ରାଇଛନ୍ଦା ଗ୍ରାମର ମାନସୀ ମଳିକ (୨୪)ଙ୍କର ମଙ୍ଗଳବାର ରାତିରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ମାନସୀ ଆତ୍ମହତ୍ୟା କରିଥିବା ଶାଶୁଘର ଲୋକେ କହୁଥିବା ବେଳେ ବାପଘର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ପୁରୁଣାବଉଳମାଳ ପଞ୍ଚାୟତ କାଦୁଅ ବଉଳମାଳ ଗ୍ରାମର ଦିଜ ମଳିକଙ୍କ ଝିଅ ମାନସୀ ରାଇଛନ୍ଦା ଗ୍ରାମର ବୁଲୁ ମଳିକଙ୍କ ପୁଅ ଦୀପକଙ୍କୁ ୫ବର୍ଷ ତଳେ ବୈଦିକ ରୀତିରେ ବିବାହ କରିଥିଲେ। ଗତ କିଛି ଦିନ ତଳେ ସ୍ତ୍ରୀ ଓ ସ୍ୱାମୀଙ୍କ ମଧ୍ୟରେ କୌଣସି କାରଣରୁ କଳହ ସୃଷ୍ଟି ହୋଇଥିଲା। ତେଣୁ ମଙ୍ଗଳବାର ସନ୍ଧ୍ୟା ୫ଟା ସମୟରେ ମାନସୀ କନିଅରି ଫଳ ଖାଇ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ପ୍ରଥମେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଶାଶୁଘର ଲୋକେ ଝିଅକୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଉଥିବା ଦିଜ ମଳିକ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଜେନାପୁର ପୋଲିସ ୧୯୨/୨୦ନଂ.ରେ ଏକ ମାମଲା ରୁଜୁ କରିବା ସହ ମାନସୀଙ୍କ ଶାଶୁ, ଶ୍ୱଶୁର, ସ୍ୱାମୀ ଓ ଦିଅରକୁ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ଥାନାଧିକାରୀ ସୁଶାନ୍ତ କୁମାର ଦାସ ସୂଚନା ଦେଇଛନ୍ତି।

# ବଳଦେବଜୀଉ ମନ୍ଦିର ନୀଳଚକ୍ରର ସର୍ବେକ୍ଷଣ

କେନ୍ଦ୍ରାପଡ଼ା ଅଫିସ, ୧୭

ଓଡିଶା ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ କେନ୍ଦ୍ରାପଡା ଜିଲା ଇଚ୍ଛାପୁରସ୍ଥ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ନୀଳଚକ୍ରର ସର୍ବେକ୍ଷଣ ବୁଧବାର କରାଯାଇଛି । ବିଭାଗର ସହକାରୀ ଯନ୍ତ୍ରୀ ଶୁଭେନ୍ଦୁ ପୃଷ୍ଟି ଓ କ୍ୟୁରେଟର ରୁଦ୍ରପ୍ରସାଦ ବେହେରା ସର୍ବେକ୍ଷଣ କରି ଅପରାହ୍ନରେ ଫେରିଛନ୍ତି । ଏ ସମ୍ପର୍କରେ ଶ୍ରୀଜୀଉଙ୍କ ଟ୍ରଷ୍ଟି ଧୀରେନ କୁମାର ସାହୁ କହିଛନ୍ତି, ବିଭାଗୀୟ ଅଧିକାରୀ ଓ ସେବାୟତ ଅନାଦି ପତ୍ରୀ ପ୍ରମୁଖ ମନ୍ଦିର ଚୂଡାରେ ପହଞ୍ଚି ଏହାର ତନଖି କରିଥିଲେ। ୪୮ ଇଞ୍ଚ ବ୍ୟାସ ବିଶିଷ୍ଟ ନୀଳଚକ୍ରର ମୂଳଦୁଆ ନଷ୍ଟ ହୋଇଥିବା ସେମାନେ ସୂଚନା ଦେଇଛନ୍ତି । ନୀଳଚକ୍ର ମୂଳରେ ଥିବା ଏହି ଫାଟକୁ ତନଖି ପାଇଁ ଟ୍ରଷ୍ଟ ବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ପ୍ରତ୍ନତତ୍ତ୍ୱ ବିଭାଗକୁ ଗତ ମାର୍ଚ୍ଚ ମାସରେ ଚିଠି କରିଥିଲେ ।

# କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଯାଇ ବାପାଙ୍କୁ ଦେଲେ ମୁଖାଗ୍ନି

ଦିଗପହଣ୍ଡି,୧୭(ଡି.ଏନ୍.ଏ.)

ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ପଞ୍ଚାୟତ ଅନଙ୍ଗପୁର ଗ୍ରାମର ସୀମାଞ୍ଚଳ ସେଠୀ ରାଜ୍ୟ ବାହାରୁ ଫେରି ୧୦ଦିନ ହେଲା ଗ୍ରାମ ସଙ୍ଗରୋଧ କେନ୍ଦ୍ରରେ ରହୁଛନ୍ତି। ବୁଧବାର ବାପା ବିଶ୍ୱନାଥ ସେଠୀଙ୍କ ବାର୍ଦ୍ଧକ୍ୟ ଜନିତ କାରଣରୁ ମୃତ୍ୟୁ ହୋଇଥିଲା। ସମିତିସଭ୍ୟ ପ୍ରତିନିଧି ପି. ବାଲାଜୀ ରେଡ୍ଡୀ ଓ ସାମାଜିକ କର୍ମୀ ବି. ରୋହିତ ରେଡ୍ଡୀ ବିଡ଼ିଓ ହଳଧର ଶବରଙ୍କୁ ସମସ୍ତ ଘଟଣା ଜଣାଇଥିଲେ। ବିଡ଼ିଓ କ୍ୱାରାଣ୍ଟାଇନ ସେଣ୍ଟରକୁ ଯାଇ ସୀମାଞ୍ଚଳକୁ ଛାଡିବାକୁ ସେଣ୍ଟର ନୋଡାଲ ଅଧିକାରୀଙ୍କୁ କହିଥିଲେ। ପରେ ସୀମାଞ୍ଚଳ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଆସି ବାପାଙ୍କ ଅନ୍ତିମ ଦର୍ଶନ କରିବା ସହ ମୁଖାଗ୍ନି ଦେଇଥିଲେ।

# ବ୍ଲକ କାର୍ଯ୍ୟାଳୟରେ ବିଜେଡିର ବୈଠକ

- କାର୍ଯ୍ୟାନୁଷ୍ଠାନ ଦାବି କଲା ଭାଜପା
- ବିଡିଓଙ୍କୁ ଅଭିଯୋଗ କଲେ ବ୍ଲକ ଅଧକ୍ଷା

ଯାଜପୁର ଅଫିସ୍,୧୭

ଯାଜପୁର ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏପରିସ୍ଥଳେ ଯାଜପୁର ଜିଲାପାଳ ବିଭିନ୍ନ ସରକାରୀ ଅଫିସକୁ ସାଧାରଣ ଲୋକଙ୍କ ପ୍ରବେଶ ଉପରେ କଟକଣା ଲଗାଇଛନ୍ତି। କିନ୍ତୁ ମଙ୍ଗଳବାର କୋରେଇ ବ୍ଲକ ପରିସରରେ ବିଜେଡି ବ୍ଲକ ସଭାପତିଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏକାଠି ହୋଇ ଦଳୀୟ ସଭା କରିଥିବା କୋରୋଇ ବ୍ଲକ ଭାଜପା ଅଭିଯୋଗ କରିଛି। ତେଣୁ ସମ୍ପୃକ୍ତ କର୍ମୀମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାଜପା ପକ୍ଷରୁ ଦାବି କରାଯାଇଛି। ସାମାଜିକ ଦୂରତା ରକ୍ଷା ନ କରିବା, ସମସ୍ତେ ମାସ୍କ ନ ପିନ୍ଧିବା ଓ ଏକତ୍ରୀକରଣ ହୋଇ କୋଭିଡ୍ ନିୟମକୁ ଖୁଲମଖୁଲା ଉଲ୍ଲଂଘନ କରିଛନ୍ତି ବୋଲି ବ୍ଲକ ଅଧକ୍ଷା ମାଳତୀ ଟୁଡୁ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ବ୍ଲକ ଉପାଧକ୍ଷ ଅନୁପସ୍ଥିତ ଥିବା ବେଳେ ତାଙ୍କ ଅଫିସ ଖୋଲାଯାଇ ସଭା କରାଯାଇଛି। ଏ ସମ୍ପର୍କରେ ବୁଧବାର ବ୍ଲକ ଅଧକ୍ଷା ଟୁଡୁ ବିଡ଼ିଓଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଏହି ମର୍ମରେ ଜହ୍ନାସ୍ଥିତ ଦଳୀୟ କାର୍ଯ୍ୟାଳୟଠାରେ ଆୟୋଜିତ ସମ୍ମିଳନୀରେ ଟୁଡୁ, ମଣ୍ଡଳ ସଭାପତି ପ୍ରମୋଦ ସାହୁ, ରବୀନ୍ଦ୍ର ବେହେରା, ନୀଳମାଧବ ଚକ୍ର, ଯୁବନେତା ବିକ୍ରମ କେଶରୀ ବିଶ୍ୱାଳ, ମହିଳା ସଭାପତି ଜୟନ୍ତୀ ସାହୁ ଓ ଧନେଶ୍ୱର ସମିତିସଭ୍ୟା ମମତାରାଣୀ ଘଡାଇ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରବାସୀ ମହିଳାଙ୍କ ପାଇଁ ରାସ୍ତାରୋକୋ



ରାସ୍ତା ଅବରୋଧ କରିଛନ୍ତି ମହିଳାମାନେ।

ରାଜନଗର, ୧୭(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଗୋସିଙ୍ଗା ଗ୍ରାମର ମହିଳାମାନେ ଜଣେ ମହିଳା ପ୍ରବାସୀଙ୍କୁ ସଙ୍ଗରୋଧ କେନ୍ଦ୍ରକୁ ସ୍ଥାନାନ୍ତର ଦାବିକରି ବୁଧବାର ରାସ୍ତାରୋକୋ କରିଥିଲେ । ପ୍ରାୟ ୩ ଘଣ୍ଟା ପରେ ଜିଲା ପ୍ରଶାସନ ସମ୍ପୃକ୍ତ ମହିଳା ପ୍ରବାସୀଙ୍କୁ ସଙ୍ଗରୋଧ କେନ୍ଦ୍ରରେ ରଖିବା ପାଇଁ ନିଜ ହେପାଜତକୁ ନେଇଛନ୍ତି । ଏ ସମ୍ପର୍କରେ ଅବରୋଧକାରୀ ମହିଳାମାନେ କହିଛନ୍ତି, ଦିଲ୍ଲୀରେ ରହୁଥିବା ପ୍ରବାସୀ ମହିଳା ଗତ ୨୬ ତାରିଖରେ ଘରକୁ ଆସିଛନ୍ତି । ଗ୍ରାମ୍ୟ କୋଭିଡ୍ କମିଟି ପକ୍ଷରୁ ତାଙ୍କ ନାମ ପଞ୍ଜୀକରଣ କରି ସଙ୍ଗରୋଧ କେନ୍ଦ୍ରରେ ରହିବାକୁ କୁହାଯାଇଥିଲେ ମଧ୍ୟ ସେ ମାନି ନ ଥିଲେ। ବରଂ ନିଃସଙ୍କୋଚରେ ସର୍ବସାଧାରଣରେ ବୁଲାବୁଲି କରୁଥିଲେ । କରୋନା ଭୂତାଣୁ ସଂକ୍ରମଣ ଆଶଙ୍କା ଥିବାରୁ ରାସ୍ତାରୋକୋ ଦ୍ୱାରା ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏ ସମ୍ପର୍କରେ ଥାନା ଅଧିକାରୀ ତପନ କୁମାର ନାୟକ କହିଛନ୍ତି, ସମ୍ପୃକ୍ତ ମହିଳାଙ୍କୁ ଆଣିବା ପରେ ରାସ୍ତାରୋକୋ ହଟିବା ସହିତ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରଶମିତ ହୋଇଛି।

# ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସ୍ଥାୟୀ କୋଠାର ଭିତ୍ତିପ୍ରସ୍ତର

**୨୦.୨ ଏକର ଜମିରେ ନିର୍ମାଣ ହେବ କ୍ୟାମ୍ପସ**

ବ୍ରହ୍ମପୁର ଅଫିସ,୧୭

ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ସ୍ଥାପନର ୫ବର୍ଷ ପରେ ଏହାର ନିଜସ୍ୱ କୋଠା ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଛି। ପାଲୁରହିଲ୍‌ସ୍ଥିତ ସତଚିତ ଆନନ୍ଦ ବିହାରଠାରେ ବୁଧବାର ବିଶ୍ୱବିଦ୍ୟାଳୟର ଏକାଡେମିକ ବ୍ଲକ, ଅଡିଟୋରିୟମ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଭିଡିଓ କନଫରେନ୍ସ ଯୋଗେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୨୦.୨ ଏକର ଅଞ୍ଚଳରେ ହେବାକୁ ଥିବା କ୍ୟାମ୍ପସ ପାଇଁ ପ୍ରାୟ ୨୨ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ୧୮ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଅମରେନ୍ଦ୍ର ନାରାୟଣ ମିଶ୍ର, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଯୋଗେଶ୍ୱର ପାଣିଗ୍ରାହୀଙ୍କ ସମେତ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗ ମୁଖ୍ୟ ଉପସ୍ଥିତ ଥିଲେ।

# ମାନସିକ ଅନଗ୍ରସର ନାବାଳିକାଙ୍କୁ ପ୍ରତାରଣା

**ଥାନାରେ ମାମଲା, ଅଭିଯୁକ୍ତ ଗିରଫ**

ରାଜନଗର, ୧୭(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳରେ ଜଣେ ମାନସିକ ଅନଗ୍ରସର ନାବାଳିକା ପ୍ରତାରଣାର ଶିକାର ହୋଇଛନ୍ତି। ଏ ନେଇ ତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରିଛି। ସେ ହେଲେ ସାରାଜେନ୍ଦ୍ରପୁର ଗାଁର ପରିମଳ ବାରିକଙ୍କ ପୁଅ ନିତାଇ (୨୦)। ଅଭିଯୋଗ ମୁତାବକ ଜୁନ ୨୦୧୯ରେ ନାବାଳିକାଙ୍କ ମା'ବାପା ବିଲକୁ ଯାଇଥିବା ବେଳେ ନାବାଳିକା ଘରେ ରୋଷେଇ କରୁଥିଲେ। ହଠାତ୍ ନିତାଇ ସେଠାରେ ପହଞ୍ଚି ନାବାଳିକାଙ୍କ ପାଟିରେ ଗାମୁଛା ପୂରାଇ ଜୋରଜବରଦସ୍ତ ବଳାତ୍କାର କରିଥିଲେ। ଏକଥା କାହାକୁ କହିଲେ ପରିବାରର ସମସ୍ତଙ୍କୁ ଜୀବନରେ ମାରି ଦେବାକୁ ନିତାଇ ଧମକ ଦେଇଥିଲେ। ଭୟରେ ନାବାଳିକା ପରିବାର ଲୋକଙ୍କୁ କହି ନ ଥିଲେ। ପରିବାର ଲୋକେ କାମକୁ ଗଲାପରେ ନିତାଇ ନାବାଳିକା ସହ ଶାରୀରିକ ସମ୍ପର୍କ ରଖୁଥିଲେ। ୫ମାସ ତଳେ ଝିଅ ଗର୍ଭବତୀ ବୋଲି ମାଆ ଜାଣିବା ପରେ ଏ ସମ୍ପର୍କରେ ପଚାରିଥିଲେ। ନାବାଳିକାଠାରୁ ସବୁକଥା ଶୁଣିବା ପରେ ମା'ବାପା ନିତାଇଙ୍କ ପିତା ପରିମଳ ବାରିକଙ୍କୁ ପଚାରିଥିଲେ। ପରିମଳ ଏହାକୁ ସ୍ୱୀକାର କରିବା ସହ ଝିଅକୁ ବୋହୂକରି ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏପରିସ୍ଥଳେ ୨୬ ମାର୍ଚ୍ଚ ୨୦୨୦ରେ ନାବାଳିକା ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ଏହାପରେ ମଧ ନିତାଇଙ୍କ ପରିବାର ବାହାଘର ପାଇଁ ସମୟ ଗଡାଇ ଚାଲିଥିବାରୁ ନାବାଳିକାଙ୍କ ବାପା ବାଧହୋଇ ଥାନାରେ ଅଭିଯୋଗ କରିଥିଲେ। ଝିଅ ମାନସିକ ଅନଗ୍ରସର ହୋଇଥିବାରୁ ତା'ର ସୁଯୋଗ ନେଇ ଅଭିଯୁକ୍ତ ଏପରି କରିଥିବା ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ତାଳଚୁଆ ସାମୁଦ୍ରିକ ଥାନାରେ କେସ ନଂ.୫୦/୨୦ ଦଫା ୩୭୬, ୨ ଏନ୍, ୫୦୬, ୬ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ ହୋଇଛି।

# ଉପ ଜିଲାପାଳଙ୍କ ନିର୍ଦ୍ଦେଶ ପରେ ଚାରାରୋପଣ ସ୍ଥଗିତ

ଭଞ୍ଜନଗର,୧୭(ଡି.ଏନ.ଏ)

ଗଞ୍ଜାମ ଜିଲା ବେଲଗୁଣ୍ଠା ତହସିଲ ଅନ୍ତର୍ଗତ ତନରଡ଼ା ଗୋଚର ଜମିରେ ଚାରାରୋପଣ ଯୋଜନାକୁ ନେଇ ବନ ବିଭାଗ ଓ ଆଇଆର୍‌ବି ବାଟାଲିୟନ ମଧ୍ୟରେ ଶୁକ୍ରବାର ବିବାଦ ଦେଖାଦେଇଥିଲା। ଏନେଇ ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ଜାଣିବା ପରେ ମଙ୍ଗଳବାର ଚାରାରୋପଣକୁ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ବନ ବିଭାଗ କାମ ବନ୍ଦ କରିଦେଇଛି।

ବୁଧବାର ଉପ ଜିଲାପାଳ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ରେକର୍ଡ ଯାଞ୍ଚ ପରେ ଅନେକ ନୂଆ ତଥ୍ୟ ଜାଣିବାକୁ ପାଇଛନ୍ତି। ରାଜସ୍ୱ ବିଭାଗର ଜଣେ ଅଧିକାରୀ ବେନିୟମ ଭାବେ ବନ ବିଭାଗକୁ ଉକ୍ତ ଜମିରେ ଚାରାରୋପଣ ପାଇଁ ମୌଖିକ ଭାବେ ନିର୍ଦ୍ଦେଶ ଦେଇଥିବାବେଳେ ଉକ୍ତ ଜମିଟି ପଞ୍ଚାୟତର। ୧୯୫୯ ମସିହାରେ ପଞ୍ଚାୟତକୁ ଉକ୍ତ ଜମି ହସ୍ତାନ୍ତର କରାଯାଇଛି। ପଞ୍ଚାୟତ ଜମିରେ ରାଜସ୍ୱ ବିଭାଗ ଅଧିକାରୀ କିଭଳି ବନ ବିଭାଗକୁ ଚାରାରୋପଣ ପାଇଁ କହିଲେ ତାହା ତଦନ୍ତ ସାପେକ୍ଷ। ତନରଡ଼ା ସରପଞ୍ଚ ଅନିଲ କୁମାର ପାଠୀ ଉପ ଜିଲାପାଳଙ୍କୁ ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାପାଇଁ ମଙ୍ଗଳବାର ନିବେଦନ କରିଥିଲେ। ଅନ୍ୟପଟେ ବନ ବିଭାଗ କର୍ମଚାରୀ ମୌଖିକ ନିର୍ଦ୍ଦେଶରେ କିପରି ଲକ୍ଷ ଲକ୍ଷ ଟଙ୍କାର ଯୋଜନା କାର୍ଯ୍ୟକାରୀ କରୁଥିଲେ ସେନେଇ ମଧ ସନ୍ଦେହ ପ୍ରକାଶ ପାଇଛି।

ଏନେଇ ଉପ ଜିଲାପାଳ ମିଞ୍ଜ କହିଛନ୍ତି, ବର୍ତ୍ତମାନ ଚାରାରୋପଣ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦିଆଯାଇ ଅଧିକ ତଦନ୍ତ ଚାଲିଛି। ବେନିୟମ କାର୍ଯ୍ୟ ହୋଇଥିବା ପ୍ରମାଣ ମିଳିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।



ଉପଜିଲାପାଳ କାଗଜପତ୍ର ଯାଞ୍ଚ କରୁଛନ୍ତି।

# ଟ୍ରକ୍ ଧକ୍କାରେ ଜଣେ ମୃତ

ପାରାଦୀପ,୧୭(ସ୍ୱ.ପ୍ର.)

ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ୫ ନଂ (କ) ରାଜପଥର ଅଠରବାଙ୍କି ଜଳାଶୟ ନିକଟରେ ବୁଧବାର ସନ୍ଧ୍ୟାରେ ଏକ ଟ୍ରକ ଧକ୍କାରେ ଜଣେ ଠିକା ସଂସ୍ଥା କର୍ମଚାରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଉତ୍ତରପ୍ରଦେଶର ରଣଧୀର ଝା ଓ ଗୁରୁତର ଜଣକ ହେଲେ ସେଠାକାର ମୁକେଶ ଶର୍ମା। ଉଭୟେ ପାରାଦୀପସ୍ଥିତ ତୈଳ ବିଶୋଧନାଗାରରେ ଠିକାସଂସ୍ଥା ଏସ୍‌ସିଏସ୍ ଇଣ୍ଡିଆ ଲିମିଟେଡରେ କାମ କରୁଥିଲେ। ସନ୍ଧ୍ୟାରେ ବାଇକରେ ବଡ଼ପଡିଆ ବଜାରରୁ ପରିବା ନେଇ ଉଭୟେ ଭଡ଼ାଘରକୁ ଯାଉଥିବା ବେଳେ ଏକ ଟ୍ରକ ଧକ୍କା ଦେଇ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ପାରାଦୀପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରଣଧୀରଙ୍କୁ ମୃତ ଘୋଷଣା କରିଥିଲେ।

# ମଞ୍ଚ କଳାକାରଙ୍କୁ ଔଷଧ, ରନ୍ଧା ଖାଦ୍ୟ ବଣ୍ଟନ



ଜଗତ୍‌ସିଂହପୁର ଅଫିସ, ୧୭

ସାରା ବିଶ୍ୱରେ କରୋନା ମହାମାରୀ ଆତଙ୍କିତ କରିଛି । ଏପରିସ୍ଥିତିରେ ମଞ୍ଚ କଳାକାରମାନେ ଜୀବିକା ହରାଇ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି । ଏନେଇ ଜୟ ସୀତାରାମ ଭଜନ ସନ୍ଧ୍ୟା ପରିବାର ସହାୟତାର ହାତ ବଢାଇଛି । ଅନୁଷ୍ଠାନର ସଦସ୍ୟମାନେ ବୁଧବାର ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ଚାଦୁରା, ଅଳସୁଧା, ରାଢ଼ଙ୍ଗ ଏବଂ ମୁଦୁପୁର ଗ୍ରାମର କେତେଜଣ ଅସହାୟ କଳାକାରଙ୍କୁ ଔଷଧ ସହ କିଛି ରନ୍ଧା ଖାଦ୍ୟ ବଣ୍ଟନ କରିଛନ୍ତି । ଏହି ସମୟରେ ଅନୁଷ୍ଠାନର ସଦସ୍ୟ ଉମ୍ବରୁଧର ଓଝା, ସିଆଇଏସ୍‌ଏଫ୍ ଜବାନ ହରିହର ପଲାଉ, ରାଧାକାନ୍ତ ଓଝା, ଗୌରାଙ୍ଗ ସାମଲ ଓ ବନମାଳୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# କମ୍ପାନୀରେ ଶ୍ରମିକଙ୍କ ଚାକିରି ପାଇଁ ପ୍ରଶାସନ ହଟହଟା

**୭ ଦିନରେ ଚାକିରି ହରାଇଥିଲେ ଶ୍ରମିକ**

ପାରାଦୀପ,୧୭(ସ୍ୱ.ପ୍ର.)

ପାରାଦୀପ ତୈଳ ବିଶୋଧନାଗାର ଅଧୀନରେ ଥିବା ଏକ ଠିକାସଂସ୍ଥା ଜୟସାଇରାମ ପ୍ରକଳ୍ପରେ ଜଣେ ଶ୍ରମିକଙ୍କ ଚାକିରିକୁ ନେଇ ୨ ଦିନ ହେଲା ହଟଚମଟ ଚାଲିଛି। ଏହାର ସମାଧାନ ପାଇଁ ସ୍ଥାନୀୟ ଲକ୍ ଥାନା, ପାରାଦୀପ ଆଦର୍ଶ ଥାନା ପୋଲିସ, ଅତିରିକ୍ତ ଜିଲାପାଳ ଏବଂ କେନ୍ଦ୍ରୀୟ ଶ୍ରମ ପ୍ରବର୍ତ୍ତନ ଅଧିକାରୀ କସରତ ଚଳାଇଥିଲେ ହେଁ ଅଦ୍ୟାବଧି ସମାଧାନର ବାଟ ବାହାରି ପାରିନାହିଁ। ସୂଚନାମୁତାବକ, ଲକ୍ ଥାନା ଅନ୍ତର୍ଗତ ବିଶ୍ୱାଳୀ ଗ୍ରାମର ସୁରେଶ ତରାଇ ସଂପୃକ୍ତ ଠିକା ସଂସ୍ଥାରେ ହେଲପର ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର କାମ କରିବାର ସପ୍ତାହ ପରେ ତାଙ୍କୁ ଚାକିରିରୁ ବାହାର କରି ଦିଆଯାଇଥିଲା। ଏଥିରେ ମର୍ମାହତ ହୋଇ ସୁରେଶ ଲକ୍ ଥାନାରେ ୪ ଦିନ ତଳେ ଅଭିଯୋଗ କରିଥିଲେ। ଏଥିରେ ଦର୍ଶାଇଥିଲେ ଯେ, ଚାକିରି ପାଇଁ କମ୍ପାନୀର ପ୍ରକଳ୍ପ ମ୍ୟାନେଜର ଏସ୍.କେ. ସିଂ ତାଙ୍କଠାରୁ ଦେଢଲକ୍ଷ ଟଙ୍କା ନେଇଥିଲେ। ଏବେ ସେ ଟଙ୍କା ଫେରାନ୍ତୁ ନଚେତ ଚାକିରି ଦିଅନ୍ତୁ ବୋଲି ସୁରେଶ ଦାବି କରିଥିଲେ। ଏହାର ସମାଧାନ ପାଇଁ ପୋଲିସ ସୁରେଶ ଏବଂ ସିଂଙ୍କୁ ପୋଲିସ ପରାମର୍ଶ ଦେଇଥିଲା। ଏ ନେଇ ମଙ୍ଗଳବାର ଅପରାହ୍ନରେ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ତାଙ୍କ କାର୍ଯ୍ୟାଳୟରେ ବସିଥିଲା। ସେଠାରେ କୌଣସି ସମାଧାନ ନ ହେବାରୁ ଧୀର ବାହାରକୁ ଚାଲି ଆସିଥିଲେ। ଏହି ସମୟରେ ସୁରେଶ, ତାଙ୍କ ସ୍ତ୍ରୀ ଓ ୨ ପିଲା ଅତିରିକ୍ତ ଜିଲାପାଳଙ୍କ ଗୋଡ଼ ଧରି ଆଉ ଛାଡ଼ି ନ ଥିଲେ। ପ୍ରାୟ ୨ଘଣ୍ଟା ପରେ ପାରାଦୀପ ଆଦର୍ଶ ଥାନା ପୋଲିସ ପହଞ୍ଚି ଧୀରଙ୍କୁ ମୁକୁଳାଇବା ସହ ସୁରେଶ ଓ ତାଙ୍କ ପରିବାରକୁ ଥାନାକୁ ନେଇଥିଲେ। ବୁଧବାର ସକାଳେ ଏହି ଘଟଣା ଶ୍ରମ ଅଧିକାରୀ ଶିଶିର କୁମାର ସେଠୀଙ୍କ ପାଖରେ ପହଞ୍ଚିବା ପରେ ସେ ଏବିଷୟରେ କମ୍ପାନୀ ସହ ଆଲୋଚନା କରିଛନ୍ତି। ଏ ସମ୍ପର୍କରେ କମ୍ପାନୀ ମ୍ୟାନେଜର ସିଂ କୁହନ୍ତି, ଟଙ୍କା ନେବା କଥା ସମ୍ପୂର୍ଣ୍ଣ ମିଛ। ଆମେ ତାଙ୍କୁ ଟେମ୍ପରାରୀ ଚାକିରି ଦେଇଥିଲୁ। ଏହାଜାଣିବା ପରେ କେତେଜଣ ୟୁନିୟନ ନେତା ମୋତେ ଧମକ ଦେବାରୁ ସୁରେଶଙ୍କୁ ଚାକିରିରୁ ବାହାର କରିବାକୁ ବାଧ ହୋଇଥିଲୁ। ଏନେଇ ତୈଳ ବିଶୋଧନାଗାର ମାନବସମ୍ବଳ ବିଭାଗକୁ ଅବଗତ କରାଯାଇଛି ବୋଲି ସେ କହିଛନ୍ତି। ଥାନା ଅଧିକାରୀ ପ୍ରଭାସ ଚନ୍ଦ୍ର ସାହୁ କୁହନ୍ତି, ଟଙ୍କା ଦେବା ନେବା କଥାର କୌଣସି ପ୍ରମାଣ ନାହିଁ। ଅନ୍ୟ କଥା ତୈଳ ବିଶୋଧନାଗାର କର୍ତ୍ତୃପକ୍ଷ କିମ୍ବା ପ୍ରଶାସନ ବୁଝିବେ। ଏବିଷୟରେ ଶ୍ରମ ଅଧିକାରୀ ସେଠୀ କୁହନ୍ତି, ଚାକିରି ସମ୍ପର୍କରେ କମ୍ପାନୀ ସହ ଆଲୋଚନା କରାଯାଇଛି। ମାତ୍ର ଏପର୍ଯ୍ୟନ୍ତ କୌଣସି ସମାଧାନର ବାଟ ବାହାରିପାରିନାହିଁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଗୁରୁବାର, ୨ ଜୁଲାଇ, ୨୦୨୦ Berhampur, Thursday, July 2 / 2020

# ଆଇସିସି ପଦରୁ ମନୋହର ଓହରିଲେ

**ଦୁବାଇ, ୧।୭(ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି)ର ପ୍ରଥମ ସ୍ୱାଧୀନ ଅଧ୍ୟକ୍ଷଭାବେ ଶଶାଙ୍କ ମନୋହରଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ବୁଧବାର ସେ ନିଜ ପଦରୁ ଓହରି ଯାଇଛନ୍ତି। ଆଇସିସି ଅଧ୍ୟକ୍ଷଭାବେ ସେ ୨୦୧୫ ନଭେମ୍ବରରେ ଦାୟିତ୍ୱ ଗ୍ରହଣ କରିଥିଲେ। ''ଦୁଇଥର ୨ ବର୍ଷିଆ କାର୍ଯ୍ୟକାଳ ପରେ ଆଇସିସି ଅଧ୍ୟକ୍ଷ ପଦରୁ ଶଶାଙ୍କ ମନୋହର ଓହରି ଯାଇଛନ୍ତି। ବୁଧବାର ଆଇସିସି ବୋର୍ଡ ବୈଠକ ବସି ତାଙ୍କ ଡେପୁଟି ହଂକଂର ଇମ୍ରାନ ଖ୍ୱାଜାଙ୍କୁ ଆନ୍ତରୀଣ ଅଧ୍ୟକ୍ଷ ଦାୟିତ୍ୱ ଅର୍ପଣ କରାଯାଇଛି। ନୂଆ ଅଧ୍ୟକ୍ଷ ନିର୍ବାଚିତ ହେବା ପର୍ଯ୍ୟନ୍ତ ଖ୍ୱାଜା ଏହି ଦାୟିତ୍ୱ ସମ୍ଭାଳିବେ'' ବୋଲି ଆଇସିସି ପକ୍ଷରୁ ଏକ ବିବୃତିରେ ପ୍ରକାଶ କରାଯାଇଛି। ଆଇସିସି ନିୟମ ଅନୁସାରେ ମନୋହର ଆଉ ୨ ବର୍ଷ ପାଇଁ ଅଧ୍ୟକ୍ଷ ପଦରେ ରହି ପାରିଥାନ୍ତେ। କାରଣ ଜଣେ ବ୍ୟକ୍ତି ସର୍ବାଧିକ ୩ ଥର ୨ ବର୍ଷିଆ କାର୍ଯ୍ୟକାଳରେ ରହିପାରିବା ନେଇ ନିୟମ ରହିଛି। ୬୨ ବର୍ଷୀୟ ମନୋହର ପୂର୍ବରୁ


ଶଶାଙ୍କ ମନୋହର

୨୦୦୮ରୁ ୨୦୧୧ ପର୍ଯ୍ୟନ୍ତ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ସଭାପତିଭାବେ କାର୍ଯ୍ୟ କରିଥିଲେ। ମନୋହରଙ୍କ ଉତ୍ତରାଧିକାରୀ ପାଇଁ ନିର୍ବାଚନ ସମ୍ପର୍କିତ ନିଷ୍ପତ୍ତି ଆସନ୍ତା ସପ୍ତାହରେ ହେବା ସମ୍ଭାବନା ରହିଛି। ନେତୃତ୍ୱ ନେବାଠାରୁ ଆରମ୍ଭ କରି ଆଇସିସି ଅଧ୍ୟକ୍ଷ ଭାବେ ଏହି କ୍ରୀଡ଼ା ପାଇଁ ମନୋହର ସବୁକିଛି କରିଛନ୍ତି। ତେଣୁ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି ଆଇସିସି ମୁଖ୍ୟ କାର୍ଯ୍ୟନିର୍ବାହୀ ମନୁ ଶାଓ୍ୱନେ। ପ୍ରକାଶ ଯୋଗ୍ୟ ଯେ, ଆଇସିସିର ପରବର୍ତ୍ତୀ ଅଧ୍ୟକ୍ଷ ଦୌଡ଼ରେ ପୂର୍ବତନ ଇଂଲଣ୍ଡ ଆଣ୍ଡ ଓ୍ୱେଲ୍ସ କ୍ରିକେଟ ବୋର୍ଡ(ଇସିବି) ଅଧ୍ୟକ୍ଷ କଲିନ ଗ୍ରେଭ୍ସ ଓ ଭାରତର ସୌରଭ ଗାଙ୍ଗୁଲି ସର୍ବାଗ୍ରେ ରହିଛନ୍ତି। ତେବେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଉପରେ ଗାଙ୍ଗୁଲିଙ୍କ ପ୍ରାର୍ଥିତ୍ୱ ନିର୍ଭର କରିବ। ସମ୍ବିଧାନ ଅନୁସାରେ ରାଜ୍ୟ ଓ ବିସିସିଆଇର କର୍ମକର୍ତ୍ତାଭାବେ ଗାଙ୍ଗୁଲିଙ୍କ ୬ ବର୍ଷିଆ କାର୍ଯ୍ୟକାଳ ଜୁଲାଇ ୩୧ରେ ପୂରିବାକୁ ଯାଉଛି। ତେଣୁ ଲୋଧା ପ୍ରଶାସନିକ ସଂସ୍କାର ଅନୁସାରେ ହୋଇଥିବା ନିୟମରେ କୋହଳ କରି ସୁପ୍ରିମକୋର୍ଟ ଗାଙ୍ଗୁଲିଙ୍କୁ ବିସିସିଆଇ ସଭାପତି ଭାବେ କାର୍ଯ୍ୟ ଜାରି ରଖିବାକୁ ଅନୁମତି ଦେଉଛନ୍ତି କି ନାହିଁ ତା' ଉପରେ ସମସ୍ତଙ୍କ ନଜର ରହିଛି। ଏହା ନ ହୋଇ ପାରିଲେ ଗାଙ୍ଗୁଲି ଆଇସିସି ଅଧ୍ୟକ୍ଷ ପଦପାଇଁ ପ୍ରମୁଖ ଦାବିଦାର ହେବେ। ପୂର୍ବତନ କ୍ରିକେଟ ଓ୍ୱେଷ୍ଟଇଣ୍ଡିଜ ମୁଖ୍ୟ ଡେଭିଡ କାମେରନ, ନ୍ୟୁଜିଲାଣ୍ଡର ଗ୍ରେଗର ବାରକ୍ଲେ ଓ ଦକ୍ଷିଣ ଅଫ୍ରିକାର କ୍ରିସ ନେନ୍‌ଜାନି ମଧ୍ୟ ଏହି ପଦପାଇଁ ଆଗ୍ରହ ଦେଖାଇଛନ୍ତି।

# ବିଡ୍ ଦାଖଲକଲା ଭାରତ

**ନୂଆଦିଲ୍ଲୀ, ୧।୭(ପି.ଟି.)**

୨୦୨୭ ଏସିଆନ୍ କପ୍ ଫୁଟବଲ ଆୟୋଜନ ଅଧିକାର ପାଇଁ ଭାରତ ବିଡ୍ ଦାଖଲ କରିଛି। ଏହି ମେଗା ଇଭେଣ୍ଟର ୧୯ତମ ସଂସ୍କରଣ ଆୟୋଜନ ପାଇଁ ଭାରତ ସମେତ ମୋଟ୍ ୫ ଦେଶ ବିଡ୍ ଦାଖଲ କରିଛନ୍ତି ବୋଲି ଏସିଆନ ଫୁଟବଲ ଫେଡେରେଶନ (ଏଏଫ୍‌ସି) କହିଛି। ବିଡ୍ ଦାଖଲ କରିଥିବା ଅନ୍ୟ ୪ ଦେଶ ହେଲେ ଇରାନ, କାତାର, ସୌଦି ଆରବ ଓ ଉଜ୍‌ବେକିସ୍ତାନ। ବିଡିଂ ପ୍ରକ୍ରିୟାରେ ଆବଶ୍ୟକ ହେଉଥିବା ସବୁ ପ୍ରକାର ଦସ୍ତାବିଜ ଦାଖଲ ନେଇ ଏଏଫ୍‌ସି ଏବେ ପ୍ରତ୍ୟେକ ବିଡିଂ ମେମ୍ବର ଆସୋସିଏଶନ ସହିତ ମିଳିତ ଭାବେ କାର୍ଯ୍ୟ କରିବ। ପରେ ଏଏଫ୍‌ସି ଆୟୋଜକ ଦେଶର ନାମ ଘୋଷଣା କରିବ।

ବିଡ୍ ଦାଖଲ କରିଥିବା ସବୁ ୫ଟି ଦେଶ ତଥା ମେମ୍ବର ଆସୋସିଏଶନଗୁଡ଼ିକୁ ଏଏଫ୍‌ସି ଅଧ୍ୟକ୍ଷ ଶେଖ୍ ସଲମାନ ବିନ୍ ଇବ୍ରାହିମ୍ ଅଲ ଖଲିଫା ଧନ୍ୟବାଦ ଜଣାଇଛନ୍ତି। ଏସିଆନ କପ୍ ଆୟୋଜନ ନେଇ ଏହି ଦେଶଗୁଡ଼ିକ ଉତ୍ସାହ ପ୍ରକଟ କରିବା ଖୁସିର ବିଷୟ ବୋଲି ସେ କହିଛନ୍ତି। ବିଡିଂ ପ୍ରକ୍ରିୟାରେ ସାମିଲ ହୋଇଥିବା ଏହି ଦେଶଗୁଡ଼ିକୁ ସେ ଶୁଭେଚ୍ଛା ଜଣାଇଛନ୍ତି। ୧୯୫୬ରେ ଏହି ଟୁର୍ଣ୍ଣାମେଣ୍ଟ ପ୍ରଥମଥର ପାଇଁ ଆୟୋଜନ ହୋଇଥିଲା। ଏହା ପରଠାରୁ ଏହି ୫ ଦେଶରୁ ୨ଟି ଦେଶ ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟ ଦୁଇଥର ସଫଳତାର ସହ ଆୟୋଜନ କରିସାରିଛନ୍ତି। ଏବେକାର ଚାମ୍ପିୟନ କାତାର ୧୯୮୮ ଓ ୨୦୧୧ରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଥିଲା। ଇରାନ୍ ମଧ୍ୟ ପୂର୍ବରୁ ଦୁଇଥର ଏହି ଇଭେଣ୍ଟ ଆୟୋଜନ କରିଛି। ଇରାନ ୧୯୬୮ ଓ ୧୯୭୬ରେ ଏସିଆନ କପ୍ ଆୟୋଜନ କରିଥିଲା ଓ ଘରୋଇ ପରିବେଶ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା। ପୂର୍ବରୁ ସୌଦି ଆରବ ଓ ଭାରତ ଏହି ପ୍ରତିଯୋଗିତାରେ ୩ଥର ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା। ଭାରତକୁ ୨୦୨୨ ଏଏଫ୍‌ସି ମହିଳା ଏସିଆନ କପ୍ ଆୟୋଜନ କରିବାର ଅଧିକାର ମିଳିଛି। ସେହିପରି ଉଜ୍‌ବେକିସ୍ତାନ ଚଳିତ ବର୍ଷ ଏଏଫ୍‌ସି ୧୯ ବର୍ଷରୁ କମ୍ ଚାମ୍ପିୟନଶିପ୍ ଆୟୋଜନ କରିବ। ପ୍ରଥମଥର ପାଇଁ ଭାରତ ଓ ଉଜ୍‌ବେକିସ୍ତାନ ଏହି ଟୁର୍ଣ୍ଣାମେଣ୍ଟଗୁଡ଼ିକୁ ଆୟୋଜନ କରିବାକୁ ଯାଉଛନ୍ତି।

୨୦୨୭ ଏସିଆନ କପ୍




# ଜୋକୋଭିଚ୍‌ଙ୍କୁ ସର୍ବିୟା ପ୍ରଧାନମନ୍ତ୍ରୀଙ୍କ ସମର୍ଥନ


ନୋଭାକ୍ ଜୋକୋଭିଚ୍


ଆନା ବ୍ରାନାବିଚ୍

**ନୂଆଦିଲ୍ଲୀ, ୧।୭**

କରୋନା ସଂକ୍ରମଣ ସମୟରେ ଆଡ୍ରିଆ ଓପନ ଟେନିସ ଟୁର୍ଣ୍ଣାମେଣ୍ଟ ଆୟୋଜନ କରି ସମାଲୋଚନାର ଶିକାର ହେବାରେ ଲାଗିଛନ୍ତି ନୋଭାକ୍ ଜୋକୋଭିଚ୍। ବେଲଗ୍ରେଡ୍‌ରେ ଅନୁଷ୍ଠିତ ଚରଣରେ ଖେଳିବା ଦ୍ୱାରା ନିଜେ ଜୋକୋଭିଚ୍‌ଙ୍କ ସମେତ ଗ୍ରିଗୋର ଡିମିଟ୍ରୋଭ, ବୋର୍ନା କୋରିକ ଏବଂ ଭିକ୍ଟର ଟ୍ରୋଇକି କରୋନା ଭାଇରସ ଦ୍ୱାରା ସଂକ୍ରମିତ ହୋଇଛନ୍ତି। ଟୁର୍ଣ୍ଣାମେଣ୍ଟ ଅବସରରେ ଉପସ୍ଥିତ ଥିବା ଜୋକୋଭିଚ୍‌ଙ୍କ ସ୍ତ୍ରୀ ଏବଂ ଏନବିଏ ତାରକା ନିକୋଲା ଜୋକିକ୍ ମଧ୍ୟ ଏହି ସଂକ୍ରମଣର ଶିକାର ହୋଇଛନ୍ତି। ତେବେ ଜୋକୋଭିଚ୍‌ଙ୍କୁ ସମର୍ଥନ ଜଣାଇଛନ୍ତି ସର୍ବିୟା ପ୍ରଧାନମନ୍ତ୍ରୀ ଆନା ବ୍ରାନାବିଚ୍। ଟୁର୍ଣ୍ଣାମେଣ୍ଟ ଆୟୋଜନ ପାଇଁ ଜୋକୋଭିଚ୍‌ଙ୍କୁ ନୁହେଁ ବରଂ ମୋତେ ଦାୟୀ କରାଯାଉ ବୋଲି ବ୍ରାନାବିଚ୍ କହିଛନ୍ତି। ଜୋକୋଭିଚ୍‌ଙ୍କୁ ଏକୁଟିଆ ଛାଡ଼ି ଦିଆଯାଉ ବୋଲି ସେ ପ୍ରକାଶ କରିଛନ୍ତି। ଏକ ସାକ୍ଷାତକାରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଦେଶର ହିତ ପାଇଁ ଜୋକୋଭିଚ୍ କିଛି ଭଲ କରିବାକୁ ଚାହିଁଥିଲେ। ସେ କୌଣସି ରାଜନୀତି ନୁହେଁ, ବରଂ ଯୁବ ଏବଂ ପ୍ରତିଷ୍ଠିତ ହୋଇପାରି ନ ଥିବା ଟେନିସ ଖେଳାଳିଙ୍କ ସାହାଯ୍ୟ କରିବାକୁ ଚାହିଁଥିଲେ। ଲୋକଙ୍କ ଉପକାର ଉଦ୍ଦେଶ୍ୟରେ ସେ ଅର୍ଥ ଉପାର୍ଜନ କରିବାକୁ ଚେଷ୍ଟା କରିଥିଲେ। ତେଣୁ ଲୋକମାନେ ତାଙ୍କ ପ୍ରତି ନୁହେଁ ବରଂ ପ୍ରଧାନମନ୍ତ୍ରୀଭାବେ ମୋ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିବା ଉଚିତ ବୋଲି ବ୍ରାନାବିଚ୍ ଅନୁଭବ କରୁଛନ୍ତି। ଜୋକୋଭିଚ୍‌ଙ୍କୁ ଦାୟୀ କରା ନ ଯାଇ ତାଙ୍କୁ ଦାୟୀ କରାଗଲେ ସେ ଖୁସିହେବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# କୋଚ୍ ପଞ୍ଜୀକରଣ ପାଇଁ ହକି ଇଣ୍ଡିଆର ପ୍ରୟାସ ଆରମ୍ଭ

**ନୂଆଦିଲ୍ଲୀ, ୧।୭(ପି.ଟି.)**

କୋଚ୍ ଓ ଟେକ୍‌ନିକାଲ ଅଫିସିଆଲମାନଙ୍କ ପଞ୍ଜୀକରଣ ପାଇଁ ହକି ଇଣ୍ଡିଆ ଏକ ନୂଆ ପ୍ରୟାସ ଆରମ୍ଭ କରିଛି। ହକି ଇଣ୍ଡିଆ ଏଥିପାଇଁ ଓପନ୍ ଆପ୍ଲିକେଶନ ସବ୍‌ମିଶନ ସିଷ୍ଟମ ଲଞ୍ଚ୍ କରିଛି। ଏହି ପ୍ରଣାଳୀ ଅନୁସାରେ ସମ୍ଭାବ୍ୟ କୋଚ୍‌ମାନେ ହକି ଇଣ୍ଡିଆର ରେଜିଷ୍ଟର ମେମ୍ବର ୟୁନିଟ୍(ଆରଏମ୍‌ୟୁ)ଠାରୁ ଅନ୍‌ଲାଇନ୍‌ରେ ଏକ ଓପନ୍ ଲିଙ୍କ୍ ମାଧ୍ୟମରେ ସେମାନଙ୍କ ଆବେଦନ ଦାଖଲ କରିପାରିବେ। ଥରେ ଜଣେ ପ୍ରାର୍ଥୀ ଆବେଦନ କରିସାରିବା ପରେ ସେ ସମ୍ପୃକ୍ତ ଆରଏମ୍‌ୟୁଠାରୁ ଅନୁମୋଦନ ପାଇପାରିବେ। ଆରଏମ୍‌ୟୁରୁ ଥରେ ଅନୁମୋଦନ ପାଇବା ପରେ ପ୍ରାର୍ଥୀମାନେ ନ୍ୟାଶନାଲ ଫେଡେରେଶନଗୁଡ଼ିକଠାରୁ ଅନ୍ତିମ ଅନୁମୋଦନ ହାସଲ କରିପାରିବେ। ଏହାପରେ ଯାଇ କୋଚ୍ ଓ ଟେକ୍‌ନିକାଲ ଅଫିସିଆଲଙ୍କ ପଞ୍ଜୀକରଣ ହେବ ବୋଲି ହକି ଇଣ୍ଡିଆ ତରଫରୁ କୁହାଯାଇଛି। ଏହି ସିଷ୍ଟମ ବା ପ୍ରଣାଳୀ ଦ୍ୱାରା ସବୁ କୋଚ୍ ଓ ଟେକ୍‌ନିକାଲ ଅଫିସିଆଲମାନେ ଫାଇଦା ଉଠାଇପାରିବେ। ଏହା ଏକ ବୈପ୍ଳବିକ ପଦକ୍ଷେପ ବୋଲି ହକି ଇଣ୍ଡିଆ ଅଧ୍ୟକ୍ଷ ମହମ୍ମଦ ମୁସ୍ତାକ ଅହମ୍ମଦ କହିଛନ୍ତି। ଏହି ରେଜିଷ୍ଟ୍ରେଶନ ପ୍ଲାଟଫର୍ମ ଦ୍ୱାରା ସବୁ ଯୁବ ଓ ଅଭିଜ୍ଞ କୋଚ୍ ଉପକୃତ ହୋଇପାରିବେ।

# ୭୦୦ ଗୋଲ ପୂରଣ କଲେ ମେସି




**ବାର୍ସିଲୋନା, ୧।୭**

ଆର୍ଜେଣ୍ଟିନା ଫୁଟବଲ ସୁପରଷ୍ଟାର ଲିଓନେଲ ମେସି ନିଜ ଦେଶ ଓ କ୍ଲବ ପାଇଁ ବ୍ୟକ୍ତିଗତଭାବେ ୭୦୦ ଗୋଲ ସ୍କୋର କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ଲା ଲିଗାର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ବାର୍ସିଲୋନା ଓ ଆଟ୍‌ଲେଟିକୋ ମାଡ୍ରିଡ୍ ପରସ୍ପରକୁ ଭେଟିଥିଲେ। ତେବେ ଏହି ମ୍ୟାଚ୍ ୨-୨ ଗୋଲରେ ଡ୍ର ରହିଥିଲା। ମେସି ୫୦ତମ ମିନିଟ୍‌ରେ ପେନାଲ୍ଟି ଜରିଆରେ ଗୋଲ ଦେଇ ଏହି ମାଇଲ୍‌ଖୁଣ୍ଟ ସ୍ଥାପନ କରିଛନ୍ତି। ତେବେ ବାର୍ସିଲୋନା ପାଇଁ ମେସି ୭୨୪ଟି ମ୍ୟାଚ୍ ଖେଳି ୬୩୦ତମ ଗୋଲ ସ୍କୋର କରିଛନ୍ତି। ସେହିପରି ଆର୍ଜେଣ୍ଟିନା ପାଇଁ ମେସି ୧୩୮ଟି ମ୍ୟାଚ୍ ଖେଳି ୭୦ ଅନ୍ତର୍ଜାତୀୟ ଗୋଲ ସ୍କୋର କରିଛନ୍ତି। ମେସିଙ୍କ ପୂର୍ବରୁ ତାଙ୍କ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ କ୍ରିଷ୍ଟିଆନୋ ରୋନାଲ୍ଡୋ ୨୦୧୯ ଅନ୍ତିମ ଭାଗରେ ୭୦୦ ଗୋଲ ସ୍କୋର କରି ରେକର୍ଡ କରିଥିଲେ। ରୋନାଲ୍ଡୋ ଏପର୍ଯ୍ୟନ୍ତ ୧,୦୦୫ ମ୍ୟାଚ୍ ଖେଳି ୭୨୮ ଗୋଲ ସ୍କୋର କରିଛନ୍ତି। ମେସି ୮୬୨ ମ୍ୟାଚ୍ ଖେଳି ୭୦୦ ଗୋଲ ସ୍କୋର କରିଛନ୍ତି।

ତେବେ ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଡ୍ର ରଖିଥିବାରୁ ବାର୍ସିଲୋନାର ଟାଇଟଲ ଆଶାକୁ ଜବରଦସ୍ତ ଧକ୍କା ଲାଗିଛି। ଗତ ୪ଟି ରାଉଣ୍ଡ ମ୍ୟାଚ୍‌ରେ ବାର୍ସିଲୋନାର ଏହା ତୃତୀୟ ଡ୍ର। ଫଳରେ ବାର୍ସିଲୋନା ଗୋଟିଏ ପଏଣ୍ଟ କମ୍ ପାଇଁ ରିୟଲ ମାଡ୍ରିଡ୍ ପଛରେ ରହିଛି। ମାଡ୍ରିଡ୍ ୩୨ଟି ମ୍ୟାଚ୍ ଖେଳି ୨୧ ବିଜୟ, ୮ ଡ୍ର, ୩ ପରାଜୟ ସହ ୭୧ ପଏଣ୍ଟ ପାଇ ତାଲିକାରେ ଶୀର୍ଷରେ ରହିଛି। ଅନ୍ୟପଟେ ବାର୍ସିଲୋନା ୩୩ ମ୍ୟାଚ୍ ଖେଳି ୨୧ ବିଜୟ, ୭ ଡ୍ର ଓ ୫ ପରାଜୟ ସହ ୭୦ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି।

# ଟେବୁଲ ଟେନିସ ତାରକାଙ୍କ ଅଭିନବ ଉଦ୍ୟମ

**ନୂଆଦିଲ୍ଲୀ, ୧।୭(ପି.ଟି.)**

ଟେବୁଲ ଟେନିସ(ଟିଟି) ସହିତ ଜଡିତ ଥିବା ୧୩୦ ଜଣ ସଦସ୍ୟଙ୍କୁ ସହାୟତାର ହାତ ବଢାଇଛନ୍ତି କେତେଜଣ ଭାରତୀୟ ତାରକା ଖେଳାଳି। ଭାରତୀୟ ଟିଟି ତାରକା ଶରଥ କମଲ ଓ ଜି. ସାଥିୟାଁ କୋଭିଡ୍-୧୯ ମହାମାରୀ ଦ୍ୱାରା ପ୍ରଭାବିତ ହୋଇଥିବା ଏହି ସଦସ୍ୟମାନଙ୍କୁ ସାହାଯ୍ୟ କରିବା ପାଇଁ ୧୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ପାଣ୍ଠି ସଂଗ୍ରହ କରିଛନ୍ତି। ପ୍ରଥମେ ଖେଳାଳିମାନେ ୧୦ ଲକ୍ଷ ଟଙ୍କାର ପାଣ୍ଠି ସଂଗ୍ରହ କରିବା ଲକ୍ଷ୍ୟରେ ଥିଲେ। ଏହାଦ୍ୱାରା ୧୦୦ଜଣ ଉପକୃତ ହୋଇଥାନ୍ତେ। ତେବେ ପୂର୍ବତନ ଟିଟି ଖେଳାଳି ନେହା ଅଗ୍ରୱାଲ ଏହି ଅଭିଯାନରେ ସାମିଲ ହେବା ପରେ ଶରଥ ଓ ସାଥିୟାଁ ୧୩ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥ ସଂଗ୍ରହ କରିଛନ୍ତି। ଫଳରେ ୧୩୦ ସଦସ୍ୟଙ୍କୁ ୧୦,୦୦୦ ଟଙ୍କା ଲେଖାଏ ସହାୟତା ପ୍ରଦାନ କରିହେବ। ଅଲ୍ଟିମେଟ୍ ଟେବୁଲ ଟେନିସ (ୟୁଟିଟି) ଲିଗ୍‌ର ପ୍ରମୋଟର ଭିଟା ଡାନି ଓ ନିରଜ ବଜାଜ ମଧ୍ୟ ଏଥିରେ ଯୋଗଦାନ କରିଛନ୍ତି। ପ୍ରଭାବିତ ହୋଇଥିବା ଖେଳାଳି, କୋଚ୍ ଓ ଅମ୍ପାୟରମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଏହି ପାଣ୍ଠି ସଂଗ୍ରହ କରାଯାଇଛି।




# ରକ୍ତଦାନ କଲେ ଦେବାଶିଷ, ଲାଜରୁସ, ରଶ୍ମି

**ଭୁବନେଶ୍ୱର, ୧।୭(କ୍ରୀଡ଼ା ପ୍ରତିନିଧି)**

ରାଜ୍ୟର ଅଗ୍ରଣୀ କ୍ରୀଡ଼ାଭିତ୍ତିକ କ୍ଲବ ସହିଦ ସ୍ପୋର୍ଟିଂ ଏବଂ କମିଶନରେଟ ପୋଲିସ ଭୁବନେଶ୍ୱର-କଟକ ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ବୁଧବାର ଆୟୋଜନ ହୋଇଥିଲା। ସହିଦ ସ୍ପୋର୍ଟିଂ କ୍ଲବ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ରାଜ୍ୟର ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି ଉଦ୍‌ଘାଟନ କରିଥିଲେ। ଦେବାଶିଷ ପ୍ରଥମେ ରକ୍ତଦାନ କରିବାପରେ ଅଲିମ୍ପିଆନ ଲାଜରୁସ ବାର୍ଲା ଓ ଓଡ଼ିଶା ରଣଜୀ ଦଳର କୋଚ୍ ରଶ୍ମିରଞ୍ଜନ ପରିଡ଼ା ଏଥିରେ ସାମିଲ ହୋଇଥିଲେ। କରୋନା ଗାଇଡଲାଇନ୍ ଅନୁସାରେ କ୍ଲବ ଗୃହକୁ ପ୍ରଥମେ ସାନିଟାଇଜ୍ କରାଯିବା ସହିତ ସାମାଜିକ ଦୂରତ୍ୱ ନିୟମ ପାଳନ କରାଯାଇଥିଲା। ଏହି ଅବସରରେ ସମସ୍ତଙ୍କୁ ମାସ୍କ ବଣ୍ଟା ଯାଇଥିଲା। ସହିଦ ସ୍ପୋର୍ଟିଂ ସମ୍ପାଦକ ପଙ୍କଜ ପଟ୍ଟନାୟକ ଶିବିରକୁ ପରିଚାଳନା କରିଥିବାବେଳେ ବରିଷ୍ଠ ସଦସ୍ୟ ପ୍ରଦୋଷ ପଟ୍ଟନାୟକ, ବବିନ ମହାନ୍ତି, ନିକୁଞ୍ଜ ମହାନ୍ତି, ମହେନ୍ଦ୍ର ନନ୍ଦ, ଶଶାଙ୍କ ସିହ୍ନା, ପୂର୍ବତନ କର୍ପୋରେଟର ଉମାନାଥ ମିଶ୍ର, ଶାଶ୍ୱତୀ ମିଶ୍ର ଏବଂ ସାମାଜିକକର୍ମୀ ନାରାୟଣ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟବ୍ୟସ୍ତତା ଯୋଗୁ ଆସିପାରି ନ ଥିବାରୁ ପଦ୍ମଶ୍ରୀ ଦିଲୀପ ତିର୍କୀ ଓ ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ସେମାନଙ୍କ ବାର୍ତ୍ତା ପଠାଇଥିଲେ।


ରକ୍ତଦାନ ଅବସରରେ ଦେବାଶିଷ ମହାନ୍ତି






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ